# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୩/୨୦୨୬ (୧୪ ପୃଷ୍ଠା) | Bhubaneswar, Tuesday, February 3/2026 | Page 14 | ₹ 7.00 | BERHAMPUR

୫୨ଶ ଭାଗ ୭୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 71 | ମୂଲ୍ୟ ₹୭/-


# ରେଳ: ଓଡ଼ିଶାକୁ ୧୦,୯୨୮ କୋଟି

## ରାଜ୍ୟର ଶିଳ୍ପ, ବାଣିଜ୍ୟକୁ ବଳ ଦେବ ପୂର୍ବ-ପଶ୍ଚିମ ମାଲ୍ ପରିବହନ କରିଡର

**୨୦୨୬-୨୭ କେନ୍ଦ୍ରୀୟ ବଜେଟରେ ଓଡ଼ିଶା ରେଳ ଭିତ୍ତିଭୂମିର ବିକାଶ ପାଇଁ ବଡ଼ ପ୍ରୋତ୍ସାହନ ରାଶି ପାଇଛି। ୨୦୦୯ରୁ ୨୦୧୪ ମଧ୍ୟରେ ଓଡ଼ିଶା ପାଇଁ ବାର୍ଷିକ ହାରାହାରି ରେଳ ବଜେଟ ଆବଣ୍ଟନ ୮୩୮ କୋଟି ଟଙ୍କା ରହିଥିବାବେଳେ ୨୦୨୬-୨୭ରେ ଏହା ୧୩ ଗୁଣ ବୃଦ୍ଧିପାଇଛି। ଚଳିତବର୍ଷ ବଜେଟରେ ୧୦,୯୨୮ କୋଟି ଟଙ୍କାର ରେଳ ବଜେଟ୍ ଘୋଷଣା କରାଯାଇଛି। ଗତ ବର୍ଷର ଅନୁଦାନ ଥିଲା ୧୦,୫୯୯ କୋଟି ଟଙ୍କା। ତେବେ ରେଳ ବଜେଟରେ ଘୋଷଣା ହୋଇଥିବା ପୂର୍ବ-ପଶ୍ଚିମ ମାଲ ପରିବହନ କରିଡର ଓଡ଼ିଶା ହୋଇଯିବ, ଯାହାକି ରାଜ୍ୟର ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି।**





ଅଶ୍ୱିନୀ ବୈଷ୍ଣବ

| ଆର୍ଥିକ ବର୍ଷ | ଆବଣ୍ଟିତ ରେଳ ବଜେଟ (କୋଟି ଟଙ୍କାରେ) |
|---|---|
| ୨୦୨୦-୨୧ | ୪,୩୭୩ |
| ୨୦୨୧-୨୨ | ୬,୯୯୫ |
| ୨୦୨୨-୨୩ | ୯,୭୩୪ |
| ୨୦୨୩-୨୪ | ୧୦,୦୧୨ |
| ୨୦୨୪-୨୫ | ୧୦,୫୮୬ |
| ୨୦୨୫-୨୬ | ୧୦,୫୯୯ |

**ଭୁବନେଶ୍ୱର,୨।୨(ଅନୁରାଧା ମହାରଣା)**

ଓଡ଼ିଶାର ରେଳ ଭିତ୍ତିଭୂମି ବିକାଶ ପାଇଁ ମନ୍ତ୍ରଣାଳୟ ପକ୍ଷରୁ ଗତ ଦଶନ୍ଧି ମଧ୍ୟରେ ଅନୁଦାନ ରାଶି ଆବଣ୍ଟନ ବଢ଼ିଚାଲିଥିବାବେଳେ ଚଳିତବର୍ଷ ମଧ୍ୟ ଏହି ଧାରା ଜାରି ରହିଛି। ଭୁବନେଶ୍ୱରସ୍ଥିତ ରେଳସଦନରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭର୍ଚୁଆଲରେ ଯୋଗଦେଇ କହିଛନ୍ତି, ଏହି ନିରନ୍ତର ନିବେଶ ଫଳରେ ସମଗ୍ର ରାଜ୍ୟରେ ରେଳ ଭିତ୍ତିଭୂମିର ବ୍ୟାପକ ପରିବର୍ତ୍ତନ ଆସିଛି, ବର୍ତ୍ତମାନ ୯୦,୬୫୯ କୋଟିରୁ ଅଧିକ ଟଙ୍କା ମୂଲ୍ୟର କାର୍ଯ୍ୟ ଜାରି ରହିଛି। ଏଥିରେ ନୂତନ ଲାଇନ ନିର୍ମାଣ, ଦୋହରୀକରଣ ଏବଂ କ୍ଷମତା ବୃଦ୍ଧି, ଷ୍ଟେଶନ ପୁନଃବିକାଶ ଏବଂ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବୃଦ୍ଧି, ଓଡ଼ିଶାର ସମସ୍ତ ଅଞ୍ଚଳରେ ସମାବେଶୀ ଅଭିବୃଦ୍ଧି ଏବଂ ଉନ୍ନତ ସଂଯୋଗୀକରଣ ସୁନିଶ୍ଚିତ କରିବା ସହିତ ଜଡିତ ପ୍ରକଳ୍ପଗୁଡ଼ିକ ଅନ୍ତର୍ଭୁକ୍ତ। ଯାତ୍ରୀ କୈନ୍ଦ୍ରିକ ପଦକ୍ଷେପ ଉପରେ ଆଲୋକପାତ କରି ବୈଷ୍ଣବ କହିଛନ୍ତି, ଅମୃତ ଷ୍ଟେଶନ ଯୋଜନା ଅଧୀନରେ ୨,୪୩୯ କୋଟି ଟଙ୍କାର ମୋଟ ବିନିଯୋଗରେ ଓଡ଼ିଶାର ୫୯ଟି ଷ୍ଟେଶନକୁ ବ୍ୟାପକ ପୁନଃବିକାଶ ପାଇଁ ଚିହ୍ନଟ କରାଯାଇଛି। କଟକ (ଦ୍ୱିତୀୟ ପ୍ରବେଶଦ୍ୱାର), ବାରିପଦା, ବରପାଲି, ବିମଳାଗଡ଼, ପାରଳାଖେମୁଣ୍ଡି ଏବଂ ତାଳଚେର ଭଳି ୬ଟି ଷ୍ଟେଶନରେ କାର୍ଯ୍ୟ ସମାପ୍ତ ହୋଇସାରିଛି। ସେହିପରି ଆଧୁନିକ ଟ୍ରେନ ସେବା ପ୍ରଚଳନ ସହିତ ରାଜ୍ୟରେ ରେଳ ସଂଯୋଗ ଏକ ଗୁଣାତ୍ମକ ପରିବର୍ତ୍ତନ ଦେଖିଥିବା ସେ କହିଛନ୍ତି। ବର୍ତ୍ତମାନ ଓଡ଼ିଶାରେ ୬ ଯୋଡ଼ା ବନ୍ଦେ ଭାରତ ଏକ୍ସପ୍ରେସ ଏବଂ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ ଚଳାଚଳ କରୁଛି, ଯାହା ଦ୍ରୁତ, ସୁରକ୍ଷିତ ଏବଂ ଅଧିକ ଆରାମଦାୟକ ଯାତ୍ରା ବିକଳ୍ପ ପ୍ରଦାନ କରୁଛି। ୨୦୧୪ରୁ ଓଡ଼ିଶାରେ ପ୍ରାୟ ୨,୨୦୦ କିଲୋମିଟର ନୂତନ ରେଳ ଟ୍ରାକ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ** ବୋତଲ ବେପାର



SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



46001/3/2526

ସୁଭଦ୍ରା

ଶୁଭାରମ୍ଭ

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

ସାମାଜିକ ସୁରକ୍ଷା ଓ ଲିଙ୍ଗଗତ ସମାନତା ପାଇଁ ଓଡ଼ିଶା ସରକାରଙ୍କର ଏକ ଅଗ୍ରଗାମୀ ପଦକ୍ଷେପ

ଗରିମାମୟ ଉପସ୍ଥିତି

ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ବିଭୂତି ଭୂଷଣ ଜେନା — ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି, ଓଡ଼ିଶା | ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ — ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଓଡ଼ିଶା | ଡଃ ପ୍ରଦୀପ କୁମାର ପାଣିଗ୍ରାହୀ — ସାଂସଦ, ବ୍ରହ୍ମପୁର | ଶ୍ରୀମତୀ ଅନିତା ଶୁଭଦର୍ଶିନୀ — ସାଂସଦ, ଆସିକା | ଶ୍ରୀ ସୁକାନ୍ତ କୁମାର ପାଣିଗ୍ରାହୀ — ସାଂସଦ, କନ୍ଧମାଳ

ଏବଂ ବିଧାୟକ ବୃନ୍ଦ, ଗଞ୍ଜାମ

୦୩ ଫେବୃଆରୀ ୨୦୨୬ | ମା' ତାରା ତାରିଣୀ ମନ୍ଦିର, ପୁରୁଷୋତ୍ତମପୁର, ଗଞ୍ଜାମ

ଯୋଜନାର ଲାଭ: ପ୍ରତ୍ୟେକ ବିବାହ ପାଇଁ ୬୦ ହଜାର ଟଙ୍କା | ବିବାହର ସମସ୍ତ ଖର୍ଚ୍ଚ ସରକାରଙ୍କ ଦ୍ୱାରା ବହନ | ସହଜ ଏବଂ ସରଳୀକୃତ ବିବାହ ପଞ୍ଜୀକରଣ

ଲାଭାର୍ଥୀଙ୍କ ଆବଶ୍ୟକ ଯୋଗ୍ୟତା: ଉଭୟ କନ୍ୟା ଏବଂ ବର ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ | ବୟସ: କନ୍ୟା: ୧୮-୩୫ ବର୍ଷ, ବର: ୨୧-୩୫ ବର୍ଷ | ପରିବାରର କୌଣସି ସଦସ୍ୟଙ୍କୁ ପୂର୍ବରୁ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ତରଫରୁ ବିବାହ ସହାୟତା ମିଳିନଥିବ

ଯୋଜନାର ସ୍ୱତନ୍ତ୍ର ବିଶେଷତା: ବିଧବା ବିବାହକୁ ପ୍ରୋତ୍ସାହନ

ସହାୟତା ନମ୍ବର: ପୁଲିସ୍ ହେଲ୍ପଲାଇନ୍ ୧୧୨ | ମହିଳା ହେଲ୍ପଲାଇନ୍ ୧୮୧ | ଚାଇଲ୍ଡ ହେଲ୍ପଲାଇନ୍ ୧୦୯୮ | ସୁଭଦ୍ରା ହେଲ୍ପଲାଇନ୍ ୧୪୬୭୮

OIPR-46001/46005/2/25-26/0003

ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର
wcd.odisha.gov.in wcdodisha/

## ଦିଲ୍ଲୀରେ ଆଜି



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନୂଆଦିଲ୍ଲୀସ୍ଥିତ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରେ ସୋମବାର ନିର୍ବାଚନ କମିଶନରଙ୍କୁ ଭେଟିବା ପରେ ଖବରଦାତାମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି। (ଫଟୋ- ଚମନ ଗୌତମ)

# ଏସ୍‌ଆଇଆର୍ ପ୍ରଭାବିତ ପରିବାରଙ୍କୁ ଧମକ ଦିଆଯାଉଛି: ମମତା

### ଦିଲ୍ଲୀ ପୋଲିସ ସହ ଟିଏମ୍‌ସି ନେତ୍ରୀଙ୍କ ମୁହାଁମୁହିଁ

ନୂଆଦିଲ୍ଲୀ,୨।୨(ପି.ଟି.)

ଦିଲ୍ଲୀର ଚାଣକ୍ୟପୁରୀସ୍ଥିତ ବଙ୍ଗ ଭବନ ବାହାରେ ମୁତୟନ ପୋଲିସ ସହ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କର ସୋମବାର ମୁହାଁମୁହିଁ ହୋଇଛି। ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚାଲିଥିବାବେଳେ ସେଥିରେ ପ୍ରଭାବିତ ହୋଇଥିବା ପରିବାରଗୁଡ଼ିକୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଜାତୀୟ ରାଜଧାନୀକୁ ଆଣିଥିଲା। ଦିଲ୍ଲୀ ପୋଲିସ ସେମାନଙ୍କୁ ଧମକ ଦେବା ସହ ହଇରାଣ କରୁଥିବା ମମତା ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି।

ଗଣମାଧ୍ୟମକୁ ମମତା କହିଛନ୍ତି, ଏସ୍‌ଆଇଆର୍ ଦ୍ୱାରା ପ୍ରଭାବିତ ଲୋକମାନେ ନିର୍ବାଚନ କମିଶନଙ୍କ ନିକଟରେ ସେମାନଙ୍କ ସମସ୍ୟା ଜଣାଇବାକୁ ଆସିଥିଲେ। ସେମାନଙ୍କୁ ଧମକ ଦିଆଯାଉଛି। ବଙ୍ଗ ଭବନ ପରିସର ବାହାରେ ବ୍ୟାପକ ପୋଲିସ ମୁତୟନ କରାଯିବାକୁ ନେଇ ମମତା ପ୍ରଶ୍ନ କରିଛନ୍ତି। ତେବେ ସେ ଏଥିପାଇଁ ପୋଲିସକୁ ଦୋଷ ନ ଦେଇ ଉପରେ ଥିବା ବ୍ୟକ୍ତିଙ୍କୁ ଦୋଷ ଦେଉଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଆକ୍ଷେପ କରି କହିଛନ୍ତି। ଏସ୍‌ଆଇଆର୍ ପ୍ରସଙ୍ଗରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ଭେଟିବା ପାଇଁ ମମତା ରବିବାର ଦିଲ୍ଲୀରେ ପହଞ୍ଚିଥିଲେ। ଏସ୍‌ଆଇଆର୍ ଦ୍ୱାରା ପ୍ରଭାବିତ ପ୍ରାୟ ୫୦ ପରିବାରଙ୍କୁ ଜାତୀୟ ରାଜଧାନୀ ଅଣାଯାଇଥିବାବେଳେ ସେମାନେ ବଙ୍ଗ ଭବନ ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ଘରେ ରହୁଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ପରିବାରକୁ ସୋମବାର ନିର୍ବାଚନ କମିଶନଙ୍କ ସହ ବୈଠକକୁ ନିଆଯାଇଥିଲା। ତେବେ ବଙ୍ଗ ଭବନ ସମ୍ମୁଖରେ ମମତାଙ୍କର ସିଧାସଳଖ ପୋଲିସ ଅଧିକାରୀମାନଙ୍କ ସହ ମୁହାଁମୁହିଁ ହୋଇଥିଲା।

## ଯୁଦ୍ଧ ଏଡ଼ାଇବାକୁ ଇରାନର ଉଦ୍ୟମ, ଟ୍ରମ୍ପଙ୍କ ସ୍ୱାଗତ

ୱାଶିଂଟନ୍,୨।୨

ଆମେରିକା-ଇରାନ ଯୁଦ୍ଧ ଆଶଙ୍କା ଆପାତତଃ ହ୍ରାସ ପାଇଛି। ଇତିମଧ୍ୟରେ ଇରାନ ଆମେରିକା ସହ ବ୍ୟାକ୍ ଚ୍ୟାନେଲ୍‌ରେ ଆଲୋଚନା ପାଇଁ ଉଦ୍ୟମ ଆରମ୍ଭ କରିଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୂଚନା ଦେବା ସହିତ ଇରାନର ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ଇରାନ ବିରୋଧରେ ଆମେରିକା କୌଣସି କଠୋର ପଦକ୍ଷେପ ନେବା ପୂର୍ବରୁ ଏହି ଉଦ୍ୟମ କିଛି ସମାଧାନ ଆଣିବା ଲାଗି ବାଟ ଫିଟାଇବ ବୋଲି ସେ କହିଛନ୍ତି। ଇରାନ ପ୍ରତ୍ୟକ୍ଷ ଭାବେ ଆମେରିକା ସହିତ ଆଲୋଚନା କରିବାକୁ ଚାହୁଁନାହିଁ। ପରୋକ୍ଷ(ବ୍ୟାକ୍ ଚ୍ୟାନେଲ୍) ଭାବେ ମଧ୍ୟସ୍ଥ ଜରିଆରେ ଆଲୋଚନା କରିବାକୁ ପ୍ରସ୍ତୁତ ରହିଛି। ଏଥିପାଇଁ ଆମେରିକା ତୁର୍କୀ ରାଜଧାନୀ ଆଙ୍କାରାରେ ଏକ ବୈଠକ କରିବାକୁ ତୁର୍କୀ, ଇଜିପ୍ଟ ଏବଂ କାତାର ସହ ଆଲୋଚନା କରୁଛି ବୋଲି ଟ୍ରମ୍ପ ପ୍ରଶାସନ ପକ୍ଷରୁ କୁହାଯାଇଛି।

# ପୂର୍ବତନ ସେନାମୁଖ୍ୟଙ୍କ ପୁସ୍ତକକୁ ନେଇ ଲୋକ ସଭାରେ ହଙ୍ଗାମା


### ରାହୁଲ-ରାଜନାଥ ମୁହାଁମୁହିଁ

ନୂଆଦିଲ୍ଲୀ,୨।୨

ପୂର୍ବତନ ସେନା ମୁଖ୍ୟ ଏମ୍.ଏମ୍. ନରୱଣେଙ୍କ ଦ୍ୱାରା ଲିଖିତ ଏକ ପୁସ୍ତକର ଉଦ୍ଧୃତ ଅଂଶକୁ ନେଇ ସୋମବାର ଲୋକ ସଭାରେ ହଙ୍ଗାମା ହୋଇଛି। ଏହି ପୁସ୍ତକ ପ୍ରକାଶିତ ହୋଇ ନଥିଲେ ମଧ୍ୟ ୨୦୨୦ରେ ଲଦାଖର ଡୋକଲାମ୍ ଏବଂ ଗଲୱାନ୍ ଘାଟିରେ ଭାରତ-ଚାଇନା ସଂଘର୍ଷ ସମୟର ସ୍ମୃତିକୁ ନେଇ ଜେନେରାଲ ନରୱଣେ 'ଫୋର୍ ଷ୍ଟାର୍ସ ଅଫ୍ ଡେଷ୍ଟିନି' ଶୀର୍ଷକ ପୁସ୍ତକ ଲେଖିଛନ୍ତି। ଏହି ପୁସ୍ତକର କିଛି ଅଂଶ'ଦି କାରାଭାନ'ରେ ପ୍ରକାଶ ପାଇଥିଲା ବେଳେ ଏହି ତଥ୍ୟକୁ ନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି। ସୋମବାର ଲୋକ ସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ



ରାହୁଲ ଗାନ୍ଧୀ



ରାଜନାଥ ସିଂ

ଉପରେ ଆଲୋଚନା ସମୟରେ ରାହୁଲ ଗାନ୍ଧୀ ଜେନେରାଲ ନରୱଣେଙ୍କ ଏହି ପୁସ୍ତକର କିଛି ତଥ୍ୟ ସମ୍ପର୍କରେ ମନ୍ତବ୍ୟ ଦେଇଥିଲେ, ଯାହାକି ଗୃହରେ ହଟ୍ଟଗୋଳ ସୃଷ୍ଟି କରିଥିଲା। ଲଦାଖର ଡୋକଲାମସ୍ଥିତ ଭାରତୀୟ ସୀମାରେ ଚାଇନାର ୪ଟି ଟ୍ୟାଙ୍କ ପହଞ୍ଚି ସାରିଥିଲା ବୋଲି ରାହୁଲ କହିଥିଲେ। ରାହୁଲ ଗୃହରେ ଏଭଳି ମନ୍ତବ୍ୟ ଦେବା ପରେ ପ୍ରଥମେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ବିରୋଧ କରିଥିଲେ। ଯଦି ପ୍ରକାଶ ପାଇଥିବା କୌଣସି ପୁସ୍ତକରେ ଏଭଳି ବିଷୟ ଉଲ୍ଲେଖ ରହିଛି, ରାହୁଲ ତାହାର ପ୍ରମାଣ ଦିଅନ୍ତୁ,ନଚେତ୍ ଏହି ପ୍ରସଙ୍ଗରେ ଆଲୋଚନା କରିବା ବନ୍ଦ କରନ୍ତୁ ବୋଲି ରାଜନାଥ କହିଥିଲେ। ଏହାପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଏବଂ ଗୃହମନ୍ତ୍ରୀ ଅମିତ ଶାହା ରାହୁଲଙ୍କୁ ବିରୋଧ କରିଥିଲେ। ଯେଉଁ ପୁସ୍ତକ ପ୍ରକାଶ ପାଇନାହିଁ , ତାହାକୁ କିଭଳି ରାହୁଲ ଉଦ୍ଧୃତ କରି ଗୃହରେ ବକ୍ତବ୍ୟ ରଖୁଛନ୍ତି ବୋଲି ଶାହା ପ୍ରଶ୍ନ କରିଥିଲେ। ଏହାସତ୍ତ୍ୱେ ରାହୁଲ ତାଙ୍କ ବକ୍ତବ୍ୟ ଜାରି ରଖିଥିଲେ। ସେ ପ୍ରାୟ ୪୬ ମିନିଟ୍ ଧରି କହି ଚାଲିଥିଲା ବେଳେ ବାଚସ୍ପତି ଓମ୍ ବିର୍ଲା ଗୃହ ନିୟମ ଦର୍ଶାଇ ତାଙ୍କ ବକ୍ତବ୍ୟ ବନ୍ଦ କରିବାକୁ କହିଥିଲେ। ଏହାପରେ ଗୃହରେ ହୋହଲ୍ଲା ହେବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଦିନ ୩ଟା ପରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ରାହୁଲ ପୁଣିଥରେ ଏହି ପ୍ରସଙ୍ଗ ଉଠାଇଥିଲେ। ଏହାକୁ ନେଇ ଗୃହରେ ହୋହଲ୍ଲା ହେବାରୁ ୯ ମିନିଟ୍ ପରେ ବାଚସ୍ପତି ୪ଟା ପର୍ଯ୍ୟନ୍ତ ଗୃହକାର୍ଯ୍ୟ ମୁଲତବୀ ରଖିଥିଲେ। ଏହାପରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ପୁଣି ସମାନ ସ୍ଥିତି ଦେଖାଯାଇଥିଲା। ପରେ ପରେ ବାଚସ୍ପତି ଗୃହକୁ ମଙ୍ଗଳବାରଯାଏ ମୁଲତବୀ ଘୋଷଣା କରିଥିଲେ।

## ଦୁର୍ନୀତି ମାମଲାରେ ଶେଖ୍ ହାସିନାଙ୍କୁ ୧୦ ବର୍ଷ ଜେଲ

ଢାକା,୨।୨(ପି.ଟି.)

ବାଂଲାଦେଶର କ୍ଷମତାଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ୨ଟି ଦୁର୍ନୀତି ମାମଲାରେ ସେଠାର ଏକ ଅଦାଲତ ସୋମବାର ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ରାଜଧାନୀ ଢାକା ଉପକଣ୍ଠ ପୂର୍ବାଚୋଲରେ ରାଜୁକ ନ୍ୟୁଟାଉନ୍ ପ୍ରୋଜେକ୍ଟ ଅଧୀନରେ ବାସୋପଯୋଗୀ ଜମିକୁ ହାସିନା ନିଜ କ୍ଷମତାର ଦୁରୁପଯୋଗ କରି ତାଙ୍କ ଝିଆରୀ ବ୍ରିଟେନ୍‌ର ଲେବର ପାର୍ଟି ଏମ୍‌ପି ତଥା ପୂର୍ବତନ ମନ୍ତ୍ରୀ ଟୁଲିପ୍ ସିଦ୍ଦିକ ଓ ଅନ୍ୟମାନଙ୍କୁ ପ୍ରଦାନ କରିଥିଲେ। ସିଦ୍ଦିକଙ୍କ ସାନ ଭଉଣୀ ଆଜମାନ ସିଦ୍ଦିକ ଏବଂ ଭାଇ ରାଦ୍ୱାନ ମୁଜିବ ସିଦ୍ଦିକ ବବିଙ୍କୁ ୭ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ସମସ୍ତଙ୍କ ଅନୁପସ୍ଥିତିରେ କୋର୍ଟ ଦଣ୍ଡ ଶୁଣାଣି କରିଥିଲେ।

## କଶ୍ମୀରରେ ଭୂକମ୍ପ

ନୂଆଦିଲ୍ଲୀ,୨।୨(ପି.ଟି.)

ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲାରେ ସୋମବାର ଭୋର ସମୟରେ ୪.୬ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ପାଟ୍ଟନ ଓ ବାରାମୁଲ୍ଲା ଆଖପାଖ ଅଞ୍ଚଳ ଦୋହଲିଯାଇଥିବାବେଳେ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ତେବେ ଭୂକମ୍ପଜନିତ କୌଣସି କ୍ଷୟକ୍ଷତି ଖବର ମିଳିନାହିଁ। ନ୍ୟାଶନାଲ ସେଣ୍ଟର ଫର୍ ସିସ୍‌ମୋଲୋଜି ଅନୁଯାୟୀ, ଭୋର ୫ଟା ୩୫ ମିନିଟ୍ ସମୟରେ ଭୂକମ୍ପ ଅନୁଭୂତ ହୋଇଥିଲା, ଯାହାର କେନ୍ଦ୍ରସ୍ଥଳ ପାଟ୍ଟନ ଅଞ୍ଚଳର ୧୦ କି.ମି. ଗଭୀରରେ।

# କେନ୍ଦ୍ର, ୧୨ ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନୋଟିସ

### ଧର୍ମାନ୍ତରଣ ନିରୋଧୀ ଆଇନ ବିରୋଧରେ ପିଆଇଏଲ୍

ନୂଆଦିଲ୍ଲୀ,୨।୨(ପି.ଟି.)

ଧର୍ମାନ୍ତରଣ ନିରୋଧୀ ଆଇନର ବୈଧତାକୁ ଚ୍ୟାଲେଞ୍ଜ କରି ଜାତୀୟ ଖ୍ରୀଷ୍ଟିଆନ ପରିଷଦ ତରଫରୁ ଦାଏର ସାନି ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଉପରେ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ଏବଂ ୧୨ ରାଜ୍ୟ ସରକାରଙ୍କୁ ଜବାବ ମାଗିଛନ୍ତି। ଉକ୍ତ ଆଇନର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଲଗାଇବାକୁ ନ୍ୟାଶନାଲ କାଉନ୍‌ସିଲ୍ ଅଫ୍ ଚର୍ଚ୍ଚେସ୍ ଇନ୍ ଇଣ୍ଡିଆ (ଏନ୍‌ସିସିଆଇ) ପକ୍ଷରୁ ବରିଷ୍ଠ ଆଇନଜୀବୀ ମୀନାକ୍ଷୀ ଆରୋରା ଅଦାଲତଙ୍କୁ ନିବେଦନ କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଏନ୍‌ସିସିଆଇର ଆବେଦନକୁ ବିଚାରକୁ ନେଇ କେନ୍ଦ୍ର ଏବଂ ୧୨ ରାଜ୍ୟର ସରକାରଙ୍କୁ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କହିଛନ୍ତି। ଆରୋରା କହିଛନ୍ତି, ଓଡ଼ିଶା ଏବଂ ରାଜସ୍ଥାନ ସେମାନଙ୍କର ଅଲଗା ଆଇନ ଆଣିଥିବାବେଳେ ପୂର୍ବ ପିଟିଶନରେ ସେଗୁଡ଼ିକୁ ଚ୍ୟାଲେଞ୍ଜ କରାଯାଇ ନ ଥିଲା। ଅନ୍ୟାନ୍ୟ ଆଇନରେ ହୋଇଥିବା ସଂଶୋଧନଗୁଡ଼ିକୁ ମଧ୍ୟ ଚ୍ୟାଲେଞ୍ଜ କରାଯାଇ ନାହିଁ। କେତେକ ରାଜ୍ୟର ଆଇନ ଏଭଳି ରହିଛି, ଯାହା କଥିତ ଧର୍ମାନ୍ତରଣ ବିରୋଧରେ ଅଭିଯୋଗ କରିବା ପାଇଁ ସଚେତନ ଦଳଗୁଡ଼ିକୁ ପ୍ରୋତ୍ସାହିତ କରୁଛି। ଏହି କାରଣରୁ ଅନେକ ଅଭିଯୋଗ ଦାଖଲ ହେଉଥିବା ସେ କହିଛନ୍ତି। କେନ୍ଦ୍ର ବ୍ୟତୀତ ରାଜସ୍ଥାନ, ଉତ୍ତରପ୍ରଦେଶ, ଓଡ଼ିଶା, ଛତିଶଗଡ଼, ଅରୁଣାଚଳପ୍ରଦେଶ, ଗୁଜରାଟ, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ, ହରିୟାଣା, ମଧ୍ୟପ୍ରଦେଶ, କର୍ନାଟକ ଏବଂ ହିମାଚଳପ୍ରଦେଶକୁ ସୁପ୍ରିମକୋର୍ଟ ନୋଟିସ ଜାରି କରିଛନ୍ତି।

# ୨ ଦିନରେ ୧୭୭ ଆତଙ୍କବାଦୀ ନିହତ

### ବେଲୋଚ ବିଦ୍ରୋହୀଙ୍କ ବିରୋଧରେ ପାକ୍‌ସେନାର କାର୍ଯ୍ୟାନୁଷ୍ଠାନ

ଇସ୍‌ଲାମାବାଦ,୨।୨

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ବେଲୋଚ ଆତଙ୍କବାଦୀ ଏବଂ ପାକିସ୍ତାନ ସେନା ମଧ୍ୟରେ ଲାଗି ରହିଥିବା ସଂଘର୍ଷ ଏବେ ମଧ୍ୟ କିଛି ଇଲାକାରେ ଜାରି ରହିଛି। ଇତିମଧ୍ୟରେ ପାକ୍ ସେନା ଗୁଳିରେ ଆଉ ୨୨ ବେଲୋଚ ଆତଙ୍କବାଦୀ ନିହତ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ୧୭୭ ଆତଙ୍କବାଦୀ ନିହତ ହୋଇଥିବା ପାକ୍ ସେନାର ଜଣେ ପ୍ରବକ୍ତା ସୂଚନା ଦେଇଛନ୍ତି। ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ସଂଘର୍ଷରେ ୩୦ରୁ ଅଧିକ ପାକ୍ ସେନାଧିକାରୀଙ୍କ ମୃତ୍ୟୁ ହୋଇସାରିଛି। ଶୁକ୍ରବାର ରାତିରୁ ବେଲୁଚିସ୍ତାନ ଲିବରେସନ ଆର୍ମି(ବିଏଲଏ) ପକ୍ଷରୁ ବେଲୁଚିସ୍ତାନ ପ୍ରଦେଶର ବିଭିନ୍ନ ଜିଲାରେ ସଂଗଠିତ ଆକ୍ରମଣ କରାଯାଇଥିଲା। ପାକିସ୍ତାନର ସରକାରୀ ସଂସ୍ଥାନ, ପୋଲିସ ଏବଂ ସେନା କାର୍ଯ୍ୟାଳୟ ଉପରେ ବହୁ ଆତ୍ମଘାତୀ ଆକ୍ରମଣ ହୋଇ ୨୦ରୁ ଅଧିକ ପାକ୍ ଅଧିକାରୀ ପ୍ରାଣ ହରାଇଥିଲା ବେଳେ ୪୫ରୁ ଅଧିକ ଆତଙ୍କବାଦୀଙ୍କୁ ପାକ୍ ସେନା ହତ୍ୟା କରିଥିଲା। ଏହାପରେ ବିଭିନ୍ନ ଇଲାକାରେ ସେନା ଖାନତଲାସି କରି ଆତଙ୍କବାଦୀଙ୍କୁ ନିପାତ କରିଚାଲିଛି।

## ଆତଙ୍କବାଦୀଙ୍କ ମଧ୍ୟରେ ମହିଳା ଆତ୍ମଘାତୀ

ବିଏଲଏ ଆକ୍ରମଣରେ ବହୁ ମହିଳା ଆତ୍ମଘାତୀ ଆତଙ୍କବାଦୀ ସାମିଲ ହୋଇଥିବା ଜଣାପଡ଼ିଛି। ଏଭଳି ଘଟଣା ପ୍ରଥମ ବୋଲି ଜଣାପଡ଼ିଥିଲା ବେଳେ ଦୁଇ ମହିଳା ଆତ୍ମଘାତୀ ଆତଙ୍କବାଦୀ ପାକ୍ ସେନା ଉପରେ ଆକ୍ରମଣ କରିବା ପରେ କିଭଳି ଗୁଳିରେ ନିହତ ହେଉଛନ୍ତି ତାହାର ଭିଡିଓ ଭାଇରାଲ ହୋଇଛି। ଗତ ଶନିବାର ପାକିସ୍ତାନ ସେନା ପୋଷ୍ଟ ଉପରେ ହୋଇଥିବା ଆକ୍ରମଣ





ଘଟଣାରେ ଦୁଇ ମହିଳା ଆତ୍ମଘାତୀ ବିଦ୍ରୋହୀ ସାମିଲ ଥିଲେ ବୋଲି ବିଏଲଏ ପକ୍ଷରୁ ସେମାନଙ୍କ ଫଟୋ ଜାରି କରାଯାଇଛି।

## ପୁଣି ଇନ୍ଧନ ସୁଇଚ୍‌ରେ ସମସ୍ୟା

### ସେବାନିବୃତ୍ତ ହେଲା ଏୟାର ଇଣ୍ଡିଆ ବିମାନ

ବେଙ୍ଗାଲୁରୁ,୨।୨

ଏୟାରଇଣ୍ଡିଆର ଏକ ବୋଇଂ ୭୮୭ ଡ୍ରିମ୍‌ଲାଇନର ବିମାନର ବାମପାର୍ଶ୍ୱ ଇନ୍ଧନ ନିୟନ୍ତ୍ରଣ ସୁଇଚ୍ ୨ ଥର ରନ୍ ସ୍ଥିତିରେ ନ ରହି କଟ୍‌ଅଫ୍ ହୋଇଯିବାରୁ ଉକ୍ତ ବିମାନକୁ ସେବାନିବୃତ୍ତ କରାଯାଇଛି। ବିମାନଟି ଲଣ୍ଡନରୁ ବେଙ୍ଗାଲୁରୁ ଆସୁଥିବାବେଳେ ଫୁଏଲ୍ କଣ୍ଟ୍ରୋଲ ସୁଇଚ୍‌ରେ ତ୍ରୁଟି ଥିବା ଜଣେ ପାଇଲଟ୍ ରିପୋର୍ଟ କରିଥିଲେ। ପ୍ରାଥମିକ ସୂଚନା ପାଇବା ପରେ ବିମାନକୁ ସେବାରୁ ହଟାଯିବା ସହ ବେସାମରିକ ବିମାନ ଚଳାଚଳ ନିୟନ୍ତ୍ରକ ଡିଜିସିଏକୁ ଜଣାଇଦିଆଯାଇଥିବା ମୁଖପାତ୍ର କହିଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ଜୁନ୍ ୧୨ରେ ଅନୁରୂପ କାରଣରୁ ଅହମଦାବାଦରୁ ଲଣ୍ଡନ ଯାଉଥିବା ଏୟାରଇଣ୍ଡିଆ ଫ୍ଲାଇଟ୍ ଦୁର୍ଘଟଣାଗ୍ରସ୍ତ ହୋଇ ୨୬୦ ଜଣଙ୍କ ମୃତ୍ୟୁ ଘଟିଥିଲା। ତଦନ୍ତ ରିପୋର୍ଟରୁ ଏହା ଜଣାପଡ଼ିବା ପରେ ଡିଜିସିଏର ନିର୍ଦ୍ଦେଶକ୍ରମେ ସମସ୍ତ ବୋଇଂ ୭୮୭ ବିମାନର ଫୁଏଲ୍ କଣ୍ଟ୍ରୋଲ ସୁଇଚ୍ ଯାଞ୍ଚ କରାଯାଇଥିବାବେଳେ କୌଣସି ତ୍ରୁଟି ମିଳି ନ ଥିଲା।

ଫୁରସତ୍

# କଳା ସୁନାର ଦେଶ



କୁଏଟ୍

ଯେତେବେଳେ 'କଳା ସୁନାର ଦେଶ' ନାଁ ଆସେ ସେତେବେଳେ ପ୍ରାୟତଃ ପ୍ରଥମେ କୁଏଟ୍ ସାମ୍ନାକୁ ଚାଲିଆସେ। କଳା ସୁନା, ଯାହାର ଅର୍ଥ ଅଶୋଧିତ ତୈଳ। ଏହା କୁଏଟ୍‌ର ପରିଚୟକୁ ବଦଳାଇ ଦେଇଥିଲା। ୧୯୩୮ରେ ତୈଳ ଆବିଷ୍କାର ପୂର୍ବରୁ କୁଏଟ୍ ଏକ ସରଳ ବାଣିଜ୍ୟ ଏବଂ ମୁକ୍ତା-ଡାଇଭିଂ ରାଷ୍ଟ୍ର ଥିଲା, କିନ୍ତୁ ତୈଳ ଆବିଷ୍କାର ହେବା ପରେ ଏହାର ଭାଗ୍ୟ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଛି। ପ୍ରକୃତରେ କୁଏଟ୍ ମଧ୍ୟପ୍ରାଚ୍ୟର ଏକ ବିକଶିତ ଦେଶ, ଯେଉଁଠାରେ ଅଶୋଧିତ ତୈଳକୁ ବ୍ଲାକ୍ ଗୋଲ୍ଡ ବା କଳା ସୁନା କୁହାଯାଏ। ଏହି ତୈଳ ଆଜି ଦେଶର ଅର୍ଥନୀତି ଏବଂ ଆଧୁନିକ ପରିଚୟର ମୂଳଦୁଆ।

୧୯୩୮ରେ ବୁର୍ଗାନ ତୈଳ କ୍ଷେତ୍ରରେ ତୈଳ ଆବିଷ୍କୃତ ହୋଇଥିଲା। ଏହା ବିଶ୍ୱର ଦ୍ୱିତୀୟ ବୃହତ ତୈଳ କ୍ଷେତ୍ର। ଏହିଠାରୁ କୁଏଟ୍‌ର ଭାଗ୍ୟ ଏକ ନୂତନ ମୋଡ଼ ନେଇଥିଲା। ତୈଳ ରାଜସ୍ୱ ସହିତ କୁଏଟ୍‌ରେ ଜୀବନଯାପନର ମାନ ଦ୍ରୁତଗତିରେ ଉନ୍ନତ ହୋଇଥିଲା। ମାଗଣା ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଆଧୁନିକ ଭିତ୍ତିଭୂମି ବିକଶିତ ହୋଇଥିଲା। ଏହା ସହିତ କୁଏଟ୍ ତୈଳ କମ୍ପାନୀ ଦେଶର ତୈଳ କାର୍ଯ୍ୟ ପରିଚାଳନା କରେ। ନିକଟବର୍ତ୍ତୀ ଅହମଦୀ ଟାଉନଶିପ୍ ୧୯୪୦ ଦଶକରେ ତୈଳ ଶ୍ରମିକଙ୍କ ପାଇଁ ପ୍ରତିଷ୍ଠିତ ହୋଇଥିଲା ଏବଂ ଏବେବି ତୈଳ ଇତିହାସର ଝଲକ ପ୍ରଦାନ କରେ।

କୁଏଟ୍ ବୈଜ୍ଞାନିକ କେନ୍ଦ୍ରରେ ଏକ ତୈଳ ଏବଂ ଶକ୍ତି ପ୍ରଦର୍ଶନୀ ଅଛି, ଯାହା ତୈଳ ନିଷ୍କାସନରୁ ବିଶୋଧନ ଏବଂ ରପ୍ତାନି ପର୍ଯ୍ୟନ୍ତ ପ୍ରକ୍ରିୟା ବ୍ୟାଖ୍ୟା କରେ। କୁଏଟ୍ ଜାତୀୟ ସଂଗ୍ରହାଳୟରେ ଏକ ତୈଳ ଯୁଗ ଗ୍ୟାଲେରି ମଧ୍ୟ ରହିଛି, ଯାହା କୁଏଟ୍ କିପରି ତୈଳ-ଆଧାରିତ ଅର୍ଥନୀତିକୁ ବିକଶିତ ହୋଇଥିଲା ତାହା କହିଥାଏ। କୁଏଟ୍ ଟାୱାରଗୁଡ଼ିକ ସିଧାସଳଖ ତେଲ ସହିତ ଜଡ଼ିତ ନ ଥିଲେ ମଧ୍ୟ ସେଗୁଡ଼ିକ ତୈଳ ଦ୍ୱାରା ଆଗତ ସମୃଦ୍ଧି ସହିତ ନିର୍ମିତ ହୋଇଛି। ଏହି ଟାୱାରଗୁଡ଼ିକ ବ୍ଲାକ୍ ଗୋଲ୍ଡ ଦ୍ୱାରା ଆଗତ ପରିବର୍ତ୍ତନର ପ୍ରତୀକ।

# ଷ୍ଟାଇଲ୍ କୁଇନ୍ ସୋନମ୍

ମୁମ୍ବାଇ

ବଲିଉଡ ଫ୍ୟାଶନ ଆଇକନ୍ ତଥା ଷ୍ଟାଇଲ୍ କୁଇନ୍ ସୋନମ୍ କପୁର ଆଜିକାଲି ଜୀବନର ଏକ ସୁନ୍ଦର ପର୍ଯ୍ୟାୟ ଦେଇ ଗତି କରୁଛନ୍ତି। ସେ ଖୁବ୍‌ଶୀଘ୍ର ଦ୍ୱିତୀୟ ସନ୍ତାନ ଜନ୍ମ ଦେବାକୁ ଯାଉଛନ୍ତି। ବେବି ବମ୍ପ ସହ ସୋନମ୍ ଆହୁରି ସୁନ୍ଦର ଲାଗୁଛନ୍ତି। ନିକଟରେ ସୋନମ୍ ମୁମ୍ବାଇରେ ନଜର ଆସିଥିଲେ। ସେ ତାଙ୍କ ଲୁକ୍ ସହିତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏକ ଖୋଲା ଶର୍ଟ ପିନ୍ଧି ସେ ବେବି ବମ୍ପକୁ ଦେଖାଉଥିବା ନଜର ଆସିଛନ୍ତି। ସବୁଥର ଭଳି ସୋନମ୍ ପ୍ରମାଣ କରିଛନ୍ତି ଯେ, ଫ୍ୟାଶନ ତାଙ୍କ ପାଇଁ କେବଳ ପୋଷାକ ନୁହେଁ, ବରଂ ଆତ୍ମବିଶ୍ୱାସ ଏବଂ ମନୋଭାବର ଏକ ଅଂଶ। କୁହାଯାଉଛି ଯେ, ଚଳିତବର୍ଷ ମାର୍ଚ୍ଚରେ ସେ ତାଙ୍କର ଦ୍ୱିତୀୟ ସନ୍ତାନକୁ ଜନ୍ମ ଦେବେ। ବ୍ୟବସାୟୀ ଆନନ୍ଦ ଆହୁଜାଙ୍କୁ ବିବାହ କରିଥିବା ସୋନମ୍‌ଙ୍କର ପୂର୍ବରୁ ଏକ ପୁଅ ଅଛି।



ସୋନମ୍ କପୁର



କିନ୍ନର ଅଞ୍ଜଳିଙ୍କ ହତ୍ୟାକାଣ୍ଡର କ୍ରାଇମବ୍ରାଞ୍ଚ ତଦନ୍ତ, ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ସହ କ୍ଷତିପୂରଣ ପ୍ରଦାନ ଦାବିରେ ସୋମବାର ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଛକ ନିକଟରେ କିନ୍ନର ସଂଘ ପକ୍ଷରୁ ରାସ୍ତାରୋକୋ। **(ଫଟୋ: ମନୋରଞ୍ଜନ ମିଶ୍ର)**

# ୨୮ ଏନ୍ଏସି, ୭ ପୌର ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ

## ୧୮ ଜିଲାପାଳଙ୍କୁ ପୌର ପ୍ରଶାସନର ନିର୍ଦ୍ଦେଶ

**ଭୁବନେଶ୍ୱର,୨।୨(ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ନିକଟରେ ଘୋଷଣା ହୋଇଥିବା ନୂଆ ୨୮ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍ଏସି) ଏବଂ ୭ ପୌରପାଳିକା(ମ୍ୟୁନିସିପାଲିଟି)ର ନିର୍ବାଚନ ଲାଗି ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏସଂକ୍ରାନ୍ତରେ ରାଜ୍ୟ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ୧୮ ଜିଲାପାଳଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ସରକାରଙ୍କ ପକ୍ଷରୁ ସମ୍ପୃକ୍ତ ନୂତନ ଏନ୍ଏସି ଏବଂ ପୌରପାଳିକାଗୁଡ଼ିକର ୱାର୍ଡ ସୀମା ନିର୍ଦ୍ଧାରଣ ସହିତ ଆସନ ସଂରକ୍ଷଣ ପ୍ରକ୍ରିୟା ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶକ ଡାକୁଆ ସୋମବାର ଅନୁଗୋଳ, ବଲାଙ୍ଗୀର, ବାଲେଶ୍ୱର, ବରଗଡ଼, ଭଦ୍ରକ, ବୌଦ୍ଧ, କଟକ, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ନୟାଗଡ଼, କଳାହାଣ୍ଡି, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ରାୟଗଡ଼ା, ସମ୍ବଲପୁର ଓ ସୁବର୍ଣ୍ଣପୁର ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏନେଇ ସରକାରଙ୍କୁ ଓଡ଼ିଶା ପୌରପାଳିକା ଆଇନ-୧୯୫୦ ଅନୁଯାୟୀ ଅବଗତ କରାଯିବା ପରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଉକ୍ତ ନୂତନ ଏନ୍ଏସି ଏବଂ ପୌରପାଳିକାରେ ସୀମା ନିର୍ଦ୍ଧାରଣ ସହିତ ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ ହେବ। ଏହି ସମୟ ମଧ୍ୟରେ ଜନସାଧାରଣଙ୍କ ପକ୍ଷରୁ ଯେଉଁ ଆପତ୍ତି ଏବଂ ପରାମର୍ଶ ଆସିବ ଜିଲା ପ୍ରଶାସନ ତାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ଆବଶ୍ୟକ। ଯଦି ଏସଂକ୍ରାନ୍ତରେ କୌଣସି ଅଭିଯୋଗ ଆସେ ତେବେ ଜିଲାପାଳ ତୁରନ୍ତ ତାହାକୁ ସ୍ୱତନ୍ତ୍ର ବାର୍ତ୍ତାବହ ମାଧ୍ୟମରେ ପ୍ରେରଣ କରିବେ। ଏନେଇ ମାର୍ଚ୍ଚ ୧୫ରେ ଖାରବେଳ ଭବନରେ ଶୁଣାଣି କରାଯିବ ବୋଲି ଡାକୁଆ ଦର୍ଶାଇଛନ୍ତି।

ଏଥିସହିତ ମାର୍ଚ୍ଚ ଶେଷ ସୁଦ୍ଧା ସମସ୍ତ ପ୍ରକାର ନିର୍ବାଚନ ବିଜ୍ଞପ୍ତି ପ୍ରକ୍ରିୟା ସାରିବାକୁ ହେବ। ଏହାପୂର୍ବରୁ ଚଳିତ ମାସ ୧୨ରୁ ୨୧ ତାରିଖ ମଧ୍ୟରେ ନୂତନ ଏନ୍ଏସି ଏବଂ ୱାର୍ଡଗୁଡ଼ିକର ସୀମା ପୁନଃନିର୍ଦ୍ଧାରଣ କରିବାକୁ ହେବ। ଓଡ଼ିଶା ମ୍ୟୁନିସିପାଲ ଆଇନ-୧୯୫୦ ଅନୁଯାୟୀ, ନୂତନ ଏନ୍ଏସି ଏବଂ ପୌରପାଳିକାର ସୀମା ନିର୍ଦ୍ଧାରଣ ସହିତ ଆସନ ସଂରକ୍ଷଣ ନେଇ ବିଜ୍ଞପ୍ତି ଜାରି କରାଯିବ। ଏନେଇ ଆପତ୍ତି ଅଭିଯୋଗ ଗ୍ରହଣର ଶେଷ ତାରିଖ ଫେବ୍ରୁଆରୀ ୨୧ ରହିଛି। ଏହାପରେ ସମ୍ପୃକ୍ତ ନୂତନ ☞ପୃଷ୍ଠା-୪

# ବିକାଶର ନେତୃତ୍ୱ ନେଉଛନ୍ତି ମହିଳା: ମୁଖ୍ୟମନ୍ତ୍ରୀ

## ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟନ ସହ ଏକାଧିକ ଯୋଜନାର ଶୁଭାରମ୍ଭ




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହିଳା ସଂଘର ସଦସ୍ୟାଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

**ରାୟଗଡ଼ା,୨।୨(ଆଶିଷ ରଞ୍ଜନ ପଣ୍ଡା)**

ଓଡ଼ିଶାରେ ମହିଳାମାନେ ଏବେ ସବୁ କ୍ଷେତ୍ରରେ ଅଗ୍ରସର ହୋଇ ବିକାଶର ନେତୃତ୍ୱ ନେଉଛନ୍ତି। ଗ୍ରାମାଞ୍ଚଳରେ ବିକାଶର ଯେଉଁ ଜୟଯାତ୍ରା ଆମେ ଦେଖୁଛୁ, ତା'ର ନେତୃତ୍ୱ ଆମର ଏସ୍ଏଚ୍‌ଜି ଗୋଷ୍ଠୀର ମହିଳାମାନେ ନେଉଛନ୍ତି। ଆଗାମୀ ଦିନରେ ଏହି ମହିଳାଙ୍କ ସକ୍ରିୟ ଯୋଗଦାନରେ ଓଡ଼ିଶା ନିଶ୍ଚିତ ଭାବରେ ବିକଶିତ ଓଡ଼ିଶାରେ ପରିଣତ ହେବ ବୋଲି ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଜେଏସ୍‌କୋ ପଡ଼ିଆରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାକୁ ସୋମବାର ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏଥିସହ ରାୟଗଡ଼ା ଜିଲା ପାଇଁ ମୁଖ୍ୟମନ୍ତ୍ରୀ ମାଝୀ ୩୪୦କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ୬୭ଟି ପ୍ରକଳ୍ପର ଶିଳାନ୍ୟାସ ଏବଂ ୨୨୧କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ୪୧ଟି ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ଜିଲାକୁ ବିକାଶ ପଥରେ ଅଗ୍ରଗତି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମେଳା ଉଦ୍‌ଘାଟନ ପରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ଲଗାଯାଇଥିବା ଷ୍ଟଲ୍‌ଗୁଡ଼ିକର ଶୁଭାରମ୍ଭ କରିଥିଲେ। ଏଥିସହ ଡଙ୍ଗରିଆ କନ୍ଧଙ୍କ ହାତ ତିଆରି କପଡ଼ାଗୁନ୍ଦା ଶାଲ୍ ଓ ଲାଞ୍ଜିଆ ସଉରାଙ୍କ ଦ୍ୱାରା ଚିତ୍ରିତ ହୋଇଥିବା ଇଡ଼ିତାଲ ଚିତ୍ର ଦେଖି ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଏହାକୁ ଆହୁରି ପ୍ରଚାରପ୍ରସାର କରାଯିବ ବୋଲି ସେ କହିଥିଲେ।

ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ମହିଳାଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ସୁଭଦ୍ରା ଶକ୍ତିମେଳା ମାଧ୍ୟମରେ ଜିଲାର ମହିଳାମାନେ ନିଜର ପ୍ରସ୍ତୁତ ସାମଗ୍ରୀ ଲୋକଲୋଚନକୁ ଆଣିବା ସହ ଅର୍ଥ ଉପାର୍ଜନକରି ସ୍ୱାବଲମ୍ବୀ ହୋଇପାରିବେ। ରାୟଗଡ଼ା ଜିଲାରେ ୨୦୨୫-୨୬ ଆର୍ଥିକ ବର୍ଷରେ ୪୨୧୭ ଏସ୍ଏଚ୍‌ଜିଙ୍କୁ ପାଖାପାଖି ୨୦୦ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଏହି ଜିଲାରେ ହଜାର ହଜାର ମହିଳା ଲକ୍ଷପତି ଦିଦି ହୋଇପାରିଛନ୍ତି। ସେହିଭଳି ଚଳିତ କେନ୍ଦ୍ରୀୟ ବଜେଟ ମହିଳାଙ୍କ ପାଇଁ ଉତ୍ସର୍ଗୀକୃତ ବଜେଟ। ମହିଳା ଓ ଶିଶୁଙ୍କ ପାଇଁ ଏଥିରେ ୫ ଲକ୍ଷ କୋଟି ଟଙ୍କାର ପ୍ରାବଧାନ କରାଯାଇଛି। ତୃଣମୂଳସ୍ତରରେ ମହିଳାଙ୍କ ଆର୍ଥିକ ଅଂଶ ଗ୍ରହଣକୁ ଆହୁରି ସୁଦୃଢ଼ କରିବା ପାଇଁ ସ୍ୱୟଂ ସହାୟକ ଉଦ୍ୟୋଗୀ ମାର୍ଟ ପ୍ରତିଷ୍ଠା କରିବା ପାଇଁ ଘୋଷଣା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଉଦ୍ୟୋଗୀ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। କୋଲ୍‌ନରା ବ୍ଲକ ପଞ୍ଚାୟତସ୍ତରୀୟ ମହିଳା ସଂଘକୁ ଆର୍ଥିକ ସହାୟତା ବାବଦରେ ୩୫ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ରାୟଗଡ଼ା ଜିଲାରେ ଗଢ଼ିଉଠିଥିବା କାରଖାନାଗୁଡିକରେ ଯୋଗ୍ୟତା ଅନୁଯାୟୀ ଯୁବତୀଯୁବକଙ୍କୁ ନିଯୁକ୍ତି ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବ୍ରହ୍ମପୁରରୁ ଜୟପୁର ପର୍ଯ୍ୟନ୍ତ ଯାଇଥିବା ୩୨୬ନଂ. ଜାତୀୟ ରାଜପଥକୁ ୬ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ଏବଂ ରାୟଗଡ଼ାରେ ଖୁବଶୀଘ୍ର ମେଡିକାଲ କଲେଜ ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସଭାରେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ବିଷମକଟକ ବିଧାୟକ ନୀଳମାଧବ ହିକକା ଏବଂ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ପ୍ରମୁଖ ସମ୍ମାନିତ ଅତିଥି ଏବଂ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ମଞ୍ଚାସୀନ ଥିଲେ। ଜିଲାର ୩ ବିଧାୟକ ନିଜର ଅଭିଭାଷଣରେ ରାୟଗଡ଼ା ଜିଲାରେ ଏକ ମେଡିକାଲ କଲେଜ ଦାବି ସହିତ ନିଜ ନିଜ ନିର୍ବାଚନମଣ୍ଡଳୀର ସମସ୍ୟା ମୁଖ୍ୟମନ୍ତ୍ରୀଙ୍କ ନଜରକୁ ଆଣିଥିଲେ। ଏହି ପରିପ୍ରେକ୍ଷୀରେ ☞ପୃଷ୍ଠା-୪

# ଗଣିତ ଖାତା ନେଇ ନ ଥିବାରୁ ଛାତ୍ରଙ୍କୁ ମାଡ଼ ଅଭିଯୋଗ

**ଦାରିଙ୍ଗବାଡ଼ି,୨।୨(ଅରୁଣ ସାହୁ)**

ଗଣିତ ଖାତା (ନୋଟ୍ ବୁକ୍) ନେଇ ନ ଥିବାରୁ ଜଣେ ତୃତୀୟ ଶ୍ରେଣୀ ଛାତ୍ରଙ୍କୁ ଏକ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରବଳ ମାଡ଼ ମାରିଛନ୍ତି। ମାଡ଼ରେ ଗୁରୁତର ଛାତ୍ରଙ୍କ ଚିକିତ୍ସା ପରେ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକର ଏକ ବିଦ୍ୟାଳୟରେ।

ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ସିମନବାଡିରେ ଥିବା ପାଦ୍ରୀପିଓ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ସିମନବାଡି ଗ୍ରାମ କାଟିପୋଙ୍ଗା ସାହିର ଅମରେନ୍ଦ୍ର ପ୍ରଧାନଙ୍କ ପୁଅ ପ୍ରିନ୍ସ ପ୍ରଧାନ(୯) ତୃତୀୟ ଶ୍ରେଣୀରେ ପଢ଼ନ୍ତି। ସୋମବାର ସେ ବିଦ୍ୟାଳୟକୁ ଯିବାବେଳେ ଗଣିତ ନୋଟ୍‌ବୁକ୍ ନେବାକୁ ଭୁଲିଯାଇଥିଲେ। ପାଠ ପଢ଼ାଇବା ବେଳେ ଶିକ୍ଷୟିତ୍ରୀ ଛାତ୍ରୀଛାତ୍ରଙ୍କ ଗଣିତ ଖାତା ଖୋଜିଥିଲେ। ଖାତା ଆଣି ନ ଥିବାରୁ ଛାତ୍ରୀଛାତ୍ରଙ୍କୁ ସେ ଏକ ବାଉଁଶ ବାଡ଼ିରେ ପ୍ରବଳ ମାଡ଼ ମାରିଥିଲେ। ପ୍ରିନ୍ସ ମଧ୍ୟ ମାଡ଼ରୁ ବର୍ତ୍ତି ନ ଥିଲେ। ଶିକ୍ଷୟିତ୍ରୀଙ୍କ ମାଡ଼ରେ ତାଙ୍କର ପିଠି, ୨ ଡେଣା ସମେତ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ମାଡ଼ ମାରିବା ପରେ ଶିକ୍ଷୟିତ୍ରୀ ଜଣକ ପିଲାଙ୍କୁ ଘରେ କହିଲେ ଆହୁରି ମାଡ଼ ଦେବି ବୋଲି କହି ସେ ଛାତ୍ରୀଛାତ୍ରଙ୍କୁ ଡରାଇଥିଲେ।

ପ୍ରିନ୍ସ ଘରକୁ ଆସି କାହାକୁ କିଛି ନ କହି ଶୋଇ ପଡ଼ିଥିଲେ। ତାଙ୍କ ଦେହରେ ଜ୍ୱର ଦେଖି ପ୍ରିନ୍ସଙ୍କ 'ଜେଜେମା' ପଚାରିବାରୁ ସେ ଭୟରେ କାନ୍ଦିଥିଲେ। ପରିବାର ଲୋକେ ତାଙ୍କ ପୋଷାକ ଖୋଲି ଦେଖିବାରୁ ମାଡ଼ର ଲାଲ ଦାଗ ବିଭିନ୍ନ ସ୍ଥାନରେ ଦେଖିବାକୁ ପାଇଥିଲେ। ☞ପୃଷ୍ଠା-୪






# ଦଲାଇଲାମାଙ୍କୁ ଗ୍ରାମୀ ପୁରସ୍କାର

**ଲସ୍ ଏଞ୍ଜେଲ୍ସ,୨।୨(ପି.ଟି.)**



ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କୁ ତାଙ୍କର ମୌଖିକ କାହାଣୀ ଆଲବମ୍ 'ମେଡିଟେଶନ୍ସ: ଦି ରିଫ୍ଲେକ୍ସନ୍ସ ଅଫ୍ ହିଜ୍ ହୋଲିନେସ୍ ଦି ଦଲାଇଲାମା' ପାଇଁ ମର୍ଯ୍ୟାଦାଜନକ ଗ୍ରାମୀ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ୯୦ ବର୍ଷୀୟ ଆଧ୍ୟାତ୍ମିକ ଗୁରୁଙ୍କୁ ପ୍ରଥମ ଥର ପାଇଁ ଗୋଲ୍ଡେନ୍ ଗ୍ରାମୋଫୋନ୍ ମିଳିଛି।

କ୍ରିପ୍ଟୋ ଡଟ୍ କମ୍ ଆରେନାରେ ରବିବାର ରାତିରେ ଅନୁଷ୍ଠିତ ୬୮ତମ ଗ୍ରାମୀ ପୁରସ୍କାର ଉତ୍ସବକୁ ଟ୍ରେଭୋର ନୋଆହ ହୋଷ୍ଟ କରିଥିଲେ। ୯୦ଟି ବିଭାଗରେ ବିଜେତାମାନଙ୍କୁ ଏହି ଅବସରରେ ସ୍ୱୀକୃତି ପ୍ରଦାନ କରାଯାଇଛି। ଦଲାଇଙ୍କୁ ଗ୍ରାମୀ ପୁରସ୍କାରରେ ସମ୍ମାନିତ କରାଯାଇଥିବାରୁ ହିମାଚଳପ୍ରଦେଶର ଧର୍ମଶାଳା ସହର ଏବଂ ଅନ୍ୟତ୍ର ରହିଥିବା ତାଙ୍କ ଅନୁଗାମୀମାନେ ଉତ୍ସବ ପାଳନ କରିଛନ୍ତି। ଏହି ପୁରସ୍କାର ପାଇଁ ଭାରତୀୟ ତଥା ଭାରତୀୟ ମୂଳ କଳାକାର ଅନୁଷ୍କା ଶଙ୍କର, ଫ୍ୟୁଜନ୍ ବ୍ୟାଣ୍ଡ୍ ଶକ୍ତି ଏବଂ ସିଦ୍ଧାନ୍ତ ଭାଟିଆଙ୍କୁ ମନୋନୀତ କରାଯାଇଥିଲେ ମଧ୍ୟ ସେମାନେ ବିଜୟୀ ହେବାରେ ବିଫଳ ହୋଇଛନ୍ତି। ଦଲାଇଲାମାଙ୍କ ତରଫରୁ ଗାୟକ ରୁଫୁସ୍ ୱେନ୍‌ରାଇଟ୍ 'ଅଡିଓ ବୁକ୍ସ, ନ୍ୟାରେଶନ ଏବଂ ଷ୍ଟୋରିଟେଲିଂ' ବର୍ଗରେ ପୁରସ୍କାର ଗ୍ରହଣ କରିଥିଲେ। କବୀର ସେହଗଲଙ୍କ ଦ୍ୱାରା ପ୍ରସ୍ତୁତ ଉକ୍ତ ଆଲବମ୍‌ରେ ସରୋଦ ବାଦକ ଉସ୍ତାଦ ଅମଜାଦ ଅଲି ଖାନ୍, ତାଙ୍କ ପୁଅ ଅମାନ ଅଲି ☞ପୃଷ୍ଠା-୪

## ଚାଇନାର ସମାଲୋଚନା

**ବେଜିଂ,୨।୨(ପି.ଟି.)**

ଦଲାଇଲାମାଙ୍କୁ ଗ୍ରାମୀ ପୁରସ୍କାର ପ୍ରଦାନକୁ ଚାଇନା ସୋମବାର ନିନ୍ଦା କରିଛି। ତିବ୍ବତୀୟ ଧର୍ମଗୁରୁ ଉକ୍ତ ସ୍ୱୀକୃତିକୁ ଚାଇନା ବିରୋଧୀ କାର୍ଯ୍ୟକଳାପ ପାଇଁ ବ୍ୟବହାର କରିବାକୁ ବେଜିଂ ଦୃଢ଼ ବିରୋଧ କରୁଥିବା କହିଛି। ଦଲାଇଙ୍କୁ ଗ୍ରାମୀ ପୁରସ୍କାର ମିଳିବା ନେଇ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଲିନ୍ ଜିଆନଙ୍କ ପ୍ରତିକ୍ରିୟା ସମ୍ପର୍କରେ ପଚରାଯିବାରୁ ସେ କହିଥିଲେ, ୯୦ ବର୍ଷୀୟ ଆଧ୍ୟାତ୍ମିକ ଗୁରୁ ଧର୍ମ ନାମରେ ☞ପୃଷ୍ଠା-୪

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକଦିବସୀୟ ରାଜ୍ୟସ୍ତରୀୟ ଆଲୋଚନାଚକ୍ର 'ପାରମ୍ପରିକ ଖାଦ୍ୟପେୟ', ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା ୩୦ ।
- ଶୈଳେନ୍ଦ୍ର ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ଉତ୍ସବ, ସ୍ଥାନ: ପଡିଆ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଧଉଳି କଳିଙ୍ଗ ମହୋତ୍ସବ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଓଡ଼ିଶା ଡ୍ୟାନ୍ସ ଏକାଡେମୀ, ୟୁନିଟ୍ ୮, ସମୟ: ମଧ୍ୟାହ୍ନ ୧୨ଟା ୩୦ ।
- ଆଇଟି ପକ୍ଷରୁ ୫୧ ତମ ନ୍ୟାଶନାଲ ଥିଏଟର୍ ଫେଷ୍ଟିଭାଲ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।

**କଟକ**
- ଚାଷୀ ଓ ଚାଷ ବଞ୍ଚାଅ ଅଭିଯାନ ପକ୍ଷରୁ ମଣ୍ଡି ଅବ୍ୟବସ୍ଥା ନେଇ ଆର୍‌ଡିସିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର, ସ୍ଥାନ: ଆର୍‌ଡିସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦ ।

**ବାଲେଶ୍ୱର**
- ହନୁମାନ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ମିରିଗିମୁଣ୍ଡି, ରୂପସା, ସମୟ: ସକାଳ ୮ଟା ।
- ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା, ସ୍ଥାନ: ବାରାପାଳ, ରୂପସା, ସମୟ: ପୂର୍ବାହ୍ନ ୧୦ଟା ।
- ସମାବର୍ତ୍ତନ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦ ।

**ଭଦ୍ରକ**
- ମଠଡିହ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମଠଡିହ, ଆରଡ଼ି, ସମୟ: ପୂର୍ବାହ୍ନ ୧୧ଟା ।
- ଶ୍ରୀ ଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ସାହୁସାହି, ଧୁଷୁରୀ, ସମୟ: ଅପରାହ୍ନ ୨ଟା ।
- ଶକୁନ୍ତଳା ନାୟକ କ୍ରିକେଟ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ, ସ୍ଥାନ: ମଞ୍ଜୁରୀରୋଡ୍, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା ।

**କେନ୍ଦୁଝର**
- ଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ହରିହର ମନ୍ଦିର, ବଡ଼ବିଲ, ସମୟ: ସନ୍ଧ୍ୟା ୭ଟା ।

**ମୟୂରଭଞ୍ଜ**
- ମା' ହିଙ୍ଗୁଳାଙ୍କ ବାର୍ଷିକ ବଡ଼ପୂଜା, ସ୍ଥାନ: କଉଡିଖଣି, ସୁହାଗପୁର, ବଡ଼ସାହି, ସମୟ: ସକାଳ ୬ଟା ।

**ଗଞ୍ଜାମ**
- ଦିବ୍ୟ ପବ୍ଲିକ ସ୍କୁଲର ୧୩ତମ ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ପରିସର, ଦିଗପହଣ୍ଡି, ସମୟ: ଅପରାହ୍ନ ୪ ଟା ୩୦ ।

**ଢେଙ୍କାନାଳ**
- ୩୯ତମ ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ପ୍ରବଚନ ମହାଯଜ୍ଞ, ସ୍ଥାନ: ଢେଙ୍କାନାଳ କୁଞ୍ଜକାନ୍ତ ସୁରପ୍ରତାପ ସ୍ମୃତିପୀଠ, ସମୟ: ସକାଳ ୮ଟା୩୦ ।

**ଅନୁଗୋଳ**
- ବିଶାଳ ହିନ୍ଦୁ ସମ୍ମିଳନୀ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଅନୁଗୋଳ ମାରୱାଡି ଧର୍ମଶାଳା, ସମୟ: ପୂର୍ବାହ୍ନ ୧୧ଟା ।
- ଆଠମଲ୍ଲିକ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା ୩୦ ।

**ଜଗତ୍‌ସିଂହପୁର**
- ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କୃଷ୍ଣଚନ୍ଦ୍ରପୁର, ଏରସମା, ସମୟ: ପୂର୍ବାହ୍ନ ୧୧ଟା ।
- ଆଦିଦେବ ଏଣ୍ଟରଟେନମେଣ୍ଟ ସଂସ୍ଥା ପକ୍ଷରୁ ବିୟୁଟି କଣ୍ଟେଷ୍ଟର ଗ୍ରାଣ୍ଡ ଫାଇନାଲ, ସ୍ଥାନ: ଜୟଦେବ ଭବନ ପଡିଆ, ବଡ଼ପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା ।

**କେନ୍ଦ୍ରାପଡ଼ା**
- ଡେରାବିଶ ଯୁବ ମହୋତ୍ସବ, ସ୍ଥାନ: ମିନି ଷ୍ଟାଡିଅମ, କୁରୁଜଙ୍ଗା, ଡେରାବିଶ, ସମୟ: ସନ୍ଧ୍ୟା ୬ଟା ।

**ଯାଜପୁର**
- ଯାଜପୁର ଜିଲାକୁ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ମା' ବିରଜା ପୀଠ, ସମୟ: ସକାଳ ୯ଟା୩୦ ।
- ବ୍ୟାସ ସରୋବର ମେଳାର ୭ମ ଦିନରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସ ସରୋବର ପୀଠ ପରିସର, ସମୟ: ସନ୍ଧ୍ୟା ୭ଟା ।

**ନୟାଗଡ଼**
- ଭୈମୀ ଏକାଦଶୀ ମେଳାର ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା ।
- ଜାମାଲାଗି ବେଶର ଦ୍ୱାଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉଦ୍‌ଯାପନୀ ଉତ୍ସବରେ ଛାୟା ସଂସଦ, ସ୍ଥାନ: ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ।
- ବଣିକ ମହାସଂଘର ବାର୍ଷିକ ଉତ୍ସବ, ସ୍ଥାନ:ଦଶପଲ୍ଲା ବଣିକ ମହାସଂଘର ଗୃହ, ସମୟ: ଅପରାହ୍ନ ୩ଟା ।

**ନବରଙ୍ଗପୁର**
- ଜେପି ଟ୍ରଷ୍ଟ ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ଉମରକୋଟ ଡିଏନକେ ଖେଳ ପଡିଆ, ସମୟ: ଅପରାହ୍ନ ୫ଟା ।
- ରେଶପ ବ୍ୟାୟାମଶାଳା ଉଦ୍‌ଘାଟନ, ସ୍ଥାନ: ଉମରକୋଟ ନୂତନ ବସଷ୍ଟାଣ୍ଡ ନିକଟ, ସମୟ: ଅପରାହ୍ନ ୫ଟା ।

**କୋରାପୁଟ**
- ଭିନ୍ନକ୍ଷମ ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଶାସ୍ତ୍ରୀ ମୈଦାନ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୦ଟା ।
- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ ପ୍ରତିଯୋଗିତା, ସ୍ଥାନ: ଉଚ୍ଚ ବିଦ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା ।
- ବିଭିନ୍ନ ଯୋଜନାର ଅଗ୍ରଗତି ନେଇ ସମୀକ୍ଷା ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ।
- ବିଧାୟକଙ୍କ ଉନ୍ନୟନମୂଳକ କାର୍ଯ୍ୟ ଉଦ୍‌ଘାଟନ, ସ୍ଥାନ: ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା ।
- ଶ୍ରୀଅରବିନ୍ଦ ଶିକ୍ଷା ଉଚ୍ଚ ମାଧମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ବାଣ୍ଣୁଆଗୁଡା ବିଦ୍ୟାଳୟ ପରିସର, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା ।
- ଦିବ୍ୟାଙ୍ଗଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ସମ୍ମିଳନୀ କକ୍ଷ, ଦଶମନ୍ତପୁର, ସମୟ: ମଧ୍ୟାହ୍ନ ୧୨ଟା ୩୦ ।
- ସୁଭଦ୍ରା ମେଳା ନେଇ ଦ୍ୱିତୀୟ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ ଟା ।
- ଜିଲା ଖଣିଜ ପାଣ୍ଠିର ଅର୍ଥରେ ଚାଲିଥିବା କାର୍ଯ୍ୟର ଭରଚୁଆଲରେ ସମୀକ୍ଷା, ସ୍ଥାନ: ଓସ୍ୱାନ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ଟା ।

**ସମ୍ବଲପୁର**
- ପଶ୍ଚିମଓଡ଼ିଶା ଦଳିତ ସୁରକ୍ଷା ପରିଷଦର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା ।
- ପରମାଣପୁର ଧନୁଯାତ୍ରା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ପରମାଣପୁର ଗ୍ରାମ, ସମୟ : ସନ୍ଧ୍ୟା ୭ଟା ।
- ସେଲିବ୍ରିଟି କପ କ୍ରିକେଟ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା ।

**ବଲାଙ୍ଗୀର**
- ପାଟଣେଶ୍ୱରୀ ମହୋତ୍ସବ, ସ୍ଥାନ: ପାଟଣେଶ୍ୱରୀ ମନ୍ଦିର, ବଲାଙ୍ଗୀର, ସମୟ: ସକାଳ ୯ଟା ।
- ତହସିଲ ପକ୍ଷରୁ ରାଜସ୍ୱ ମେଳା, ସ୍ଥାନ: ପିଡଗ୍ଲୁଡି ଡାକବଙ୍ଗଳା ପରିସର, କଣ୍ଟାବାଞ୍ଜି, ସମୟ: ପୂର୍ବାହ୍ନ ୧୦ଟା ।

**ରାଉରକେଲା**
- ଆନ୍ତଃଶ୍ରେଣୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୧୪ ଡିପିଏସ୍, ସମୟ: ପୂର୍ବାହ୍ନ ୧୦ଟା ।
- ଏଲ୍‌ଆଇସି ମ୍ୟୁଚୁଆଲ ଫଣ୍ଡ କାର୍ଯ୍ୟାଳୟ ଶୁଭାରମ୍ଭ, ସ୍ଥାନ: ପାନପୋଷ ରୋଡ୍, ସମୟ: ଅପରାହ୍ନ ୩ଟା ।
- ଭାଗବତ କଥା ପ୍ରବଚନ, ସ୍ଥାନ: ସେକ୍ଟର-୧୯ ଆଖଣ୍ଡଳମଣି ମନ୍ଦିର, ସମୟ: ଅପରାହ୍ନ ୪ଟା ।
- ମା' ବାଟ ମଙ୍ଗଳା ପୀଠର ବାର୍ଷିକ ଉତ୍ସବ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା ।

**ସୁନ୍ଦରଗଡ଼**
- ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ ସୁନ୍ଦରଗଡର ବାର୍ଷିକ ଅଧିବେଶନ, ସ୍ଥାନ: ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟ, ରେଭିନ୍ୟୁ କଲୋନୀ, ସମୟ: ପୂର୍ବାହ୍ନ ୧୧ଟା ।

**ବରଗଡ଼**
- ଅବସରପ୍ରାପ୍ତ ସୈନିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ:ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ ୯ଟା ।
- ଶିକ୍ଷକ ପ୍ରଶିକ୍ଷଣ ଶିବିର, ସ୍ଥାନ:ବୀର ସୁରେନ୍ଦ୍ର ସାଏ ହାଇସ୍କୁଲ, ବରଡୋଲ, ସମୟ:ପୂର୍ବାହ୍ନ ୧୦ଟା ।

**କଳାହାଣ୍ଡି**
- ବିଜେଡି ପକ୍ଷରୁ ଜିଲାପାଳଙ୍କ ଅଫିସ ଘେରାଉ ଓ ବିକ୍ଷୋଭ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ।
- ଜୁନାଗଡ଼ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୪ଟା ।

**ବୌଦ୍ଧ**
- ବାବା କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା ।

**ସୁବର୍ଣ୍ଣପୁର**
- ସୁଭଦ୍ରା ଶକ୍ତି ମେଳାର ତୃତୀୟ ସନ୍ଧ୍ୟା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ରାମେଶ୍ୱର ଷ୍ଟାଡିୟମ ପରିସର, ସମୟ: ସନ୍ଧ୍ୟା ୫ଟା ୩୦ ।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ।

**ନୂଆପଡ଼ା**
- ମହାଶିବରାତ୍ରି ଜାଗର ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ଗାଁ, ସମୟ: ଅପରାହ୍ନ ୩ଟା ।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ତରବୋଡ ବସ୍ତିପଡା, ସମୟ: ଅପରାହ୍ନ ୫ଟା ।

# ଅବ୍ୟବହୃତ ୨୧,୫୧୦ କୋଟି ଫେରାଅ

## ସବୁ ବିଭାଗକୁ ଅର୍ଥ ବିଭାଗର ପତ୍ର

ଭୁବନେଶ୍ୱର,୨।୨(ରବିନାରାୟଣ ଜେନା)

ରାଜ୍ୟକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ବଜେଟରେ ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା କରାଯାଉଛି। ଆଗକୁ ପଞ୍ଚାୟତ ନିର୍ବାଚନ ରହିଛି। ହେଲେ ପଞ୍ଚାୟତିରାଜ ବିଭାଗ ଭଳି କେତେକ ବିଭାଗର ଅଧିକାରୀମାନେ ବଜେଟ ଅର୍ଥକୁ ଠିକଣା ବାଟରେ ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଖର୍ଚ୍ଚ କରିପାରୁ ନାହାନ୍ତି। ଫଳରେ ଗ୍ରାମାଞ୍ଚଳରେ ଭିତ୍ତିଭୂମି ବିକାଶ ଓ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାବେଳେ ଏବେ ପାଣ୍ଠି ଫେରାଇବା ପର୍ଯ୍ୟନ୍ତ କଥା ଯାଇଛି। ୨୦୨୫ ଡିସେମ୍ବର ସୁଦ୍ଧା ବଜେଟରେ ବ୍ୟୟବରାଦ ହୋଇଥିବା ଲକ୍ଷ୍ୟଧାର୍ଯ୍ୟ ଅନୁଯାୟୀ ଯେଉଁସବୁ ବିଭାଗ ଟଙ୍କା ଖର୍ଚ୍ଚ କରିପାରି ନାହାନ୍ତି ତାକୁ ବିଭାଗକୁ ସମର୍ପଣ କରିବାକୁ ହେବ। ଏ ବାବଦକୁ ପ୍ରାୟ ୩୪ଟି ବିଭାଗ ୨୧ହଜାର ୫୧୦କୋଟି ଟଙ୍କା ଫେରାଇବାକୁ ପଡ଼ିବ ବୋଲି ଅର୍ଥ ବିଭାଗ ପକ୍ଷରୁ ଜଣାଯାଇଛି। ଅର୍ଥ ବିଭାଗର ଯୁଗ୍ମସଚିବ ଏମ୍.କେ. ମହାନ୍ତି ଏ ସଂକ୍ରାନ୍ତରେ ସବୁ ବିଭାଗ ଅର୍ଥ ପରାମର୍ଶଦାତାଙ୍କୁ ଜାନୁଆରୀ ୩୦ରେ ପତ୍ର ଲେଖି ଅବଗତ କରାଇଛନ୍ତି।

ସେ ଦର୍ଶାଇଛନ୍ତି, ବିଭାଗ ପକ୍ଷରୁ ୨୦୨୫ ମାର୍ଚ୍ଚ ୩୦ରେ ପ୍ରଦାନ କରାଯାଇଥିବା ପତ୍ର ଅନୁଯାୟୀ, ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଶେଷ ତଥା ଡିସେମ୍ବର ୩୧ ପର୍ଯ୍ୟନ୍ତ ସମୁଦାୟ ଓ କାର୍ଯ୍ୟକ୍ରମ ବାବଦକୁ ୬୦% ଖର୍ଚ୍ଚ ହେବା କଥା। ଏହାଠାରୁ ଯେଉଁ ବିଭାଗ କମ୍ ଖର୍ଚ୍ଚ କରିଛନ୍ତି ତାହାକୁ ବିଭାଗ ସମର୍ପଣ କରିବା ଆବଶ୍ୟକ ରହିଛି। ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ବିବରଣୀ ଅନୁଯାୟୀ ପାଣ୍ଠି ସମର୍ପଣ କର। ପୁଞ୍ଜି ବ୍ୟୟ ଓ ପ୍ରାଥମିକତା ବ୍ୟୟକୁ ଦୃଷ୍ଟିରେ ରଖି ଫେବୃଆରୀ ୨୮ ମଧ୍ୟରେ ଅର୍ଥ ବିଭାଗକୁ ସମର୍ପଣ କରିବା ପାଇଁ ସେ ଅନୁରୋଧ କରିଛନ୍ତି।

ବିଭାଗୀୟ ତଥ୍ୟ ଅନୁଯାୟୀ, ପଞ୍ଚାୟତିରାଜ ବିଭାଗ ଚଳିତ ଆର୍ଥିକବର୍ଷର ଡିସେମ୍ବର ମଧ୍ୟରେ ୨୯ହଜାର ୨୦୧କୋଟି ଟଙ୍କା ବଜେଟ ବ୍ୟୟ ବରାଦ ମଧ୍ୟରୁ ଖର୍ଚ୍ଚ କରିବାକୁ ରହିଥିଲା। ମାତ୍ର ୯ମାସ ମଧ୍ୟରେ ବିଭାଗ ୧୭ହଜାର ୫୨୦.୭୯କୋଟି ଟଙ୍କା ମଧ୍ୟରୁ ୧୦ହଜାର ୪୧୬କୋଟି ଟଙ୍କା ଖର୍ଚ୍ଚ କରିବାକୁ ସକ୍ଷମ ହୋଇପାରିଛି। ତେଣୁ ୭,୧୦୩କୋଟି ଟଙ୍କା ଏବେ ବିଭାଗକୁ ସମର୍ପଣ କରିବାକୁ ପଡ଼ିବ। ସେହିପରି ଅର୍ଥ ବିଭାଗ ନିଜେ ୭ହଜାର ୬୭କୋଟି ଟଙ୍କା ସମର୍ପଣ କରିବାକୁ ରହିଥିବାବେଳେ ଜଳସମ୍ପଦ ବିଭାଗ ୩୦୩୦କୋଟି ଟଙ୍କା କମ୍ ଖର୍ଚ୍ଚ କରିଥିବାବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ୧୬୯୦କୋଟିରୁ ଊର୍ଦ୍ଧ୍ୱ ଭଳି ଟଙ୍କା ଏବେ ଫେରସ୍ତ କରିବାକୁ ହେବ। ଏହାବାଦ୍ ଅନ୍ୟ ୩୨ଟି ବିଭାଗ ଶତାଧିକ କୋଟି ଟଙ୍କା ଫେରାଇବାକୁ ରହିଛି। ମାତ୍ର ସାଧାରଣ ଅଭିଯୋଗ ଓ ପେନ୍‌ସନ ପ୍ରଶାସନ,ବିଧାନସଭା ଏବଂ ଆଉ କେତେକ ବିଭାଗ ଏହି ତାଲିକାରେ ନାହାନ୍ତି।

# ମନୋଜ ଏସ୍‌ପିସିବି ସଦସ୍ୟ ସଚିବ ନିଯୁକ୍ତ

## ସନଥ କୁମାର ନନ୍ଦନକାନନ ନିର୍ଦ୍ଦେଶକ

ଭୁବନେଶ୍ୱର,୨।୨(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ସୋମବାର ଭାରତୀୟ ବନସେବା(ଆଇଏଫ୍‌ଏସ୍) ଅଧିକାରୀସ୍ତରରେ ଛୋଟ ଧରଣର ଅଦଳବଦଳ କରାଯାଇଛି। ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ନନ୍ଦନକାନନ ନିର୍ଦ୍ଦେଶକ ତଥା ୨୦୦୧ ବ୍ୟାଚ୍‌ର ଆଇଏଫ୍‌ଏସ୍ ମନୋଜ ଭି. ନାୟାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଓଏସ୍‌ପିସିବି)ର ସଦସ୍ୟ ସଚିବ ଭାବେ ନିଯୁକ୍ତ ହୋଇଛନ୍ତି। ଏହାସହିତ ତାଙ୍କୁ ଏପିସିସିଏଫ୍(ବନ୍ୟାପ୍ରାଣୀ) ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ୨୦୦୧ ବ୍ୟାଚ୍‌ର ଆଇଏଫ୍‌ଏସ୍ ତଥା 'କାମ୍ପା' ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜି. ରାଜେଶଙ୍କୁ ଭୁବନେଶ୍ୱର ଘାଟିକିଆସ୍ଥିତ ଓଏଫ୍‌ଏସ୍‌ଡିପିର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ୨୦୧୨ ବ୍ୟାଚର ଆଇଏଫ୍‌ଏସ୍ ସନଥ କୁମାର ଏନ୍.ଙ୍କୁ ନନ୍ଦନକାନନ ବାୟୋଲୋଜିକାଲ ପାର୍କ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି।

ପ୍ରଥମ ପୃଷ୍ଠାରୁ...

### ରେଳ: ଓଡ଼ିଶାକୁ...

ନିର୍ମାଣ କରାଯାଇଛି, ଯାହା ମାଲେସିଆର ସମଗ୍ର ରେଳ ନେଟୱର୍କଠାରୁ ଅଧିକ ବୋଲି ଦର୍ଶାଯାଇଛି। ରାଜ୍ୟ ୧୦୦ ପ୍ରତିଶତ ବିଦ୍ୟୁତୀକରଣ ହାସଲ କରିଛି, ଏହି ସମୟ ମଧ୍ୟରେ ୧,୫୫୯ କିଲୋମିଟର ରେଳ ଲାଇନ୍ ବିଦ୍ୟୁତୀକରଣ ହୋଇଛି, ଯାହା ଶକ୍ତି ସଞ୍ଚୟ ଏବଂ ଉତ୍ତମ ପରିବେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଭାବେ ସହାୟତା କରିଛି। ଏହାବ୍ୟତୀତ ସୁରକ୍ଷା ବୃଦ୍ଧି ଏବଂ ନିରବଚ୍ଛିନ୍ନ ସଡ଼କ ରେଳ ଚଳାଚଳ ସୁନିଶ୍ଚିତ କରିବା ପାଇଁ ୬୩୨ଟି ସଡ଼କ ଓଭରବ୍ରିଜ ଏବଂ ଅଣ୍ଡରପାସ୍ ନିର୍ମାଣ କରାଯାଇଛି। କବଚ ଭଳି ଉନ୍ନତ ସୁରକ୍ଷା ବ୍ୟବସ୍ଥା ମଧ୍ୟ କ୍ରମାଗତ ଭାବରେ କାର୍ଯ୍ୟକାରୀ କରାଯାଉଛି। ଗୁରୁତ୍ୱପୂର୍ଣ୍ଣ ରୁଟ୍ କିଲୋମିଟର ଉପରେ କାର୍ଯ୍ୟ ଏବଂ ଟେଣ୍ଡର ପ୍ରକ୍ରିୟା ଜାରି ରହିଛି, ଯାହା ଟ୍ରେନ ପରିଚାଳନା ସୁରକ୍ଷାକୁ ଆହୁରି ସୁଦୃଢ଼ କରିବ।

ରେଳମନ୍ତ୍ରୀ କହିଛନ୍ତି, ଏହି ଐତିହାସିକ ପଦକ୍ଷେପଗୁଡ଼ିକ ବିଶ୍ୱସ୍ତରୀୟ ରେଳ ଭିତ୍ତିଭୂମି, ଉନ୍ନତ ଯାତ୍ରୀ ଅଭିଜ୍ଞତା ଏବଂ ବର୍ଦ୍ଧିତ ଲଜିଷ୍ଟିକ୍ସ କ୍ଷମତା ମାଧ୍ୟମରେ ଓଡ଼ିଶାକୁ ଏକ ପ୍ରମୁଖ ବିକାଶ ଇଞ୍ଜିନରେ ପରିଣତ କରିବା ପାଇଁ ରେଳୱେର ଦୃଷ୍ଟିକୋଣକୁ ରେଖାଙ୍କିତ କରୁଛି। ଏହା ରାଜ୍ୟର ଦୀର୍ଘକାଳୀନ ସାମାଜିକ. ଆର୍ଥିକ ବିକାଶ ପାଇଁ ପଥ ପ୍ରଶସ୍ତ କରିବ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏବଂ ଅନ୍ୟାନ୍ୟ ବରିଷ୍ଠ ରେଳ ଅଧିକାରୀ ଉପସ୍ଥିତ ଥିଲେ।

#### ମୁଖ୍ୟ ବିଶେଷତ୍ୱ

**ପୂର୍ବ-ପଶ୍ଚିମ ମାଲ୍ ପରିବହନ କରିଡର (ଇଷ୍ଟ-ୱେଷ୍ଟ ଫ୍ରେଇଟ୍ କରିଡର):** ପଶ୍ଚିମବଙ୍ଗର ଡାଙ୍କୁନିରୁ ଗୁଜରାଟର ସୁରଟ ପର୍ଯ୍ୟନ୍ତ ଏହି କରିଡର ଓଡ଼ିଶା ଦେଇ ଗତି କରିବ। ଫଳରେ ଓଡ଼ିଶା ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ର ସଶକ୍ତ ହେବ। **ଚାଲୁ ରହିଥିବା ପ୍ରକଳ୍ପ:** ବର୍ତ୍ତମାନ ଓଡ଼ିଶାରେ ପ୍ରାୟ ୯୦,୬୫୯ କୋଟି ଟଙ୍କାର ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ନୂତନ ଅନୁଦାନ ସହିତ ମୋଟ ନିବେଶ ୧ ଲକ୍ଷ କୋଟି ଟପିଯାଇଛି। **ଅମୃତ ଷ୍ଟେଶନ ଯୋଜନା:** ଓଡ଼ିଶାର ୫୯ଟି ରେଳଷ୍ଟେଶନର ପୁନଃବିକାଶ ପାଇଁ ୨,୪୩୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କଟକ (ଦ୍ୱିତୀୟ ପ୍ରବେଶ ପଥ), ବାରିପଦା, ତାଳଚେର ଭଳି ୬ଟି ଷ୍ଟେଶନର କାମ ସରିଥିବା ବେଳେ ଅନ୍ୟଗୁଡ଼ିକ ପ୍ରକ୍ରିୟାଧୀନ ଅଛି। **କବଚ:** ଟ୍ରେନ ଦୁର୍ଘଟଣା ରୋକିବା ପାଇଁ 'କବଚ' ସୁରକ୍ଷା ପ୍ରଣାଳୀ ଓଡ଼ିଶାର ୭୭୨ କିଲୋମିଟର ରେଳପଥରେ ଲଗାଯିବ। ଏହାସହିତ ହାତୀ ମୃତ୍ୟୁ ରୋକିବା ପାଇଁ ଏଆଇ-ଆଧାରିତ ଥର୍ମାଲ କ୍ୟାମେରା ଏବଂ ଅପ୍ଟିକାଲ ଫାଇବର କେବୁଲ ଲଗାଯିବ। **ରେଳ ସଂଯୋଗ:** ଗତ ୧୧ ବର୍ଷ ମଧ୍ୟରେ ଓଡ଼ିଶାରେ ୨,୨୦୦ କିଲୋମିଟର ନୂତନ ରେଳ ଲାଇନ ନିର୍ମାଣ କରାଯାଇଛି। ବର୍ତ୍ତମାନ ରାଜ୍ୟରେ ୬ ଯୋଡ଼ା ବନ୍ଦେ ଭାରତ ଏବଂ ୬ ଯୋଡ଼ା ଅମୃତ ଭାରତ ଏକ୍ସପ୍ରେସ ଚାଲୁଛି।

### ୨୮ ଏନ୍‌ଏସି...

ଏନ୍‌ଏସି ଏବଂ ପୌରପାଳିକାଗୁଡ଼ିକର ପ୍ରୋଭିଜନାଲ ବିଜ୍ଞପ୍ତି ୨୬ରେ ପ୍ରକାଶ ପାଇବ। ୨୬ରୁ ମାର୍ଚ୍ଚ ୧୩ ଯାଏ ପ୍ରକାଶିତ ବିଜ୍ଞପ୍ତି ଉପରେ ଅଭିଯୋଗ ଆବେଦନ ଗ୍ରହଣ କରାଯିବ। ମାର୍ଚ୍ଚ ୧୬ରୁ ୨୮ ତାରିଖ ମଧ୍ୟରେ ବିଜ୍ଞପ୍ତି ଉପରେ ଅଭିଯୋଗ ଆବେଦନର ଶୁଣାଣି କରାଯିବା ପରେ ମାର୍ଚ୍ଚ ୩୧ରେ ଜିଲାପାଳଙ୍କ ପକ୍ଷରୁ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଡାକୁଆ ଦର୍ଶାଇଛନ୍ତି।

### ଗଣିତ ଖାତା ନେଇ...

ପରିବାର ଲୋକେ ପ୍ରିନ୍ସଙ୍କୁ ବାରମ୍ବାର ପଚାରିବାରୁ ସେ ସବୁକଥା କହିଥିଲେ। ଏନେଇ ପାଦ୍ରୀପିଓ ଇଂରାଜୀ ମିଡିୟମ ବିଦ୍ୟାଳୟର ଅଧକ୍ଷା ଇତିଶ୍ରୀ ପରିଡ଼ାଙ୍କୁ ପଚାରିବାରୁ ସେ କହିଲେ, ପ୍ରିନ୍ସଙ୍କ ଅଭିଭାବକ ଘଟଣା ସମ୍ପର୍କରେ ତାଙ୍କୁ ଅବଗତ କରାଇଛନ୍ତି। ସୋମବାର କିଏ ଓ କାହିଁକି ତାଙ୍କୁ ଏଭଳି ମାଡ଼ ମାରିଛନ୍ତି ପଚାରିବି ବୋଲି କହିଛନ୍ତି। ଏ ସମ୍ପର୍କରେ ବିଇଓ ମହେଶ୍ୱର ମାଝୀଙ୍କୁ ପଚାରିବାରୁ ସେ କହିଲେ, ହାଇକୋର୍ଟ କାମରେ ମୁଁ ବାହାରକୁ ଆସିଛି। ଏଠାରୁ ଫେରିବା ପରେ ମୁଁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି ମାଝୀ କହିଥିଲେ।

### ବିକାଶର ନେତୃତ୍ୱ...

ରାୟଗଡ଼ା ଜିଲାରେ ୯,୩୩୫ ଏସ୍‌ଏଚ୍‌ଜି ପାଇଁ ୧୪ କୋଟି ଟଙ୍କାର ରିଭଲ୍‌ଭିଂ ଫଣ୍ଡ, ୧୬୪ଟି ଏସ୍‌ଏଚ୍‌ଜିଙ୍କୁ ୫୩.୧୪ କୋଟି ଟଙ୍କାର ପାଣ୍ଠି, ୪୧୯୫ଟି ଏସ୍‌ଏଚ୍‌ଜିଙ୍କୁ ୩୭.୫୫ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଜିଲା ପାଇଁ ୬୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି। ଶୁଭାରମ୍ଭ ହୋଇଥିବା ମୋଟ ୧୦୯ଟି ଉନ୍ନୟନମୂଳକ ପ୍ରକଳ୍ପ ମଧ୍ୟରୁ ୨୩୮ କୋଟି ଟଙ୍କାର ୨୨ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ୩୬୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୮୭ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିସହ ୩୭ କୋଟି ଟଙ୍କା ବିନିଯୋଗରେ ରାୟଗଡ଼ା ଅଧିଷ୍ଠାତ୍ରୀ ଦେବୀ ମାଝିଘରିଆଣୀ ମନ୍ଦିରର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି।

### ଦଲାଇଲାମାଙ୍କୁ ଗ୍ରାମୀ...

ବଙ୍ଗାଶ ଏବଂ ଆୟାନ ଅଲି ବଙ୍ଗାଶଙ୍କ ସମେତ ଆମେରିକୀୟ ସାକ୍ସୋଫୋନିଷ୍ଟ ଟେଡ୍ ନାଶ୍, ଗାୟକ ତଥା ଗୀତ ରଚୟିତା ଦେବୀ ନୋଭା ଏବଂ ବାଦ୍ୟଯନ୍ତ୍ର ସଙ୍ଗୀତକାର ଟୋନି ସୁକାର ରହିଛନ୍ତି। ପୁରସ୍କାର ପାଇଥିବାରୁ ଦଲାଇଲାମା କୃତଜ୍ଞତା ଜ୍ଞାପନ କରିବା ସହ ଏହାକୁ ସେ ଏକ ବ୍ୟକ୍ତିଗତ ସଫଳତା ଭାବେ ଦେଖୁନାହାନ୍ତି। ଆମର ମିଳିତ ସାଧାରଣ ଦାୟିତ୍ୱକୁ ଏହା ଏକ ସ୍ୱୀକୃତି ବୋଲି କହିଛନ୍ତି।

ଦଲାଇଲାମାଙ୍କ ସମେତ ଟେଞ୍ଜିନ୍ ଗ୍ୟାଟ୍‌ସୋ, ନିର୍ଦ୍ଦେଶକ ଷ୍ଟିଭେନ୍ ସ୍ୱିଏଲବର୍ଗ ଏବଂ କେ-ପପ୍ ପାଇଁ ପ୍ରଥମ ଗ୍ରାମୀ ପୁରସ୍କାର। 'ମ୍ୟୁଜିକ୍ ଫର୍ ଜନ୍ ୱିଲିଅମ୍ସ' ପାଇଁ ସ୍ୱିଏଲବର୍ଗଙ୍କୁ ମ୍ୟୁଜିକ୍ ଫିଲ୍ମ ବର୍ଗରେ ପୁରସ୍କାର ମିଳିଛି। ସେହିପରି 'କେପପ୍ ଡେମନ ହଣ୍ଟର୍ସ'ରୁ ଲୋକପ୍ରିୟ ଗୀତ 'ଗୋଲ୍ଡେନ'କୁ ଗ୍ରାମୀ ପୁରସ୍କାର ପ୍ରଦାନ କରାଯାଇଛି।

### ଚାଇନାର ସମାଲୋଚନା...

ବିଚ୍ଛିନ୍ନତାବାଦୀ କାର୍ଯ୍ୟ ଚଳାଇଛନ୍ତି। ଦଲାଇଲାମା ଜଣେ ସମ୍ପୂର୍ଣ୍ଣ ଧର୍ମୀୟ ବ୍ୟକ୍ତି ନୁହନ୍ତି ବୋଲି ଲିନ୍ ଗଣମାଧ୍ୟମକୁ କହିଛନ୍ତି। ଧର୍ମ ନାମରେ ଚାଇନା ବିରୋଧୀ ବିଚ୍ଛିନ୍ନତାବାଦୀ କାର୍ଯ୍ୟ ପାଇଁ ସେ ରାଜନୈତିକ ନିର୍ବାସନରେ ରହିଛନ୍ତି। ତେଣୁ ପୁରସ୍କାରକୁ ଏକ ଅସ୍ତ୍ର ଭାବେ ଚାଇନା ବିରୋଧୀ କାର୍ଯ୍ୟକଳାପରେ ବ୍ୟବହାରକୁ ବେଜିଂ ଦୃଢ଼ ବିରୋଧ କରୁଛି ବୋଲି ଲିନ୍ କହିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଜାତିକୁ ବଣିଜ ଅଡୁଆ।**

ପୂର୍ବକାଳରେ ଗୋଟିଏ ଜାତିର ଲୋକେ ଗୋଟିଏ ପ୍ରକାର ବଣିଜ ବା ବେପାର କରୁଥିଲେ। ସେମାନେ ସେ ବେପାରର ସମସ୍ତ ତତ୍ତ୍ୱ ବା ହାନିଲାଭ ବେଶ୍ ଭଲ ଭାବେ ଜାଣିଥିଲେ। ଅନ୍ୟ ଜାତିର ଲୋକେ ସେ ବେପାର କଲେ ସେଥିରେ ସେତେଟା ପ୍ରତିଷ୍ଠା ପାଇପାରୁ ନ ଥିଲେ। ତେଣୁ ଯେଉଁ ବ୍ୟକ୍ତିର ନିର୍ଦ୍ଦିଷ୍ଟ କାର୍ଯ୍ୟରେ ଦକ୍ଷତା ନାହିଁ ସେ ସେଭଳି କାର୍ଯ୍ୟରେ ହାତ ଦେବା ଠିକ୍ ନୁହେଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଅଜା ଗଜା, ବୁଢ଼ା ମେଷ,**
**ଦୁଧର ଉପର ଦହିର ଶେଷ,**
**ମାଛର ମା' ଶାଗର ଝି,**
**ଯାକୁ ନ ଖାଇବ କି ?**

ଖାଦ୍ୟ ଦେହକୁ ପୁଷ୍ଟ କରେ। ଉତ୍ତମ ଶରୀର ପାଇଁ ପୌଷ୍ଟିକ ଆହାରର ଆବଶ୍ୟକତା ରହିଥାଏ। ଛୋଟ ଛେଳି, ବଡ଼ ମେଣ୍ଢା, ଦୁଧର ସର, ତଳ ତଳିଆ ଦହି, ବଡ଼ ମାଛ ଓ କଅଁଳିଆ ଶାଗ ଖାଇବାକୁ ଭଲ ଲାଗେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: କେତୁଯୁକ୍ତ ଚନ୍ଦ୍ର କୋଣଭାବସ୍ଥ ଯୋଗୁ କର୍ମକ୍ଷେତ୍ରରେ ଟେନ୍‌ସନ ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ ଅନ୍ୟଥା ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିପାରେ। ପ୍ରତ୍ୟୁଷଯାତ୍ରା, ବାଣିଜ୍ୟ, ପରିବହନରେ କୌଣସି ଅସୁବିଧା ରହିବନାହିଁ। ଆବଶ୍ୟକତାନୁଯାୟୀ କୌଣସି ନୂତନ ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ**: ଦୀର୍ଘଦିନରୁ ସରକାରୀସ୍ତରରୁ ପ୍ରତୀକ୍ଷିତ ଖବରଟି ବନ୍ଧୁଙ୍କ ଜରିଆରେ ପାଇ ଖୁସି ହେବେ। ଆଜି ବନ୍ଧୁମିଳନ ସାଙ୍ଗକୁ ପୁରୁଣା ସମ୍ପର୍କ, ଜମିଜମା, ଗାଡ଼ିମୋଟର ବ୍ୟବସାୟରୁ ଲାଭବାନ୍ ହୋଇପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା ପୂର୍ବରୁ କଳହର ସମ୍ମୁଖୀନ ହେବାକୁପଡ଼ିପାରେ।

**ମିଥୁନ**: ଆଜି ଚନ୍ଦ୍ରଙ୍କର ଏକାଦଶ ରାଶିରେ ବୃହସ୍ପତି ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରିବେ। ଆନୁଷ୍ଠାନିକ କ୍ଷେତ୍ରରେ କିଛି ନୂତନ ପଦକ୍ଷେପ ନେବା ସକାଶେ ଚିନ୍ତା କରିପାରନ୍ତି। ଶିଳ୍ପ, ବ୍ୟବସାୟ, କାରିଗରି କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହେବେ। ଆଜି ସାମାନ୍ୟ ବିଳମ୍ବରେ ହେଲେ ମଧ୍ୟ ସ୍ଥଗିତ ରହିଯାଇଥିବା କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ।

**କର୍କଟ**: ଆଜିର ଗ୍ରହଯୋଗ ନୂତନ ବନ୍ଧୁସମ୍ପର୍କ ସହ ସମ୍ମାନଜନକ ସ୍ଥିତିକୁ ନେବାରେ ସାହାଯ୍ୟ କରିବ। ଦୀର୍ଘଦିନର ଆଶା ଫଳବତୀ ହେବ। ପାରିବାରିକ ସ୍ତରରେ ଆତ୍ମୀୟସ୍ୱଜନଙ୍କ ଦ୍ୱାରା କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକର ସୂଚନା ରହିଛି।

**ସିଂହ**: ମଙ୍ଗଳ ଓ ବୁଧ ୬ଷ୍ଠ ସ୍ଥାନରେ ରହିଥିବାରୁ ବନ୍ଧୁ ଗହଣରେ ସତ୍ୟ କହି ବିରୋଧୀ ହୋଇପାରନ୍ତି। ଆଜିର ସକାଳୁଆ ଯାତ୍ରା ଫଳପ୍ରଦ ହେବା ସାଙ୍ଗକୁ ଲକ୍ଷ୍ୟପୂରଣରେ ଅସୁବିଧା ରହିବ ନାହିଁ। ପରିବାରର ଗୁରୁତ୍ୱପୂର୍ଣ୍ଣ କାମ ଅର୍ଦ୍ଧସମ୍ପୂର୍ଣ୍ଣ ରହିଯାଇପାରେ। କର୍ମକ୍ଷେତ୍ରରେ ଆଲୋଚନାର ଶେଷ ସମୟରେ ନିଷ୍ପତ୍ତି ବଦଳାଇପାରନ୍ତି।

**କନ୍ୟା**: କେନ୍ଦ୍ର ଓ କୋଣସ୍ଥାନରେ ଗ୍ରହଙ୍କ ସ୍ଥିତିଜନିତ ପ୍ରତ୍ୟେକ କ୍ଷେତ୍ରରେ ସଫଳତାଜନିତ ଖୁସି ରହିବେ। ଦୀର୍ଘଦିନରୁ ଲାଗି ରହିଥିବା ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ବିଚଳିତ କରିପାରେ। ବିବାଦୀୟ ଘଟଣା, ଜମିଜମା କଳହ ତଥା ମାଲିମକଦ୍ଦମା ସମାଧାନର ଆଶା ରହିଛି। ସନ୍ତାନଙ୍କ କୃତି ଓ କୃତିତ୍ୱ କାରଣରୁ ନିଜକୁ ଗୌରବାନ୍ୱିତ ମନେକରିବେ।

**ତୁଳା**: ଭାଗ୍ୟସ୍ଥାନସ୍ଥ ବୃହସ୍ପତି ଯୋଗୁ ଆଜିର ଜୀବନଚର୍ଯ୍ୟା ଅନୁକୂଳ ବାତାବରଣରେ ପ୍ରୀତିପ୍ରଦ ରହିବ। ସାମାଜିକ ଚଳଣିରେ ଅର୍ଥ, କର୍ମକ୍ଷେତ୍ରରେ ସମ୍ମାନ ସହ ବନ୍ଧୁମିଳନରେ ଆପ୍ୟାୟିତ ହୋଇପାରନ୍ତି। ପାରିବାରିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ପଡ଼ୋଶୀ ସାହାଯ୍ୟର ପ୍ରତିଶ୍ରୁତି ଦେବା ସୂଚନା ରହିଛି।

**ବିଛା**: ନୂତନ ଯୋଜନା ପ୍ରଣୟନ ସହ ସାମାଜିକ ସମ୍ମାନ ଲାଭକରିବେ। ଆନୁଷ୍ଠାନିକ କାମ, ବାଣିଜ୍ୟ, ପରିବହନର ଅଭିବୃଦ୍ଧିରୁ ଖୁସି ରହିବେ। ପାରିବାରିକ ଅବ୍ୟବସ୍ଥା, ଅଫିସ୍ କାମରେ ଅନ୍ୟମନସ୍କତା ଓ ଈର୍ଷାଳୁଙ୍କ କୁତ୍ସାରଟନାରୁ ଚିନ୍ତିତ ରହିବେ। ଶୁକ୍ରଙ୍କ ପ୍ରଭାବରୁ କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରର ସମସ୍ୟା ସମାଧାନ ହେବ।

**ଧନୁ**: ପରିସ୍ଥିତିର ବିଷମତାକୁ ସାମ୍ୟତା ପ୍ରଦାନ କରିବାରେ ଆପଣଙ୍କ ଉଦ୍ୟମ ମୂଲ୍ୟହୀନ ହେବନାହିଁ। ବନ୍ଧୁବର୍ଗଙ୍କ ପ୍ରଶଂସା, ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ସୁଦୃଢ଼ ସ୍ଥିତି ମନୋବଳ ବୃଦ୍ଧିକରିବ। ପୂର୍ବାଷାଢ଼ା ନକ୍ଷତ୍ରର ମାନସିକ ଅବସାଦ ବୃଦ୍ଧି ଯୋଗୁ କାମ ଉତ୍ସାହପ୍ରଦ ହେବନାହିଁ। ବାଣିଜ୍ୟ, ପରିବହନ ଓ ଆନୁଷ୍ଠାନିକ କାର୍ଯ୍ୟରେ ସଫଳତା ପାଇବେ।

**ମକର**: ରାଶିରେ ଏକାଧିକ ଗ୍ରହଙ୍କ ସ୍ଥିତି ଚିନ୍ତାରେ ନିମଗ୍ନ କରାଇପାରେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ରହିବା କାରଣରୁ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମରେ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବାର ସୌଭାଗ୍ୟ ଅର୍ଜନ କରିବେ। ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ କାର୍ଯ୍ୟରେ ହସ୍ତକ୍ଷେପ କରିବା ଜମା ଠିକ୍ ହେବନାହିଁ।

**କୁମ୍ଭ**: କୋଣଭାବସ୍ଥ ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପରିବାରର ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ବାଧ୍ୟ ହେବେ। ବନ୍ଧୁ ଓ ପରିଜନଙ୍କ ସହ ଦର୍ଶନୀୟ ସ୍ଥାନ ଭ୍ରମଣର ସୁଯୋଗ ପାଇ ଖୁସି ହେବେ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଯାନ୍ତ୍ରିକ ତ୍ରୁଟିଜନିତ କ୍ଷୋଭ ପ୍ରକାଶ କରିପାରନ୍ତି।

**ମୀନ**: ଆଜିର ଅନୁକୂଳ ଗ୍ରହ ସଂଯୋଗ ଅର୍ଥ, ସମ୍ମାନ ସହ ବନ୍ଧୁମିଳନରୁ ଆନନ୍ଦ ଅନୁଭବ କରିବେ। ଶୁଣାକଥାକୁ ବିଶ୍ୱାସକଲେ ଅସୁବିଧାର ସମ୍ମୁଖୀନ ହେବେ। ଶତ୍ରୁତା କରୁଥିବା ବ୍ୟକ୍ତ ଆଗରେ ନ ହେଲେ ମଧ୍ୟ ପଛରେ ବିଭିନ୍ନ ପ୍ରକାର ମନଗଢ଼ା କଥା କହି ବୁଲିବେ। ବାଣିଜ୍ୟ, ଲେଖାପଢ଼ା, ଆଲୋଚନା, ମନୋରଞ୍ଜନରୁ ଖୁସି ରହିବେ।

ଆଜି ଫେବୃଆରୀ ୩ ତାରିଖ, ଫାଲ୍‌ଗୁନ କୃଷ୍ଣ ଦ୍ୱିତୀୟା ମଙ୍ଗଳବାର। ରାଶିନକ୍ଷତ୍ର-ମଘା/ସିଂହ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୯।୧୨ ଗତେ ଘ.୧୦।୫୩ ମଧ୍ୟେ, ଘ.୦୧।୦୭ ଗତେ ଘ. ୦୧।୨୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୪୮ ଗତେ ଘ.୦୪।୧୨ ମଧ୍ୟେ ରାହୁକାଳ।




# ଉତ୍କଳ ଦିବସରୁ ମିଶନ ଶକ୍ତି ମହିଳାଙ୍କୁ ମିଳିବ ନୂଆ ଡ୍ରେସ୍ କୋଡ୍

**ଭୁବନେଶ୍ୱର,୨।୨(ସୁଚିସ୍ମିତା ସାହୁ)**

ମିଶନ ଶକ୍ତି ମହିଳାଙ୍କ ଡ୍ରେସ୍ କୋଡ୍ ବଦଳିବ। ଏପ୍ରିଲ ୧ ଉତ୍କଳ ଦିବସରୁ ସେମାନେ ନୂଆ ଡ୍ରେସ୍ କୋଡ୍‌ରେ କାର୍ଯ୍ୟ କରିବେ। ଶାଢ଼ୀରେ ରହିବ ଓଡ଼ିଆ ଅସ୍ମିତାର ଝଲକ। ୪୬ ହଜାରରୁ ଊର୍ଦ୍ଧ୍ୱ କମ୍ୟୁନିଟି ରିସୋର୍ସ ପର୍ସନ୍ସ (ସିଆର୍‌ପି) ମହିଳାଙ୍କୁ ନୂଆ ସ୍ମାର୍ଟ ଫୋନ୍ ଏବଂ କମ୍ୟୁନିଟି ରିସୋର୍ସ ସପୋର୍ଟ ଷ୍ଟାଫ୍ (ସିଆର୍‌ଏସ୍‌ଏସ୍)ଙ୍କୁ ନୂଆ ଡ୍ରେସ୍ କୋଡ୍ ସହ ଆଇକାର୍ଡ ଦିଆଯିବ। ମିଶନ ଶକ୍ତି ଭବନଠାରେ ସୋମବାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ଚତୁର୍ଥ ପର୍ଯ୍ୟାୟ ସୁଧ ଫେରସ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ଘୋଷଣା କରିଛନ୍ତି।

ପ୍ରଭାତୀ କହିଛନ୍ତି, ମହିଳାଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ହେଉଛି ଓଡିଶାର ସାମଗ୍ରିକ ବିକାଶର ମୁଖ୍ୟ ଆଧାର। ଏହି ଲକ୍ଷ୍ୟକୁ ଆଗେଇ ନେବା ପାଇଁ ରାଜ୍ୟ ସରକାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ବ୍ୟାଙ୍କ ଋଣ ଉପରେ ସୁଧ ଫେରସ୍ତ କରି ମହିଳାମାନଙ୍କ ଜୀବନଜୀବିକାରେ ସକାରାତ୍ମକ ପରିବର୍ତ୍ତନ ଆଣୁଛନ୍ତି। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଜୀବିକାମୂଳକ ଓ ଦୀର୍ଘକାଳୀନ ଆର୍ଥିକ ମଡେଲ ଉପରେ କାମ କରୁଛନ୍ତି। ବ୍ୟାଙ୍କ ଋଣ ମାଧ୍ୟମରେ ଏସ୍‌ଏଚ୍‌ଜି ସଦସ୍ୟାମାନେ ନିଜ ଉଦ୍ୟୋଗକୁ ଆଗେଇ ନେଇପାରୁଛନ୍ତି। ଋଣରେ ସୁଧ ବୋଝ କମିଥିବାରୁ ସେମାନଙ୍କ ଆୟ ଓ ବ୍ୟବସାୟ ବୃଦ୍ଧି ପାଉଛି। ରାଜ୍ୟ ସରକାର ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣରେ ବାର୍ଷିକ ସୁଧହାରକୁ ଶୂନ ପ୍ରତିଶତ କରି ଏହାର ସମ୍ପୂର୍ଣ୍ଣ ସୁଧ ରାଶି ଏସ୍‌ଏଚ୍‌ଜି ସଦସ୍ୟାଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଭାବେ ଫେରସ୍ତ କରୁଛନ୍ତି। ଏହି ଅବସରରେ ସେ ୨,୮୦,୫୮୬ଟି ଏସ୍‌ଏଚ୍‌ଜିଙ୍କୁ ୧୯୭.୬୬ କୋଟି ଟଙ୍କାରୁ ଅଧିକ ସୁଧ ଫେରସ୍ତ ରାଶି ପ୍ରଦାନ କରିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ୫୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସୁଧ ଫେରସ୍ତ କରାଯାଇଛି। ଏହି ପଦକ୍ଷେପ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକୁ ଆର୍ଥିକ ଭାବେ ଅଧିକ ସଶକ୍ତ କରିବା ସହ ରାଜ୍ୟର ଆର୍ଥିକ ପ୍ରଗତିରେ ମହିଳାମାନଙ୍କ ଅବଦାନକୁ ଆହୁରି ସୁଦୃଢ଼ କରିଛି। କେନ୍ଦ୍ର ସରକାର ବଜେଟରେ ଲକ୍ଷପତି ଦିଦି ଯୋଜନାର ସମ୍ପ୍ରସାରଣ ଓ ସି-ମାର୍ଟ ଉପରେ ଗୁରୁତ୍ୱ ଦେଇ କ୍ଲଷ୍ଟର ସ୍ତରରେ ମହିଳା ସଶକ୍ତୀକରଣକୁ ଏକ ସୁଦୃଢ ଓ ଶକ୍ତିଶାଳୀ କର୍ମଦକ୍ଷ ଭାବେ ରୂପାନ୍ତରିତ ହେବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ ଏବଂ ଅତିରିକ୍ତ ଶାସନ ସଚିବ ଜ୍ୟୋତିଶଙ୍କର ମହାପାତ୍ର ଉପସ୍ଥିତ ଥିଲେ। ମିଶନ ଶକ୍ତି ବିଭାଗ, ଓଡିଶା ଜୀବିକା ମିଶନର ଅଧିକାରୀ ଓ ବିଭିନ୍ନ ବ୍ୟାଙ୍କର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜିଲା ଓ ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଏବଂ ଏସ୍‌ଏଚ୍‌ଜି ମାଆମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଧ ଫେରସ୍ତ କାର୍ଯ୍ୟକ୍ରମ ଆରମ୍ଭ କରୁଛନ୍ତି। ଉପସ୍ଥିତ ଅଛନ୍ତି ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ ଓ ଅତିରିକ୍ତ ଶାସନ ସଚିବ ଜ୍ୟୋତିଶଙ୍କର ମହାପାତ୍ର।

- ସିଆର୍‌ପିଙ୍କୁ ମିଳିବ ସ୍ମାର୍ଟ ଫୋନ, ସିଆର୍‌ଏସ୍‌ଏସ୍‌ଙ୍କୁ ଡ୍ରେସ୍, ଆଇକାର୍ଡ
- ଏସ୍‌ଏଚ୍‌ଜି ମାଆମାନଙ୍କୁ ୧୯୭. ୬୬ କୋଟି ସୁଧ ଟଙ୍କା ଫେରସ୍ତ ହେଲା

# ଲୋକଭବନରେ ରାଷ୍ଟ୍ରପତି

- ଆଜି ଯାଜପୁର, ବାଲେଶ୍ୱର କାର୍ଯ୍ୟକ୍ରମ ପରେ ପୁରୀ ଗସ୍ତ
- ସ୍ୱାଗତ କଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨।୨(ସୁନିତ୍ ମିଶ୍ର)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ୬ ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିଛନ୍ତି। ବିମାନବନ୍ଦରଠାରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଛନ୍ତି। ସେଠାରୁ ରାଷ୍ଟ୍ରପତି ସିଧାସଳଖ ଲୋକଭବନ ଅଭିମୁଖେ ଯାଇଛନ୍ତି। ଲୋକଭବନରେ ମଧ୍ୟ ଆଉଥରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳ ତାଙ୍କୁ ସ୍ୱାଗତ କରିଥିଲେ। ରାଷ୍ଟ୍ରପତି ଲୋକଭବନଠାରେ ରାତ୍ରିଯାପନ କରିବା ସହିତ ମଙ୍ଗଳବାର ଯାଜପୁର ଅଭିମୁଖେ ଗସ୍ତ କରିବେ। ଭୁବନେଶ୍ୱର ବିମାନବନ୍ଦରରୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଯାଜପୁର ପ୍ରଶାସନିକ ପଡ଼ିଆଠାରେ ଅବତରଣ କରିବେ। ସେଠାରୁ ସିଧା ମା' ବିରଜାଙ୍କ ଦର୍ଶନ କରିବେ। ଏହାପରେ ନାଭିଗୟାଠାରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ବାଲେଶ୍ୱର ଯାଇ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ସେଠାରେ ଏକ ନୂଆ ଅଡିଟୋରିୟମ ଉଦ୍‌ଘାଟନ କରିବେ। ଏହାପରେ ସେ ସିଧାସଳଖ ପୁରୀ ଅଭିମୁଖେ ଗସ୍ତ କରିବେ। ପୁରୀ ଲୋକଭବନରେ ସେ ରାତ୍ରିଯାପନ କରି ସକାଳୁ ଶ୍ୱେତଗଙ୍ଗା ପୁଷ୍କରିଣୀରେ ପିଣ୍ଡଦାନ କରିବା ପରେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେହିଦିନ ସେ ମୟୂରଭଞ୍ଜ ଅଭିମୁଖେ ଗସ୍ତ କରିବେ। ସେଠାରେ କେତେକ କାର୍ଯ୍ୟକ୍ରମରେ ସେ ଯୋଗଦେବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏହି ଅବସରରେ ତାଙ୍କ ସହିତ ଯୋଗଦେବେ। ୬ ତାରିଖରେ ଆଦିବାସୀ ସମ୍ପ୍ରଦାୟର ମହିଳା ଏବଂ ଯୁବକମାନଙ୍କ ସହିତ ବାର୍ତ୍ତାଳାପ କରି ଭୁବନେଶ୍ୱରଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ୭ ତାରିଖରେ ସେ ଛତିଶଗଡ଼ ଅଭିମୁଖେ ଗସ୍ତ କରିବେ। ତେବେ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଭୁବନେଶ୍ୱର, ଯାଜପୁର, ବାଲେଶ୍ୱର ଏବଂ ପୁରୀଠାରେ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି। ରାଜଧାନୀରେ ରାଷ୍ଟ୍ରପତିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି।


ଭୁବନେଶ୍ୱର ବିମାନବନ୍ଦରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ସ୍ୱାଗତ କରୁଛନ୍ତି।

# ଇଗ୍ନୁ ନାମଲେଖା, ପୁନଃ ପଞ୍ଜୀକରଣ ଅବଧି ୧୫କୁ ବୃଦ୍ଧି

**ଭୁବନେଶ୍ୱର,୨।୨(ସୁଚିସ୍ମିତା ସାହୁ)**

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୁ)ରେ ଜାନୁଆରୀ-୨୦୨୬ ଶିକ୍ଷା ସତ୍ର ପାଇଁ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ପ୍ରକ୍ରିୟାକୁ ଫେବୃଆରୀ ୧୫କୁ ବୃଦ୍ଧି କରାଯାଇଛି। ବିଜ୍ଞପ୍ତି ଅନୁସାରେ, ସମସ୍ତ ବିଭାଗରେ ଅଣ୍ଡର ଗ୍ରାଜୁଏଟ୍ (ସ୍ନାତକ), ପୋଷ୍ଟ ଗ୍ରାଜୁଏଟ (ସ୍ନାତକୋତ୍ତର) ପିଜି ଡିପ୍ଲୋମା (ସ୍ନାତକୋତ୍ତର ଡିପ୍ଲୋମା), ସାର୍ଟିଫିକେଟ ପ୍ରୋଗ୍ରାମରେ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ଅବଧି ବୃଦ୍ଧି କରାଯାଇଛି। ସ୍ନାତକ ପ୍ରୋଗ୍ରାମ - କଳା (ସାଧାରଣ), ବିଜ୍ଞାନ (ସାଧାରଣ), ବାଣିଜ୍ୟ (ସାଧାରଣ) ବିଭାଗରେ ନାମ ପଞ୍ଜିକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଆବେଦକଙ୍କ ପାଇଁ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ଦେୟ ୫୦% ଛାଡ଼ କରାଯାଇଛି। ଅନ୍ୟ କୌଣସି ସୂତ୍ରରୁ ରିହାତି ସୁବିଧା ପାଉଥିଲେ ଏହି ରିହାତି ପାଇବାକୁ ଯୋଗ୍ୟ ହେବେ ନାହିଁ। ଏ ସଂକ୍ରାନ୍ତ ସମସ୍ତ ତଥ୍ୟ ଓ ସୂଚନା ଇଗ୍ନୁ ୱେବ୍‌ସାଇଟ www.ignou.ac.in ଏବଂ ଲିଙ୍କ୍ http//ignouadmission.samarth.edu.inରେ ଉପଲବ୍ଧ ରହିଛି। ଇଗ୍ନୁର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।


# ଭାରତର ବିକାଶଶୀଳ ଇକ୍ୱିଟି ବଜାର ଏବଂ ଫ୍ଲେକ୍ସି କ୍ୟାପ୍ ଫଣ୍ଡର ଡିଜାଇନ୍

ଯଦି ଆପଣ କିଛି ବର୍ଷ ଧରି ଭାରତୀୟ ଇକ୍ୱିଟି ଉପରେ ନଜର ରଖି ଆସିଛନ୍ତି, ତେବେ ଆପଣ ବୋଧହୁଏ ଗୋଟିଏ କଥା ଲକ୍ଷ୍ୟ କରିଥିବେ ଯେ, ବଜାର ନେତୃତ୍ୱ କଦାପି ଅଧିକ ସମୟ ଧରି ବଜାୟ ରହି ନ ଥାଏ । ବେଳେବେଳେ, ଲାର୍ଜ କ୍ୟାପ୍ ଷ୍ଟକ୍ ଗୁଡ଼ିକ ସବୁଠାରୁ ସୁରକ୍ଷିତ ସ୍ଥାନ ଭଳି ଅନୁଭୂତ ହୋଇଥାଏ । ଅନ୍ୟ ସମୟରେ, ମିଡ୍ ଏବଂ ସ୍ମଲ୍ କ୍ୟାପ୍ କମ୍ପାନୀଗୁଡିକ ବିନା ଜାକଜମକରେ ରିଟର୍ଣ୍ଣ ଚାର୍ଟକୁ ଅଧିଗ୍ରହଣ କରିନିଅନ୍ତି । ଏହି ନିରନ୍ତର ପରିବର୍ତ୍ତନ ଅସ୍ୱାଭାବିକ ନୁହେଁ । ଇକ୍ୱିଟି ବଜାର ଏହିଭଳି ହିଁ ବିକଶିତ ହୋଇଥାଏ ।

ଜଣେ ନିବେଶକ ଭାବରେ, ଏପରି ଆବର୍ତ୍ତନକୁ ବୁଝିବା ଆପଣଙ୍କୁ ପାଣ୍ଠି ବର୍ଗ ବିଷୟରେ ଭଲ ଭାବରେ ବୁଝିବାରେ ସାହାଯ୍ୟ କରିପାରିବ ଯାହାକୁ ବଜାର ସହିତ ତାଳ ଦେଇ ଅଗ୍ରଗତି କରିବା ପାଇଁ ଡିଜାଇନ୍ କରାଯାଇଛି ।

## ସମୟ ସହିତ ନେତୃତ୍ୱ କିପରି ପରିବର୍ତ୍ତନ ହୁଏ

ଏପରି କିଛି ପର୍ଯ୍ୟାୟ ଅଛି ଯେତେବେଳେ ଶକ୍ତିଶାଳୀ ବାଲାନ୍ସ ସିଟ୍ ସହିତ ପ୍ରତିଷ୍ଠିତ କମ୍ପାନୀଗୁଡିକ ରିଟର୍ଣ୍ଣ ଉପରେ ପ୍ରାଧାନ୍ୟ ବିସ୍ତାର କରନ୍ତି । ଏହି ଅବଧି ପ୍ରାୟତଃ ଅର୍ଥନୈତିକ ଅନିଶ୍ଚିତତା କିମ୍ବା ବୈଶ୍ୱିକ ଅସ୍ଥିରତା ସମୟରେ ହିଁ ଉଭା ହୋଇଥାଏ, ଯେତେବେଳେ ନିବେଶକମାନେ ସ୍ଥିରତାକୁ ପସନ୍ଦ କରିଥାନ୍ତି । ଅନ୍ୟ ସମୟରେ, ବଢୁଥିବା ବ୍ୟବସାୟଗୁଡିକ ଘରୋଇ ଚାହିଦା, ପଲିସିର ସମର୍ଥନ କିମ୍ବା କ୍ଷେତ୍ର ନିର୍ଦ୍ଦିଷ୍ଟ ଗତିରେ ଉନ୍ନତି ଆଣି ଉପକୃତ ହୁଅନ୍ତି । ସେତେବେଳେ ମଧ୍ୟମ ଏବଂ ଛୋଟ କ୍ୟାପ୍ ଷ୍ଟକ୍ ଭଲ ପ୍ରଦର୍ଶନ କରିବାକୁ ଲାଗେ । ଏହି ଚକ୍ରଗୁଡିକ ଏକ ନିର୍ଦ୍ଦିଷ୍ଟ ସମୟ ସାରଣୀ ଅନୁସରଣ କରେ ନାହିଁ । ସେଗୁଡ଼ିକ ଅର୍ଥନୈତିକ ଅବସ୍ଥା, ଆୟ ବୃଦ୍ଧି, ଲିକ୍ୱିଡିଟି ଏବଂ ନିବେଶକଙ୍କ ଭାବନାର ମିଶ୍ରଣ ଉପରେ ନିର୍ଭର କରିଥାଏ । ପରବର୍ତ୍ତୀ ସମୟରେ କେଉଁ ବଜାର ଖଣ୍ଡ ଅଗ୍ରଣୀ ରହିବ ତାହା କ୍ରମାଗତ ଭାବରେ ପୂର୍ବାନୁମାନ କରିବାକୁ ଚେଷ୍ଟା କରିବା ଅଭିଜ୍ଞ ନିବେଶକମାନଙ୍କ ପାଇଁ ମଧ୍ୟ କଷ୍ଟସାଧ୍ୟ ହୋଇପାରେ ।

## ଆପଣଙ୍କ ପୋର୍ଟଫୋଲିଓରେ ନମନୀୟତା କାହିଁକି ଗୁରୁତ୍ୱପୂର୍ଣ୍ଣ

ଏକ କମ୍ପାନୀ କେତେ ବିପଦପୂର୍ଣ୍ଣ କିମ୍ବା ସ୍ଥିର ହୋଇପାରେ ତାହା ବୁଝିବା ପାଇଁ ପ୍ରାୟତଃ ବଜାର ପୁଞ୍ଜିକରଣକୁ ବ୍ୟବହାର କରାଯାଇଥାଏ । ଲାର୍ଜ କ୍ୟାପ୍ ଷ୍ଟକ୍‌ଗୁଡ଼ିକ ସାଧାରଣତଃ ଅଧିକ ସ୍ଥିର ରହିଥାଏ, ଯେତେବେଳେ କି ମିଡ୍ ଏବଂ ସ୍ମଲ୍ କ୍ୟାପ୍ ଷ୍ଟକ୍ ଗୁଡ଼ିକ ଦ୍ରୁତ ଗତିରେ ବୃଦ୍ଧି କିମ୍ବା ଅଧିକ ତୀବ୍ର ଗତିରେ ବୃଦ୍ଧି ଏବଂ ହ୍ରାସ ପାଇପାରେ । ଯଦି ଆପଣଙ୍କ ନିବେଶ କେବଳ ଗୋଟିଏ ଖଣ୍ଡ (ସେଗମେଣ୍ଟ)ରେ ସୀମିତ ରହିଛି, ତେବେ ବଜାର ନେତୃତ୍ୱରେ ପରିବର୍ତ୍ତନ ଆପଣଙ୍କ ପୋର୍ଟଫୋଲିଓ ମାତ୍ରାଧିକ ଭାବେ ପ୍ରଭାବିତ ହୋଇପାରେ ।

ଏହିଭଳି ପରିସ୍ଥିତିରେ ହିଁ ଫ୍ଲେକ୍ସି କ୍ୟାପ୍ ଫଣ୍ଡ୍‌ଗୁଡ଼ିକର ପ୍ରାସଙ୍ଗିକତା ଅନୁଭୂତ ହୋଇଥାଏ ।

## ଫ୍ଲେକ୍ସି କ୍ୟାପ୍ ଫଣ୍ଡ୍‌ଗୁଡିକ କିପରି ଡିଜାଇନ୍ କରାଯାଏ

ଏକ ଫ୍ଲେକ୍ସି କ୍ୟାପ୍ ଫଣ୍ଡ ସ୍ଥିର ଆବଣ୍ଟନ ସୀମା ବିନା ଲାର୍ଜ, ମିଡ୍ ଏବଂ ସ୍ମଲ୍ କ୍ୟାପ୍ ଷ୍ଟକରେ ବିନିଯୋଗ କରିପାରିବ । ଏହା ଫଣ୍ଡ ମ୍ୟାନେଜରଙ୍କୁ ପରିବର୍ତ୍ତିତ ବଜାର ସ୍ଥିତି, ମୂଲ୍ୟାଙ୍କନ ଏବଂ ଆୟ ଦୃଶ୍ୟମାନତା ପ୍ରତି ପ୍ରତିକ୍ରିୟାଶୀଳ ହେବାର ସ୍ୱାଧୀନତା ଦେଇଥାଏ ।

ଯଦି ଲାର୍ଜ କ୍ୟାପ୍ ଷ୍ଟକ୍‌ଗୁଡ଼ିକ ଯଥେଷ୍ଟ ମୂଲ୍ୟବାନ ଏବଂ ସ୍ଥିର ଦେଖାଯାଏ, ତେବେ ଫଣ୍ଡ ସେଗୁଡ଼ିକରେ ଅଧିକ ନିବେଶ କରିପାରେ । ଯେତେବେଳେ ମିଡ୍ କିମ୍ବା ସ୍ମଲ୍ କ୍ୟାପ୍ ଷ୍ଟକ୍‌ଗୁଡ଼ିକ ଉତ୍ତମ ଅଭିବୃଦ୍ଧି ସମ୍ଭାବନା ପ୍ରଦାନ କରନ୍ତି, ସେତେବେଳେ ଆବଣ୍ଟନ ସେଠାକୁ ସ୍ଥାନାନ୍ତରିତ ହୋଇପାରେ । ବାରମ୍ବାର ଟ୍ରେଡିଂ କରିବା ନୁହେଁ, ବରଂ ଉଦ୍ଦେଶ୍ୟ ହେଉଛି ସମୟ ସହିତ ବଜାରର ପରିବର୍ତ୍ତନଶୀଳ ଅବସ୍ଥା ସହିତ ନିଜକୁ ନମନୀୟ ରଖିବା ।


ସିଦ୍ଧାର୍ଥ ଦମାନି
ମୁଖ୍ୟ, ନିବେଶକ ଶିକ୍ଷା ଏବଂ ବିତରକ ବିକାଶ

## ଆପଣ କ'ଣ ମନେରଖିବା ଉଚିତ୍

ନମନୀୟତା ସାହାଯ୍ୟକାରୀ ହୋଇପାରେ କିନ୍ତୁ ଏହା ବଜାର ବିପଦକୁ ଦୂର କରେ ନାହିଁ । ଫଣ୍ଡ୍ ମ୍ୟାନେଜର ବିଭିନ୍ନ ବଜାର ପର୍ଯ୍ୟାୟକୁ କେତେ ଭଲ ଭାବରେ ପରିଚାଳନା କରନ୍ତି ତାହା ଉପରେ ଏହି ଫଣ୍ଡ୍‌ର ପ୍ରଦର୍ଶନ ନିର୍ଭର କରିଥାଏ । ଆପଣ ମଧ୍ୟ ବଜାରର ଉଚ୍ଚ ଉତ୍ଥାନ ପତନ ଅନୁଭବ କରିପାରନ୍ତି, ବିଶେଷ କରି ଯେତେବେଳେ ଫଣ୍ଡ୍ ଅଧିକାଂଶ ଭାବେ ଛୋଟ ଛୋଟ କମ୍ପାନୀରେ ନିବେଶିତ ହୋଇଥିବ ।

ଆପଣ ମଧ୍ୟ ଏହି ନିବେଶଗୁଡ଼ିକୁ ଆପଣଙ୍କର ସମୟ ଆବଶ୍ୟକତା ସହିତ ସୁସଙ୍ଗତ କରି ରଖିବା ଉଚିତ । ଇକ୍ୱିଟି ବଜାର ଧୈର୍ଯ୍ୟକୁ ପୁରସ୍କୃତ କରିଥାଏ, ଏବଂ ଯଦି ଆପଣ ଦୀର୍ଘକାଳୀନ ଦୃଷ୍ଟିକୋଣ ରଖି ନିବେଶ କରୁଛନ୍ତି, ତେବେ ଫ୍ଲେକ୍ସି କ୍ୟାପ୍ ଫଣ୍ଡ ସାଧାରଣତଃ ଅଧିକ ଉପଯୁକ୍ତ ହୋଇଥାଏ ।

## ଉପସଂହାର

ଭାରତର ଇକ୍ୱିଟି ବଜାରରେ ପରିବର୍ତ୍ତନ ଜାରି ରହିବ ଏବଂ କମ୍ପାନୀଗୁଡ଼ିକର ଆକାର ଏବଂ କ୍ଷେତ୍ର ନିର୍ବିଶେଷରେ ନେତୃତ୍ୱର ଆବର୍ତ୍ତନ ମଧ୍ୟ ଜାରି ରହିବ । ଫ୍ଲେକ୍ସି କ୍ୟାପ୍ ଫଣ୍ଡ୍‌ଗୁଡିକୁ ଏହି ବାସ୍ତବତାକୁ ଆଧାର କରି କାର୍ଯ୍ୟ କରିବା ପାଇଁ ଡିଜାଇନ୍ କରାଯାଇଛି, ଯାହା ବଜାରର ଏକ ସ୍ଥିର ଦୃଶ୍ୟ ପରିବର୍ତ୍ତେ ବିବିଧକରଣ ଏବଂ ଅନୁକୂଳତା ପ୍ରଦାନ କରିଥାଏ । ସବୁଥର ପରି, କୌଣସି ନିବେଶ ନିଷ୍ପତ୍ତି ନେବା ପୂର୍ବରୁ ଆପଣଙ୍କ ବ୍ୟାପକ ଆର୍ଥିକ ଯୋଜନାରେ ଏହିପରି ପାଣ୍ଠି କିପରି ସୁହାଇବ ତାହା ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

*ଦାବିତ୍ୟାଗ:*

*ନିବେଶକ ଶିକ୍ଷା ଓ ସଚେତନତା ପାଇଁ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ଏକ ପ୍ରୟାସ ।*

*ସମସ୍ତ ନିବେଶକଙ୍କୁ ଥରେ ଏକକାଳୀନ କେୱାଇସି (ନିଜ ଗ୍ରାହକଙ୍କୁ ଜାଣନ୍ତୁ) ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିବ । ନିବେଶକମାନେ କେବଳ ସେବି ସହ ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ଉଚିତ । କେୱାଇସି ଉପରେ ଅଧିକ ସୂଚନା, ସେବି ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡଗୁଡ଼ିକର ତାଲିକା ଏବଂ ଅଭିଯୋଗ ନିରାକରଣ ପଦ୍ଧତିର ବିବରଣୀ ସମେତ ସେବି ସ୍କୋର୍ସ ପୋର୍ଟାଲ ବିଷୟରେ ଅଧିକ ଜାଣିବା ପାଇଁ ଏହି ଲିଙ୍କ୍ ପରିଦର୍ଶନ କରନ୍ତୁ:* **https://mutualfund.adityabirlacapital.com/Investor-Education/education/kyc-and-redressal**

*ମ୍ୟୁଚୁଆଲ ଫଣ୍ଡ ନିବେଶଗୁଡ଼ିକ ବଜାରର କ୍ଷତିଭୟ ଅଧୀନ ଅଟେ, ଯୋଜନା ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ ଧ୍ୟାନପୂର୍ବକ ପଢ଼ନ୍ତୁ ।*

ଅଧିକ ଜାଣିବା ପାଇଁ ସ୍କାନ୍ କରନ୍ତୁ

Aditya Birla Sun Life Mutual Fund

ADITYA BIRLA CAPITAL
MUTUAL FUNDS





ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ– ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ– କଷ୍ଟଭୋଗୀ ସତ୍ତା।–**ଶ୍ରୀଅରବିନ୍ଦ**



# ବୋତଲ ବେପାର

ପାଣିର ଉପସ୍ଥିତି ଯୋଗୁ ପୃଥିବୀରେ ଆମେ ତିଷ୍ଠିଛେ। ସେହି ପାଣି ଏବେ ଦ୍ରୁତଗତିରେ ପ୍ରଦୂଷିତ ହେବାରେ ଲାଗିଛି। କୁହାଯାଉଛି, ଭବିଷ୍ୟତରେ ସବୁଠାରୁ ବଡ଼ ସଙ୍କଟ ଭାବେ ଜଳ ଉଭା ହେବ। ନିକଟ ଅତୀତକୁ ଦେଖିଲେ ମଧ୍ୟପ୍ରଦେଶର ଇନ୍ଦୋରରେ ଦୂଷିତ ପାଣି ପିଇ ୧୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଓଡ଼ିଶାର ଆଠଗଡ଼ ସମେତ ଅନେକ ଅଞ୍ଚଳରେ ଭୂତଳ ଜଳରେ ଅଧିକ ମାତ୍ରାରେ ଫ୍ଲୋରାଇଡ୍ ଥିବା ଯୋଗୁ ଲିଭର ଓ କିଡ୍‌ନୀଜନିତ ରୋଗରେ ବାସିନ୍ଦାମାନେ ଆକ୍ରାନ୍ତ ହେଉଛନ୍ତି। ଗଙ୍ଗା, ଯମୁନା ଭଳି ସବୁ ବଡ଼ ନଦୀର ଜଳଉତ୍ସ ପ୍ରାୟ ବିଷାକ୍ତ ହୋଇଯାଇଛି। ଶିଳ୍ପର ବର୍ଜ୍ୟ, ନର୍ଦ୍ଦମାରୁ ବହିଯାଉଥିବା ମଇଳା ଏପରିକି ଲୋକଙ୍କ ଘରର ଆବର୍ଜନା ସବୁ ନଦୀ ବା ସମୁଦ୍ରକୁ ସିଧା ଛଡ଼ାଯାଉଛି। କେତେକ ରିପୋର୍ଟ ଅନୁସାରେ, ଭାରତର ୭୦ ପ୍ରତିଶତ ଭୂତଳ ଜଳ ପ୍ରଦୂଷିତ ଓ ଟ୍ୟାପ୍ ପାଣି ପିଇବା ଅନୁପଯୁକ୍ତ। ସ୍ୱଚ୍ଛ ପାଣି ପାଇବା ପାଇଁ ଧନୀ ଓ ମଧ୍ୟବିତ୍ତ ବ୍ୟକ୍ତିମାନେ ଅର୍ଥ ଦେଇ ପାଣି ବୋତଲ କିଣୁଛନ୍ତି। ପରିସ୍ଥିତି ଏମିତି ହେଲାଣି ଯେ, ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ କିଛି ସ୍ଥାନରେ ପାଣି କିଣି ପିଇଲେଣି। ଏଭଳିସ୍ଥଳେ ବୋତଲରେ ପାଣି ପୂରାଇ ବିଭିନ୍ନ ବର୍ଗର ଲୋକଙ୍କୁ ବିକିବା ପାଇଁ ଅନେକ କମ୍ପାନୀ ଆଗେଇ ଆସିଲେଣି। ୧୦ଟଙ୍କିଆ ପତଳା ପ୍ଲାଷ୍ଟିକ ବୋତଲଠାରୁ ଆରମ୍ଭ କରି ୧୦୦୦ ଟଙ୍କିଆ କାଚ ବୋତଲରେ 'ସ୍ପାର୍କଲିଂ ୱାଟର' ବଜାରକୁ ଆସିଲାଣି। ସାଧାରଣରେ ମାଗଣାରେ ମିଳୁଥିବା ପାଣିକୁ ଏବେ ଏକ ଦୁର୍ଲଭ ସାମଗ୍ରୀ ଭାବେ ଚିକ୍କଣିଆ ସ୍ଲୋଗାନ ଦେଇ ବିକ୍ରି କରାଯାଉଛି। ଏହା ବର୍ତ୍ତମାନ ଏକ ବିରାଟକାୟ ବ୍ୟବସାୟରେ ପରିଣତ ହୋଇ ବିଲିୟନ ଆମେରିକୀୟ ଡଲାର ଛୁଇଁଲାଣି। ପୁଣି ପ୍ରିମିୟମ ସେଗ୍‌ମେଣ୍ଟରେ ଅଧିକ ଅର୍ଥ ଟାଣିବା ପାଇଁ ବିଭିନ୍ନ ସ୍ୱାଦ ଓ ରଙ୍ଗର ପାଣି ମଧ୍ୟ ମିଳିଲାଣି।

**ପାଣିର ଏ ବଡ଼ କାରବାର ଦେଖି ଅନେକ ସ୍ଥାନରେ ନକଲି ମିନେରାଲ ୱାଟର ସଂସ୍ଥା ବାହାରି ପଡ଼ିଲେଣି, ଯେଉଁମାନେ କି ନଳରେ ଆସୁଥିବା ପାଣିକୁ ମଧ୍ୟ ପ୍ଲାଷ୍ଟିକ ବୋତଲରେ ପୂରାଇ ବେପାର ଚଳାଇଛନ୍ତି। ବଡ଼ ହୋଟେଲ ଓ ରେଷ୍ଟୁରାଣ୍ଟରେ ବହୁରାଷ୍ଟ୍ରୀୟ କମ୍ପାନୀର ପାଣି ବୋତଲ ପର୍ଯ୍ୟାପ୍ତ ବ୍ୟବହାର ହେଉଥିବା ବେଳେ ଯେଉଁ ଗ୍ରାମାଞ୍ଚଳରେ ଜଳ ପର୍ଯ୍ୟାପ୍ତ ପରିମାଣରେ ମିଳୁଛି, ସେଠାକୁ ମଧ୍ୟ ବୋତଲ ପାଣି ସଂସ୍କୃତି ପ୍ରବେଶ କରିଗଲାଣି।**

ଏଭଳି ସ୍ଥଳେ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଭାରତର ସମ୍ଭ୍ରାନ୍ତ ଶ୍ରେଣୀ ଏବେ ସାଧାରଣ ପାଣି ପରିବର୍ତ୍ତେ ବିଦେଶୀ ଓ ପ୍ରାକୃତିକ ଝରଣାର ପାଣି ପାଇଁ ଅନେକ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। ଯେଉଁଠାରେ ସାଧାରଣ ପାଣି ବୋତଲ ୨୦ ଟଙ୍କାରେ ମିଳେ, ସେଠାରେ ଧନୀ ଭାରତୀୟମାନେ ଗୋଟିଏ ବୋତଲ ପାଣି ପାଇଁ ୮୦୦ରୁ ୧୦୦୦ ଟଙ୍କା ଦେବାକୁ ଆଗେଇ ଆସୁଛନ୍ତି। ଏହା କେବଳ ଶୋଷ ମେଣ୍ଟାଇବା ପାଇଁ ନୁହେଁ, ବରଂ ନିଜର ଜୀବନଶୈଳୀ ଓ ସ୍ୱାସ୍ଥ୍ୟ ପ୍ରତି ସଚେତନତା ଦେଖାଇବା ଲାଗି ଉଦ୍ଦିଷ୍ଟ ବୋଲି କୁହାଯାଇପାରେ। ଲୋକଙ୍କ ବ୍ୟଗ୍ରତା ଦେଖି ବହୁରାଷ୍ଟ୍ରୀୟ ଓ ଜାତୀୟ କମ୍ପାନୀଗୁଡ଼ିକ 'ପ୍ରିମିୟମ୍ ୱାଟର' ପ୍ରସ୍ତୁତ କରିବାରେ ଲାଗିପଡ଼ିଛନ୍ତି। ଏବେ କୁହାଯାଉଛି ଯେ, ଘରୋଇ ଆର୍‌ଓ (ରିଭର୍ସ ଓସ୍‌ମୋସିସ୍) ପ୍ୟୁରିଫାୟାର ପାଣିରୁ ଜରୁରୀ ଖଣିଜ ପଦାର୍ଥ ବାହାର କରିଦିଏ। ସେଥିପାଇଁ ସେମାନେ ହିମାଳୟ କିମ୍ବା ୟୁରୋପର ପର୍ବତମାଳାରୁ ଆସୁଥିବା 'ନାଚ୍ୟୁରାଲ ମିନେରାଲ ୱାଟର' ପସନ୍ଦ କରୁଛନ୍ତି।

ଅର୍ଥଶାସ୍ତ୍ରରେ ଦୁଇ ପ୍ରକାର ସାମଗ୍ରୀ କଥା କୁହାଯାଇଛି। ମୁକ୍ତ ସାମଗ୍ରୀ ଓ ଅର୍ଥନୈତିକ ସାମଗ୍ରୀ। ସାଧାରଣରେ ଉପଲବ୍ଧ ପାଣି ସମସ୍ତଙ୍କ ପାଇଁ ମୁକ୍ତ ହୋଇଥିବା ବେଳେ ବଜାରରେ ବୋତଲଭର୍ତ୍ତି ପାଣି ଅର୍ଥନୈତିକ ସାମଗ୍ରୀ ପର୍ଯ୍ୟାୟଭୁକ୍ତ। ଏବେ ପ୍ରିମିୟମ ୱାଟର କଥା ଚର୍ଚ୍ଚା ହେଉଛି। ଭାରତ ସମେତ ବିଶ୍ୱବ୍ୟାପୀ ପାଣି ବୋତଲ ବ୍ୟବସାୟ ବଢ଼ିଚାଲିଛି। ବର୍ତ୍ତମାନ ସ୍ଥିତିରେ ଯେଉଁଭଳି ଭାବେ ପାଣି ସଙ୍କଟ ଦେଖାଦେବା ସହ ଆନ୍ତଃରାଜ୍ୟ ଓ ଆନ୍ତଃରାଷ୍ଟ୍ର ଦ୍ୱନ୍ଦ୍ୱ ବଢ଼ିଚାଲିଛି, କୁହାଗଲାଣି ଯଦି କେବେ ତୃତୀୟ ବିଶ୍ୱଯୁଦ୍ଧ ହୁଏ ତାହା ହେଲେ ପାଣି ହେବ ବିବାଦର ବିନ୍ଦୁ। ମନେରଖିବାକୁ ହେବ ଯେ, ଯେଉଁମାନେ ପାଣି ବୋତଲ ବ୍ୟବସାୟ କରୁଛନ୍ତି ସେମାନେ ପାଣି ତିଆରି କରୁ ନାହାନ୍ତି, ବରଂ ତାହାର ଉତ୍ସ, ପ୍ୟାକେଜିଂ ବିଷୟରେ କେବଳ ଭଲ ଭାବେ ଉଲ୍ଲେଖ କରୁଛନ୍ତି। ଯିଏ ଯେଭଳି ବ୍ରାଣ୍ଡିଂ କରିପାରିଲେ ସେହି ଅନୁଯାୟୀ ପାଣି ବିକି ଚାଲୁଛନ୍ତି। ଏଭଳି ସ୍ଥଳେ ଫ୍ରାନ୍ସର ଏଭିଆନ୍, ଆମେରିକାର ସାରାଟୋଗା, ଭାରତର ହିମାଳୟନ, ଆଭା, ବିସ୍‌ଲେରି ଆଦି ବୋତଲ କମ୍ପାନୀ ସେମାନଙ୍କ ଗ୍ରାହକଙ୍କ ସଂଖ୍ୟା ବଢ଼ାଇ ଚାଲିଛନ୍ତି। ଅଧିକାଂଶ କ୍ଷେତ୍ରରେ ଏହିସବୁ କମ୍ପାନୀ ପ୍ଲାଷ୍ଟିକ୍ ବୋତଲରେ ପାଣି ବିକୁଛନ୍ତି। ନୂଆ ଗବେଷଣାରୁ ଜଣାପଡୁଛି ଯେ, ଏଭଳି ପାଣିରେ ଅଧିକ ମାତ୍ରାରେ ମାଇକ୍ରୋପ୍ଲାଷ୍ଟିକ୍ ରହୁଛି, ଯାହା ଶରୀର ପାଇଁ କ୍ଷତିକାରକ। ଏଥିସହିତ ସେହି ପ୍ଲାଷ୍ଟିକ ବୋତଲ ପ୍ରଦୂଷଣର କାରଣ ମଧ୍ୟ ପାଲଟୁଛି। ପାଣିର ଏ ବଡ଼ କାରବାର ଦେଖି ଅନେକ ସ୍ଥାନରେ ନକଲି ମିନେରାଲ ୱାଟର ସଂସ୍ଥା ବାହାରି ପଡ଼ିଲେଣି, ଯେଉଁମାନେ କି ନଳରେ ଆସୁଥିବା ପାଣିକୁ ମଧ୍ୟ ପ୍ଲାଷ୍ଟିକ ବୋତଲରେ ପୂରାଇ ବେପାର ଚଳାଇଛନ୍ତି। ବଡ଼ ହୋଟେଲ ଓ ରେଷ୍ଟୁରାଣ୍ଟରେ ବହୁରାଷ୍ଟ୍ରୀୟ କମ୍ପାନୀର ପାଣି ବୋତଲ ପର୍ଯ୍ୟାପ୍ତ ବ୍ୟବହାର ହେଉଥିବା ବେଳେ ଯେଉଁ ଗ୍ରାମାଞ୍ଚଳରେ ଜଳ ପର୍ଯ୍ୟାପ୍ତ ପରିମାଣରେ ମିଳୁଛି, ସେଠାକୁ ମଧ୍ୟ ବୋତଲ ପାଣି ସଂସ୍କୃତି ପ୍ରବେଶ କରିଗଲାଣି।

ପ୍ରଦୂଷଣ ନିୟନ୍ତ୍ରଣ, ଜଳଉତ୍ସ ସଂରକ୍ଷଣ ଓ ବିଶୁଦ୍ଧ ପାନୀୟଜଳ ଯୋଗାଇବାର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉ ନାହିଁ। ଏହି ଧାରା ଜାରି ରହିଲେ ଆଗକୁ କମ୍ପାନୀଗୁଡ଼ିକ ବିଶୁଦ୍ଧ ପାଣି ସହ ପବନ ମଧ୍ୟ ବିକିବାକୁ ଆଗେଇ ଆସିବେ।

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | 9 | 2 | | | | 3 |
| | | | | 3 | 1 | | 4 | |
| | 5 | 2 | 6 | | 7 | | 1 | |
| | 1 | | 7 | 8 | | | | |
| | | 9 | 4 | | 3 | | | 6 |
| 7 | | | | | 2 | | | 5 |
| 2 | 8 | 5 | | | 4 | | 6 | |
| | 4 | | | | 9 | | 3 | |
| 6 | | | | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 8 | 6 | 4 | 7 | 9 | 5 | 3 |
| 5 | 3 | 4 | 1 | 8 | 9 | 2 | 6 | 7 |
| 9 | 6 | 7 | 2 | 5 | 3 | 8 | 4 | 1 |
| 4 | 1 | 5 | 9 | 7 | 8 | 3 | 2 | 6 |
| 6 | 7 | 2 | 5 | 3 | 1 | 4 | 8 | 9 |
| 8 | 9 | 3 | 4 | 6 | 2 | 7 | 1 | 5 |
| 3 | 4 | 6 | 7 | 2 | 5 | 1 | 9 | 8 |
| 7 | 5 | 1 | 8 | 9 | 4 | 6 | 3 | 2 |
| 2 | 8 | 9 | 3 | 1 | 6 | 5 | 7 | 4 |

ଗତକାଲିର ଉତ୍ତର

# ବଜେଟ: ବିକଶିତ ଭାରତ, ଓଡ଼ିଶାର ନକ୍ସା



ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସଂସଦରେ ମୋଦି ସରକାରଙ୍କର ଦ୍ୱାଦଶ ବର୍ଷରେ ଦେଶର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଲଗାତର ନବମ ଥର ପାଇଁ ଦେଶର ବଜେଟ ଉପସ୍ଥାପନ କରିଛନ୍ତି। ନୂତନ ସଂସଦ ଭବନ ସେଣ୍ଟ୍ରାଲ ଭିସ୍ତାରୁ ଏହା ହେଉଛି ଦେଶର ପ୍ରଥମ ବଜେଟ। ନିର୍ମଳା ସୀତାରମଣଙ୍କର ବଜେଟରେ ଆଗାମୀ ଆର୍ଥିକ ବର୍ଷ ପାଇଁ ଦେଶର ଅର୍ଥନୀତି ଓ ସାଧାରଣ ଜନତାଙ୍କ ରୋଜଗାର ଓ ଜୀବନ ଧାରଣର ମାନରେ ଉନ୍ନତିର ବାର୍ତ୍ତାକୁ ଟିକିନିଖିକରି ବୁଝିବାକୁ ଚେଷ୍ଟା କରିଛି। ଆମ ଦେଶର ବିଭିନ୍ନ ବିରୋଧୀ ରାଜନୈତିକ ଦଳର ଆଭିମୁଖ୍ୟକୁ ମଧ୍ୟ ଭଲ ଭାବେ ବୁଝିବାକୁ ଚେଷ୍ଟା କରିଛି। ଏହି ରାଷ୍ଟ୍ରୀୟ ବଜେଟରେ ଆମ ରାଜ୍ୟ ଓଡ଼ିଶା ପାଇଁ କି କି ଯୋଜନା, କାର୍ଯ୍ୟକ୍ରମ ତଥା ସୁଯୋଗ ଓ ଆହ୍ୱାନ ଅଛି, ଏହା ଉପରେ ଲମ୍ବା ସମୟ ଧରି ବିଶେଷଜ୍ଞ, ସାଧାରଣ ଲୋକଙ୍କ ସହ ଆଲୋଚନା କରିଛି। ତିନି ଦଶନ୍ଧିର ମୋର ରାଜନୈତିକ ଯାତ୍ରା ଓ ଅନୁଭବ ଆଧାରରେ ମୁଁ ନିଜେ ଦେଶ ଓ ବିଶେଷକରି ଓଡ଼ିଶାର ବିକାଶ ପରିପ୍ରେକ୍ଷୀରେ ତର୍ଜମା କରିବାକୁ ଚେଷ୍ଟା କରିଛି।

ଏହି ନିବନ୍ଧ ମାଧ୍ୟମରେ ଆମ ରାଜ୍ୟର ଛାତ୍ର, ଯୁବକ, ମହିଳା, କୃଷକ, ଗରିବଙ୍କ ସମେତ ଶିଳ୍ପ, ବାଣିଜ୍ୟ, ସଂସ୍କୃତି ନେଇ କାମ କରୁଥିବା ଓ ଆଗ୍ରହ ରଖିଥିବା ଜନସାଧାରଣଙ୍କ ସହ ଭାବର ଆଦାନ ପ୍ରଦାନ କରିବା ମୋର ଇଚ୍ଛା। ଆପଣମାନେ ସାମାଜିକ ଗଣମାଧ୍ୟମ ଏବଂ ବିଭିନ୍ନ ସରକାରୀ ଯୋଗାଯୋଗ ମାଧ୍ୟମରେ ମୋ ପାଇଁ ଆପଣମାନଙ୍କ ମନ୍ତବ୍ୟ ଦେବା ପାଇଁ ଅନୁରୋଧ କରୁଛି। ମୋର ଦୃଢ଼ ବିଶ୍ୱାସ ଆମେ ଖାଲି ନିର୍ବାଚିତ ସରକାର ଚଳାଉନୁ, ଆମେ ଲୋକଙ୍କ ସରକାର ଚଳାଉଛୁ। ସେଥିପାଇଁ ଆପଣମାନେ ମୋତେ ଲୋକଙ୍କ ମୁଖ୍ୟମନ୍ତ୍ରୀ ବୋଲି କହୁଛନ୍ତି। ଖାଲି ଶବ୍ଦରେ ନୁହେଁ, ମୋର ନିତିଦିନିଆ କାମରେ ପ୍ରତି ମୁହୂର୍ତ୍ତରେ ଆପଣଙ୍କ ଲୋକଙ୍କ ମୁଖ୍ୟମନ୍ତ୍ରୀ ସମ୍ବୋଧନର ସମ୍ମାନ ରକ୍ଷା କରିବାର ପ୍ରତିଶ୍ରୁତି ସହ ମୋର ମୂଳ ବିଷୟକୁ ଆସୁଛି।

ଯେତେବେଳେ ଦେଶର ଅର୍ଥମନ୍ତ୍ରୀ ବଜେଟ ଉପସ୍ଥାପନ ଶେଷ କରୁଥିଲେ, ମୋ ମନରେ ଏହି ବଜେଟକୁ ଅଳ୍ପ ବାକ୍ୟରେ କେମିତି ବର୍ଣ୍ଣନା କରାଯାଇପାରିବ ପ୍ରଶ୍ନ ଉଙ୍କିମାରୁଥିଲା। ମୋତେ ବ୍ୟକ୍ତିଗତ ଭାବରେ ଲାଗିଲା ଗୋଟିଏ ଆର୍ଥିକ ବର୍ଷ ପାଇଁ ଅସ୍ୱଷ୍ଟତା ବଦଳରେ ସ୍ୱଷ୍ଟ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଇଛି। ହୁଏତ ଗୋଟିଏ ଆର୍ଥିକ ବର୍ଷରେ ଲେଖାଯୋଖା ଅଛି। ମାତ୍ର ୨୦୪୭ ସୁଦ୍ଧା ବିକଶିତ ଭାରତର ରୋଡ୍‌ମ୍ୟାପ୍ ସହ ଏହି ଯାତ୍ରାକୁ ଆହୁରି ଗତି ଦେବା ପାଇଁ ଏ ବଜେଟ ଉଦ୍ଦିଷ୍ଟ। ୨୦୩୬ ମସିହାରେ ଆମ ରାଜ୍ୟ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟଭାବେ ଗଠିତ ହେବାର ୧୦୦ ବର୍ଷରେ ପହଞ୍ଚିବ। ମାନେ ଆଉ ୧୦ ବର୍ଷରେ ଓଡ଼ିଶାକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବାର ଅନେକ ସୁଯୋଗ ଓ ସମ୍ଭାବନାର ସମ୍ଭାରକୁ ଏହି ବଜେଟରେ ରଖାଯାଇଛି। ମୋଦିଜୀଙ୍କ ଦୃଢ଼ ନେତୃତ୍ୱରେ ଦେଶ ପ୍ରଗତିର ଚରମ ଶୀର୍ଷରେ ପହଞ୍ଚିବ। ତାଙ୍କ ମାର୍ଗଦର୍ଶନରେ ୨୦୩୬ର ବିକଶିତ ଓଡ଼ିଶା ଓ ୨୦୪୭ରେ ବିକଶିତ ଭାରତର ନିର୍ମାଣରେ ବଡ଼ ଭୂମିକା ନେବ। ଏଥିପାଇଁ ଏହି ବଜେଟ ତା'ର କ୍ଷେତ୍ର ପ୍ରସ୍ତୁତି କରିଛି ବୋଲି ମୋର ସ୍ୱଷ୍ଟ ମତ।

ମୋର ଓଡ଼ିଶାର ଭାଇ ଓ ଭଉଣୀମାନେ, ଆମ ଦେଶ ଭାରତ ଆଜିଦିନରେ ମୋଦିଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ କାରଣରୁ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ହୋଇପାରିଛି। ଯେଉଁ ବ୍ରିଟିଶ ଶାସନ ଆମକୁ ଶତାବ୍ଦୀ ଶତାବ୍ଦୀ ପର୍ଯ୍ୟନ୍ତ ଗୋଲାମ କରିଥିଲା, ସେହି ଦେଶ ଇଂଲଣ୍ଡକୁ ପଛକୁ ଠେଲି ଆମେ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ହୋଇଛୁ। ଚତୁର୍ଥ ସ୍ଥାନରେ ପହଞ୍ଚିବାର ଆମର ସାଙ୍କେତିକ ପକ୍ଷକୁ ବୁଝନ୍ତୁ। ଏହାଦ୍ୱାରା ଦେଶର ଯୁବଶକ୍ତିର ଆତ୍ମବିଶ୍ୱାସ ବୃଦ୍ଧି ଉପରେ ମନସ୍ତାତ୍ତ୍ୱିକ ପ୍ରଭାବକୁ ବି ଅନୁଭବ କରନ୍ତୁ। ଖୁବ୍‌ଶୀଘ୍ର ପୃଥିବୀର ତୃତୀୟ ବୃହତ୍ତମ ଏବଂ ୨୦୪୭ ସୁଦ୍ଧା ବିଶ୍ୱର ଶ୍ରେଷ୍ଠ ଅର୍ଥନୀତି ହେବାର ମନୋବଳକୁ ଓଡ଼ିଆ ଭାବରେ ଆସନ୍ତୁ, ଆମେ ଆହୁରି ଦୃଢ଼ କରିବା। ପ୍ରାଚୁର୍ଯ୍ୟ ଭିତରେ ଓଡ଼ିଶା କାହିଁକି ଗରିବ, ଏ ହୀନମନ୍ୟତାରୁ ଓଡ଼ିଆ ଜାତିକୁ ଉପରକୁ ଉଠାଇବାର ସମୟ ଆସିଛି। ଅମାପ ଖଣିଜ ସମ୍ପଦ, ସୁଦୀର୍ଘ ବେଳାଭୂମି, ପ୍ରଚୁର ଜଳ ସମ୍ପଦ, ଜଙ୍ଗଲ ସମ୍ପଦ, ଆଦିବାସୀ ଜନସଂଖ୍ୟା ସହିତ ପରିଶ୍ରମୀ ଓ ବୁଦ୍ଧିମାନ ଓଡ଼ିଆ ଜାତି ପାଇଁ ଏହି ବଜେଟ ହେଉଛି ୨୦୩୬ ପର୍ଯ୍ୟନ୍ତ ଆଗାମୀ ୧୦ ବର୍ଷ ପାଇଁ ଏବଂ ୨୦୪୭ ପର୍ଯ୍ୟନ୍ତ ଆଗାମୀ ୨୧ ବର୍ଷ ପାଇଁ ଏକ ସ୍ୱଷ୍ଟ ରୋଡ୍‌ମ୍ୟାପ୍, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ଏହି ବଜେଟରେ ପରିସଂଖ୍ୟାନ ନେଇ ତର୍କବିତର୍କ ତ ଚାଲିଛି, ମାତ୍ର ଏଥିରେ ଆମ ରାଜ୍ୟ ଓଡ଼ିଶାର ସଂକଳ୍ପକୁ ରାଜ୍ୟର ବିକାଶର ଗତିକୁ ଆହୁରି ଗତିଶୀଳ କରିବା ପାଇଁ ମାନନୀୟ ମୋଦିଜୀ ଓ ସୀତାରମଣଜୀଙ୍କ ଦୂରଦର୍ଶୀ ଯୋଜନା ଉପରେ ଏହି ସୀମିତ ସ୍ଥାନରେ ଚୁମ୍ବକ ଚୁମ୍ବକରେ କିଛି ଲେଖିବା ସହ ଏହା ଉପରେ ଆପଣମାନେ ବିସ୍ତୃତ ତର୍କବିତର୍କ ଓ ଆଲୋଚନା କରିବାକୁ ଆହ୍ୱାନ ଜଣାଉଛି। ଓଡ଼ିଶା ପାଇଁ ମୋଦିଜୀଙ୍କ 'ରେଆର୍ ଆର୍ଥ କରିଡର' ଆମ ପ୍ରାକୃତିକ ସମ୍ପଦ, ପରିଶ୍ରମୀ ଏବଂ ବୁଦ୍ଧିମାନ ଓଡ଼ିଆଙ୍କ ସୃଜନଶୀଳତାରେ ଖାଲି ଓଡ଼ିଶାର ନୁହେଁ ବରଂ ଦେଶର ବିକାଶରେ ଏକ ପ୍ରମୁଖ ଭୂମିକା ନେବ। ଏହାର ସଫଳତା ଦେଶର ହାଇଟେକ୍ ତଥା ଭବିଷ୍ୟତର ବିକାଶର ମାପଦଣ୍ଡ ଇଲେକ୍ଟ୍ରିକ୍ ଯାନବାହନ, ପବନଚାଳିତ ଟର୍ବାଇନ, ସେମିକଣ୍ଡକ୍ଟର ଏବଂ ବହୁ ଆଧୁନିକ ପ୍ରଯୁକ୍ତି ବିଦ୍ୟାସମ୍ପନ୍ନ ପ୍ରତିରକ୍ଷା ସାମଗ୍ରୀ ପ୍ରସ୍ତୁତି ପାଇଁ ଆମ ରାଜ୍ୟର ଉତ୍ପାଦ ଏକ ପ୍ରମୁଖ ଭୂମିକା ନେବ। ଏଥିପାଇଁ ଏଥରର କେନ୍ଦ୍ରୀୟ ବଜେଟ ସମ୍ପୂର୍ଣ୍ଣ ଭ୍ୟାଲୁ ଚେନ୍‌କୁ ମାନେ ଖଣି, ଖଣିଜ ସମ୍ପଦ, ଏହାର ପ୍ରକ୍ରିୟାକରଣ ଏବଂ ଫିନିସ୍ଡ ଉତ୍ପାଦ ପାଇଁ ଯୋଜନା ଓ ଅର୍ଥ ବିନିଯୋଗ କରିବା ଉପରେ ଗୁରୁତ୍ୱ ଦେଇଛି। ଖଣିଜ ତଥା ଡାଉନଷ୍ଟ୍ରିମ୍ ଶିଳ୍ପରେ ଓଡ଼ିଶା ସାରା ଦେଶର ପେଣ୍ଠସ୍ଥଳୀ ହେବାରେ ସହାୟକ ହେବ।

ବଜେଟରେ ଓଡ଼ିଶା ପାଇଁ ଏହି ବ୍ୟବସ୍ଥା ରାଜ୍ୟର ବହୁ ବଡ଼ ପୁଞ୍ଜିନିବେଶ ପାଇଁ ସୁଯୋଗ ସୃଷ୍ଟିକରିବ। ଉଚ୍ଚ ମୂଲ୍ୟଯୁକ୍ତ ଉତ୍ପାଦନ, ଗବେଷଣା ଏବଂ ମାନୁଫ୍ୟାକ୍ଚରିଂ ପ୍ଲାଣ୍ଟରେ ଓଡ଼ିଶାକୁ ଦେଶର କେନ୍ଦ୍ରସ୍ଥଳ କରିବା ପାଇଁ ଏହି ବଜେଟ ଆମ ଓଡ଼ିଆମାନଙ୍କ ପାଇଁ ସୁଯୋଗ ଆଣି ଦେଇଛି। ଖଣି କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ, ପ୍ରକ୍ରିୟାକରଣ ଏବଂ ଉଚ୍ଚ ମୂଲ୍ୟଯୁକ୍ତ ଉତ୍ପାଦ ଓଡ଼ିଶାର ପରିଚୟ ହୋଇପାରିବ। ଆମ ରାଜ୍ୟ ଓଡ଼ିଶା ସହ କେରଳ, ଆନ୍ଧ୍ର ଓ ତାମିଲନାଡୁ ମଧ୍ୟ ଏହି ଯୋଜନାରେ ସାମିଲ ଅଛନ୍ତି। ଆମ ଉପକୂଳ ଅଞ୍ଚଳର ମୋନାଜାଇଟ୍‌ଯୁକ୍ତ ବାଲିର ସଦୁପଯୋଗକରି ଚୀନ ଉପରେ ଆମ ଦେଶର ଆମଦାନୀକୁ ବହୁମାତ୍ରାରେ କମାଯାଇପାରିବ। ଆମେ ସମୃଦ୍ଧହେବା ଏବଂ ଆମ ରାଜ୍ୟ ଦେଶ ସମୃଦ୍ଧିରେ ବଡ଼ ଭୂମିକା ନେବ। ଏହା ତ ଆମ ଓଡ଼ିଆମାନଙ୍କର ୨୦୩୬ ଏବଂ ୨୦୪୭ ପାଇଁ ସ୍ୱପ୍ନ ! ଏ ବଜେଟ ସେଥିପାଇଁ କ୍ଷେତ୍ର ପ୍ରସ୍ତୁତ କରିବ।

ଭିତ୍ତିଭୂମି, ବିଶେଷ ଭାବରେ ରେଳଲାଇନ, ରାସ୍ତା ନେଟ୍‌ୱର୍କ ତଥା ପ୍ରଦୂଷଣ ରହିତ ଜଳପଥ– ମାନେ ସବୁଜ ଲଜିଷ୍ଟିକ୍ସ କ୍ଷେତ୍ରରେ ଏ ବଜେଟ ବଡ଼ ସୁଯୋଗ ଆଣି ଦେଉଛି ବୋଲି ବଜେଟ ଭାଷଣ ଶୁଣୁଶୁଣୁ ମୋତେ ଅନୁଭବ ହୋଇଥିଲା। ଏଥର ରେଳ ବଜେଟ କ୍ଷେତ୍ରରେ ଆମ ରାଜ୍ୟ ପାଇଁ ୧୦,୯୨୮ କୋଟି ଟଙ୍କାର ବ୍ୟୟବରାଦର ଆକଳନ କରାଯାଇଛି। ୨୦୨୫–୨୬ ବଜେଟରେ ୧୦, ୫୯୯ ଏବଂ ୨୦୨୪–୨୫ ବଜେଟରେ ଏହା ୧୦, ୫୩୬ କୋଟି ଥିଲା। ୨୦୧୪ ପୂର୍ବରୁ ୮୦୦ କୋଟି ଆମ ପାଇଁ ସ୍ୱପ୍ନ ଥିଲା। ଏହି ବଜେଟରେ ୫ନଂ. ଜାତୀୟ ଜଳପଥର ବିକାଶ ଆମ ଗ୍ରୀନ୍ ଅର୍ଥନୀତିର ଆଧାର ହେବ। ଆମର କୋଇଲା ଏବଂ ଖଣିଜ ଓ ଶିଳ୍ପ ହବ୍ ତାଳଚେର, ଅନୁଗୋଳ, କଳିଙ୍ଗନଗର, ପାରାଦୀପ ଏବଂ ଧାମରା ଆଦିକୁ ଆମର ନଦୀମାନଙ୍କ ସହ ଯୋଡ଼ିବ। ନଦୀ ଓ ଜଳ ସମ୍ପଦରେ ପୂର୍ଣ୍ଣ ଓଡ଼ିଶା କାହିଁକି ଗରିବ, ଏ ପ୍ରଶ୍ନ ପଚାରିବାକୁ ଆଉ ପଡ଼ିବ ନାହିଁ, ବରଂ ଓଡ଼ିଶାର ଅର୍ଥନୀତିକୁ ସମୃଦ୍ଧ କରିବାର ମାଧ୍ୟମ ହେବ। ପୂର୍ବ– ପଶ୍ଚିମ ସମର୍ପିତ ମାଲ ବୁହା କରିଡର ପଶ୍ଚିମବଙ୍ଗର ଡାଙ୍କୁଣିରୁ ଗୁଜରାଟର ସୁରଟରେ ପହଞ୍ଚିବ। ଓଡ଼ିଶା ଦେଇ ଯାଉଥିବା ଏହି କରିଡର ଆମର ଶିଳ୍ପ ବିକାଶକୁ ରାଷ୍ଟ୍ରୀୟ ଅର୍ଥନୀତି ସହ ଯୋଡ଼ିବ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରେ ସାରା ବିଶ୍ୱରେ ଓଡ଼ିଶା ପାଇଁ ପରିଚୟ ହୋଇଛି ଆମର ଅତିଥି 'ଅଲିଭ୍ ରିଡ୍‌ଲେ କଇଁଛ'। ଆମର ଉପକୂଳର ଗହୀରମଥା ଏବଂ ଋଷିକୁଲ୍ୟା ମୁହାଣ ମୋଦିଜୀଙ୍କ ବଜେଟ 'ଟର୍ଟଲ ଟ୍ରେଲ୍ସ' ଓଡ଼ିଶାକୁ ବିଶ୍ୱ ପ୍ରକୃତିପ୍ରେମୀ ଓ ପର୍ଯ୍ୟଟନ ମାନଚିତ୍ରରେ ଏପରି ଏକ ସ୍ଥାନ ଦେବ ଯାହା ଭାରତର କୌଣସି ଉପକୂଳ ରାଜ୍ୟର ଭାଗ୍ୟରେ ସମ୍ଭବ ନୁହେଁ। ଆମ ସମୁଦ୍ର ଆମର ଆର୍ଥିକ ଉପଯୋଗରେ କାହିଁକି ଆସୁନି, ଏ ପ୍ରଶ୍ନ ଉଠାଇବାର ଆଉ ସୁଯୋଗ ରହିବନି। ମୋଦିଙ୍କ 'ଟର୍ଟଲ ଟ୍ରେଲ୍ସ' ଆମ ଉପକୂଳ ପାଇଁ ଅନନ୍ୟ ସୁଯୋଗ ଆଣିବ।

ମୋର ମନେଅଛି ୨୦୧୬ ମସିହାରେ ମୋଦିଜୀ ଇଣ୍ଡିଆନ୍ ଅଏଲ୍ ରିଫାଇନେରି ଉଦ୍‌ଘାଟନ ସମୟରେ କହିଥିଲେ, ଏହା ପାରାଦୀପ ନୁହେଁ ଏହା ହେବ ଓଡ଼ିଆ ଯୁବଶକ୍ତିର ବିକାଶ ଦୀପ। ପାରାଦୀପକୁ କେନ୍ଦ୍ରକରି ପୂରା ଆମ ଓଡ଼ିଶାର ଶିଳ୍ପାୟନ ଏବଂ ବିକାଶର ସ୍ୱପ୍ନ ଦେଖାଇଥିଲେ। ଏବେ ବଜେଟରେ କେମିକାଲ୍ସ ପାର୍କ ଉପରେ ଗୁରୁତ୍ୱ ପାରାଦୀପରେ ବିକଶିତ ପେଟ୍ରୋକେମିକାଲ ଇକୋସିଷ୍ଟମରେ ବଡ଼ ପୁଞ୍ଜି ଯୋଡ଼ି ହେବାର ସୁଯୋଗ ତିଆରି କରିଛି ଏହି ବଜେଟ୍।

ଦେଶର ଇଲେକ୍‌ଟ୍ରୋନିକ୍ସ କ୍ଷେତ୍ରରେ ଦ୍ରୁତ ବିକାଶ ପାଇଁ ବଡ଼ ବଜେଟ ବ୍ୟବସ୍ଥା ଓଡ଼ିଶାରେ ସିଲିକନ୍ ଏବଂ ସେମିକଣ୍ଡକ୍ଟର ଶିଳ୍ପକ୍ଷେତ୍ରରେ ବଡ଼ ବିକାଶର ସୁଯୋଗ ସୃଷ୍ଟି କରିବ। ଇଲେକ୍ଟ୍ରୋନିକ୍ସ ସିଷ୍ଟମ ଡିଜାଇନ ଏବଂ ମାନୁଫାକ୍ଚରିଂ ଏ ବଜେଟରେ ଗୁରୁତ୍ୱ ପାଇଛି। ମୋର ଦୃଢ଼ବିଶ୍ୱାସ, ବିଶ୍ୱର ବଡ଼ ଶିଳ୍ପ ଅନୁଷ୍ଠାନମାନଙ୍କର ଓଡ଼ିଶା ଉପରେ ଭରସା ଏହି ସମ୍ଭାବନାକୁ ଆହୁରି ବଢ଼ାଇବ। ମୁଁ ନିଜେ ବିଶ୍ୱର ବିଭିନ୍ନ ଦେଶ ଏବଂ ଆମ ଦେଶର ବଡ଼ ବଡ଼ ସହରକୁ ଯାଇ ପୁଞ୍ଜିପତିମାନଙ୍କ ସହ ବ୍ୟକ୍ତିଗତ କଥା ହେଉଛି। ଉତ୍କର୍ଷ ଓଡ଼ିଶା ବ୍ୟାପକ ସଫଳ ହୋଇଥିଲା। ପ୍ରବାସୀ ଭାରତୀୟ ଦିବସରେ ବିଶ୍ୱର ଭାରତୀୟ ଶିଳ୍ପପତିମାନେ ଓଡ଼ିଶା ଆସି ମୋଦି ଗ୍ୟାରେଣ୍ଟିରେ 'ୟହି ସମୟ ହେ, ସହି ସମୟ ହେ' ଆହ୍ୱାନରେ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ କାମ କରୁଛନ୍ତି। ଏହି ବଜେଟ ଆମର ଆଶାକୁ ଆହୁରି ବଢ଼ାଇଛି। ମୁଁ ଆହୁରି ନୂଆ ନୂଆ ପୁଞ୍ଜିନିବେଶକାରୀଙ୍କୁ ଏହି ସୁଯୋଗରେ ଆମନ୍ତ୍ରଣକରି ଆମ ଯୁବପିଢ଼ି ପାଇଁ ରୋଜଗାର ସୁଯୋଗ ସୃଷ୍ଟିକରିବା ପାଇଁ ଯୋଜନା ଓ ପରିଶ୍ରମର ସହ କାମ କରିବି ।

ଏହି ବଜେଟରେ ରାଜ୍ୟମାନଙ୍କୁ ସୁଧମୁକ୍ତ ଦୀର୍ଘମିଆଦୀ ଋଣ ପାଇଁ ୧.୮୫ ଟ୍ରିଲିଅନ ଅର୍ଥ ବ୍ୟବସ୍ଥା କରାଯାଇଛି। ମୋଦିଜୀଙ୍କ ପ୍ରାଥମିକତା ପୂର୍ବ ଭାରତ ହୋଇଥିବାରୁ ଆମେ ଆମର ଦୀର୍ଘମିଆଦୀ ଭିତ୍ତିଭୂମି ପାଇଁ ଏହାର ସଦୁପଯୋଗ କରିବା ପାଇଁ ବଡ଼ ସୁଯୋଗ ସୃଷ୍ଟିହେବ।

ନିବନ୍ଧରେ ଶବ୍ଦର ସୀମା ଅଛି। ଅନେକ କଥା ଆପଣଙ୍କ ସହ ଆଲୋଚନା କରିବାର ଇଚ୍ଛା ଅଛି। ଏହି ବଜେଟ ଦେଶର ସାମାଜିକ ସୁରକ୍ଷା ଓ ସାଧାରଣବର୍ଗ ଯଥା ଯୁବକ, ମହିଳା, କୃଷକ ଓ ଆଦିବାସୀ ବିଶେଷ ଭାବରେ ଗରିବଙ୍କ ରୋଜଗାର ବଢ଼ାଇବା ପାଇଁ ଭିନ୍ନ ଭିନ୍ନ ସୁଯୋଗ ସୃଷ୍ଟି କରିଛି। ପ୍ରକୃତପକ୍ଷେ ଏହି ବଜେଟ ମୋଦିଜୀଙ୍କର ସ୍ଲୋଗାନ 'ସବ୍‌କା ସାଥ୍– ସବ୍‌କା ବିକାଶ'କୁ କ୍ରିୟାନ୍ୱୟନ କରିବା ପାଇଁ ସୁଯୋଗ ସୃଷ୍ଟି କରିଛି। ମୋଦିଜୀଙ୍କ ନେତୃତ୍ୱରେ ଆମ ଶାସନର ମୂଳ ଆଧାର ଜନଭାଗୀଦାରି। ବିକାଶକୁ ମୋଦିଜୀ ଜନ ଆନ୍ଦୋଳନର ରୂପ ଦେଇଛନ୍ତି। ଆସନ୍ତୁ, ଏହି ରାଷ୍ଟ୍ରୀୟ ସ୍ରୋତରେ ଆମେ ଓଡ଼ିଆମାନେ ବଡ଼ ଭୂମିକା ନେବା।

# ପ୍ରଶ୍ନ ଏକ, ଉତ୍ତର ଅନେକ



ଡ. ସୀତାକାନ୍ତ ତ୍ରିପାଠୀ

ରାଜ୍ୟର ରାଜା ପାତ୍ର–ମନ୍ତ୍ରୀମାନଙ୍କ ସହ ରାଜଉଆସ ପରିସରରେ ଥିବା ପୋଖରୀ କୂଳରେ ବସି ରାଜ୍ୟର ହାଲ୍‌ଚାଲ୍ ବିଷୟରେ ଆଲୋଚନା କରୁଥାଆନ୍ତି। ସମସ୍ତ ପଦାଧିକାରୀ ନିଜ ନିଜର ପାରିବାପଣିଆର ହିସାବକିତାବ ଦେଉଥାଆନ୍ତି। ହଠାତ୍ ରାଜା ଟେକାଟିଏ ଧରି ପୋଖରୀକୁ ଛାଟି ଦେଲେ। ସଙ୍ଗେ ସଙ୍ଗେ ଏହା ପାଣିରେ ବୁଡ଼ିଗଲା। ରାଜା ପଚାରିଲେ, ଆପଣମାନେ କହିଲେ ଦେଖି ଟେକାଟି ପାଣିରେ କାହିଁକି ବୁଡ଼ିଗଲା ? ଜଣେ କହିଲେ, ଆଜ୍ଞା ଏହା ଅପସାରଣ କରୁଥିବା ପାଣିଠାରୁ ଅଧିକ ଓଜନ, ତେଣୁ ଏହା ବୁଡ଼ିଗଲା। ରାଜା କହିଲେ, ଯାହାହେଉ ଆପଣ ବିଜ୍ଞାନର ଚାଷ ଠିକ୍ କରିଛନ୍ତି। ଆଉ ଜଣେ କହିଲେ, ରାଜା ଏତେ ବଳ ଦେଇ ଟେକାଟିକୁ ଛାଟିଦେଲେ, ତାହା ନ ବୁଡ଼ି କ'ଣ ଭାସିବ ? ରାଜା ରାଗିଯାଇ କହିଲେ, ତା'ହେଲେ ଆପଣ ମୋର ସାମର୍ଥ୍ୟକୁ ଏଇ ସାମାନ୍ୟ ଟେକା ଛାଟିବା ସହ ତୁଳନାକଲେ ? ଏକଥା ଶୁଣି କହିଥିବା ଲୋକ ଜଣକ ଲଜ୍ଜାରେ ମୁହଁ ତଳକୁ କରି ବସିଲେ। ସେଠାରେ ଚା, ଜଳଖିଆ ପରଷୁଥିବା ଲୋକ ଜଣକ କହିଲା, ହଜୁର ! ଆପଣ ଯାହାକୁ ଧରିବେ ସେ ହିଁ ଏ ସଂସାରରେ ତିଷ୍ଠିପାରିବ ଆଉ ଉନ୍ନତି କରିବ ଆଉ ଯାହାଠାରୁ ଆପଣ ହାତ କାଢ଼ିନେବେ କିମ୍ବା ହାତ ଛିଞ୍ଚାଡ଼ିଦେବେ ସେ ପାଣିରେ ବୁଡ଼ି ମରିବା ସାର ହେବ। ଆପଣ ଚାହିଁଲେ ଟେକାଟି ଭାସିବ ଏବଂ ଚାହିଁଲେ ବୁଡ଼ିବ। ଏକଥା ଶୁଣି ରାଜା ଘୋଷଣାକଲେ ଇଏ ହିଁ ହେଉଛି ଆମ ରାଜ୍ୟର ପରବର୍ତ୍ତୀ ରାଜ ଉପଦେଷ୍ଟା। ସମସ୍ତେ ରାଜାଙ୍କ ନିଷ୍ପତ୍ତିକୁ ସ୍ୱାଗତକଲେ, କିନ୍ତୁ ରାଜା ପଚାରିଥିବା ପ୍ରଶ୍ନଟିର କେଉଁଟି ଠିକ୍ ଉତ୍ତର ଏବଂ କେଉଁଠି ପ୍ରଶଂସାର ଅର୍ଘ୍ୟ ପାଇବା ଉଚିତ ତାହା ବୁଦ୍ଧିଜୀବୀ ମହଲରେ ଅବୁଝା ରହିଲା କିମ୍ବା ଜାଣିଶୁଣି ତାହା ଆଲୋଚନାରୁ ବାଦ୍ ଦିଆଗଲା ତାହା ଏଠାରେ ବଖାଣିବା ମୂର୍ଖାମି।

ପ୍ରାକୃତିକ ବିଜ୍ଞାନର ନିର୍ଣ୍ଣୟ ଏବଂ ଉତ୍ତର ସର୍ବଦା ଏକ ହୋଇଥିବାବେଳେ ସମାଜ ବିଜ୍ଞାନର ଉତ୍ତର ଭିନ୍ନ ହେବା ସମ୍ଭାବନା ଥାଏ। କାରଣ ସ୍ଥାନ, କାଳ ଓ ପାତ୍ର ଭେଦରେ ମଣିଷର ମନ ପରିବର୍ତ୍ତନଶୀଳ। ଏସବୁ କ୍ଷେତ୍ରରେ କିନ୍ତୁ ବର୍ଷା ଯୁଆଡ଼େ ଛତା ସିଆଡ଼େର ପ୍ରାସଙ୍ଗିକତା ନ ଥାଏ। କାରଣ ବେଳେବେଳେ ବର୍ଷା ହଠାତ୍ ତା'ର ଦିଗ ବଦଳାଇ ଦେଇପାରେ କିମ୍ବା ଛତାଟି ହୁଏତ ବର୍ଷାକୁ ସାମ୍ନା କରିବାର ସାମର୍ଥ୍ୟ ରଖି ନ ପାରେ। ତା'ଛଡ଼ା ସୂର୍ଯ୍ୟ ଯଦି ବାଦଲ ଆଚ୍ଛାଦିତ ହୋଇ ଯାଆନ୍ତି ତେବେ ତାଙ୍କର ଉପସ୍ଥିତି ନାହିଁ ବୋଲି କହିହେବ ନାହିଁ। ସେହି ନ୍ୟାୟରେ ଗୋଟିଏ ପ୍ରଶ୍ନର ଉତ୍ତରକୁ ଆମେ ଭିନ୍ନ ଭାବେ ପରିପ୍ରକାଶ କରିପାରନ୍ତି, କିନ୍ତୁ ସତ୍ୟ ଏବଂ ଠିକ୍ ଉତ୍ତରକୁ ଚାପିଦେବା କଷ୍ଟକର ବ୍ୟାପାର। ଯଦି ଏହାକୁ ଆମେ ସୂକ୍ଷ୍ମ ଦୃଷ୍ଟିରେ ବିଚାରକରିବା ତା'ହେଲେ ହୁଏତ ସତ୍ୟ ପରିପ୍ରକାଶ ସାମାଜିକ, ଧାର୍ମିକ ତଥା ବୈଜ୍ଞାନିକ ଦୃଷ୍ଟିକୋଣରୁ ଅଲଗା ହୋଇପାରେ। ପ୍ରଶ୍ନ ସାଙ୍ଗରେ ଉତ୍ତର ତାଳମେଳ ଖାଇବା, ସବୁବେଳେ ସମ୍ଭବ ହୋଇ ନ ଥାଏ। ତେଣୁ ପ୍ରଶ୍ନ ଅନୁଯାୟୀ ଉତ୍ତର ବଦଳାଇବା ସବୁବେଳେ ସମ୍ଭବପର ହୋଇ ନ ଥାଏ କିମ୍ବା ତାହା ଠିକ୍ ହେବ ବୋଲି କୌଣସି ଯଥାର୍ଥତା ନ ଥାଏ।



ମହାଭାରତ ଯୁଦ୍ଧରେ ପୁତ୍ର ଅଶ୍ୱତ୍ଥମାର ମୃତ୍ୟୁ ଖବର ଶୁଣି ଗୁରୁ ଦ୍ରୋଣାଚାର୍ଯ୍ୟ ଆଉ ଯୁଦ୍ଧ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। କେହି ଜଣେ ତାଙ୍କୁ ଉପଦେଶ ଦେଇ କହିଲେ, ଆପଣ ତ ଅଶ୍ୱତ୍ଥମାଙ୍କ ମୃତ ଶରୀର ଦେଖିନାହାନ୍ତି, ଏତେ ବିଚଳିତ କାହିଁକି ହେଉଛନ୍ତି ? ଆପଣ ଯୁଧିଷ୍ଠିରଙ୍କୁ ଏହାର ସତ୍ୟାସତ୍ୟ କଥା ପଚାରନ୍ତୁ। ଯୁଧିଷ୍ଠିରଙ୍କ ଉତ୍ତର ଥିଲା ଦ୍ୱିଅର୍ଥ ବୋଧକ। 'ନରେ ବା କୁଞ୍ଜରେ ଅଶ୍ୱତ୍ଥମା ହତଃ' ଅର୍ଥାତ୍ ଅଶ୍ୱତ୍ଥମାର ମୃତ୍ୟୁ ସୁନିଶ୍ଚିତ, କିନ୍ତୁ ସେ ହାତୀ ହୋଇପାରେ କିମ୍ବା ମଣିଷ ହୋଇପାରେ। ଦ୍ରୋଣ ଭାବିଲେ, ଯୁଧିଷ୍ଠିର ତାଙ୍କୁ ଶାନ୍ତ୍ୱନା ଦେବା ପାଇଁ ବୋଧହୁଏ ସତ କଥାଟିକୁ ଲୁଚାଉଛନ୍ତି। କିନ୍ତୁ ଏହା ଯେ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ଶ୍ରୀକୃଷ୍ଣଙ୍କ କୂଟନୀତିର ଅଂଶ ବିଶେଷ ତାହା ତାଙ୍କ ବୁଝାମଣାର ବାହାରେ ଥିଲା। ଆମ ନିତିଦିନିଆ ଜୀବନରେ ବେଳେବେଳେ ପ୍ରଶ୍ନର ଉତ୍ତର ଭିନ୍ନ ଢଙ୍ଗରେ ଦିଆଯାଇଥାଏ, ଯାହା ସତ୍ୟ ହୋଇଥିଲେ ମଧ୍ୟ ଗ୍ରହଣୀୟ ହୋଇ ନ ଥାଏ। ଗାଈ କିଣିବାକୁ ଯାଇଥିବା ଜଣେ ଲୋକ ଗାଈର ମାଲିକକୁ ପଚାରିଲେ, ତୁମ ଗାଈ କେତେ କ୍ଷୀର ଦେଉଛି ? ଲୋକ ଜଣକ ଉତ୍ତର ଦେଲେ, ବାଲ୍‌ଟିଏ। ଅର୍ଥାତ୍ ବାଲ୍‌ଟିରେ ୧ ଲିଟରରୁ ୫୦ ଲିଟର ପର୍ଯ୍ୟନ୍ତ କ୍ଷୀର ଧରିପାରେ। ଏଠାରେ ନିର୍ଦ୍ଦିଷ୍ଟ ପରିମାଣ ଉଲ୍ଲେଖ ନ କରି ଏଭଳି ଏକ ଉତ୍ତର ଦେବା ହାସ୍ୟାସ୍ପଦ । ସେହିଭଳି ଢଙ୍ଗରେ ସରକାର ଯେତେବେଳେ ଗରିବି କମୁଛି, ମୁଣ୍ଡ ପିଛା ଆୟ ଏବଂ ମୋଟ ଘରୋଇ ଉତ୍ପାଦ ବଢ଼ୁଛି ବୋଲି ଯୁକ୍ତି ବାଢ଼ି ଥାଆନ୍ତି ସେହି ସମୟରେ ଅଧିକ ରାଶନ କାର୍ଡ଼ ଦେବା ବା ଗରିବଙ୍କୁ ଅଧିକ ଆର୍ଥିକ ସହାୟତା ଦେବା ଭିନ୍ନ ଏକ ପ୍ରସଙ୍ଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁନାହିଁ କି ? ତେଣୁ ଗୋଟିଏ ପ୍ରଶ୍ନର ଉତ୍ତର ସ୍ଥାନ, କାଳ ଓ ପାତ୍ର ଭେଦରେ ଅଲଗା ହୋଇଥାଏ ଯାହା ବିଜ୍ଞାନ, ନ୍ୟାୟ ଏବଂ ଆଇନର ପରିପନ୍ଥୀ।

**ଅର୍ଣ୍ଣପାଳ,ଭଦ୍ରକ**
**ମୋ: ୯୭୭୮୭୬୪୩୯୪**

## ଏଇ ଭାରତରେ

ଉତ୍ତରାଖଣ୍ଡର ଦୁର୍ଗମ ପାହାଡ଼ିଆ ଅଞ୍ଚଳର ପିଲାମାନେ ସ୍କୁଲ ଯାଉ ନ ଥିବା ଲକ୍ଷ୍ୟ କରିଥିଲେ ଶ୍ରେୟା ରାୱତ। ସ୍କୁଲ ବେଶି ଦୂରରେ ଥିବାରୁ, ଜଳବାୟୁ ଜନିତ ବିପର୍ଯ୍ୟୟ ହେତୁ ପିଲାମାନେ ସ୍କୁଲ ଶିକ୍ଷାରୁ ଦୂରେଇ ରହିଥାନ୍ତି। ତେବେ ଏଭଳି ସମସ୍ୟା ଦୂର କରିବା ସକାଶେ ୨୦୨୩ରେ ଶ୍ରେୟା ଓ ଜ୍ୟୋତି ସହରରୁ ପାହାଡ଼ିଆ ଅଞ୍ଚଳକୁ ଫେରି ପିଲାଙ୍କୁ ପଢ଼ାଇବା ବ୍ୟବସ୍ଥା କରିଛନ୍ତି। ଏଠାରେ ପିଲାମାନେ ପ୍ରଗତିଶୀଳ ଶିକ୍ଷାର ନୂତନ ଚିନ୍ତାଧାରା ଗ୍ରହଣ କରିପାରୁଛନ୍ତି। ଏହି ଦମ୍ପତି ଦୁର୍ଗମ ଅଞ୍ଚଳରେ ଥିବା ଗାଁର ସ୍କୁଲଗୁଡ଼ିକୁ ପୋଷ୍ୟ ଭାବେ ଗ୍ରହଣ କରି ସେଠାରେ ପରୀକ୍ଷାଭିତ୍ତିକ ତଥା ବ୍ୟବହାରିକ ଶିକ୍ଷା ମାଧ୍ୟମରେ ପିଲାଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରୁଛନ୍ତି। ପିଲାମାନେ କୃଷି, କଳା ଓ କମ୍ୟୁନିଟି ପ୍ରୋଜେକ୍ଟ ମାଧ୍ୟମରେ ଶିକ୍ଷା ଲାଭ କରୁଛନ୍ତି। ପ୍ରଗତିଶୀଳ ଶିକ୍ଷା ପଦ୍ଧତି ପିଲା ଓ ସେମାନଙ୍କ ପରିବାର ଦ୍ୱାରା ଆଦୃତ ହୋଇପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୩ ଫେବୃଆରୀ ୧୯୭୭

- ବିଭିନ୍ନ ରାଜ୍ୟର ମିସାରେ ଅଟକ ଥିବା ପ୍ରାୟ ସବୁ ରାଜନୈତିକ ଅଟକବନ୍ଦୀଙ୍କୁ ଖଲାସ କରିଦିଆଯାଇଥିବା ସରକାରୀ ଭାବେ ଘୋଷଣା କରଯାଇଛି।
- ଜମ୍ମୁ ଓ କଶ୍ମୀରର ଲୋକସଭା ସ୍ଥାନଗୁଡ଼ିକ ସମ୍ପର୍କରେ କଂଗ୍ରେସ ଏବଂ ଜାତୀୟ ସମ୍ମିଳନୀ ମଧ୍ୟରେ ଏକ ନିର୍ବାଚନ ବୁଝାମଣା ସମ୍ପନ୍ନ।

## ଚିରନ୍ତନୀ

ବଞ୍ଚାନା ଶତ ଶତ
ସବୁ ଅପମାନ
ଏ ଜୀବନେ ବରିନେଲି
ମଣି ମହାଦାନ ।
–(ଚିରନ୍ତନ କୁହୁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପାଇଖାନା ଟଙ୍କା ଖାଇଲା କିଏ

ମହାଶୟ,

ମୁଁ ପ୍ରଭାତୀ ଦାଶ, ସ୍ୱାମୀ ରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର ୱାର୍ଡ ନଂ. ୮ର ବାସିନ୍ଦା। ଇନ୍ଦିରା ଆବାସ ହିତାଧିକାରିଣୀ ହୋଇ ନ ଥିବାରୁ ବିଦ୍ୟାଧରପୁର ଗ୍ରାମପଞ୍ଚାୟତର ସରପଞ୍ଚ ଦୟାପରବଶ ହୋଇ ଅଧିନାକୁ ପାଇଖାନା କର, ସରକାର ନ ଦେଲେ ମୁଁ ପକେଟରୁ ଦେବି କହି ମୌଖିକ ଆଦେଶ ଦେଲେ। ଏହା ମୁଁ ତିଆରି କରି ଏହାର ଫଟୋ କାଗଜାତ୍ ଇତ୍ୟାଦି ଦାଖଲ କଲି। ସତ୍ୟବାଦୀ ବ୍ଲକ୍ ତରଫରୁ ଏହା ୨୦୨୩–୨୪ରେ ନିର୍ମିତ ଏବଂ ଏହାର ଅଟକଳ ମୂଲ୍ୟ ଟ ୧୨,୦୦୦ ଟଙ୍କା। ସ୍ୱଚ୍ଛ ଭାରତ ଇତ୍ୟାଦି ଲେଖାଗଲା, ମାତ୍ର ଏହି ଟଙ୍କା ନ ମିଳିବାର କାରଣ ଏବେ ସରପଞ୍ଚ ଓ ବ୍ଲକ ଅଫିସରେ ପଚାରିଲେ ସମସ୍ତେ ନିରୁତ୍ତର। ଏହି ଟଙ୍କା କିଏ ଖାଇଲା ?

**–ପ୍ରଭାତୀ ଦାଶ, ବିଦ୍ୟାଧରପୁର, ଗୁଆଳି ଗୋରଡା, ଗବକୁଣ୍ଡ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜରାଜୀର୍ଣ୍ଣ ଅବସ୍ଥାରେ ରାଜସ୍ୱ ବିଭାଗ ବଙ୍ଗଳା

## ରକ୍ଷଣାବେକ୍ଷଣ ଅଭାବ



ଖଇରିପଡ଼ା,୨।୨(ବିଦୁର ବେହେରା)

ଖଇରିପଡ଼ା ବ୍ଲକ୍ ବଲସକୁମ୍ପା ମା'ବରାଳ ଦେବୀ ମନ୍ଦିର ସମ୍ମୁଖରେ ରାଜସ୍ୱ ବିଭାଗର ବଙ୍ଗଳା ରହିଛି। ଏହି ବଙ୍ଗଳା ପୁରାତନ ହୋଇଥିଲେ ମଧ୍ୟ ନିର୍ମାଣକାର୍ଯ୍ୟ ଭଲ ହୋଇଥିବାରୁ ବଙ୍ଗଳାର ଅବସ୍ଥା ଏବେ ବି ଭଲ ରହିଛି। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଏବେ ଜରାଜୀର୍ଣ୍ଣ ଅବସ୍ଥାର ପଡ଼ିରହିଛି। ଏହା ବ୍ୟବହାର କରାଯାଉ ନ ଥିବାରୁ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଯାହା ପୋଲିସର ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏହି ବଙ୍ଗଳା ସାମ୍ନାରେ ବଲସକୁମ୍ପା ସରକାରୀ ଉଚ୍ଚ ବିଦ୍ୟାଳୟ ରହିଛି। ଯଦି ଏହି ବଙ୍ଗଳାର ଗୃହ ଓ ଭିତ୍ତିଭୂମିର ମୂଲ୍ୟର ଆକଳନ କରାଯାଏ ତାହେଲେ ଲକ୍ଷାଧିକ ଟଙ୍କା ହେବ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପୂର୍ବରୁ ଏହାକୁ ରାଜସ୍ୱ ବିଭାଗ ଦ୍ୱାରା ବ୍ୟବହାର କରାଯାଉଥିଲା। ୨୦୧୧ ମସିହା ଠାରୁ ୨୦୧୩ ମସିହା ପର୍ଯ୍ୟନ୍ତ ଏଠାରେ ଜମିଜମା ବନ୍ଦୋବସ୍ତ କ୍ୟାମ୍ପ ମଧ୍ୟ ଚାଲୁଥିଲା। ତା'ପରଠୁ ରକ୍ଷଣ ବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥା ହୋଇଛି। ପୂର୍ବରୁ ଏହି ବଙ୍ଗଳାରେ ଚୌକିଆ ରହି ଯତ୍ନ ନେଉଥିଲେ। କାଳକ୍ରମେ ସେହି ପଦବୀ ବନ୍ଦ ହୋଇ ଯିବାରୁ ଯତ୍ନ ନେବା ପାଇଁ କେହିନାହାନ୍ତି। ବଙ୍ଗଳାଟି ରାଜସ୍ୱ ନୀରିକ୍ଷକ ବଲସକୁମ୍ପାଙ୍କ କାର୍ଯ୍ୟାଳୟ ନିକଟକୁ ଲାଗି ରହିଛି। ଯାହା ଖଇରିପଡ଼ା ତହସିଲଦାରଙ୍କ ଅଧୀନରେ ଅଛି। କିନ୍ତୁ ଏହାର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଉପରେ ଆଜିଯାଏ କୌଣସି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ପଡ଼ିନାହିଁ। ଫଳରେ ଚାରିଆଡ଼େ ଜଙ୍ଗଲ ହୋଇ ଭୂତକୋଠି ସଦୃଶ ହୋଇଯାଇଛି। ଏଠାରେ ପ୍ରଶ୍ନ ଉଠୁଛି ଏତେବଡ଼ ବଙ୍ଗଳାକୁ ରାଜସ୍ୱ ବିଭାଗ ନିଜ ଦୃଷ୍ଟି ଆଢୁଆଳରେ ରଖି ଦେଇଥିବା ଯୋଗୁ ସରକାରଙ୍କର ଏହା ଏକ ବଡ଼ କ୍ଷତି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ବଙ୍ଗଳା ଗୃହ ନିର୍ମାଣରେ ଉନ୍ନତମାନର ସରଞ୍ଜାମ ଲଗା ଯାଇଥିବା ଓ କାମ ହୋଇଥିବା ଯୋଗୁ ବଙ୍ଗଳାଟି ସେତେ ନଷ୍ଟ ହୋଇନାହିଁ। କିନ୍ତୁ ବଙ୍ଗଳାର ପ୍ରାଙ୍ଗଣରେ ବିଭିନ୍ନ ଗଛଲତା ମାଡ଼ିଯାଇଛି। ଏନେଇ ବୁଦ୍ଧିଜୀବୀଙ୍କ କହିବା ଅନୁଯାୟୀ, ଏହି ବଙ୍ଗଳାକୁ ଯଦି ରୂପାନ୍ତରିକରଣ କରାଯାଇ ଉଚିତ ପରିଚାଳନା କରାଯାଇପାରନ୍ତା ତେବେ ଏଥିରୁ ଭଲ ରାଜସ୍ୱ ଆଦାୟ ହୋଇପାରନ୍ତା। ନଚେତ ସରକାର ବିଭିନ୍ନ ମହତ୍ୱପୂର୍ଣ୍ଣ ଯୋଜନାରେ ଏହି ବଙ୍ଗଳାକୁ ବିଭିନ୍ନ ତାଲିମ କାର୍ଯ୍ୟରେ ମଧ୍ୟ ଲଗାଯାଇ ପାରନ୍ତେ। ତାଲିମ ନେବା ବ୍ୟକ୍ତି ବିଶେଷମାନେ ରାତ୍ରୀଯାପନ କରନ୍ତେ। ଏହି ବଙ୍ଗଳା ନିକଟରେ ରହିଛି ପିଲାସାଲୁଙ୍କି ଡ୍ୟାମ ଏବଂ ପୁରୁଣା ପାଣି ଡ୍ୟାମ ସହ ସାମ୍ନାରେ ମା' ବରାଳ ଦେବୀଙ୍କ ମନ୍ଦିର ରହିଛି। ବଙ୍ଗଳାର ଭିତ୍ତିଭୂମିକୁ ପୁନରୁଦ୍ଧାର କରାଯାଇ ତାକୁ କାର୍ଯ୍ୟରେ ଲଗାଇଲେ ସରକାରଙ୍କ ଲାଭ ହେବା ସହ ପର୍ଯ୍ୟଟକମାନେ ଉପକୃତ ହୋଇପାରନ୍ତେ ବୋଲି ଭାଜପା ବଲସକୁମ୍ପା ମଣ୍ଡଳର ଉପ ସଭାପତି ଭଗବାନ ଗୁରୁ କହିଛନ୍ତି। ଏ ବାବଦରେ ଖଇରିପଡ଼ା ତହସିଲଦାର ଶୁଭଶ୍ରୀ ରଥ କହିଛନ୍ତି ଯେ, ଏହା ଉପରେ ତଦନ୍ତ କରାଯିବ। ରାଜସ୍ୱ ନୀରିକ୍ଷକ ସବିତା କହିଛନ୍ତି, ଏହାର ମରାମତି ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଯାଇଛି। ତେବେ ରାଜସ୍ୱ ବିଭାଗ ଏହାକୁ କାର୍ଯ୍ୟକାରୀ କରୁଛି କି ନାହିଁ ତାହା ଦେଖିବାରେ ବାକି ରହିଲା।

# ୫ ଇଟାଭାଟିରେ ପ୍ରଶାସନର ଚଢ଼ାଉ



ଜେସିବି ଦ୍ୱାରା ନଷ୍ଟ କରାଯାଉଛି ଇଟା।

ବେଲଗୁଣ୍ଠା,୨।୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ବେଲଗୁଣ୍ଠା ତହସିଲ ଅଞ୍ଚଳରେ ଚାଲିଥିବା ବେଆଇନ ଇଟାଭାଟି ଉପରେ ଚଢ଼ାଉ କରାଯାଇଛି। ତହସିଲଦାର କଳାକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ଗାଙ୍ଗପୁର ରାଜସ୍ୱ ନିରୀକ୍ଷକ ଗୌରୀ ଶଙ୍କର ସ୍ୱାଇଁ, ଗାଙ୍ଗପୁର ଥାନାଧିକାରୀ ବନବିହାରୀ ପ୍ରଧାନ, ପୋଲିସ୍ ବାହିନୀ, ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର କବିରାଜ ସେଠୀଙ୍କ ସମେତ ରାଜସ୍ୱ ବିଭାଗର କର୍ମଚାରୀମାନେ ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ବଡ଼ ବୋର୍ଦ୍ଦା ପଞ୍ଚାୟତର ବଡ଼ବୋର୍ଦ୍ଦା ଏବଂ ଖାରି ଗୁଡାରେ ବେଆଇନ୍ ଭାବେ ଚାଲିଥିବା ଇଟାଭାଟି ଉପରେ ଚଢ଼ାଉ କରିଥିଲେ। ସରକାରଙ୍କ ନୀତି ନିୟମକୁ ଅଣଦେଖା କରି ବେଆଇନ୍ ରୂପେ କାଠରେ ପୋଡ଼ି ଇଟା ପ୍ରସ୍ତୁତ କରାଯାଉଥିବାରୁ ଜେସିବି ଦ୍ୱାରା ସମସ୍ତ ଇଟାକୁ ନଷ୍ଟ କରାଯାଇଥିଲା। ୫ ଭାଟିରେ ଥିବା ପ୍ରାୟ ୩ ଲକ୍ଷ ଇଟା ନଷ୍ଟ କରାଯାଇଥିବା ଜଣାପଡ଼ିଛି। ଆଗାମୀ ଦିନରେ ମାଟି ଇଟା ପକାଇ ପୋଡୁଥିବା ଲୋକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର କହିଛନ୍ତି।

# ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକ, ଅଧ୍ୟାପକ ସମ୍ମିଳନୀ

ଜି.ଉଦୟଗିରି,୨।୨(ଚିନ୍ମୟ କୁମାର ସେଠି) ଜି.ଉଦୟଗିରି ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ବିଦ୍ୟାଳୟରେ ପଢୁଥିବା ଯୁକ୍ତ ୨ ଶ୍ରେଣୀର ଛାତ୍ରୀଙ୍କ ଅଭିଭାବକ ଏବଂ ଅଧ୍ୟାପକଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶିବରାମ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷା, ଶୃଙ୍ଖଳା, ସୁରକ୍ଷା, ସଂସ୍କାର ବିଷୟରେ ବିଶେଷ ଭାବେ ଆଲୋଚନା ହୋଇଥିଲା। ଉକ୍ତ ସମ୍ମିଳନୀରେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ଡ.ବବିତା ରାଣୀ ପଟ୍ଟନାୟକ, ନିମତୀ ଦାଶ, ସସ୍ମିତା ଦାଶ ଉପସ୍ଥିତ ରହି ନିଜ ଝିଅଙ୍କ ପ୍ରତି ଅଭିଭାବକଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମିଳନୀରେ ଶତାଧିକ ଅଭିଭାବକ ଯୋଗଦେଇ ଛାତ୍ରୀଙ୍କ ଶିକ୍ଷା ସହ ସଂସ୍କାର ସମ୍ବନ୍ଧିତ ବିଷୟରେ ମତାମତ ଦେଇଥିଲେ।

# ଜବତ ଦରପୋଡ଼ା ମୃତଦେହର ପରିଚୟ ମିଳିଲା

ଶେରଗଡ଼,୨।୨(ସୂର୍ଯ୍ୟ ନାରାୟଣ ଦାଶ) ଗଞ୍ଜାମ ଜିଲ୍ଲା ଶେରଗଡ଼ ନିକଟସ୍ଥ ବନ୍ଧାଗୁଡ଼ା ଜଗନ୍ନାଥ ବିଦ୍ୟାପୀଠ ନିକଟରେ ଥିବା ଏକ ବିଲରୁ ଗତ ୩୦ ତାରିଖରେ ଜବତ ହୋଇଥିବା ମୃତଦେହର ପରିଚୟ ମିଳିଛି। ସେ ହେଲେ ବି. ମାତାପଲ୍ଲାଙ୍କ ପୁଅ ବି. ଗୌରୀନାଥ। ତାଙ୍କ ଘର ଆନ୍ଧ୍ର ପ୍ରଦେଶର ମେଦକ ଜିଲ୍ଲା ଅନ୍ତର୍ଗତ ମୁଥାଙ୍ଗି ଗ୍ରାମରେ ବୋଲି ତଦନ୍ତରୁ ଜଣାପଡ଼ିଛି। ଦୁଇଦିନ ତଳେ ଏହି ଦରପୋଡ଼ା ମୃତଦେହ ଶେରଗଡ଼ ପୋଲିସ ଜବତ କରିଥିଲା। ତାଙ୍କ ନିକଟରୁ ମିଳିଥିବା ଆଧାର କାର୍ଡକୁ ଆସିକା ଏସ୍‌ଡିପିଓ ସନ୍ତୋଷ କୁମାର ଜେନା ସାର୍ବଜନୀନ କରିଛନ୍ତି। ନଳଭେଣ୍ଟା ଗ୍ରାମର ଜଣେ ଯୁବକଙ୍କୁ ଆଣି ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ଅଟକ ରଖି ପଚରାଉଚରା କରାଯାଉଛି। ଏନେଇ ନଂ.୪୦/୨୬ରେ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ ଜେନା କହିଛନ୍ତି।

## ସମ୍ପୂର୍ଣ୍ଣତା ଅଭିଯାନ ୨.୦ କାର୍ଯ୍ୟକ୍ରମ

# ୨ ବ୍ଲକର ସାମଗ୍ରିକ ବିକାଶ ଲକ୍ଷ୍ୟ

ପାରଳାଖେମୁଣ୍ଡି,୨।୨(ଗିରିଧାରୀ ପରିଚ୍ଛା) ଗଜପତି ଜିଲ୍ଲା ପ୍ରଶାସନ ଓ ନୀତି ଆୟୋଗ ପକ୍ଷରୁ ସମ୍ପୂର୍ଣ୍ଣତା ଅଭିଯାନ ୨.୦ କାର୍ଯ୍ୟକ୍ରମ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ଉପ ନିର୍ଦ୍ଦେଶକ ପ୍ରକାଶ ରାଉତ ଉପସ୍ଥିତ ଥିଲେ। ଜାନୁୟାରୀ ୨୮ରୁ ଆରମ୍ଭ ହୋଇଥିବା ସମ୍ପୂର୍ଣ୍ଣତା ଅଭିଯାନ ୨.୦ କାର୍ଯ୍ୟକ୍ରମ ଅପ୍ରେଲ ୧୪ ପର୍ଯ୍ୟନ୍ତ ଜିଲାର ଦୁଇଟି ଆକାଂକ୍ଷା ବ୍ଲକ ଆର୍.ଉଦୟଗିରି ଓ ଗୁମ୍ମା ବ୍ଲକର ସାମଗ୍ରିକ ବିକାଶ କରାଯିବାକୁ ଏହି କାର୍ଯ୍ୟକ୍ରମ ହେଉଛି। ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଓ ପୁଷ୍ଟି ହେଉଛି ଏହି ଅଭିଯାନର ଲକ୍ଷ୍ୟ। ଜିଲାର ସମସ୍ତ ଅଧିକାରୀ ଓ କର୍ମଚାରୀ ଗୋଟିଏ ଟିମ ହୋଇ କାର୍ଯ୍ୟ କଲେ ଏହି ଲକ୍ଷ୍ୟ ହାସଲ ହୋଇପାରିବ ବୋଲି ଜିଲାପାଳ କହିଥିଲେ। ଅନ୍ୟ ଅତିଥିମାନେ ମଧ୍ୟ ଏହି କାର୍ଯ୍ୟକ୍ରମର ସଫଳତା ଉପରେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ଶପଥ ପାଠ କରାଯାଇଥିଲା।

# ବାଂଲାଦେଶୀଙ୍କୁ ବିତାଡ଼ିତ ପାଇଁ ଏସ୍‌ଡିପିଓଙ୍କୁ ଦାବିପତ୍ର

ଦାରିଙ୍ଗବାଡ଼ି,୨।୨ (ଅରୁଣ ସାହୁ) ଦାରିଙ୍ଗବାଡ଼ି ବ୍ଲକ୍ ଅଞ୍ଚଳରେ ବଂଲାଦେଶୀ ଅନୁପ୍ରବେଶକାରୀ ବିଭିନ୍ନ ପ୍ରମାଣପତ୍ର ହାତେଇ ବୁଲୁଛନ୍ତି। ସେମାନେ ବୁଲାବିକାଳି ରୂପେ ଲୋକଙ୍କ ମନ ଜିଣିବାକୁ ବିଭିନ୍ନ ସାମଗ୍ରୀକୁ ଶସ୍ତା ଦରରେ ବିକ୍ରି କରି ଲୋକଙ୍କ ବିଶ୍ୱାସଭାଜନ ହେଉଥିବା ଦେଖିବାକୁ ମିଳୁଛି। ପରେ ସେମାନେ ଅଞ୍ଚଳରେ ରହି ବିଭିନ୍ନ ଅନୈତିକ କାର୍ଯ୍ୟକଳାପ, ଚୋରି ରାହାଜାନି ଆଦି କରୁଥିବା ସୋମବାର କନ୍ଧମାଳ ଜିଲା ରାଷ୍ଟ୍ରୀୟ ବଜରଙ୍ଗଦଳ ପକ୍ଷରୁ କନ୍ଧମାଳ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ବାଲିଗୁଡା ଏସ୍‌ଡିପିଓ ଶୁଭମ ଭୋସଲେଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବଜରଙ୍ଗ ଦଳ ଜିଲା ଅଧ୍ୟକ୍ଷ କାହ୍ନୁ ଚରଣ ଗୌଡ଼ଙ୍କ ନେତୃତ୍ୱରେ ଦାରିଙ୍ଗବାଡ଼ି ଶାଖା ପରିଚାଳକ ଦୀପକ ପ୍ରଧାନ, ବାଲିଗୁଡ଼ା ଶାଖା ପରିଚାଳକ ରାଜେଶ ବେହେରା ଓ ବାବୁ ବେହେରା ଲିଖିତ ଆକାରରେ ଅବଗତ କରାଇଛନ୍ତି।

# ୪ରୁ ରାଜ୍ୟସ୍ତରୀୟ ଫୁଟ୍‌ବଲ ଚାମ୍ପିୟନଶିପ

ବାଲିଗୁଡ଼ା,୨।୨(ସଞ୍ଜୟ କୁମାର ପାଣିଗ୍ରାହୀ) ବାଲିଗୁଡ଼ା ଉପଖଣ୍ଡ କ୍ରୀଡା ସଂଘ ପକ୍ଷରୁ ରାଜ୍ୟସ୍ତରୀୟ ଫୁଟ୍‌ବଲ ଚାମ୍ପିୟନ ଶିପ ଆୟୋଜନ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଫେବୃଆରୀ ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ଉପଖଣ୍ଡ କ୍ରୀଡା ସଂଘ କପ୍‌ର ଏହି ରାଜ୍ୟସ୍ତରୀୟ ଫୁଟବଲ ଚାମ୍ପିୟନଶିପ ସ୍ଥାନୀୟ ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମ ପରିସରରେ ହେବ। ଉଦ୍‌ଘାଟନୀ ମ୍ୟାଚ ଏଫସି ସମ୍ବଲପୁର ସହ ଡାଇମଣ୍ଡ କ୍ଲବ୍ ଖୋର୍ଦ୍ଧା ମଧ୍ୟରେ ହେବ। ଏଥିରେ ସମ୍ବଲପୁର ଏଫସି, ଡାଇମଣ୍ଡ କ୍ଲବ ଖୋର୍ଦ୍ଧା, ଦୋସ୍ତି ବ୍ରଦର ସୁନ୍ଦରଗଡ଼, ପଫୁଲାର କ୍ଲବ ଢେଙ୍କାନାଳ, ୟୁଏସସି ଟିମ୍ ବରଗଡ଼, ଏଫପିଏସଏ ଟିମ୍ ଜଟଣୀ, ଜଗା ୟୁନାଇଟେଡ଼ ଭୁବନେଶ୍ୱର, ଜେଡିକ୍ଲବ ଫୁଲବାଣୀ ଦଳ ଅଂଶ ଗ୍ରହଣ କରିବେ। ୧୦ରେ ମହିଳା ଫୁଟ୍‌ବଲ ମ୍ୟାଚ ବରଗଡ଼ ସହ ଭୁବନେଶ୍ୱର ମଧ୍ୟରେ ହେବ। ୧୧ରେ ଫାଇନାଲ ମ୍ୟାଚ ହେବ। ଉପଦେଷ୍ଟା ଶେଖ ସାଦିକ, ଦେବବ୍ରତ ସିଂ ଦେଓ, ସୁରେନ୍ଦ୍ର ପାତ୍ର, ସାଧାରଣ ସମ୍ପାଦକ ଡ. ସୁଶାନ୍ତ ଦାସ, ଯୁଗ୍ମ ସମ୍ପାଦକ ମାନସ ରଞ୍ଜନ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ରଞ୍ଜିତ ମହାନ୍ତି, କ୍ରୀଡା ସମ୍ପାଦକ ଶିବାନନ୍ଦ ପଟ୍ଟନାୟକ, ଏ. ଶ୍ରୀନିବାସ ଦୋରା ପରିଚାଳନାରେ ସହଯୋଗ କରିବେ।

# ତଦନ୍ତ କଲା ଶିକ୍ଷା ବିଭାଗ ଟିମ୍, ରିପୋର୍ଟ ପରେ କାର୍ଯ୍ୟାନୁଷ୍ଠାନ

ଫୁଲବାଣୀ, ୨।୨(ରାକେଶ କୁମାର ରାଉତ)



କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ୍ ଗୋଚ୍ଛାପଡା ଥାନା ଟଣାସୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ଆନ୍ଦୋଳନ ଘଟଣାର ସୋମବାର ତଦନ୍ତ ଆରମ୍ଭ ହୋଇଛି। ଶିକ୍ଷା ବିଭାଗ ପକ୍ଷରୁ ଏକ ଟିମ୍ ଯାଇ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ପକ୍ଷରୁ ହୋଇଥିବା ଅଭିଯୋଗର ତଦନ୍ତ କରିଛନ୍ତି। ଯେଉଁ ଶିକ୍ଷକଙ୍କ ନାମରେ ଅଭିଯୋଗ ହୋଇଥିଲା ତାହା ଠିକ୍ ବୋଲି ତଦନ୍ତକାରୀ ଟିମ୍ ଜାଣିବାକୁ ପଇଛି। ଅନେକ ସମୟରେ ପ୍ରଧାନଶିକ୍ଷୟିତ୍ରୀ ସ୍କୁଲ ଅର୍ଥ ହେରଫେର କରୁଥିବା ନେଇ ଶିକ୍ଷକ ଟିଟୁ ଦିଗାଲ ଅଭିଯୋଗ କରୁଥିଲେ। କିନ୍ତୁ ନିଜେ ବିଦ୍ୟାଳୟକୁ ଠିକ୍ ସମୟରେ ଆସୁ ନ ଥିଲେ କି ପିଲାଙ୍କୁ ପଢ଼ାଉ ନ ଥିଲେ। ଯାହାକୁ ନେଇ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରୁଥିଲା। କିଛି ଦିନ ତଳେ ଶିକ୍ଷକ ଟିଟୁଙ୍କ ବଦଳି ଦାବି କରି ସରପଞ୍ଚ ରୋହିତ କହଁରଙ୍କ ସହ ଅଭିଭାବକ ଏବଂ ଛାତ୍ରୀଛାତ୍ର ବିଦ୍ୟାଳୟ ବାହାରେ ଆନ୍ଦୋଳନ କରିଥିଲେ। ଅନ୍ୟପଟେ ବିଦ୍ୟାଳୟକୁ ଛାତ୍ରୀଛାତ୍ରଙ୍କ ପାଇଁ ଆସୁଥିବା ଅର୍ଥରୁ ପ୍ରାୟ ୫୩ ହଜାର ଟଙ୍କା ପ୍ରଧାନଶିକ୍ଷୟିତ୍ରୀ ହେରଫେର କରିଥିବା ନେଇ ଶିକ୍ଷକ ଟିଟୁ ଅଭିଯୋଗ କରିଥିଲେ। ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ଜିଲାପାଳଙ୍କ ନିର୍ଦ୍ଦେଶରେ ଫିରିଙ୍ଗିଆ ବିଇଓ ଆଲୋକ ପ୍ରଧାନ, ଏବିଇଓ ସଞ୍ଜୟ ବେହେରା ବିଦ୍ୟାଳୟକୁ ଯାଇ ସମସ୍ତ ଘଟଣାର ତଦନ୍ତ କରିଥିଲେ। ବିଦ୍ୟାଳୟର ସମସ୍ତ ରେକର୍ଡ ପତ୍ର ଯାଞ୍ଚ ପରେ ଶିକ୍ଷକ ଟିଟୁଙ୍କ ଅଭିଯୋଗ ଭିତ୍ତିହୀନ ବୋଲି ଜଣାପଡିଛି। ସମ୍ପୃକ୍ତ ଶିକ୍ଷକ ନିଜ ଅବହେଳାକୁ ଘଣ୍ଟ ଘୋଡ଼ାଇବାକୁ ଯାଇ ଏଭଳି ଅଭିଯୋଗ କରୁଛନ୍ତି ବୋଲି ଏବିଇଓ ବେହେରା କହିଛନ୍ତି। ତଦନ୍ତ ରିପୋର୍ଟ ଜିଲା ଜିଲାପାଳଙ୍କୁ ପ୍ରଦାନ କରାଯିବ। ଜିଲାପାଳ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ବିଇଓ କହିଛନ୍ତ।

## ନାଟ୍ୟଧାରାରେ ପାରଳାଖେମୁଣ୍ଡି କ୍ରିଏଟିଭ ଆର୍ଟସର ନାଟକ ମଞ୍ଚସ୍ଥ

# ମା'ବାପାଙ୍କ ସ୍ୱପ୍ନଭଙ୍ଗର କଥା କହିଲା 'ଶେଷଇଚ୍ଛା'

ପାରଳାଖେମୁଣ୍ଡି,୨।୨(ଗିରିଧାରୀ ପରିଚ୍ଛା)

ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୁଲ୍ୟରେ ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପରେ ୩ ଦିନ ଧରି ଚାଲିଥିବା ନାଟ୍ୟଧାରା ନାଟକ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଶେଷ ଦିବସରେ ପାରଳାଖେମୁଣ୍ଡିର କଳାକାରମାନେ ମଞ୍ଚସ୍ଥ କରିଥିଲେ ନାଟକ 'ଶେଷଇଚ୍ଛା'। ଆଜି ଆମେ ସମସ୍ତେ ଏମିତି ଗୋଟେ ସମାଜରେ ରହୁଛୁ, ଯେଉଁଠି ସ୍ନେହ ପ୍ରେମ ମାନବିକତା ଏବଂ ସାମାଜିକ ମୂଲ୍ୟବୋଧକୁ ମଣିଷ ଭୁଲି ଯାଉଛି। ବାସ୍ତବବାଦ ଦୁନିଆର ଅନ୍ଧ ଗଳିରେ ମଣିଷ ଅଣନିଃଶ୍ୱାସୀ ହୋଇପଡୁଛି। ଟଙ୍କା ରୋଜଗାର ତା' ପାଇଁ ହୋଇପଡୁଛି ମୁଖ୍ୟ। ଟଙ୍କା ପାଇଁ ସେ ମା'ବାପାଙ୍କ ଆକୁଳ ନିବେଦନ, କାକୁତି ମିନତି, ସ୍ନେହଶ୍ରଦ୍ଧା ଭଲପାଇବାକୁ ତୁଚ୍ଛ ମନେକରୁଛି। ସନ୍ତାନମାନଙ୍କ ଅବହେଳାର ଶିକାର ହେଲେ ମଧ୍ୟ ମା'ବାପାମାନେ ପିଣ୍ଡରେ ପ୍ରାଣ ଥିବା ପିଲାମାନଙ୍କୁ ଝୁରି ହୁଅନ୍ତି। ସେମାନଙ୍କ ମଙ୍ଗଳ ମନାସନ୍ତି। ଏପରି ଏକ ମା'ବାପାଙ୍କ ସ୍ୱପ୍ନଭଙ୍ଗର ଭାବଭୂମିକୁ ପାରଳାଖେମୁଣ୍ଡିର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କ୍ରିଏଟିଭ ଆର୍ଟସ କଳାକାରମାନେ ସଫଳତାର ସହ ପରିବେଷଣ କରି ଦର୍ଶକଙ୍କୁ ବାନ୍ଧି ରଖିପାରିଥିଲେ। ନାଟ୍ୟକାର ପ୍ରଭାକର ପାତ୍ରଙ୍କ ରଚିତ ଏହି ନାଟକକୁ ମନୋଜ ପାଢ଼ୀ ନିର୍ଦ୍ଦେଶନା ଦେଇଥିଲେ। ସହ ନିର୍ଦ୍ଦେଶନାରେ ଥିଲେ ଆଦର୍ଶ ଦାସ ଏବଂ ସଙ୍ଗୀତରେ ଥିଲେ ଏମ. ମାଧବ ପାତ୍ର।

# କମ୍ପ୍ୟୁଟର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରମ୍ଭା,୨।୨(ବନବାସୀ ସେଠୀ) ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ପାଲିବନ୍ଧ ପଞ୍ଚାୟତର ପୋଡ଼ାମପେଟା ଓଡ଼ିଆରପି କଲୋନୀରେ ଏକ ବର୍ଷ ଧରି ଚାଲିଥିବା କମ୍ପ୍ୟୁଟର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଭିଯୁଷ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ଶିବିର କୋର୍ଡିନେଟର ଜେ.ଟିଟୁଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ପ୍ରଶିକ୍ଷିକା ସି.ଏଚ. ପଦ୍ମିନୀଙ୍କ ପୌରହିତ୍ୟରେ ଉଦ୍‌ଯାପନୀ ସମାବେଶରେ ମୁଖ୍ୟଅତିଥି ଭାବେ ସରପଞ୍ଚ ସଂଯୁକ୍ତା ପ୍ରଧାନ, ଉମାକାନ୍ତ ବେହେରା ଯୋଗଦେଇ ଶିକ୍ଷାର୍ଥୀଙ୍କ ଉଜ୍ଜ୍ୱଳ ଭବିଷତ କାମନା କରି ପ୍ରମାଣପତ୍ର ପ୍ରଦାନ କରିଥିଲେ। ୱାର୍ଡ ମେମ୍ବର ଏନ.ଲକ୍ଷ୍ମୀ, ପୂର୍ବତନ ୱାର୍ଡ ମେମ୍ବର ବି. ହାଡ଼ି, ବି.ଏରିଗା ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ୧୫୭ ଜଣ ଶିବିରାର୍ଥୀ ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ପ୍ରଶିକ୍ଷଣ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

# ନାବାଳିକାଙ୍କୁ ଅପହରଣ ପରେ ହାତଗୋଡ଼ ବାନ୍ଧି ଜଙ୍ଗଲରେ ଛାଡ଼ିଦେଲେ

ତୁମୁଡିବନ୍ଧ,୨।୨(ଦୀପକ କୁମାର ପରାସେଠ)

ଅପହରଣ କରି ହାତ ଗୋଡ଼ ବାନ୍ଧି ଜଙ୍ଗଲରେ ଛାଡି ପଳାଇଲେ ରାତି କିଟି କିଟି ଅନ୍ଧାରରେ ଭୟରେ ଜୀବନ ବଞ୍ଚାଇ ଜଣେ ୧୪ ବର୍ଷୀୟ ନାବାଳିକା ସକାଳେ ଘରକୁ ଫେରିଛି। ଏପରି ଘଟଣା କନ୍ଧମାଳ ଜିଲା ବେଲଘର ଥାନା ଅଞ୍ଚଳରେ ଘଟିଛି। ନାବାଳିକା ରବିବାର ପୂର୍ବାହ୍ନରେ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ପୂର୍ବ ଯୋଜନା ପ୍ରକାରେ ସେହି ଅଞ୍ଚଳର ୨ ଜଣ ଯୁବକ ତାଙ୍କୁ ଗାଧୁଆ ତୁଠରୁ ଏକ ଘଞ୍ଚ ଜଙ୍ଗଲକୁ ଉଠାଇ ନେଇଗଲେ। ସେଠାରେ ନାବାଳିକାଙ୍କୁ ବଳାତ୍କାର ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ନାବାଳିକା ରାଜି ନହେବାରୁ ପିନ୍ଧିଥିବା ପୋଷାକ ଚିରି ଦେଇ ଭିଡିଓ କରି ଭାଇରଲ କରିଦେବୁ ଧମକ ଦେବା ସହିତ ତାଙ୍କୁ ମାଡ଼ ମାରି ପାଟିରେ କପଡ଼ା ଓ ହାତ ଗୋଡ଼ରେ ବାନ୍ଧି ସେହି ଘଞ୍ଚ ଜଙ୍ଗଲରେ ଛାଡ଼ି ଦେଇ ପଳାଇଲେ। ସେଠାରେ ରାତିର କିଟି କିଟି ଅନ୍ଧାର, ହିଂସ୍ରଜନ୍ତୁଙ୍କ ଭୟ ସହିତ ଶୀତ କାକରରେ ବଡ଼ କଷ୍ଟରେ ରାତି କାଟି ଥିବାବେଳେ ବନ୍ଧା ହାତଗୋଡ କିପରି ଖୋଲିହେବ ସେ ପ୍ରଚେଷ୍ଟା ଜାରି ରଖି ସକାଳ ହେବାରୁ କୌଣସି ପ୍ରକାରେ ଖୋଲି ପାରି ବଡ଼ କଷ୍ଟରେ ଘରକୁ ଫେରି ପରିବାର ଲୋକଙ୍କୁ କହିଥିଲା। ଏନେଇ ପରିବାର ଲୋକେ ବେଲଘର ଥାନାରେ ଅଭିଯୋଗ କରିଥିଲେ। କେଶ୍ ନଂ.୧୦/୨୬ ମାମଲା ରୁଜୁ କରି ସେହି ଗ୍ରାମର ସୁଶୀଳ ନାୟକ ନାମକ ଜଣେ ଯୁବକକୁ ଅଟକ ରଖି ପଚାର ଉଚରା ଜାରି ରଖିଛି।


**OFFICE OF THE PRINCIPAL, NUVAPADA**
**Sri BALAJI MAHAVIDYALAYA, CHIKITI, GANJAM**
**NOTICE**
**Advertisement for re-engagement of retired Government Servants in Nuvapada Sri Balaji Mahavidyalaya, Nuvapada**
**No. 29/NSBM (DG) /2026** **Dated: 02-02-2026**
Applications are invited from the eligible desirous retired Government Servants below the age of 65 (Sixty Five) years having good service records and physically fit for re-engagement as Jr. Clerk on contractual basis to do the base level work in the O/o Principal, Nuvapada Sri Balaji Mahavidyalaya, Nuvapada against the vacant posts of Junior Clerk in pursuance of guidelines enshrined in Higher Education Department Resolution No.57203/HE, dated 23-10-2025.
The details of Criteria, Remuneration, Vacancies and Period of engagement along with prescribed application format are available in the Official website of the college- www.nsbmahavidyalaya.edu.in
The filled application should reach the Principal, Nuvapada Sri Balaji Mahavidyalaya, Nuvapada by 12th February 2026. Applications received thereafter shall not be entertained.
Sd./- Principal

**ZILLA PARISHAD CAMPUS, NABARANGPUR**
**QUOTATION CALL NOTICE**
**No.19001/7/2526** : Sealed quotations are invited from potential supplied, tent house and electrical decorators , for stalls, light & Sound to take up different works for organizing SUBHADRA SHAKTI MELA - 2026, Nabarangpur from 22nd to 28th February, 2026. The different quotation call notice has been issued vide Qtn. 751/752 No. dated 31.01.2026. The tender papers are available at the website of https://nabarangpur.odisha.gov.in.
The last date of submitting quotation is **07.02.2026 by 3:00 P.M.**
OIPR-19001/19233/1/25-26/0007 Sd./- CDO-Cum-EO

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail : serwsbd2003@yahoo.com
Letter No.432 Date : 27.01.2026
**TENDER CANCELLATION NOTICE**
**No.25001/16/2526** : The tender notice vide this office Bid Identification No.CCERWCSBD Online - 23/2025-26 invited vide this office Letter No.5576, Dtd.30.10.2025 is here by cancelled due to some Technical issues.
Sd./- Chief Construction Engineer, Rural Works Circle, Sunabeda
OIPR-25001/25182/1/25-26/0016

**OFFICE OF THE SUPERINTENDING ENGINEER**
**RURAL WATER SUPPLY AND SANITATION DIVISION, BHUBANESWAR**
PLOT NO. 1214 (PART), TAPOVAN ROAD, KHANDAGIRI, BHUBANESWAR-30
**Short Quotation Call Notice No. - 39 of 2025-26**
**No.25001/16/2526** : Sealed quotations are invited from reputed Suppliers / Authorized Firms / Resellers of the State of the work "Supply & Installation of Chair and Sofa for Addition, Alternation & Renovation of existing Conference Hall in the Office of the Additional Chief Engineer, RWS&S Circle, Bhubaneswar".

| | | |
|---|---|---|
| Last date of issue of Bid Document | : | 05.02.2026 till 03:00 P.M. |
| Last date of submission of Bids | : | 05.02.2026 by 04:00 P.M. |
| Opening of Bids | : | 06.02.2026 at 11:30 A.M. |

The Quotation details with materials description can be collected from Office of the Superintending Engineer, RWS&S Division, Bhubaneswar. The Superintending Engineer, RWS&S Division, Bhubaneswar reserves the right to accept/reject/modify & cancel the full tender or part thereof at any time without assigning any reason thereof.
Sd./- Superintending Engineer, RWS&S Division, Bhubaneswar
OIPR-25001/25011/1/25-26/0016

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail : serwsbd2003@yahoo.com
Letter No.443 Date : 27.01.2026
**2nd Corrigendum**
**No.25001/14/2526** : In continuation to this office Bid Identification No. CCERWCSBD-Online-28/2025-26 invited vide this office Notice No.6205 Dtd.28.11.2025, partial modification of NCB has been made as follows :
1. Availability of Tender online for bidding extended up to Dtd.20.02.2026 at 5.00 P.M.
2. Last Date and Time of seeking tender clarification Dtd.19.02.2026 up to 2.00 P.M.
3. Date & Time of opening of tender (Technical Bid) on Dtd.21.02.2026 at 11.00 A.M.
4. Date & Time of opening of tender (Price Bid) will be intimated later.
All other terms and conditions will remain unaltered.
Sd./- Chief Construction Engineer, Rural Works Circle, Sunabeda
OIPR-25001/25182/1/25-26/0014

**GOVERNMENT OF ODISHA** No.25001/16/2526
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, MALKANGIRI**
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 10/RWD-I, MKG/2025-26 dt.29.01.2026**
01. Name of the work : Repair & Maintenance works (Detailed in Annexure), 02. Total Number of works : 01 nos (Seven), 03. Estimated cost : Rs.16.95 lakhs, 04. Class of contractor : "D" & "C" Class, 05. Period of Completion : (As per Detailed in Annexure), 06. Other details :

| Procurement Officer | Bid Identification No. | No. of Works | Availability of Tender on-line for bidding | | Last Date & Time of seeking Tender Clarification | Date & Time of Opening Tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender - 10/RWD-I, MKG/2025-26 | Total 1 No. (Single Cover) | 03.02.2026 from 11.00 A.M. | 12.02.2026 up to 5.00 P.M. | 11.02.2026 up to 5.00 P.M. | Tech Bid opening 13.02.2026 at 11.00 A.M. |

Further details can be seen from the website: www.tendersorissa.gov.in.
Sd./- Sujata Dishari
OIPR-25001/25058/1/25-26/0016 Executive Engineer, R.W. Division-I, Malkangiri

**FOREST ENVIRONMENT & CLIMATE CHANGE DEPARTMENT, ODISHA**
**OFFICE OF THE DIVISIONAL FOREST OFFICER**
**KORAPUT DIVISION**
Email : dfo.koraput@odisha.gov.in
**INVITATION FOR QUOTATION THROUGH offline**
**Bid Identification No. DFO-KPT-01/2025-26 (IF)**
No.8001/10/2526 **Quotation Call Notice**

| | | | |
|---|---|---|---|
| 1. | Name of the item | : | Installation of DG set |
| 2. | Total No. of Works | : | 01 No. |
| 3. | Estimated cost | : | Rs.11,50,000/- (including GST & TDS) |
| 4. | Type of tender | : | Single Cover Tender |
| 5. | Date and Time of availability of Bid documents in the portal | : | From 11.00 A.M. of Dt.02.02.2026 to 17.00 hrs of dt.12.02.2026 |
| 6. | Last date/Time for receipt of quotation in the portal | : | Dt.12.02.2026 up to 17.00 hrs |
| 7. | Date of opening | : | Dt.13.02.2026 at 11.00 hrs in the office of the undersigned |
| 8. | Name & address of the O.I.T (Officer Inviting tender) | : | Divisional Forest Officer, Koraput Division, Koraput |

Further details can be seen from the website portal www.degm.koraput@odisha.gov.in.
**N.B. Subsequent corrigendum/addendum if required in this regard will be made available in the website as indicated above.**
Sd./- Divisional Forest Officer, Koraput Forest Division
OIPR-8001/8067/1/25-26/0010

**DISTRICT PROJECT OFFICE**
**SAMAGRA SHIKSHA, BHADRAK**
**At-Upper Bagurai, Post-Madhabanagar, Bhadrak-756181**
**No.264 / Ped /2026** **Dated 02/02/2026**
**NOTICE INVITING TENDER (NIT)**
Sealed tenders are invited from the reputed & credible printers / firms / agencies for printing & supply of "Question cum Answer Sheets, Answer Key & Oral questions" for SA-II for Class-I to IV and VI, VII & Annual Examination for Class – V & VIII 2026 Students in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II for Class-I to IV and VI, VII & Annual Examination for Class – V & VIII 2026 Students | Rs.2000/- | Rs.100000/- | 09 /02/2026 | 10/02/2026 (11.00 A.M) |

The detailed BID document is available in the district website https://www.bhadrak.odisha.gov.in. and also OSEPA website www.osepa.odisha.gov.in . Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with the above website.
The tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.
Sd./- Collector-cum-Chairman, Samagra Shiksha, Bhadrak

**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, GANJAM, BERHAMPUR**
E-Mail : eerw_gml@yahoo.co.in
Government of Odisha e-Procurement Notice
**Bid Identification No. Online Tender//26//SERWDG-I//2025-26**
Letter No. 677//RWDG-I//BAM//Date : 30.01.2026
**No.25001/16/2526**

| | | | |
|---|---|---|---|
| 1 | Name of the Work | : | Road Works |
| 2 | Estimated Cost | : | Rs.5.61 Lakhs to Rs.36.13 Lakhs |
| 3 | Period of Completion | : | 15 (Fifteen) days as sworn in Column No.06 of Annexure |
| 4 | Date & Time of Availability of Bid Documents in the Portal | : | From 05.02.2026 at 11.00 AM to 18.02.2026 upto 5.00 PM |
| 5 | Last Date / Time for Receipt of Bids in the Portal | : | 18.02.2026 up to 5.00 PM |
| 6 | Name and Address of the Officer Inviting Bid | : | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website https://www.tendersodisha.gov.in.
Sd./- Executive Engineer, R.W Division-I, Ganjam, Berhampur
OIPR-25001/25085/1/25-26/0016

**ସଂକ୍ଷେପରେ**

## ମୁକୁଳା ଡ୍ରେନ୍‌ରେ ପଡ଼ି ଶିଶୁ ଆହତ

ଗଞ୍ଜାମ,୨।୨(ବିଦ୍ୟାଧର ସାହୁ)

ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ୱାର୍ଡ ନଂ.୫ ତ୍ରିବେଣୀ ମଠ ଛକ ସାହିଠାରେ ଜଣେ ଶିଶୁ ଖେଳୁଥିବା ବେଳେ ହଠାତ ମୁକୁଳା ଡ୍ରେନ୍‌ରେ ପଡି ଆହତ ହୋଇଥିବା ଜଣାପଡ଼ିଛି। ସେ ହେଲେ ଅଜୟ କୁମାର ସାହୁଙ୍କ ପୁଅ ସାଇ ସୋହନ ସାହୁ (ସାଢେ ତିନିବର୍ଷ)। ରବିବାର ସନ୍ଧ୍ୟାରେ ସାଇ ସୋହନ ନିଜ ଘର ଆଗରେ ଖେଳୁଥିବା ବେଳେ ଦୌଡ଼ି ଦୌଡ଼ି ଆସି ନିଜ ଏକ ଡ୍ରେନ ଭିତରେ ପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ସ୍ଥାନୀୟ ମେଡିକାଲ ଭର୍ତ୍ତି କରିଥିଲେ। ଆଖୁ ଓ ହାତ ଏବଂ ମୁହଁରେ ଆଘାତ ଲାଗିଛି।

## ଭାଗବତ ଟୁଙ୍ଗିର ବାର୍ଷିକ ଉତ୍ସବ

ପାତ୍ରପୁର,୨।୨(ଉମା ଚରଣ ନେପାକ): ପାତ୍ରପୁର ବ୍ଲକ ଜରଡ଼ା ପଞ୍ଚାୟତ ଅଭୟପୁର ଭାଗବତ ଟୁଙ୍ଗିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ମାଘ ମାସରେ ଶୁଭଖୁଣ୍ଟି ସ୍ଥାପନ, ପତାକା ସ୍ଥାପନ, କଳସ ଯାତ୍ରା, ଘୃତଯଜ୍ଞ, ନାମଯଜ୍ଞ, ଅନ୍ନଯଜ୍ଞ ଓ ଭାଗବତ ପାରାୟଣ ହୋଇଥିଲା। ପୁରୋହିତ ଦେବୀ ପ୍ରସାଦ ପଣ୍ଡା ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିବା ବେଳେ ସୁବର୍ଣ୍ଣପୁର ଭାଗବତ ଟୁଙ୍ଗି ପୂଜାରୀ ଓ ସ୍ଥାନୀୟ ଏବଂ ଆଖପାଖ ଅଞ୍ଚଳରୁ ଭକ୍ତମାନେ ଯୋଗ ଦେଇଥିଲେ। ସୋମବାର ନଗର ପରିକ୍ରମା କରାଯାଇ ବିସର୍ଜନ ହୋଇଛି।

## ବିଶ୍ୱ କଲ୍ୟାଣ ଯଜ୍ଞ ଶେଷ

ପାରଳାଖେମୁଣ୍ଡି,୨।୨(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ପାରଳାଖେମୁଣ୍ଡି ସହରର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ବିଶ୍ୱ କଲ୍ୟାଣ ଯଜ୍ଞ ଶେଷ ହୋଇଛି। ଏହି ପାଞ୍ଚ ଦିନ ଜିଲା ଓ ଜିଲା ବାହାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ପ୍ରବଚନ ସହ ଅର୍ବାନ ପଡିଆରେ ଶ୍ରୀଜୀଉଙ୍କ ୨୪ ବେଶ ବେଶ ସମସ୍ତଙ୍କୁ ଆକୃଷ୍ଟ କରିଥିଲା । ସୋମବାର ଅନ୍ତିମ ଦିନରେ ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ କରିଥିଲେ । ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧାରୀ ଗମାଙ୍ଗ, ପାରଳାଖେମୁଣ୍ଡି ବିଧାୟକ ଇଂ. ରୁପେଶ ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କ ସମେତ ବହୁ ବ୍ୟକ୍ତି ଜଜ୍ଞରେ ସାମିଲ ହୋଇ ମହାପ୍ରଭୁଙ୍କ ଆଶୀର୍ବାଦ ନେଇଥିଲେ।

## ନିଖୋଜ ମହିଳା ଓ ନାବାଳିକା ଉଦ୍ଧାର

ଆସିକା,୨।୨(ସୁରେନ୍ଦ୍ର ନାଥ ସାହୁ):

ଆସିକା ଓ କୋଚିନେଡା ଥାନା ପୋଲିସ ପକ୍ଷରୁ ହୋଇଥିବା ମିଶନ ଅନ୍ୱେଷଣ କାର୍ଯ୍ୟକ୍ରମରେ ନିଖୋଜ ମହିଳା ଓ ଶିଶୁଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି । ଆସିକା ଥାନା ଅଧିକାରୀ କୁଳମଣି ସେଠୀଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ ପକ୍ଷରୁ ୧୪ଜଣ ମହିଳା ଓ ୩ଜଣ ନାବାଳିକା ଉଦ୍ଧାର କରାଯାଇଛି । ସେହିଭଳି କୋଚିନେଡା ଥାନା ଅଧିକାରୀ ଦାମୋଦର ବିହାରୀଙ୍କ ନେତୃତ୍ୱରେ ୨ଜଣ ମହିଳାଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି।

## ରାମ ବନବାସ ମଠରେ ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଧରାକୋଟ,୨।୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ):

ଧରାକୋଟ ଗଡସ୍ଥିତ ଶ୍ରୀରାମ ବନବାସ ମଠରେ ବିଂଶତମ ବାର୍ଷିକ ଉତ୍ସବ ଉଦଯାପନ ଓ ଶ୍ରୀସୀତା ସ୍ୱାମୀ ସତସଙ୍ଗ କେନ୍ଦ୍ର ଆନୁକୁଲ୍ୟରେ ନବଦିନ ବ୍ୟାପୀ ଶ୍ରୀରାମ ଚରିତ ମାନସ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଘୃତଯଜ୍ଞ, ଦୀପଯଜ୍ଞ, ୧୦୮ ହନୁମାନ ଚାଳିଶା ସହ ଅନ୍ନଯଜ୍ଞ ଓ ଜ୍ଞାନଯଜ୍ଞ ହୋଇଥିଲା। ପାରାୟଣର ପ୍ରଥମ ଦିନ ରାଜେନ୍ଦ୍ର ଦାସ ବ୍ରହ୍ମଚାରୀ, ଚତୁର୍ଥ ଦିନ ନବୀନ ମହାରାଜ ଜୀ, ସପ୍ତମ ଦିନ ସୁଧିର ମହାରାଜ ପ୍ରମୁଖ ଉପସ୍ଥିତ ରହି ରାମ ଚରିତ ମାନସର ମହନନିୟତା ଏବଂ ରାମାୟଣରେ ରହିଥିବା ପ୍ରତ୍ୟେକଟି ଚରିତ୍ରକୁ ଅନୁକରଣ କରି ଚରିତ୍ର ଗଠନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସୀତା ସ୍ୱାମୀ ସତସଙ୍ଗ ଅନୁଷ୍ଠାନର ସଭାପତି ପଦ୍ମ ଚରଣ ବାରିକ, ଯୋଗେନ୍ଦ୍ର ଘୋଷ, ଗୋଲକ ବିହାରୀ ସାହୁ, ଭୋଳା ନାଥ ଗୌଡ଼, ଶରତ ରାଜ, ସୁରେନ୍ଦ୍ର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସମ୍ପ୍ରସାରିତ ରାସ୍ତାକୁ ସଙ୍କୁଚିତ କରୁଛି ପୌର ପ୍ରଶାସନ


ପୌର ପରିଷଦ ପାଚେରିକୁ ଲଗାଇ କରିଥିବା ଲୁହା ରେଲିଂ ।

- ପାଚେରିକୁ ଲଗାଇ କରୁଛି ଲୁହାର ରେଲିଂ
- ରାସ୍ତା ସମ୍ପ୍ରସାରଣ ବେଳେ ଚିନ୍ତା କରାଯିବ: ନିର୍ବାହୀ ଅଧିକାରୀ

ପାରଳାଖେମୁଣ୍ଡି,୨।୨(ଗିରିଧାରୀ ପରିଚ୍ଛା) ପାରଳାଖେମୁଣ୍ଡି ସହରର ମୁଖ୍ୟ ରାସ୍ତା ନିର୍ମାଣ ହେଲେ ସହରର ଟ୍ରାଫିକ ସମସ୍ୟା ଦୂର ହେବା ସହ ସୌନ୍ଦର୍ଯ୍ୟ ବୃଦ୍ଧି ପାଇବ। ରାଜ୍ୟର ସବୁ ସହର ଉନ୍ନତି କରି ଚାଲିଛି। ମାତ୍ର ଓଡିଶାର ସର୍ବପୁରାତନ ପାରଳାଖେମୁଣ୍ଡି ପୌର ପରିଷଦ ପଛେଇ ଚାଲିଛି । ଦିନକୁ ଦିନ ଜନ ଓ ଯାନସଂଖ୍ୟା ଏଠାରେ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଗୁରୁତ୍ୱଦେଇ ରାସ୍ତା ଚୌଡା ହେବାର ଆବଶ୍ୟକତା ରହିଛି। ଏହାକୁ ପୌର ପ୍ରଶାସନ ଗୁରୁତ୍ୱ ଦେଇ ଗତ କିଛି ମାସ ହେଲା ରାସ୍ତା ନିର୍ମାଣ କାର୍ଯ୍ୟ କରିଥିଲା। କିଛି ରାସ୍ତା ମଧ ଚୌଡା ହୋଇଛି ମାତ୍ର ତାହା ଅଧପନ୍ତରିଆ ଭାବେ ପଡିରହିଛି। ଅନ୍ୟ ଯେଉଁ ଅଞ୍ଚଳରେ ରାସ୍ତା ସମ୍ପ୍ରସାରଣ ହେବ ସେଠାରେ ପୌର ପ୍ରଶାସନ ପକ୍ଷରୁ ନୂତନ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉଥିବା ଦେଖିବାକୁ ମିଳୁଛି । ତେବେ ପୌର ପ୍ରଶାସନର ଏପରି ନିର୍ମାଣ କାର୍ଯ୍ୟ ସହରବାସୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କଲାଣି। ଅଧା ରାସ୍ତା ନିର୍ମାଣ କରି ଛାଡି ଦେଇଥିବା ରାସ୍ତା ସଂପ୍ରସାରଣ ହେବ କି ନାହିଁ ପ୍ରଶ୍ନ ଉଠିଲାଣି। ଯଦି ନ ହେବ ଏ କ୍ଷେତ୍ରରେ ବିନିଯୋଗ ହୋଇଥିବା ଅର୍ଥ ପାଣିରେ ପଡିବ । ବଜାର ଛକଠାରେ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତିର ସୁରକ୍ଷା ପାଚେରି ହେଉକି ପୌର ପରିଷଦର କାର୍ଯ୍ୟାଳୟର ସୁରକ୍ଷା ପାଚେରି ହେଉ ଏହି ପାଚେରିକୁ ସୁରକ୍ଷା ସଦୃଶ୍ୟ ଲୁହା ରେଲିଂ ଲଗାଯାଉଛି । ଫଳରେ ମୁଖ୍ୟରାସ୍ତା ଆହୁରି ସଙ୍କୁଚିତ ହେଉଛି। ଏଥିପାଇଁ ପୌର ପ୍ରଶାସନ କିପରି ଅନୁମତି ଦେଉଛି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୌରପାଳିକା ପାଚେରି ପାଖରେ ଲୁହାର ଆଉ ଏକ ପାଚେରି ହେଉଛି ଯାହା ମୁଖ୍ୟ ରାସ୍ତାକୁ ଆହୁରି ଅଧିକ ସଙ୍କୁଚିତ କରୁଛି। ଏପରି ପାଚେରି ନିର୍ମାଣ ଆଗାମୀ ଦିନରେ ସହରର ରିଙ୍ଗ ରୋଡ ରାସ୍ତା ନିର୍ମାଣକୁ ବାଧା ଦେବା ପାଇଁ କରାଯାଉଥିବା ଅଭିଯୋଗ ହେଲାଣି। ଆଉ କିଛି ଦିନ ପରେ ରିଙ୍ଗ ରୋଡ କାର୍ଯ୍ୟଆରମ୍ଭ ହେବ । ସେତେବେଳେ ନିର୍ମିତ ଏହି ସୁରକ୍ଷା ପଚେରିକୁ ଭାଙ୍ଗିବାକୁ ପଡିବ। ଏବାବଦ ଖର୍ଚ୍ଚ ହୋଇଥିବା ଅର୍ଥ ପାଣିରେ ପଡିବ। ଏନେଇ ପୌର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁଙ୍କୁ ପଚାରିବାରୁ ସେ କହିଲେ, ସେଠାରେ ଉଠା ଦୋକାନୀମାନେ ପସରା ଖୋଲି ବସିବା ଫଳରେ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବିଭିନ୍ନ ସମୟରେ ଦୁର୍ଘଟଣା ମଧ ଘଟୁଛି। ଏହାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ରାସ୍ତା ପ୍ରଶସ୍ତିକରଣ ସମୟରେ ଏ ବିଷୟରେ ଚିନ୍ତା କରାଯିବ ବୋଲି ମୁର୍ମୁ କହିଛନ୍ତି।

# ବାଇକ୍‌ରେ ଦୁର୍ଗମ ଅଞ୍ଚଳ ବୁଲିଲେ ଜିଲାପାଳ


ଦୁର୍ଗମ ଅଞ୍ଚଳରେ ପହଞ୍ଚି ଜିଲାପାଳ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ଫୁଲବାଣୀ, ୨।୨(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାପାଳ ବେଦଭୁଷଣ ତୁମୁଡିବନ୍ଧ ବ୍ଲକ୍ ବେଲଘର ଅଞ୍ଚଳର ଦୁର୍ଗମ ସ୍ଥାନକୁ ବାଇକରେ ଯାଇ ଲୋକଙ୍କ ସମସ୍ୟା ଉପରେ ଅବଗତ ହୋଇଛନ୍ତି। ଜିଲାପାଳ ବେଲଘରରେ ପହଞ୍ଚିବା ପରେ ବହୁ ଦୁର୍ଗମ ଅଞ୍ଚଳ ବୁଲିଯିବାକୁ ବାହାରିଥିଲେ। ତାଙ୍କ ଗାଡ଼ି ରାସ୍ତାରେ ଯାଇ ପାରିବ ନାହିଁ ଜାଣିବା ପରେ ସେଠାରେ କିଛି ସ୍ଥାନୀୟ ଲୋକ, ବିଭାଗୀୟ ଅଧିକାରୀଙ୍କ ସହ ବାଇକରେ ବାହାରି ପଡ଼ିଥିଲେ। ଦୁର୍ଗମ ଅଞ୍ଚଳ ଗୁର୍ଲିମାସ୍କା, ଗେର୍ମଲ ଗ୍ରାମକୁ ଯାଇ ଲୋକମାନଙ୍କ ସହ ଆଲୋଚନା କରିଥିଲେ। ରାସ୍ତା ଘାଟ, ବିଦ୍ୟୁତ୍, ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା ଶିକ୍ଷା ଆଦି ମୌଳିକ ସମସ୍ୟା ଉପରେ ଅବଗତ ହୋଇଥିଲେ। ସରକାରୀ ଯୋଜନା ଠିକ୍ ଭାବେ ପହଞ୍ଚି ନ ଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ସମସ୍ୟାର ସମାଧାନ ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଜିଲାପାଳଙ୍କ ସମେତ ତୁମୁଡ଼ିବନ୍ଧ ବିଡିଓ ବନବିହାରୀ ହରପାଲ, କୋଟଗଡ଼ ବିଡିଓ ଶୁଭକାନ୍ତ ନାୟକ, ବାଲିଗୁଡା ପିଏ ଆଇଟିଡିଏ କୃପାସିନ୍ଧୁ ବେହେରାଙ୍କ ସମେତ ଅନ୍ୟମାନେ ଏହି ଗସ୍ତରେ ସାମିଲ ଥିଲେ।

# ମାରଣାସ୍ତ୍ର ଦେଖାଇ ଘର ଭାଙ୍ଗିଲେ, ପରିବାରକୁ ଗାଁରୁ ବାସନ୍ଦ ଧମକ


ପ୍ରଶାସନକୁ ନିବେଦନ କରୁଛନ୍ତି ପରିବାର ଲୋକ।

ବାଲିଗୁଡା,୨।୨(ସଞ୍ଜୟ କୁମାର ପାଣିଗ୍ରାହୀ): କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡର ଦୁର୍ଗମ ଅଞ୍ଚଳ କୋଟଗଡ଼ ବ୍ଲକ୍ ଅନ୍ତର୍ଗତ ସୁବର୍ଣ୍ଣଗିରି ବାଣ୍ଡିଗୁଡ଼ା ଗ୍ରାମରେ ମାରଣାସ୍ତ୍ର ଦେଖାଇ ଜଣଙ୍କ ଘର ଭଙ୍ଗାଯିବା ସହ ପରିବାରକୁ ବାସନ୍ଦ ଧମକ ଦିଆଯାଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ନଂ.୧୮/୨୬ରେ ୫ ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗତ ୨୮ ତାରିଖ ରାତିରେ ବାଣ୍ଡିଗୁଡ଼ା ଗ୍ରାମର ବିଶ୍ୱନାଥ ବଳିୟାରସିଂ ନିଜ ପରିବାର ସହ ଘରେ ଶୋଇଥିଲେ। ସେହି ଗ୍ରାମରେ ରହୁଥିବା ତାଙ୍କ ଦାଦା ପୁଅ ଭାଇଭ ଓ ଆଉ କେତେଜଣଙ୍କ ସହ ଆସି ହଠାତ ଘରେ ପଶି ମାରଣାସ୍ତ୍ର ଦେଖାଇ ପରିବାର ଲୋକଙ୍କୁ ଭୟଭୀତ କରିଥିଲେ। ସେମାନେ ତାଙ୍କୁ ଘରୁ ତଡ଼ି ଦେଇଥିଲେ। ପରେ ଅନ୍ୟ ଏକ ନିର୍ମାଣଧୀନ ଘରକୁ ଭାଙ୍ଗି ଦେଇଥିଲେ। ଗାଁକୁ ଆସିଲେ ସମସ୍ତଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ବିଶ୍ୱନାଥଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏବେ ବି ପରିବାର ବର୍ଗ ଭୟଭୀତ ଅବସ୍ଥାରେ ରହିବା ସହ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବିଶ୍ୱନାଥ କହିଛନ୍ତି ଯେ, ପୂର୍ବ ପୁରୁଷରୁ ଆମେ ଏଠାରେ ରହିବା ସହ ଚାଷବାସ କରି ପରିବାର ପ୍ରତିପୋଷଣ କରୁଥିଲୁ। କିନ୍ତୁ ଭାଇ ଆମ ଜାଗା ଛଡ଼ାଇ ନେବାକୁ ଚକ୍ରାନ୍ତ କରି କେତେଜଣ ଗ୍ରାମବାସୀଙ୍କୁ ଏକଜୁଟ କରି ଆମକୁ ଗାଁରୁ ତଡ଼ିଦେଇଥିବା କହିଛନ୍ତି। ଆମେ ଏବେ କୁଆଡ଼େ ଯିବୁ, କୋଉଠି ରହିବୁ ବୋଲି ପରିବାର ଲୋକେ ପ୍ରଶାସନ ଜଣାଇଛନ୍ତି।

## ଭିବି ଜି ରାମ ଜି ସମ୍ପର୍କିତ ବୈଠକ

ଧରାକୋଟ,୨।୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ବ୍ଲକ ବରା ପଞ୍ଚାୟତ ଖରିଗୁମା ଗ୍ରାମର ଶ୍ରୀନୃସିଂହ ମଠଠାରେ ନୂତନ ରୂପେ ଲାଗୁ ହୋଇଥିବା ଭିବିଜି ରାମଜୀ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏମ୍‌ଜିଏନ୍‌ଆରଇଜିଏର ତ୍ରୁଟି ସୁଧାରିବା ପାଇଁ ଏପରି ଏକ ବୈଠକ ବସିଥିଲା। ଜାହାଡା ମଣ୍ଡଳ ସଭାପତି ଜିତେନ୍ଦ୍ର ବିଷୋୟୀ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ସୁନୀଲ ମହାନ୍ତି, ସମ୍ମାନିତ ଅତିଥି ଭାବେ ଆସିକା ଘୁମୁସର ସାଙ୍ଗଠନିକ ଜିଲାର ଅନୁସୂଚିତ ଜାତି କାର୍ଯ୍ୟକାରୀ ସଭାପତି ମାନସ ରଞ୍ଜନ ନାୟକ, ଧରାକୋଟ ମଣ୍ଡଳ ସଭାପତି ପ୍ରଭାକର ପ୍ରଧାନ, ଧରାକୋଟ ମଣ୍ଡଳର ପୂର୍ବତନ ସଭାପତି ପାପା ରାଓ, ମାଣିକ୍ୟପୁର ମଣ୍ଡଳ ସଭାପତି ଟୁକୁନା ନାୟକ, ମାଣିକ୍ୟପୁର ମଣ୍ଡଳ ପୂର୍ବତନ ସଭାପତି ଅଶୋକ ନାୟକ, ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ମିଥୁନ ପ୍ରଧାନ, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର ଓ ଅନ୍ୟମାନେ ଯୋଗଦେଇ ତଥା ୧୦୦ ରୁ ଉର୍ଦ୍ଧ ଦଳୀୟ କର୍ମୀ ଯୋଗ ଦେଇ ଭିବିଜି ରାମଜୀ ଲାଗୁ ହେଲେ ହିତାଧିକାରୀ କିପରି ଉପକୃତ ହେବେ ସେନେଇ ଆଲୋଚନା କରିଥିଲେ।

## ୧୧ ନବଦମ୍ପତିଙ୍କ ବିବାହ ପଞ୍ଜୀକରଣ

ଆସିକା,୨।୨(ସୁରେନ୍ଦ୍ର ନାଥ ସାହୁ): ଆସିକା ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ସୋମବାର ଆସିକାସ୍ଥିତ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ୧୧ଜଣ ନବଦମ୍ପତିଙ୍କ ବିବାହ ପଞ୍ଜୀକରଣ ହୋଇଥିଲା । ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଶାନ୍ତି ସୁଧାକର ପଟ୍ଟନାୟକଙ୍କ ଉପସ୍ଥିତିରେ ଉପନିବନ୍ଧକ ତଥା ବିବାହ ଅଧିକାରୀ ସମରଜିତ ତ୍ରିପାଠୀ ଏହି ଦମ୍ପତିଙ୍କ ପଞ୍ଜୀକରଣ କରିଥିଲେ । ପ୍ରତ୍ୟେକ ବରକନ୍ୟାଙ୍କ ପକ୍ଷରୁ ୩ଜଣ ଲେଖାଏଁ ସାକ୍ଷୀ ରହି ଏହି ପ୍ରକ୍ରିୟା ଅନୁଷ୍ଠିତ ହୋଇଥିବା ଜଣାପଡିଛି। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଛି।

# ୨୧୧ ଅଭିଯୋଗ ଶୁଣାଣି କଲେ ଜିଲାପାଳ


ଜିଲାପାଳ ଓ ଏସ୍‌ପି ଜଣେ ବ୍ୟକ୍ତିଙ୍କଠାରୁ ଅଭିଯୋଗ ଗ୍ରହଣ କରୁଛନ୍ତି।

ଛତ୍ରପୁର,୨।୨(ଦିଲୀପ ସାମଲ)

ଗଞ୍ଜାମ ଜିଲାପାଳ ଓ ଏସପି ସୋମବାର ସ୍ଥାନୀୟ ଜଉଗଡ ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣି କରିଛନ୍ତି। ଏଥିରେ ଛତ୍ରପୁର ଉପଖଣ୍ଡ ସମେତ ଜିଲାର ବିଭିନ୍ନ ଅଞ୍ଚଳର ଜନସାଧାରଣ ଯୋଗଦେଇ ସେମାନଙ୍କ ଅଭିଯୋଗ ଜିଲାପାଳଙ୍କ ସହ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ଭେଟି ଅବଗତ କରାଇଥିଲେ। ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟସେବା, ଶିକ୍ଷା, ସୁଭଦ୍ରା ଯୋଜନା, ପାନୀୟ ଜଳ, ଆବାସ, ରାଶନ କାର୍ଡ ଭଳି ବିଭିନ୍ନ ଅଭିଯୋଗ ରହିଥିଲା। ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନ ୨୧୧ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୧୯୫ଟି ବ୍ୟକ୍ତିଗତ ଅଭିଯୋଗ ଥିବା ବେଳେ ୧୬ଟି ସାମୁହିକ ଅଭିଯୋଗ ଥିଲା। କେତେକ ଅଭିଯୋଗର ଆଶୁ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ୨୧ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧ଲକ୍ଷ ୩୭ ହଜାର ୫୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଅଭିଯୋଗ ଶୁଣାଣିରେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର, ଜିଲା ପରିଷଦ ଇନଚାର୍ଜ ସିଡିଓ ବିଜୟ ବେହେରା, ଅତିରିକ୍ତ ଜିଲାପାଳ ତଥା ଜୁଡା ପିଡି ସୁନୀଲ କେର୍କେଟାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କୋଠଘର ନିର୍ମାଣରେ ୨ ପରିବାର ବାଧକ

ଛତ୍ରପୁର,୨।୨(ଦିଲୀପ ସାମଲ)

ଛତ୍ରପୁର ତହସିଲ ଅନ୍ତର୍ଗତ ବଡ଼ଆର୍ଯ୍ୟପଲ୍ଲୀ ଗ୍ରାମରେ କୋଠଘର ନିର୍ମାଣରେ ଗ୍ରାମର ୨ ପରିବାର ବାଧକ ସାଜୁଥିବାରୁ ସେମବାର ଗ୍ରାମର ମହିଳା ସଂଘର ବହୁ ସଦସ୍ୟ ପୋଲିସ ଏବଂ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଗ୍ରାମରେ ଦୀର୍ଘ ୩୦ ବର୍ଷ ତଳୁ ମହିଳା ସଂଘ ପକ୍ଷରୁ ଏକ କୋଠଘର ଥିଲା। ତାହା ଫାଇଲିନ ବାତ୍ୟାରେ ଭାଙ୍ଗି ଯାଇଥିଲା। ତାହାକୁ ସଜାଡିବା ଲାଗି ପ୍ରଶାସନ ପକ୍ଷରୁ କୋଣସି ସହଯୋଗ ମିଳିଲାନାହିଁ । ରକ୍ଷଣାବେକ୍ଷଣ ନ ହେବାରୁ ସମ୍ପୂର୍ଣ୍ଣ ଭାଙ୍ଗିଗଲା। ବର୍ତ୍ତମାନ ସେହି ଜାଗାରେ ଗ୍ରାମର ୨ ପରିବାର ଜୋର ଜବରଦସ୍ତ ଅକ୍ତିଆର କରି ନିଜ ଘର ତିଆରି କରୁଛନ୍ତି । ଏନେଇ ସେମାନଙ୍କୁ ପଚାରିଲେ, ସେମାନେ ବିଭିନ୍ନ ଧମକଚମକ ଦେଇ ଗାଳିଗୁଲଜ କରୁଛନ୍ତି


ପ୍ରଶାସନକୁ ଭେଟିବାକୁ ଆସିଥିବା ମହିଳା ସଂଘ ସଦସ୍ୟାମାନେ।

- ପୋଲିସ ଓ ପ୍ରଶାସନର ଦ୍ୱାରସ୍ଥ ହେଲା ମହିଳା ସଂଘ
- ପଡିରହିଛି ୧୦ ଲକ୍ଷ ଟଙ୍କାର ଅନୁଦାନ

ବୋଲି ସଂଘର ଏନ. ଲକ୍ଷ୍ମୀ ଏବଂ ଡକ୍ଟୁ ପାରଲମ୍ମା ଅଭିଯୋଗ କରୁଛନ୍ତି। ସେହି ସ୍ଥାନରେ ଏକ କମ୍ୟୁନିଟ ସେଣ୍ଟର ବା କୋଠଘର ନିର୍ମାଣ ପାଇଁ ବିଧାୟକ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ସହଯୋଗ କରିଛନ୍ତି। ଏହା ନିର୍ମାଣରେ ଏହି ୨ ପରିବାର ବାଧକ ସାଜିଛନ୍ତି। ଏହାର ତଦନ୍ତ କରି ସେଠାରେ କୋଠଘର ନିର୍ମାଣ ବ୍ୟବସ୍ଥା କରିବାକୁ ସଂଘର ସଦସ୍ୟମାନେ ନିବେଦନ କରିଛନ୍ତି। ଏନେଇ ସେମାନେ ମେରାଇନ ଥାନା ପୋଲିସ ଓ ବିଡିଓଙ୍କୁ ଜଣାଇଛନ୍ତି।

# ଗଜପତି ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି,୨।୨(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଏସ୍‌ପି ଯତୀନ୍ଦ୍ର ପଣ୍ଡା, ବନଖଣ୍ଡ ଅଧିକାରୀ କେ.ନାଗାରାଜୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପୃଥୀରାଜ ମଣ୍ଡଳ, ଉପଜିଲାପାଳ ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଯୋଗଦେଇ ଲୋକଙ୍କଠାରୁ ଅଭିଯୋଗ ଗ୍ରହଣ କରି ଶୁଣାଣି କରିଥିଲେ। ପାରଳାଖେମୁଣ୍ଡି ପୌର ପରିଷଦ ସମେତ କେରାଣ୍ଡି, କତଳକଇଥା, ବାଘଶାଳା, ରାଣୀପେଣ୍ଠ ଓ ସିଧାମାଡ଼ଙ୍ଗ ପଞ୍ଚାୟତରୁ ୯୪ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥିରୁ ୮୨ଟି ବ୍ୟକ୍ତିଗତ ସମସ୍ୟାସମ୍ବଳିତ ଅଭିଯୋଗ ଓ ୧୨ଟି ଯଥା ସାମାଜିକ ସୁରକ୍ଷା, ଜମି ପଟ୍ଟା, ଗୃହ ନିର୍ମାଣ, ରାଶନ କାର୍ଡ, ଶିକ୍ଷା, ଜଳସେଚନ ରାସ୍ତା ଓ ସାସ୍ଥ୍ୟସେବାଭିତ୍ତିକ ଗ୍ରାମ୍ୟ ସମସ୍ୟାମୂଳକ ଅଭିଯୋଗ ରହିଥିଲା। ଗୋଷାଣି ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ, ସ୍ଥାନୀୟ ତହସିଲଦାର ନାରାୟଣ ବେହେରାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଏନ୍‌ବିସି କଲେଜର ବାର୍ଷିକ ଉତ୍ସବ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଆସିକା,୨।୨(ସୁରେନ୍ଦ୍ର ନାଥ ସାହୁ): ଆସିକା ବ୍ଲକ କେନ୍ଦୁପଦରସ୍ଥିତ ନିମିନା ବୃନ୍ଦାବନ ଚନ୍ଦ୍ର(ଏନ୍‌ବିସି) ମହାବିଦ୍ୟାଳୟର ୪୮ତମ ବାର୍ଷିକ ଉତ୍ସବ ସୋମବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଅମର ପ୍ରସାଦ ବିଷୋୟୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ କୁମାର ପାଢୀ ମୁଖ୍ୟ ଅତିଥି ଓ ଆସିକା ଟିନିଶିକ୍ଷର ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଧାୟକ ପାଢୀ ଏହି ମହାବିଦ୍ୟାଳୟର ସାମଗ୍ରିକ ଉନ୍ନତି ଲାଗି ପ୍ରତିଶ୍ରୁତି ଦେବା ସହ ମୁଖ୍ୟ ଫାଟକ ନିର୍ମାଣ ଲାଗି ୫ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଥିଲୋ ମୁଖ୍ୟବକ୍ତା ଡ. ପଣ୍ଡା ଛାତ୍ରୀଛାତ୍ର ଉତ୍ତମ ଚରିତ୍ର ଗଠନ ସହ ନିଜର ଭବିଷ୍ୟତ ଗଢି ତୋଳିବା ଲାଗି ସଂକଳ୍ପବଦ୍ଧ ହେବା ନିମନ୍ତେ ଉପଦେଶ ଦେଇଥିଲେ । ପରେ ବିଭିନ୍ନ ସାଂସ୍କୃତିକ ଓ ସାହିତ୍ୟିକ କାର୍ଯ୍ୟକ୍ରମର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ର ସଂଘର ଉପଦେଷ୍ଟା ସିଲୁ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧାପକ ଉଦିତ ନାରାୟଣ ଦାଶ, ଅଜିତ କୁମାର ମୁଖି, ଅନୁପ ଷଡଙ୍ଗୀ, ଯଶ୍ମିନ କୁମାରୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପିପୁଲ୍ସ କଲେଜର ବାର୍ଷିକ କ୍ରୀଡା

ବୁଗୁଡା,୨।୨(କାଳିଚରଣ ଦାଶ)

ବୁଗୁଡ଼ା ପିପୁଲ୍ସ କଲେଜର ୪୮ତମ ବାର୍ଷିକ କ୍ରୀଡାର ଶୁଭାରମ୍ଭ ହୋଇଛି। ନିକଟସ୍ଥ ଠାକୁରାଣୀ ମନ୍ଦିରରୁ କ୍ରୀଡା ଜ୍ୟୋତି ଆସି ପହଞ୍ଚିବା ପରେ କଲେଜ ଅଧକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ଦ୍ୱାରା କ୍ରୀଡା ପତାକା ଉତ୍ତୋଳନ ସହ ପ୍ରତିଯୋଗୀଙ୍କ ସାମୁହିକ ଶପଥ ପାଠ କରାଯାଇଥିଲା। ଉଦ୍‌ଘାଟନୀରେ ଉପାଧକ୍ଷ ହରିକୃଷ୍ଣ ନାୟକ, ପ୍ରଶାସନିକ ଅଧିକାରୀ ଡ.ପ୍ରଦୀପ କୁମାର ଦାଶ, ଯୁକ୍ତ ୩ କ୍ରୀଡା ସଂସଦ ଉପସଭାପତି ଅଧାପକ ଅକ୍ଷୟ ସାହୁ , ଯୁକ୍ତ ୨ କ୍ରୀଡା ସଂସଦ ଉପସଭାପତି ଅଧାପକ ଆତ୍ମ ପ୍ରକାଶ ନାୟକ, ସହକାରୀ ଉପସଭାପତି ଦିଲ୍ଲୀପ ସେଠୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିଥିଲା। ଏହି ଅବସରରେ ଉଭୟ ପୁରୁଷ ଓ ମହିଳା ବିଭାଗର ଦୌଡ, ଲଙ୍ଗଜମ୍ପ, ହାଇଜମ୍ପ ପ୍ରତିଯୋଗିତା ହୋଇଥିଲା। କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ରଙ୍କ ତତ୍ତ୍ୱାବଧାନରେ ଉକ୍ତ ପ୍ରତିଯୋଗିତା ଗୁଡିକୁ କ୍ରୀଡା ଶିକ୍ଷକ ଶ୍ରୀନିବାସ ଦୋରା ପରିଚାଳନା କରି କୃତି ପ୍ରତିଯୋଗିଙ୍କୁ ଚୟନ କରିଥିବା ବେଳେ ଅଧାପକ କିଶୋର ଚନ୍ଦ୍ର ଶବର, ଅଧାପିକା ରଶ୍ମିତା କୁମାରୀ ପଟ୍ଟନାୟକ, ସସ୍ମିତା ସାମନ୍ତରା, ଭି.ସନ୍ତୋଷୀ ରାଜୁ ଓ ସୁରଜିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଗଞ୍ଜାମର ୯୦୮ ଆଦ୍ରଭୂମିର ବିକାଶ କରାଯିବ

## ବିଶ୍ୱ ଆଦ୍ରଭୂମି ଦିବସ ପାଳିତ

ଭଞ୍ଜନଗର,୨।୨(ବାବୁଲା ପ୍ରଧାନ): ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ପକ୍ଷରୁ ସୋମବାର ସ୍ଥାନୀୟ ବନବିହାର ପରିସରରେ ବିଶ୍ୱ ଆଦ୍ରଭୂମି ଦିବସ ପାଳିତ ହୋଇଯାଇଛି। ଏଥିରେ ଡିଏଫଓ ହିମାଂଶୁ ଶେଖର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଞ୍ଜାମ ଜିଲାର ୯୦୮ଟି ଆଦ୍ରଭୂମିର ବିକାଶ ପାଇଁ ସରକାର ପଦକ୍ଷେପ ନେଇଛନ୍ତି ବୋଲି କହିଥିଲେ। ସେଥିମଧ୍ୟରୁ ଘୁମୁସର ଉତ୍ତର ବନଖଣ୍ଡର ୯୮ଟି ଆଦ୍ର ଭୂମି (ଜଳାଶୟ, ନଦୀ)ର ବିକାଶ ପାଇଁ ଯୋଜନା ଅଛି। ଦିନକୁ ଦିନ ବିଭିନ୍ନ ଜଳାଶୟ ପ୍ରଦୂଷିତ ହେଉଛି। ତାହାର ସୁରକ୍ଷା ନିହାତି ଆବଶ୍ୟକ ହୋଇପଡିଛି। ତେଣୁ ଛାତ୍ରୀଛାତ୍ରମାନେ ଏ ନେଇ ସଚେତନ ହୋଇ ଅନ୍ୟମାନଙ୍କୁ ମଧ ସଚେତନ କରିବାକୁ ଡିଏଫଓ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଅଧାପିକା ସୁନିତାରାଣୀ ଖଣ୍ଡୁଆଳ, ବାଳିକା ଆତ୍ମରକ୍ଷା ତାଲିମ ସଂଯୋଜିକା ଅଧାପିକା ସ୍ମରଣିକା ପାଢ଼ୀ, ଜାତୀୟ ସେବା ଯୋଜନା ଶାଖା ୨ର ଅଧିକାରୀଣୀ ସସ୍ମିତା କୁମାରୀ ଦାସ, ଶାଖା ୧ ଅଧିକାରୀ ବି. ପ୍ରଧାନ, ଏନସିସି


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଆର୍ମି ୱିଙ୍ଗ ଅଫିସର୍ ଅର୍ପଣ ପ୍ରଧାନ, ନାଭାଲ ୱିଙ୍ଗ ଅଫିସର୍ ବିଭୂତି ଗୌଡ, ଯୁବ ରେଡକ୍ରସ ଅଧିକାରୀ ବିଦେଶୀ ରାଉତ, ଜଗନ୍ନାଥପ୍ରସାଦ ରେଞ୍ଜର ସୁଜାତାରାଣୀ ପଣ୍ଡା, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥିବୀରାଜ ପ୍ରଧାନ, ଗାଲେରି ରେଞ୍ଜର ଜ୍ଞାନେନ୍ଦ୍ର ଲିମା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁସ୍ଥ ଜୀନ ଯାପନ କରିବାକୁ ହେଲେ ପ୍ରଥମେ ଆମ ଚାରିପାଖ ପରିବେଶ ସୁରକ୍ଷା କରିବାକୁ ପଡ଼ିବ ବୋଲି କହିଥିଲେ। ଜଳ ହିଁ ଜୀବନ। ସେହିପରି ଜଳର ସଂରକ୍ଷଣ କରିବା ନିହାତି ଆବଶ୍ୟକ ବୋଲି ବକ୍ତାମାନେ କହିଥିଲେ। ବନପାଳ ବବୁଲ ସେଠୀ, ଗାୟତ୍ରୀ ଦାସ, ସଙ୍ଗୀତା ପଟ୍ଟନାୟକ, ରଶ୍ମିତା ସେଠୀ, ବସନ୍ତ ସାହୁ, ପ୍ରିୟମ୍ବଦା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ସକାଳେ ଶତାଧିକ ଛାତ୍ରୀ ଛାତ୍ର ଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାକୁ କେଏସ ୟୁ ବି କଲେଜ ଅଧକ୍ଷ କୁମୁନ୍ଦ ଚନ୍ଦ୍ର ମହାପାତ୍ର ଉଦଘାଟନ କରିଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ।

# ଜିଲାପାଳଙ୍କ ପ୍ରକୋଷ୍ଠ ଆଗରେ ଧାନବସ୍ତା ରଖି ଚାଷୀଙ୍କ ପ୍ରତିବାଦ

## କଟ୍‌ନି ଛଟ୍‌ନି ସହ ଚାଷୀଙ୍କୁ ମାଡ଼ ଅଭିଯୋଗ

ଢେଙ୍କାନାଳ,୨।୨ (ରତନ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗଦଶିଳା ସୋସାଇଟି ଅଧୀନ ମଣ୍ଡିରେ ଚାଷୀ ସୁଧାକର ପରିଡ଼ାଙ୍କୁ ଧମକ ଚମକ ଦିଆଯିବା ସହିତ ତାଙ୍କ ଧାନରୁ ବ୍ୟାପକ କଟ୍‌ନି ଛଟ୍‌ନି କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ସୋସାଇଟି ସମ୍ପାଦକ ତାଙ୍କୁ ମାଡ଼ ମାରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏହାର ପ୍ରତିବାଦରେ ସୋମବାର ପୂର୍ବାହ୍ଣରେ ଚାଷୀ ସୁଧାକର ନବନିର୍ମାଣ କୃଷକ ସଙ୍ଗଠନର ସହାୟତାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ଆଗରେ ଧାନବସ୍ତା ରଖି ତୀବ୍ର ପ୍ରତିବାଦ କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା।

ଅଭିଯୋଗରୁ ଜଣାପଡ଼ିଛି, ଚାଷୀ ସୁଧାକର ନିଜ ଧାନକୁ ମଣ୍ଡିରେ ଦେଇଥିଲେ। ଧାନ ମାନ ପରୀକ୍ଷା କରିବା ପାଇଁ ମଣ୍ଡିରେ କୌଣସି ବ୍ୟବସ୍ଥା ନ ଥିବା ବେଳେ ଚାଷୀଙ୍କ ଧାନରୁ ଜବରଦସ୍ତ ୧ କୁଇଣ୍ଟାଲ ପିଛା ୫ କେଜି ଧାନ କଟାଯାଇଥିଲା। ୩୮ କୁଇଣ୍ଟାଲ ଧାନରୁ ୧ କୁଇଣ୍ଟାଲ ୯୦ କେଜି କଟ୍‌ନି ଛଟ୍‌ନି କରାଯାଇଥିଲା। ଏହାର ପ୍ରତିବାଦ କରିବାରୁ ମଣ୍ଡି ସମ୍ପାଦକ ତାଙ୍କୁ ମାଡ଼ ମାରିଥିଲେ। ଅଭିଯୋଗକାରୀ ଚାଷୀଙ୍କ ସହ ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ଅକ୍ଷୟ କୁମାର, ଢେଙ୍କାନାଳ ଜିଲା ପ୍ରଭାରୀ ଅଶ୍ୱିନୀ କୁମାର, ଗଜପତି ଜିଲା ପ୍ରଭାରୀ ରଞ୍ଜିତ ପଟ୍ଟନାୟକ, କେନ୍ଦ୍ରାପଡ଼ା ଜିଲା ସଂଯୋଜକ ଅକ୍ରୁର ପଲେଇ ଓ ରଘୁନାଥ ସିଂହ, ସାମାଜିକ କର୍ମୀ ପ୍ରଫୁଲ୍ଲ ପଡ଼ିହାରୀ, ଶ୍ରୀଧର ରାଉତଙ୍କ ସମେତ ବିଧାଧର ମାଝୀ, ଅଜିତ ବରାଳ, ବିଭୁରଥ ଓ ନୀଳମଣି ବରାଳ, ଯୁଧିଷ୍ଠିର ବରାଳ, କାର୍ତ୍ତିକ ସାହୁ, ରାମ ସାହୁ, ପ୍ରତାପ ସାହୁ, କୈଳାସ ରାଉତ ଓ ଗୋପିନାଥ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଖବରପାଇ ଟାଉନ ଥାନା ପୋଲିସ ଓ ଜିଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ରୁଦ୍ର ପହଞ୍ଚି ବୁଝାମଣା କରିଥିଲେ। ସୋସାଇଟି ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଯୋଗକାରୀମାନେ ଅଡ଼ି ବସିଥିଲେ। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ବିଭାଗ ଅଧିକାରୀ ରାମଚନ୍ଦ୍ର ରୁଦ୍ର କହିଛନ୍ତି, ପୂର୍ବରୁ ବିଭାଗ ପାଖରେ ଏଭଳି କେହି ଅଭିଯୋଗ କରି ନ ଥିଲେ। ଏବେ ଯେଉଁ ଅଭିଯୋଗ ମିଳିଛି, ଏହାର ତଦନ୍ତ କରାଯିବ। ଅପରପକ୍ଷରେ ମଣ୍ଡିରେ ଚାଷୀ ଶୋଷଣର ଶିକାର ହେଉଥିବା ବେଳେ ଅଧିକାରୀମାନଙ୍କୁ ଫୋନ କଲେ କେହି ଫୋନ ଉଠାଉନାହାନ୍ତି ବୋଲି ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗାଣ ବିଭାଗ ଅଧିକାରୀଙ୍କୁ କହିଥିଲେ। ଏହାପରେ ଅଭିଯୋଗକାରୀ ଓ ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଭେଟିବା ପାଇଁ ଅପେକ୍ଷା କରିଥିଲେ। ଏ ସଂକ୍ରାନ୍ତରେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ କହିଥିଲେ, କାହାକୁ କଟ୍‌ନି ଛଟ୍‌ନି କରାଇ ଦିଆଯିବ ନାହିଁ। ଯେଉଁମାନେ ମଣ୍ଡିରେ ଏଭଳି କାମ କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ। ଏଥିପାଇଁ ରାଜ୍ୟର ଏକ ଟିମ୍ ବିଭିନ୍ନ ସ୍ଥାନକୁ ଯାଇ ତଦନ୍ତ କରୁଛି। କୌଣସି ମିଲର କିମ୍ବା ଅଧିକାରୀ ଏଥିରେ ସମ୍ପୃକ୍ତ ଥିଲେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗତବର୍ଷ ୬୪ ଜଣ ଅଧିକାରୀଙ୍କୁ ସସପେଣ୍ଡ କରାଯାଇଥିବା ବେଳେ ୨୪ଟି ମିଲକୁ ସିଲ୍ କରାଯାଇଥିଲା। ଢେଙ୍କାନାଳ ଜିଲା ପ୍ରଭାରୀ ଅଶ୍ୱିନୀ କୁମାର କହିଛନ୍ତି, ଏହାର ଯାଞ୍ଚ କରିବାକୁ ଜିଲାପାଳ ଅତିରିକ୍ତ ଜିଲାପାଳଙ୍କୁ କହିଛନ୍ତି। ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ ୭ଦିନ ମଧ୍ୟରେ ତଦନ୍ତ କରାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସୂଚନା ଦେଇଥିବା ନବନିର୍ମାଣ କୃଷକ ସଙ୍ଗଠନର ଜିଲା ପ୍ରଭାରୀ ପ୍ରକାଶ କରିଛନ୍ତି।


ଜିଲାପାଳଙ୍କ ପ୍ରକୋଷ୍ଠ ସମ୍ମୁଖରେ ଧାନବସ୍ତା ରଖି ଚାଷୀଙ୍କ ପ୍ରତିବାଦ।

# ଉକୁଣିମରା ଔଷଧ ଖାଇ ଯୁବକ ମୃତ

ପାଟଣା,୨।୨ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ଡୁରୁମୁଙ୍ଗା ଥାନା ଜଡିଡାଟର ଗ୍ରାମରେ ଉକୁଣିମରା ଔଷଧ ଖାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର କରୁଣାକର ମହାନ୍ତଙ୍କ ପୁଅ ଜିତେନ୍ଦ୍ର ମହାନ୍ତ(୩୪)। ସୂଚନା ଅନୁଯାୟୀ, ଜିତେନ୍ଦ୍ରଙ୍କ ସ୍ତ୍ରୀ ଘରେ ଥାଇ ଉକୁଣିମରା ଔଷଧ ରଖିଥିଲେ। ଜିତେନ୍ଦ୍ର ଔଷଧକୁ ଜେଲରେ ଗୋଳାଉଥିବା ବେଳେ ପିଲା ଖାଇଦେବେ ବୋଲି ତାଙ୍କ ସ୍ତ୍ରୀ ପିଲାଙ୍କ ପାଖରେ ନ ଗୋଳାଇବାକୁ ବାରଣ କରିଥିଲେ। ଉକୁଣିମରା ଔଷଧ ଖାଇ କିଏ ମଲାଣି କହି ରବିବାର ଅପରାହ୍ଣରେ ଜିତେନ୍ଦ୍ର ପିଇ ଦେଇଥିଲେ। କିଛି ସମୟ ପରେ ସେ ବାନ୍ତି କରିବା ସହ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତି ୧୧ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଡୁରୁମୁଙ୍ଗା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଡୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨/୨୬) ରୁଜୁ ହୋଇ ତଦନ୍ତ ଚାଲିଥିବା ଏସ୍ଆଇ ସୁରେଶ ଚନ୍ଦ୍ର ସାହୁ କହିଛନ୍ତି।

# କାନାଡ଼ା, ଦୁବାଇ, ଅଷ୍ଟ୍ରେଲିଆରେ କଳାକୃତିର ଚାହିଦା

## ପରିବେଶ ଉପଯୋଗୀ ରଙ୍ଗରେ ମଣ୍ଡଳା ଆର୍ଟ କରୁଛନ୍ତି ଶିଳ୍ପୀରାଣୀ

ଉମରକୋଟ, ୨।୨
(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳ ୱାର୍ଡ ନମ୍ବର ୧୨ର ଶିଳ୍ପୀରାଣୀ ବିଶ୍ୱାସ ଜଣେ ଉଚ୍ଚ ଶିକ୍ଷିତ ଯୁବତୀ। କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ଅର୍ଥଶାସ୍ତ୍ରରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ପାଠ ଶେଷ ପରେ ଚାକିରି ପଛରେ ନ ଗୋଡ଼ାଇ ନିଜେ ସ୍ୱାବଲମ୍ବୀ ହେବାକୁ ମନ ବଳାଇଥିଲେ। ପିଲାଟି ଦିନରୁ ଚିତ୍ର କରିବାର ଯେଉଁ ନିଶା ଥିଲା ତାହାକୁ ପେସାରେ ବଦଳାଇବାକୁ ଉଦ୍ୟମ ଆରମ୍ଭ କରିଥିଲେ। ୟୁ ଟ୍ୟୁବ୍‌ରୁ ମଣ୍ଡଳା ଆର୍ଟ ସମ୍ପର୍କରେ ଜାଣି ତାହକୁ ଶିଖିବା ପରେ ପରୀକ୍ଷା ମୂଳକଭାବେ ଏକ ଚିତ୍ର କରି ସୋସିଆଲ ମିଡିଆରେ ଛାଡ଼ିଥିଲେ, ଯାହା ଅନେକ ପ୍ରଶଂସା ସାଉଣ୍ଟିଥିଲା। ଅନେକେ ନିଜ ଘର ପାଇଁ ଅର୍ଡର ଦେଇଥିଲେ। ଧୀରେ ଧୀରେ ଲୋକଙ୍କ ଅର୍ଡର ସଂଖ୍ୟା ବଢ଼ିବାରେ ଲାଗିଲା। ଏବେ ସୁଦ୍ଧା ସେ ୮୦୦ ଚିତ୍ର ଆଙ୍କି ଲୋକଙ୍କୁ ବିକ୍ରି କରିସାରିଲେଣି। ଏହାପରେ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ନିଜେ ଅନେକ ଚିତ୍ରକରି ତାହାକୁ ବିକ୍ରି କରିଛନ୍ତି। ସବୁଠୁ ଖୁସିର କଥା ଏହି ଦୁର୍ଗମ ଅଞ୍ଚଳର ଜଣେ ଶିଳ୍ପୀଙ୍କ ଚିତ୍ର ଏବେ ବିଦେଶରେ ମଧ୍ୟ ଆଦୃତ ହୋଇପାରିଛି। ଶିଳ୍ପୀରାଣୀଙ୍କ ହାତ ତିଆରି ଜଗନ୍ନାଥ ଚିତ୍ରର କାନାଡା, ଅଷ୍ଟ୍ରେଲିଆ ଓ ଦୁବାଇରେ ବେଶ୍ ଚାହିଦା ରହିଛି। ଏହାଦ୍ୱାରା ବେଶ୍ ଭଲ ଅର୍ଥ ରୋଜଗାର ହେଉଥିବା ସେ କହିଛନ୍ତି। ଦେଶ ବାହାରୁ ଆସିଥିବା ଅର୍ଡରର କାମ ଚାଲିଛି। ଖୁବ ଶୀଘ୍ର ସେଗୁଡିକ ପୋଷ୍ଟାଲ ମାଧ୍ୟମରେ ପଠାଇବି ବୋଲି କହିଛନ୍ତି। ଏହି ଚିତ୍ର ପାଇଁ ବ୍ୟବହୃତ ରଙ୍ଗ ପରିବେଶ ଉପଯୋଗୀ। କଞ୍ଚାମାଲ ସବୁ ଦିଲ୍ଲୀରୁ ଆଣିବାକୁ ପଡୁଛି ବୋଲି ଶିଳ୍ପୀରାଣୀ କହିଛନ୍ତି। ଆଗାମୀ ଦିନରେ ଆର୍ଟ କ୍ଲାସ୍ ଖୋଲିବା ସହ ସ୍ଥାନୀୟ ଯୁବତୀଙ୍କୁ କର୍ମ ଯୋଗାଇବା ସହ ସେମାନଙ୍କୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି। ଶିଳ୍ପୀରାଣୀଙ୍କ ଚିତ୍ରର ଏକ ସ୍ୱତନ୍ତ୍ରତା ରହିଛି। ଆମ ଅଞ୍ଚଳର କାଳକୃତି ବିଦେଶକୁ ଯାଉଛି ; ଯାହାକି ଏ ଅଞ୍ଚଳ ପାଇଁ ଗର୍ବର ବିଷୟ। ଏହି ପ୍ରୟାସ ଜାରି ରଖିଲେ ଜଣେ ସଫଳ ଉଦ୍ୟୋଗୀ ହୋଇପାରିବେ ବୋଲି କ୍ରେତା ତଥା ଅଧ୍ୟାପକ ସମୀର ମହାନ୍ତି କହିଛନ୍ତି।


ଚିତ୍ରଶିଳ୍ପୀ ଶିଳ୍ପୀରାଣୀ ବିଶ୍ୱାସ ନିଜର ଏକ କଳାକୃତି ଦେଖାଉଛନ୍ତି।

# ଖଣି କମ୍ପାନୀରେ ଜିଲାର ଯୁବଗୋଷ୍ଠୀଙ୍କୁ ୮୦% ନିଯୁକ୍ତି ନିର୍ଦ୍ଦେଶ

ରାୟଗଡ଼ା,୨।୨
(ଆଶିଷ ରଞ୍ଜନ ପଣ୍ଡା)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଦିନିକିଆ ରାୟଗଡ଼ା ଜିଲା ଗସ୍ତରେ ଆସିଥିବାବେଳେ ଜିଲାରେ ରହିଥିବା ଖଣି କମ୍ପାନୀଗୁଡ଼ିକରେ ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଯେଉଁଠାରେ ଖଣି, ପାଣି, ମାନବସମ୍ବଳ ଓ ଶିଳ୍ପ ଭିତ୍ତିଭୂମି ରହିଛି ସେଠାରେ ଥିବା କମ୍ପାନୀଗୁଡ଼ିକ ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ଅଗ୍ରାଧିକାର ଭାବେ ନିଯୁକ୍ତି ଦିଆଯିବ। ଏହି ସମସ୍ତ ଶିଳ୍ପାନୁଷ୍ଠାନରେ ସ୍ଥାନୀୟ ଯୁବଗୋଷ୍ଠୀଙ୍କ ପାଇଁ ୮୦ ପ୍ରତିଶତ ନିଯୁକ୍ତି ସଂରକ୍ଷଣ ରଖିବା ପାଇଁ ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଥିଲେ।

ଖଣି ଖାଦାନଭରା ରାୟଗଡା ମାଟିରେ ଉତ୍କଳ ଆଲୁମିନା, ଆଦିତ୍ୟ ଆଲୁମିନା, ଇମ୍ଫା, ଜେକେ ପେପର ମିଲ୍ ଭଳି ଶିଳ୍ପାନୁଷ୍ଠାନ ରହିଛି। ଆଗାମୀ ଦିନରେ ରାୟଗଡ଼ା ଜିଲା ଏକ ଉନ୍ନତ ଶିଳ୍ପ ହବ୍‌ରେ ପରିଣତ ହେବ। ଆଗାମୀ ଦିନରେ ହିଣ୍ଡାଲ୍‌କୋ ୧୫ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରି ଏହାର ସମ୍ପ୍ରସାରଣ କରିବାକୁ ଯାଉଛି। ୨୫ ହଜାର କୋଟି ଟଙ୍କା ନିବେଶରେ ବେଦାନ୍ତ ଆଲୁମିନା ରିଫାଇନେରି, ୭୬୫୩ କୋଟି ଟଙ୍କା ବିନିଯୋଗରେ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଭଳି ଅନେକ ପ୍ରକଳ୍ପ ରାୟଗଡା ଜିଲାରେ ପ୍ରତିଷ୍ଠା ହେବାକୁ ଯାଉଛି ; ଯେଉଁଥିରେ ସିଧାସଳଖ ୩୨ହଜାର ନିଯୁକ୍ତି ଜିଲାରୁ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଥିଲେ ଯେ, ଶିଳ୍ପଗୁଡ଼ିକ ହେଉଛି ସମୃଦ୍ଧିର ସ୍ତମ୍ଭ। ସ୍ଥାନୀୟ ଯୁବବର୍ଗଙ୍କୁ ନିଯୁକ୍ତି ମିଳିଲେ ହିଁ, ସମୃଦ୍ଧିର ମାର୍ଗ ପ୍ରସ୍ତୁତ ହେବ। ପୂର୍ବ ସରକାରଙ୍କ ସମୟରେ ଏ ସବୁ ହେଉ ନ ଥିଲା। ହେଲେ ବର୍ତ୍ତମାନ ସରକାର ଏହି ପ୍ରତିଶ୍ରୁତି ପାଳନ କରିବ ଏବଂ ପ୍ରତିଶ୍ରୁତି ପାଣିରେ ଗାର ହେବ ନାହିଁ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି।

ପ୍ରକାଶଥାଉ କି, ରାୟଗଡ଼ା ଜିଲା କାଶୀପୁର ବ୍ଲକର ଦୋରାଗୁଡ଼ାସ୍ଥିତ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ କମ୍ପାନୀ ପ୍ରାୟ ୧୮ ବର୍ଷ ତଳେ ଆରମ୍ଭ ସମୟରେ ନିଯୁକ୍ତି ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇବା ନେଇ ଦେଇଥିବା ପ୍ରତିଶ୍ରୁତି ପାଳନ କରୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଜାନୁଆରୀ ୨୮ରେ 'ପ୍ରତିଶ୍ରୁତି ପାଳନ କରୁନି ଉତ୍କଳ ଆଲୁମିନା' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ବେଳେ ଉତ୍କଳ ଆଲୁମିନା କମ୍ପାନୀ ଜମିହରା ପ୍ରଭାବିତ ସଂଘ ପକ୍ଷରୁ ଭଗବାନ ମାଝି ଓ ଅନ୍ୟମାନେ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ କମ୍ପାନୀରେ ୦.୦୧% ଶେୟାର ଦାବି ସହିତ ୨୧ଟି ସମସ୍ୟା ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ତେବେ ବର୍ତ୍ତମାନ ମଧ୍ୟ ଉତ୍କଳ ଆଲୁମିନା କମ୍ପାନୀ ଅଞ୍ଚଳର ଜମିହରା ଓ ପ୍ରଭାବିତ ସଂଘ ଗତ ଏକ ସପ୍ତାହ ଧରି ଧାରଣାରେ ବସିଥିଲେ ମଧ୍ୟ କମ୍ପାନୀ ପକ୍ଷରୁ ସମାଧାନ ପାଇଁ କୌଣସି ଆଲୋଚନା କରାଯାଇ ନ ଥିବା ସଂଘର ସଦସ୍ୟ ଭଗବାନ ମାଝି ଓ ଅନ୍ୟମାନେ ପ୍ରକାଶ କରିଛନ୍ତି।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

# କାର୍ ଦୁର୍ଘଟଣା: ପ୍ରତ୍ନତତ୍ତ୍ୱ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଗୁରୁତର, ବାପା ମୃତ

ଛେଣ୍ଡିପଦା,୨।୨(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଚାରବାଟି ଛକ ନିକଟରେ ସୋମବାର ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ଅଛନ୍ତି। ମୃତକ ହେଲେ ପଳସମା ମହାବିଦ୍ୟାଳୟର ପ୍ରତିଷ୍ଠାତା କୁମୁଦବନ୍ଧୁ ଗଡ଼ନାୟକ(୭୫) ଓ ଗୁରୁତର ହେଲେ ତାଙ୍କ ପୁଅ ପ୍ରତ୍ନତତ୍ତ୍ୱ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଡିବିଶାଦ ବ୍ରଜସୁନ୍ଦର ଗଡ଼ନାୟକ।

ସୂଚନା ଅନୁଯାୟୀ, ଡିବିଶାଦ ସୋମବାର ସମ୍ବଲପୁର ଜିଲା ନାକ୍ଟିଦେଉଳ ଅଞ୍ଚଳରୁ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସାରି ବାପାଙ୍କ ଦେହ ଖରାପ ଶୁଣି କୁଣ୍ଡେଇଗୋଳା ଥାନା ପଳସମା ଗାଁ ଯାଇଥିଲେ। ସେଠାରୁ ସେ ବାପାଙ୍କୁ ଚିକିତ୍ସା ପାଇଁ କଟକ କାରରେ ନେଇ ଯାଉଥିବାବେଳେ ଚାରବାଟିଆ ଛକ ନିକଟରେ କାର୍‌ଟି ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟଲୋକେ ଉଭୟଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ କୁମୁଦବନ୍ଧୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଡିବିଶାଦଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛନ୍ତି। ଛେଣ୍ଡିପଦା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଓ ମୃତଦେହକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। କୁମୁଦବନ୍ଧୁ ଜଣେ ଅବସରପ୍ରାପ୍ତ ଶିକ୍ଷକ ହୋଇଥିବାବେଳେ ପଳସମା ମହାବିଦ୍ୟାଳୟର ପ୍ରତିଷ୍ଠାତା। ସ୍ୱର୍ଗତ ଗଡ଼ନାୟକଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।


ଦୁର୍ଘଟଣାଗ୍ରସ୍ତ କାର୍।

# ପ୍ରତି ପଞ୍ଚାୟତରେ ଆର୍‌ଆଇ ଅଫିସ୍: ରାଜସ୍ୱ ମନ୍ତ୍ରୀ

## ମହାନଦୀ ଜଳ ବିବାଦକୁ ନେଇ ବିଜେଡି ସରକାରକୁ ସମାଲୋଚନା

ସମ୍ବଲପୁର,୨।୨
(ପ୍ରମୋଦ ବହିଦାର)

ସମ୍ବଲପୁର ତହସିଲକୁ ଦୁଇ ଭାଗ କରାଯିବ। ହୀରାକୁଦ ଓ ବୁର୍ଲାକୁ ନେଇ ବୁର୍ଲାଠାରେ ଏକ ନୂତନ ତହସିଲ ଖୁବଶୀଘ୍ର କାର୍ଯ୍ୟକାରୀ ହେବ। ସେହିପରି ଭୁବନେଶ୍ୱରକୁ ତିନି ଭାଗ ଏବଂ କଟକକୁ ଦୁଇଟି ତହସିଲରେ ବିଭକ୍ତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସୋମବାର ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହା କହିଛନ୍ତି। ସେ କହିଛନ୍ତି, ତହସିଲ ସମ୍ପ୍ରସାରଣ ପାଇଁ ଆଗାମୀ ଦିନରେ ରାଜ୍ୟରେ ଅନେକ ଆର୍‌ଆଇ ଓ ଅମିନ ପଦବୀରେ ନିଯୁକ୍ତି ଦିଆଯିବ। ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ନୂଆ ଆର୍‌ଆଇ ଅଫିସ ସ୍ଥାପନ ସରକାରଙ୍କ ଲକ୍ଷ୍ୟ ରହିଛି। ତେବେ ପ୍ରାଥମିକ ପର୍ଯ୍ୟାୟରେ ପ୍ରତି ଦୁଇଟି ପଞ୍ଚାୟତ ପାଇଁ ଜଣେ ଆରଆଇଙ୍କୁ ନିଯୁକ୍ତ କରାଯିବ। ବିଶେଷ କରି ରାଜସ୍ୱ ବିଭାଗର କାର୍ଯ୍ୟକୁ ଅଧିକ ଗତିଶୀଳ କରିବା ସହ ଆଧୁନିକ ବୈଷୟିକ ଜ୍ଞାନକୌଶଳ ବ୍ୟବହାର ପୂର୍ବକ ଉପଭୋକ୍ତା କିଭଳି ଅଫିସ ନ ଆସି ଉତ୍ତମ ସେବା ପାଇପାରିବେ ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ଭଲ କାମ କରୁଥିବା ସରକାରୀ କର୍ମଚାରୀଙ୍କୁ ପୁରସ୍କାର ସ୍ୱରୂପ ପଦୋନ୍ନତି ଏବଂ ବେଆଇନ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ପୂଜାରୀ ଚେତାବନୀ ଦେଇଛନ୍ତି। ଏହି ଅବସରରେ ସେ ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ପୂର୍ବତନ ବିଜେଡି ସରକାରକୁ ସମାଲୋଚନା କରି କହିଥିଲେ, ୨୦୧୪ରୁ ୨୦୨୨ ମଧ୍ୟରେ ଛତିଶଗଡ଼ ବ୍ୟାରେଜ ନିର୍ମାଣ କରି ଚାଲିଥିବା ବେଳେ ବିଜେଡି ସରକାର ଆରମ୍ଭରୁ ଏହାର ପ୍ରତିବାଦ କରି ନ ଥିଲା। ଟ୍ରିବ୍ୟୁନାଲରେ ମଧ୍ୟ ଓଡ଼ିଶାର ପକ୍ଷ ଦୁର୍ବଳ ଭାବେ ଉପସ୍ଥାପନ କରାଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ବର୍ତ୍ତମାନର ସରକାର ଚେଷ୍ଟା ଜାରି ରଖିଛନ୍ତି ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି। ବୈଠକରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଓଏସଡି ପ୍ରଦୀପ କୁମାର ସାହୁ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ସମସ୍ତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।


ଜିଲାପାଳଙ୍କ କାର୍ଯ୍ୟାଳୟର ଏସ୍‌ଏସ୍‌ଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟମାନେ।

# କୋଇଲା ବୋଝେଇ ଟ୍ରେନରେ ନିଆଁ

କଣ୍ଟାବାଞ୍ଜି, ୨।୨(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ଅନ୍ତର୍ଗତ ଟିଟିଲାଗଡ଼-ରାୟପୁର ସେକ୍‌ସନର ତୁରେକେଲା ରୋଡ ରେଳ ଷ୍ଟେଶନରେ ସୋମବାର ଏକ କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ ଲାଗିଥିଲା। ତେବେ କଣ୍ଟାବାଞ୍ଜି ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ଟ୍ରେନ୍‌ଟି ରାୟପୁରରୁ ଟିଟିଲାଗଡ଼ ଆଡ଼କୁ ଆସୁଥିବାବେଳେ ତୁରେକେଲା ରୋଡ ରେଳ ଷ୍ଟେଶନରେ ଏକ ବଗିରୁ ଧୂଆଁ ବାହାରୁଥିବା ଷ୍ଟେଶନମାଷ୍ଟର ଦେଖିବାକୁ ପାଇଥିଲେ। ଷ୍ଟେଶନମାଷ୍ଟର ସଙ୍ଗେ ସଙ୍ଗେ ରେଳ ବିଭାଗର ଅଧିକାରୀ ଏବଂ କଣ୍ଟାବାଞ୍ଜି ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ୧୫ କିମି ଦୂର ତୁରେକେଲା ରେଳ ଷ୍ଟେଶନକୁ ଯାଇ କୋଇଲା ବୋଝେଇ ବଗିରେ ପାଣି ପକାଇ ନିଆଁକୁ ଲିଭାଇଥିଲେ। ନିଆଁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଥିବାରୁ ବଡ଼ ଦୁର୍ଘଟଣାରୁ କୋଇଲା ବୋଝେଇ ଟ୍ରେନ ଅଳ୍ପକେ ବର୍ତ୍ତିଯାଇଛି।


କୋଇଲା ବୋଝେଇ ଟ୍ରେନରୁ ଅଗ୍ନିଶମ ବିଭାଗ ଦ୍ୱାରା ନିଆଁ ଲିଭାଯାଉଛି।

# ସୀମାନ୍ତରେ ଆନ୍ଧ୍ରର ଆଧାର ଅପଡେଟ୍ ପରେ ବ୍ଲକ୍ ପ୍ରଶାସନର ବୈଠକ

ପଟ୍ଟାଙ୍ଗି,୨।୨(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନ କୋଟିଆ ପଞ୍ଚାୟତ ସୀମାନ୍ତ ଆର୍ଜୁବାଲସା ଓ ତାଡିବାଲସା ଗ୍ରାମରେ ସ୍ଥାନୀୟ ବ୍ଲକ ପ୍ରଶାସନ ପକ୍ଷରୁ ଲୋକଙ୍କୁ ଏକତ୍ର କରି ଏକ ଜନ ସମ୍ପର୍କ ବୈଠକ କରାଯାଇଛି। ସୀମାନ୍ତବାସୀଙ୍କ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ପଚାରି ଅବଗତ ହୋଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରି ବୁଝାଇଛନ୍ତି। ସୀମାନ୍ତବାସୀଙ୍କ ଆସିଥିବା ସମସ୍ୟା ଅତିଶୀଘ୍ର ପର୍ଯ୍ୟାୟ କ୍ରମେ ସମାଧାନ କରାଯିବ ବୋଲି ବିଡିଓ ରାମକ୍ରିଷ୍ଣା ନାୟକ କହିଛନ୍ତି। ସୀମାନ୍ତବାସୀଙ୍କ ଆଧାର କାର୍ଡ ଯାଞ୍ଚ କରି ରାଶନ କାର୍ଡ ସହ ସଂଯୋଗ ହୋଇଛି କି ନାହିଁ ରେକର୍ଡ ଯାଞ୍ଚ କରିଛନ୍ତି। ଏହା ପରେ ସୀମାନ୍ତବାସୀଙ୍କ ଇକେୱାଇସି କରି ଆଧାର କାର୍ଡ ଅପଡେଟ୍ କରାଯାଇଥିଲା। ଏହି ସମୟରେ ବ୍ଲକ୍ ଯୋଗାଣ ଅଧିକାରୀ ଅଶୋକ କୁମାର ସାହୁ, ବ୍ଲକ୍ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ବିଏସ୍‌ଏସ୍‌ଓ ସୁଧିର୍ ସାହୁ, ଏପିଓ ସୌମେନ୍ଦ୍ର ନାୟକ, ଅନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ନିଜ ବିଭାଗ ସମ୍ପର୍କରେ ସୀମାନ୍ତବାସୀଙ୍କୁ ବୁଝାଇଛନ୍ତି। ଏହା ପଞ୍ଚାୟତ ପିଇଓ କଣ୍ଡା ଗଲରୀ ଓ ଡିଇଓ ସୁକାନ୍ତ ରୁଡି ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଯୋଗାଇ ଦିଆଯାଉଥିବା ସୁବିଧା ନେଇ ଅବଗତ କରାଯାଇଛି। ସୂଚନାନୁଯାୟୀ, ପଡୋଶୀ ଆନ୍ଧ୍ର ପ୍ରଦେଶର ପାର୍ବତୀପୁରମ ମାନ୍ୟାମ ଜିଲାର ସାଲୁର ବ୍ଲକ ପ୍ରଶାସନର କର୍ମଚାରୀ ଉପରସେମ୍ମ, ଗଞ୍ଜେଇ ପଦର ଓ ଅନ୍ୟ ସୀମାନ୍ତ ଗ୍ରାମରେ ଆଧାର କାର୍ଡ ଅପଡେଟ୍ କରି ରାଶନ କାର୍ଡ ପ୍ରଦାନ କରାଯାଇଥିଲା। ଏହାର ୩ ଦିନ ପରେ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ କୋଟିଆ ପଞ୍ଚାୟତର ଏହି ଗ୍ରାମରେ ଜନ ସମ୍ପର୍କ ବୈଠକ କରି ସୀମାନ୍ତବାସୀଙ୍କ ସହ ଆଲୋଚନା ସହ ବିଭିନ୍ନ ଯୋଜନା ସମ୍ପର୍କରେ ବୁଝାଇବାକୁ ଚେଷ୍ଟା କରିଛି।


କୋଟିଆ ପଞ୍ଚାୟତ ନେରିଡିବାଲସା ଗ୍ରାମରେ ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ପକ୍ଷରୁ ବୈଠକ କରି ଆଲୋଚନା କରାଯାଉଛି।


**OFFICE OF THE SUPERINTENDING ENGINEER**
**RWS&S DIVISION, JAGATSINGHPUR**
Tel. No. 06724-223485, mail - rwssjspur@gmail.com
**e-Procurement Notice**
**Bid Identification No. 49 of 2025-26**

No.25001/13/2526 : The Executive Engineer, RWS&S Division, Jagatsinghpur on behalf of Governor of Odisha invites P1 composite bids in Single Cover system in online mode for Execution of RPWS scheme works on Percentage rate basis from eligible Class of contractors.

| | | |
|---|---|---|
| 1. | Name of work | : PWS works |
| 2. | No. of work | : 03 Nos |
| 3. | Estimated Cost | : Rs.6,83,587/- to Rs.15,03,736/- |
| 4. | Cost of Tender paper | : Rs. 4000/- to Rs.6000/- Each |
| 5. | Class of contractor | : "D" & "C" |
| 6. | Availability of Tender in website | : 11.02.2026 to 18.02.2026 |
| 7. | Submission of Bid in online | : 11.02.2026 to 18.02.2026 |
| 8. | Date of seeking clarification | : 11.02.2026 to 16.02.2026 |
| 9. | Date of opening of bids | : 19.02.2026 (11.00 A.M.) |
| 10. | Name and address of O.I.T | : Superintending Engineer, RWS&S Division, Jagatsinghpur |
| 11. | All other details can be seen from the website | : www.tendersorissa.gov.in |
| 12. | Bid cost and Bid security should be submitted in online mode | |
| 13. | Subsequent corrigendum/addendum if required shall only be appeared in above website. | |

Sd./- Executive Engineer
RWS&S Divn. Jagatsinghpur
OIPR-25001/25024/1/25-26/0013

**OFFICE OF THE MUNICIPAL COUNCIL : GUNUPUR**
No.13001/13/2526 **e-Procurement Notice**
**Tender Reference No. GUN-MUN-78/2025-26**
Letter No.508 Dt.29.01.2026

| | | |
|---|---|---|
| 01 | Total Nos. of Works | : Thirty five (35) nos. of Civil Works |
| 02 | Approximate Estimated Cost (Excluding GST 18%) | : Rs.2,05,000/- to Rs.16,93,433/- |
| 03 | Period of Completion | : Thirty (30) days - One hundred twenty (120) days |
| 04 | Date & Time of availability of Bid Document in the Portal | : 11.00 Hrs. of Dt.01.02.2026 to 17.00 Hrs. of Dtd.10.02.2026 for Online Bidding |
| 05 | Last date/Time for receipt of bids in the portal | : 17.00 Hrs. of Dtd.10.02.2026 |
| 06 | Name and address of the Officer Inviting Bids | : Executive Officer, Gunupur Municipality |
| 07 | Date of opening of Bids | : 11.00 Hrs. on Dtd.11.02.2026 |
| 08 | Further details can be seen from the e-Procurement Portal | : www.tendersodisha.gov.in |
| 09 | Further Addendum/Corrigendum if any will be hosted in the above website | |

Sd./- Executive Officer
Gunupur Municipality
OIPR-13001/13104/1/25-26/0013

**OFFICE OF THE PANCHAYAT SAMITI, CHANDBALI** No.19001/7/2526
AT/PO - CHANDBALI, DIST. - BHADRAK, PIN - 756133
**INVITATION FOR BIDS (IFB)**
**BID IDENTIFICATION NO - 01**

| S.I No. | Name of the Work | Location | Tender Cost |
|---|---|---|---|
| 1 | Construction of New Building of Livestock Aid Centre at Ghanteswar | Ghanteswar | 15,73,400 |

1. Class of Contract : C & D
2. Period of Completion : Six Calendar Months
3. Date & Time : 02.02.2026 (10 A.M.)
4. Last Date : 20.02.2026 (1 P.M.)
5. Time of Opening : 3:30 P.M. of 21.02.2026
6. Name and address : Block Development Officer, Chandbali, Bhadrak
7. EMD applicable : 1% of Tender Cost

Further details can be seen from the website portal https://bhadrak.odisha.gov.in/-. The interested bidders contact office of the Block Development Officer, Chandbali, Dist - Bhadrak, Contact No. - 9938176780

Sd./- Block Development Officer
Chandbali
OIPR-19001/19183/1/25-26/0007

**'e' PROCUREMENT NOTICE NO.21/2025-26**
No.25001/13/2526

1. Name of Work : Building Work
2. Total No. of Work : 01 (One) Work
3. Estimated Cost : Rs.5.88 Lakhs
4. Period of Completion : 01 (One) Calendar Month.
5. Class of Contractors : 'C' & 'D' Class only.

**Other details as follows :**
a) Procurement Officer : Superintending Engineer, Rural Works Division, Cuttack.
b) Availability of tender online for bidding : From dt.03.02.2026 at 11.00 A.M. to dt.10.02.2026 up to 5.00 P.M.
c) Last date & time of seeking of tender clarification : Dt.09.02.2026 up to 5.00 P.M.
d) Date & Time of Opening Technical Bid : Dt.11.02.2026 at 11.00 A.M.

Further details can be seen from the Govt. website www.tenderodisha.gov.in

Sd./- Superintending Engineer
Rural Works Division
Cuttack
OIPR-25001/25053/1/25-26/0013

**ସଂକ୍ଷେପରେ**

## ଥିଲେ ପୁଅ ହେଲେ ଝିଅ ସମୀର ନାୟକରୁ ଏବେ ସମୀରା ମାଡାମ୍



ଖଲ୍ଲିକୋଟ,୨।୨(ପ୍ରଶାନ୍ତ କୁମାର ମିଶ୍ର) ପୁଅ ଥିଲେ, ହୋଇଗଲେ ଝିଅ। ସମୀର ନାୟକରୁ ଏବେ ସେ ପାଲଟିଯାଇଛନ୍ତି ସମୀରା ମାଡାମ। ସେ ହେଉଛନ୍ତି ଓଡ଼ିଶାର ପ୍ରଥମ ଟ୍ରାନ୍ସ ଓମେନ ଆର୍ଟିଷ୍ଟ ସମୀରା ନାୟକ। ତାଙ୍କ ପୁରୁଷର ଦେହ ଭିତରେ ଲୁଚି ରହିଥିଲା ନାରୀର ମନ। ଜଣାପଡ଼ିଛି, ସମୀର ପୁଅଟିଏ ହୋଇ ଜନ୍ମ ହୋଇଥିଲେ। ମାତ୍ର ପାଠପଢ଼ା ବୟସରେ ତାଙ୍କ ମନ ଏବଂ ଶାରୀରିକ ଭାବଭଙ୍ଗୀରେ ଆସିଥିଲା ଅନେକ ପରିବର୍ତ୍ତନ । ବୟସ ବଢିବା ସାଙ୍ଗକୁ ମନ ଓ ଚାଲିଚଳନରେ ତାଙ୍କର ଆସିଥିଲା ପରିବର୍ତ୍ତନ । ପୁଅ ସାଙ୍ଗଙ୍କ ଅପେକ୍ଷା ସେ ଝିଅମାନଙ୍କ ସହିତ ଚଳିବାକୁ ଇଚ୍ଛା କରିଥିଲେ। ଖଲ୍ଲିକୋଟର ଏକ ଛୋଟିଆ ଗାଁରେ ଏକ ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇଥିବା ସମୀର ଯୁବକ ଅବସ୍ଥାରେ ମୁମ୍ବାଇ ଯାଇ ଅସ୍ତ୍ରୋପଚାର କରି ଲିଙ୍ଗ ପରିବର୍ତ୍ତନ ସହ ପୁଅ ସମୀରରୁ ଝିଅ ହୋଇ ହୋଇଗଲେ ସମୀରା ମାଡାମ। ବର୍ତ୍ତମାନ ସେ ଓଡ଼ିଶାର ପ୍ରଥମ ଟ୍ରାନ୍ସ ଓମେନ ଆର୍ଟିଷ୍ଟ ସମୀରା ନାୟକ ରୂପେ ପରିଚିତ। ଖଲ୍ଲିକୋଟ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଇଣ୍ଡିଆନ ପେଣ୍ଟିଂ ବିଭାଗରେ ଅଛନ୍ତି ଅତିଥି ଅଧ୍ୟାପିକା। ସମସ୍ତଙ୍କ ନିକଟରେ ତାଙ୍କ ପରିଚୟ ରହିଛି ସମୀରା ମାଡାମ। ଓଡ଼ିଶାର ପ୍ରଥମ ଟ୍ରାନ୍ସ ଓମେନ ଆର୍ଟିଷ୍ଟ ଭାବରେ ନିଜକୁ ଗର୍ବ ଅନୁଭବ କରନ୍ତି ବୋଲି କହିଛନ୍ତି ସମୀରା ।

# ବ୍ରହ୍ମପୁର ସହରୀ ଅର୍ଥନୈତିକ ଅଞ୍ଚଳର ସୁଫଳ ପାଇବ

ବ୍ରହ୍ମପୁର,୨।୨(ଅଶୋକ କୁମାର ସାହୁ)

କେନ୍ଦ୍ର ବଜେଟ ଘୋଷଣା ହୋଇଛି। ଏହା ଦ୍ୱାରା ଆତ୍ମନିର୍ଭର ଭାରତ ତଥା ବିକଶିତ ଭାରତ ଗଠନ ସ୍ୱପ୍ନ ସାକାର ହେବ ବୋଲି ସୋମବାର ବ୍ରହ୍ମପୁର ସର୍କିଟ ହାଉସଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ବିଶେଷ କରି ବିରଳ ଖଣିଜ ପଦାର୍ଥ ନିମନ୍ତେ ଖଣି ପ୍ରକ୍ରିୟାକରଣ, ଗବେଷଣା ଓ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ଦେଶର ମାଇନିଙ୍ଗ କ୍ୟାପିଟାଲ ଓଡ଼ିଶାରେ ରେୟାର ଅର୍ଥ କରିଡ଼ର ପ୍ରତିଷ୍ଠା ଘୋଷଣା ହୋଇଛି। ଫଳରେ ବିରଳ ଖଣିଜ ପଦାର୍ଥ ଆମଦାନୀ ନିର୍ଭରଶୀଳତା ହ୍ରାସ ପାଇବ । ଏହା ଦ୍ୱାରା ଗଞ୍ଜାମ ଜିଲାକୁ ସୁଫଳ ମିଳିବ। ଜିଲାର ଛତ୍ରପୁର ନିକଟ ମାଟିଖାଲଠାରେ ଭାରତୀୟ ବିରଳ ମୃତ୍ତିକା କମ୍ପାନୀ ଥିବାରୁ ଜିଲାରେ ରେୟାର ଅର୍ଥ କରିଡର ପ୍ରତିଷ୍ଠା ହେବା ଆଶା ଉଜ୍ଜ୍ୱଳ ହୋଇଛି। ଏହା ଦ୍ୱାରା ଆଇଆରଇରେ ଉତ୍ପାଦନ କ୍ଷମତା ବୃଦ୍ଧି ପାଇବ। ଏହା ଦ୍ୱାରା କର୍ମ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଉପକୂଳ ଅଞ୍ଚଳ ପର୍ଯ୍ୟଟନ ଓ ଅର୍ଥନୈତିକ ହବ ପାଲଟିବ।

## ଜିଲାର ଉପକୂଳ ଅଞ୍ଚଳରେ ନଡ଼ିଆ, କାଜୁ ଓ କିଆ ଚାଷକୁ ପ୍ରୋତ୍ସାହନ ମିଳିବ




ସମ୍ମିଳନୀରେ ମନ୍ତ୍ରୀ, ବିଧାୟକଙ୍କ ସହ ଅନ୍ୟମାନେ।

ଉପକୂଳ ସଂଯୋଗ ହେତୁ ଗଞ୍ଜାମ ଜିଲା ଲାଭାନ୍ୱିତ ହେବ। ସମନ୍ୱିତ ସହରୀ ଅଭିବୃଦ୍ଧି ଲକ୍ଷ୍ୟ ରଖାଯାଇଛି। ୫ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହରକୁ ସହରୀ ଅର୍ଥନୈତିକ ଅଞ୍ଚଳ(ସିଇଆର)ରେ ଅନ୍ତର୍ଭୁକ୍ତ କରାଯାଇଛି। ବ୍ରହ୍ମପୁର ମହାନଗର ଉକ୍ତ ଲୋକସଂଖ୍ୟା ଛୁଇଁସାରିଛି। ତେଣୁ ବ୍ରହ୍ମପୁର ଏଥିରୁ ସୁଫଳ ପାଇବ । ସାମୁଦ୍ରିକ କଇଁଛ ଅଲିଭ ରିଡଲେ ଗଣ ଅଣ୍ଡାଦାନ ନିମନ୍ତେ ଟର୍ଟଲ ଟ୍ରେଇଲ ବିକଶିତ କରାଯିବ । ଋଷିକୁଲ୍ୟା ମୁହାଣକୁ ଲକ୍ଷାଧିକ କଇଁଛ ଅଣ୍ଡା ଦେବାକୁ ଆସୁଥିବାରୁ ସାମୁଦ୍ରିକ କଇଁଛଙ୍କ ନିରାପଦ ଆଶ୍ରୟସ୍ଥଳୀ ପାଲଟିବା ସହ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବ। ଜିଲାର ଉପକୂଳ ଅଞ୍ଚଳରେ ନଡ଼ିଆ, କାଜୁ ଓ କିଆ ଚାଷକୁ ପ୍ରୋତ୍ସାହନ ମିଳିବ । ଏହା ଗ୍ରାମୀଣ ନିଯୁକ୍ତିକୁ ଉତ୍ସାହିତ କରିବା ସହ ଆୟ ଦିଗୁଣିତ କରିବ । ଗଞ୍ଜାମର ବାହୁଦାଠାରେ ଦେଶର ସର୍ବବୃହତ ବନ୍ଦର ନିର୍ମାଣ ହେବ । ଏ ବାବଦରେ ୨୧୫୦୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି । ଗୋପାଳପୁର ବନ୍ଦର ସମ୍ପ୍ରସାରଣ ,ଟାଟା ସ୍ୱତନ୍ତ୍ର ଅର୍ଥନୈତିକ ଜୋନରେ ଗ୍ରୀନ ହାଇଡ୍ରୋଜେନ ଓ ଅମୋନିଆ ସେକ୍ଟର ପାଇଁ ୭୨୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସେହିପରି ୩ଟି ନାଇପେର ପ୍ରତିଷ୍ଠା କରାଯିବ। ବ୍ରହ୍ମପୁରରେ ସେଥିରୁ ଗୋଟିଏ ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିଛି। ମୋଟାମୋଟି ଭାବେ ଗଞ୍ଜାମ ଜିଲା ବିକଶିତ ଜିଲା ଭାବେ ପରିଗଣିତ ହେବା ଆଶା ରହିଛି ବୋଲି ମନ୍ତ୍ରୀ କହିଥିଲେ। ଏହି ସମ୍ମିଳନୀରେ ମନ୍ତ୍ରୀ ଜେନାଙ୍କ ସହିତ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ,ରାଷ୍ଟ୍ରୀୟ ପରିଷଦ ସଭ୍ୟ କାହ୍ନୁ ଚରଣ ପତି, ଭାଜପାର ବରିଷ୍ଠ ନେତା ସୁନିଲ କୁମାର ସାହୁ, ଜିଲା ଉପସଭାପତି ପ୍ରଭାତ କିରଣ ଷଡ଼ଙ୍ଗୀ, ଗଙ୍ଗାଧର ସତପଥୀ,ଜିଲା ସାଧାରଣ ସମ୍ପାଦକ ଗୌରୀ ଶଙ୍କର ସାମନ୍ତରା,ସିଦ୍ଧାନ୍ତ ଗଙ୍ଗଦେବ ପ୍ରମୁଖ ଉପସ୍ଥିତ ଥିଲେ।

## ବଜେଟକୁ ନେଇ ଏମାନେ ଯାହା କୁହନ୍ତି...

### ଖଣିଜ ସମ୍ପଦ ସ୍ୱତନ୍ତ୍ର ପରିଚୟ ଦେବ

ବ୍ରହ୍ମପୁର,୨।୨(ସୁବାସ ଚନ୍ଦ୍ର ପାଢ଼ୀ)



କେନ୍ଦ୍ର ବଜେଟରେ ଘୋଷିତ 'ବିରଳ ଖଣିଜ କରିଡର' ଓଡ଼ିଶାର ଶିଳ୍ପାୟନ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ। ଓଡ଼ିଶା ସମେତ ଚାରୋଟି ରାଜ୍ୟକୁ ନେଇ ଗଠିତ ହେବାକୁ ଥିବା ଏହି କରିଡର, ଆମ ରାଜ୍ୟର ପ୍ରଚୁର ଖଣିଜ ସମ୍ପଦକୁ ବିଶ୍ୱସ୍ତରୀୟ ବଜାରରେ ଏକ ସ୍ୱତନ୍ତ୍ର ପରିଚୟ ଦେବ। ଏହା ଦ୍ୱାରା ସେମିକଣ୍ଡକ୍ଟର ଓ ଗ୍ରୀନ ଏନର୍ଜି ଭଳି ଆଧୁନିକ ଶିଳ୍ପର ବିକାଶ ହେବା ସହ ଆମ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତିର ଅସୀମ ସୁଯୋଗ ସୃଷ୍ଟି ହେବ। 'ବିକଶିତ ଓଡ଼ିଶା' ଗଠନ ଦିଗରେ ଏହା ଏକ ପ୍ରମୁଖ ମାଇଲଖୁଣ୍ଟ।

କେ ଅନିଲ କୁମାର , ବିଧାୟକ

### ନାରୀଶକ୍ତିର ସଶକ୍ତ ପ୍ରତିବିମ୍ବ ପ୍ରତିଫଳିତ



ଆଜିର ବଜେଟ ଏକ ଯୁଗାନ୍ତକାରୀ ବଜେଟ। ଏଥିରେ ଦେଶର ନାରୀ ଶକ୍ତିର ସଶକ୍ତ ପ୍ରତିବିମ୍ବ ସ୍ପଷ୍ଟ ଭାବେ ପ୍ରତିଫଳିତ ହେଉଛି । ଅର୍ଥମନ୍ତ୍ରୀ ୯ମ ଥର ଦେଶର ବଜେଟ ପ୍ରସ୍ତୁତ କରି ଏକ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି । ଏହି ବଜେଟ ଅପାର ସୁଯୋଗର ଏକ ପ୍ରଶସ୍ତ ମାର୍ଗ । ଏହା ବର୍ତ୍ତମାନର ସ୍ୱପ୍ନଗୁଡ଼ିକୁ ସାକାର କରିବା ସହ ଭାରତର ଉଜ୍ଜ୍ୱଳ ଭବିଷ୍ୟତର ଭିତ୍ତିକୁ ଆହୁରି ସୁଦୃଢ଼ କରୁଛି। ୨୦୪୭ର 'ବିକଶିତ ଭାରତ' ସଂକଳ୍ପକୁ ପୂରଣ କରିବା ପାଇଁ ଏହି ବଜେଟ ଏକ ଦୃଢ଼ ଆଧାର ଶିଳା।" ବିଶେଷ କରି ଗଞ୍ଜାମ ଜିଲ୍ଲାର କଇଁଛ ସରଂକ୍ଷଣ ଏବଂ ଭାରତୀୟ ବିରଳ ମୃତ୍ତିକା (ଆଇଆର୍ଇ)ର ପୁନରୁଦ୍ଧାର ସ୍ଥାନିତ ହୋଇପାରିଛି ।

ସରୋଜ ସାବତ, ଭାଜପା ଜିଲା ସଭାପତି

### ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ଅନୁଦାନ ସମୁଦ୍ରକୁ ଶଙ୍ଖେ



ଏମଏସଏମଇ କ୍ଷେତ୍ର କୁ ମାତ୍ର ୧୦ ହଜାର କୋଟି ବଜେଟ ରେ ପ୍ରବଧାନ କେବଳ ସମୁଦ୍ରକୁ ଶଙ୍ଖେ ସଦୃଶ ଏଥିରେ ନିଯୁକ୍ତି ଓ ବେକାରୀ ସମସ୍ୟା ସୁଧୁରିବାର କୌଣସି ଆଶା ଦେଖାଯାଉନି। ପୁଣି ଥରେ ସରକାର ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରକୁ ଅଣଦେଖା କରିଛନ୍ତି। ଋଣଗ୍ରସ୍ତ ସରକାରଙ୍କ ଦ୍ୱାରା ଦରଦାମ ବୃଦ୍ଧି,ଅସ୍ଥାୟୀ କର୍ମଚାରୀ ଓ ନୂଆ ନିଯୁକ୍ତି ପାଇଁ ପୁଣି ଲଲିପପ ଦେଖାଇଛନ୍ତି ସରକାର।

ପ୍ରତାପ ପ୍ରଧାନ ,ଶ୍ରମିକ ଓ କର୍ମଚାରୀ ନେତା

### ଦୀର୍ଘକାଳୀନ ବିକାଶ ଉପରେ ଗୁରୁତ୍ୱ



କେନ୍ଦ୍ର ବଜେଟ ଦୀର୍ଘକାଳୀନ ବିକାଶ ଉପରେ ଗୁରୁତ୍ୱ ରଖିଛି। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରକୁ ଭାରତୀୟ ଅର୍ଥନୀତିର ଇଞ୍ଜିନ ଭାବେ ସ୍ଥାନ ଦିଆଯାଇଛି। ଏମଏସଏମଇମାନଙ୍କର ସବୁଠାରୁ ବଡ଼ ସମସ୍ୟା ବକେୟା ପେମେଣ୍ଟ କୁ ସମାଧାନ କରିବା ପାଇ ଏକ ପ୍ଲାଟଫର୍ମ କରାଯାଇଛି। କର୍ପୋରେଟ ମିତ୍ର ଯୋଜନା ମାଧ୍ୟମରେ କର, ହିସାବ ଓ ଆଇନଗତ ଅନୁପାଳନକୁ ସରଳ କରାଯାଇ ଏମଏସଏମଇ ମାନଙ୍କର ଅନାବଶ୍ୟକ ଖର୍ଚ୍ଚ କମାଯିବ। ଏହା ସହିତ ୨୦୦ଟି ପୁରୁଣା ଶିଳ୍ପ କ୍ଲଷ୍ଟରର ପୁନରୁଦ୍ଧାର ପାରମ୍ପରିକ ଉଦ୍ୟୋଗକୁ ଆଧୁନିକ କରିବ।

ଡା ଶକ୍ତି ରଞ୍ଜନ ଦାଶ, ସହକାରୀ ପ୍ରଫେସର, ବାଣିଜ୍ୟ ବିଭାଗ , ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

# ୮୨ ଗ୍ରାମ ସୁନା, ଦେଢ଼କେଜି ରୁପା ଅଳଙ୍କାର ଜବତ: ୫ ଜେଲ ଗଲେ

ଦିଗପହଣ୍ଡି,୨।୨(ଅଶେଷ ନାଥ ମିଶ୍ର): ପାଟପୁର ଥାନା ଅଞ୍ଚଳରେ ୧୫ ଦିନ ମଧ୍ୟରେ ୫ ସିରିଜ ଚୋରି ହୋଇଥିଲା। ପୋଲିସ ୨ଟି ଘଟଣାରେ ୫ ଅଭିଯୁକ୍ତଙ୍କୁ ସୋମବାର ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପାଟପୁର ଥାନା ନିମ୍ପିପୁର ଗାଁରେ ରହୁଥିବା ଦିଗପହଣ୍ଡି ଥାନା ତିଳେଶ୍ୱର ଗ୍ରାମ ବନ୍ଧସାହିର ସଞ୍ଜୟ ପାତ୍ର, କୀର୍ତ୍ତନ ନାୟକ, ଧରାକୋଟ ଥାନା ଧରାକୋଟର ସିଦ୍ଧାନ୍ତ ପାତ୍ର, ବ୍ରହ୍ମପୁର ସଦର ଥାନା କୁକୁଡ଼ାଖଣ୍ଡି ବ୍ଲକ ବଦାଲୁଣ୍ଡି ଗ୍ରାମରେ ରହୁଥିବା ବ୍ରହ୍ମପୁର ଗୋସାଇଁ ନୂଆଗାଁ ଥାନା ଖଜୁରିଆବନ୍ଧ ସାହିର ଆର.ସନ୍ତୋଷ ଏବଂ ବ୍ରହ୍ମପୁର ସଦର ଥାନା ବାଲିପଡ଼ା ଗ୍ରାମର ସିଦ୍ଧାନ୍ତ କକୁଲୁ। ଅଭିଯୁକ୍ତମାନଙ୍କ ନିକଟରୁ ୮୨.୯ ଗ୍ରାମର ସୁନା ଅଳଙ୍କାର, ୧ କେଜି ୪୬ ଗ୍ରାମର ରୁପା ଅଳଙ୍କାର, ୪ଟି ମୋବାଇଲ ଫୋନ ଓ ଚୋରି ବେଳେ ବ୍ୟବହୃତ କିଛି ସାମଗ୍ରୀ ଜବତ କରାଯାଇଛି। ଥାନା ମାମଲା ନଂ.୩୦/୨୬ ଏବଂ ୩୩/୨୬ ଅନୁଯାୟୀ ସମସ୍ତ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ ହେବାରୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ପାଟପୁର ଥାନା ଅଞ୍ଚଳରେ ସିରିଜ ଚୋରି ଘଟଣା

ଗତ ୨୦ ତାରିଖ ରାତିରେ ପାଟପୁର ଥାନା ସିଙ୍ଗପୁର ଗ୍ରାମ ଭଣ୍ଡାରି ସାହିର ଦଣ୍ଡପାଣି ନାୟକଙ୍କ ଘରୁ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ଓ ବହୁ ସୁନା ଅଳଙ୍କାର ଏବଂ ଗୁନା ସାହୁଙ୍କ ଘରୁ ୫୦ ହଜାର ଟଙ୍କା ଓ ରୁପା ଅଳଙ୍କାର ଚୋରି ହୋଇଥିଲା। ସେହି ରାତିରେ ଖଜୁରୀପଦା ଗ୍ରାମର କୋରେଶୁ ମହାଙ୍କୁଡ଼ଙ୍କ ଘରୁ ୫୦ ହଜାର ଟଙ୍କା ଓ ସୁନା,ରୁପା ଅଳଙ୍କାର ଦୁର୍ବୃତ୍ତମାନେ ନେଇ ଯାଇଥିଲେ। ସେହିପରି ୨୧ ତାରିଖ ରାତିରେ ଖୋଲଡି ଗ୍ରାମର ରାଜେନ୍ଦ୍ର ସୁବୁଦ୍ଧିଙ୍କ ସ୍ତ୍ରୀ କାବେରୀ ସୁବୁଦ୍ଧି ଘରେ ଶୋଇଥିବା ବେଳେ ଦୁର୍ବୃତ୍ତ ମାନେ କବାଟ ଭାଙ୍ଗି ଘରେ ପଶି ତାଙ୍କ ବେକରୁ ପ୍ରାୟ ୩ ଭରି ଓଜନର ସୁନା ମଙ୍ଗଳସୂତ୍ର, ପୁସ୍ତା ମାଳି ଲୁଟି ନେଇଥିଲେ। ପରେ ଡି. ସିମାଞ୍ଚଳ ଦୋରା ଏବଂ ଜେ. କୁରେଶୁ ଦୋରାଙ୍କ କବାଟ ଭାଙ୍ଗି ଦୁର୍ବୃତ୍ତ ଚୋରି ଉଦ୍ୟମ କରିଥିଲେ ମଧ୍ୟ ଘର ଲୋକେ ଉଠି ପଡ଼ିବାରୁ ସେମାନେ ଚମ୍ପଟ ମାରିଥିଲେ। ଗତ ୨୨ ତାରିଖ ରାତିରେ ପାଟପୁର ଥାନା ଠାରୁ ପ୍ରାୟ ୧ କିମି ଦୂରରେ ଥିବା ବଡେଇ ସାହି ବାସିନ୍ଦା ରତିକାନ୍ତ ବସନ୍ତ କୁମାର ସାବତଙ୍କ ଘରର ୫ଟି କବାଟ ଭାଙ୍ଗି ଦୁର୍ବୃତ୍ତମାନେ ଆଲମାରୀରୁ ୨ ଲକ୍ଷ ୬୫ ହଜାର ଟଙ୍କା, ୧୨୦ ଗ୍ରାମର ୨୦ଟି ସୁନା ମୁଦି, ୪ଟି ମଙ୍ଗଳସୂତ୍ର, ୨ଟି ଚେନ, ୨୦ଟି କାନଫୁଲ ଏବଂ ପ୍ରାୟ ୧ କେଜି ଓଜନର ରୂପା ଗହଣା ଲୁଟ ହୋଇଥିଲା। ଏହି ସିରିଜ ଚୋରି ଘଟଣା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ଏନେଇ ରତିକାନ୍ତ ଏବଂ ସିଙ୍ଗପୁର ଗ୍ରାମର ଦଣ୍ଡପାଣି ନାୟକ ପାଟପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ପୃଥକ ମାମଲା ରୁଜୁ କରି ସିରିଜ ଚୋରି ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରି ବିଭିନ୍ନ ସନ୍ଦିଗ୍ଧ ଅଞ୍ଚଳରେ ଚଢାଉ କରିଥିଲା। ପ୍ରଥମେ ପ୍ରାପ୍ତ ସୂଚନାକୁ ଭିତ୍ତିକରି ଆଇଆଇସି ଦୀପ୍ତି ରଞ୍ଜନ ବେହେରାଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ସ୍କ୍ୱାର୍ଡ ଦିଗପହଣ୍ଡି ଥାନା ତିଳେଶ୍ୱର ଗ୍ରାମରେ ଚଢାଉ କରି ଅଭିଯୁକ୍ତ ସଞ୍ଜୟଙ୍କୁ ଥାନାକୁ ଉଠାଇ ଆଣିଥିଲେ। ତାଙ୍କ ସୂଚନା ପ୍ରକାରେ ଚଢ଼ାଉ କରି ବିଭିନ୍ନ ସ୍ଥାନରେ ଲୁଚାଇ ରଖାଯାଇଥିବା ଚୋରି ସୁନା ଓ ରୂପା ଅଳଙ୍କାର ଜବତ ହୋଇଥିଲା। ଏହି ଚୋରି ଘଟଣାର ମାଷ୍ଟର ମାଇଣ୍ଡଙ୍କୁ ଚିହ୍ନଟ କରାଯାଇଛି। ଖୁବଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

## ଜଳଚକ୍ର ପ୍ରକଳ୍ପକୁ ନେଇ ଚର୍ଚ୍ଚାରେ ଛାତ୍ରୀଛାତ୍ର

ଶେରଗଡ଼,୨।୨ (ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର ୫ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଜଳଚକ୍ର ପ୍ରକଳ୍ପ ସେମାନଙ୍କୁ ଚର୍ଚ୍ଚା ପରିସରକୁ ଆଣିଛି। ଛାତ୍ରଛାତ୍ରୀମାନେ ନିଜେ ଅଧ୍ୟୟନ କରୁଥିବା ଜଳଚକ୍ର ପ୍ରକଳ୍ପକୁ ତିଆରି କରି ବିଦ୍ୟାମନ୍ଦିର ପ୍ରକଳ୍ପ ପ୍ରଦର୍ଶନୀରେ ପ୍ରଦର୍ଶନ କରିଥିଲେ। ଅଧନର ବିଷୟବସ୍ତୁକୁ ପ୍ରଦର୍ଶିତ କରିଥିବାରୁ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକମାନେ ଛାତ୍ରୀଛାତ୍ରଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦକ୍ଷିଣ ଓଡ଼ିଶା ସାଂସ୍କୃତିକ ଗବେଷଣା କେନ୍ଦ୍ରରେ ହାଇଦ୍ରାବାଦର ୪ ଜଣିଆ ପ୍ରତିନିଧି ଦଳ

ବ୍ରହ୍ମପୁର,୨।୨(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦକ୍ଷିଣ ଓଡ଼ିଶା ସାଂସ୍କୃତିକ ଗବେଷଣା କେନ୍ଦ୍ରରେ ହାଇଦ୍ରାବାଦର ୪ ଜଣିଆ ପ୍ରତିନିଧି ଦଳ ପହଞ୍ଚିଛନ୍ତି। ଏହି ଦଳରେ ହାଇଦ୍ରାବାଦର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ଇଣ୍ଡିଆନ ମେଡିକାଲ ହେରିଟେଜର ଆୟୁର୍ବେଦିକ ଗବେଷକ ଡ଼.ସନ୍ତୋଷ ମାନୀଙ୍କ ନେତୃତ୍ୱରେ ଜେ. ରମେଶ,ଏସ.କିରଣ, କେ.ସୁନୀଲ କୁମାର ରହିଛନ୍ତି । ଏମାନେ ଏକ ସପ୍ତାହ ରହି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦକ୍ଷିଣ ଓଡ଼ିଶା ସାଂସ୍କୃତିକ ଗବେଷଣା କେନ୍ଦ୍ରରେ ରହିଥିବା ପ୍ରାୟ ୨ ହଜାର ତାଳପତ୍ର, ବହିକୁ ଖୋଜା ଖୋଜି କରିଥିଲେ। ସେଥିରେ ଆୟୁର୍ବେଦିକ ସମ୍ବନ୍ଧୀୟ ରହିଥିବା ପ୍ରାୟ ୬୦ଟି ତାଳପତ୍ର, ବହିକୁ ବାହାର କରି ସେଗୁଡ଼ିକୁ ସଫାସୁତରା କରି ତାହାର ସ୍କାନ କରିଥିଲେ। ସ୍କାନ ପରେ କେଉଁଭାଷାରେ ତାହା ଲେଖା ଯାଇଛିତାହାର ପଠନ ସହ ଅନୁବାଦ କରାଇ ଆୟୁର୍ବେଦିକ ବିଶେଷଜ୍ଞଙ୍କ ଦ୍ୱାରା ତଥ୍ୟ ସଂଗ୍ରହ କରିବେ । ଯଦି ଏହାର ବିଷୟବସ୍ତୁକୁ ନେଇ କୌଣସି ପୁସ୍ତିକା ପ୍ରକାଶନ ହୋଇ ନ ଥିବ ପ୍ରକାଶନ କରାଯିବ ବୋଲି ଡ଼.ମାନୀ କହିଛନ୍ତି। ସୂଚନା ପ୍ରକାରେ ଗତ ୩୧ ତାରିଖରେ ଭୁବନେଶ୍ୱର ସ୍ଥିତ ଆୟୁର୍ବେଦିକ ବିଜ୍ଞାନ ଗବେଷଣା ପରିଷଦ କେନ୍ଦ୍ରରେ ଆୟୁର୍ବେଦିକ ସମ୍ବନ୍ଧୀୟ ଥିବା ତାଳପତ୍ର ବହିକୁ ଡ଼ିଜିଟାଇଜେଶନ ଓ ଏହାର ସୂଚି କରି ପୁସ୍ତିକା ପ୍ରକାଶନ କରିବା ନିମନ୍ତେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସହ ଏକ ଚୁକ୍ତିପତ୍ର ସାକ୍ଷର ହୋଇଥିଲା। ଏହାପରେ ୪ ଜଣିଆ ପ୍ରତିନିଧି ଦଳ ପହଞ୍ଚି ତାଳପତ୍ର ଗୁଡ଼ିକୁ ସ୍କାନ କରୁଥିବା ଦେଖିବାକୁ ମିଳିଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ କହିଛନ୍ତି, ଦକ୍ଷିଣ ଓଡ଼ିଶା ସାଂସ୍କୃତିକ ଗବେଷଣା କେନ୍ଦ୍ରରେ ବହୁ ପ୍ରାଚୀନ ତାଳପତ୍ର ବହି ରହିଛି। ଆୟୁର୍ବେଦିକ ବିଷୟ ରହିଥିବା ତାଳପତ୍ର ବହିକୁ ସଂରକ୍ଷଣ ଓ ସ୍କାନ କରି ପୁସ୍ତିକା ଉନ୍ମୋଚନ କରାଯବା ବିଶ୍ୱବିଦ୍ୟାଳୟର ଗର୍ବ ଓ ଗୌରବ ଅଟେ । ଯଦି ଆୟୁର୍ବେଦିକ ବିଷୟରେ ଅଧିକ ତଥ୍ୟ ମିଳେ ତେବେ ବହୁ ଗବେଷକ,ଗବେଷିକା ଜ୍ଞାନ ଆହାରୋଣ କରିପାରିବେ ଏବଂ ଲୋକେ ଉପକୃତ ହେବେ ବୋଲି କହିଛନ୍ତି। ତାହାସହ ଦକ୍ଷିଣ ଓଡ଼ିଶାର ଅଞ୍ଚଳବାସୀ ଓ ଚିକିତ୍ସକ ଓ ଗବେଷକଙ୍କ ପାଖରେ ଆୟୁର୍ବେଦିକ ତଥ୍ୟ ରହିଥିବା ତାଳପତ୍ର ବହିକୁ ଆଣି ଏହାର ସଂରକ୍ଷଣ ଓ ସ୍କାନ କରି ଡ଼ିଜିଲାଇଜେସନ କରିବାକୁ ନିବେଦନ କରିଥିଲେ । ଏହି ପରିପେକ୍ଷୀରେ ଡ଼.ଶିଶିର କାନ୍ତ ମିଶ୍ର ଓ କଳାନିଧି ହୋତା ସେମାନଙ୍କ ପାଖରେ ତାଳପତ୍ର ବହିକୁ ଡ଼ିଜିଲାଇଜେସନ କରିଥିବା ଦେଖିବାକୁ ମିଳିଛି । ଏ ନେଇ ଡ଼.ମାନୀ କହିଛନ୍ତି କେମିକାଲ ବ୍ୟବହାର ଦ୍ୱାରା ତାଳପତ୍ରରେ ପୋକ ଲାଗିବ ନାହିଁ । ଏବଂ ଦୀର୍ଘ ଦିନ ସଂରକ୍ଷଣ ରହିପାରିବ। ଏହି ତାଳପତ୍ର ବହି ଗୁଡ଼ିକ ପ୍ରାୟ ୩ ଶହ ରୁ ୫ ଶହ ବର୍ଷ ତଳର ବହି ବୋଲି କହିଛନ୍ତି। ଏହି ପ୍ରତିନିଧି ଦଳ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପହଂଚିବା ପରେ ପିଜି କାଉନସିଲ ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ,ଡ଼.ଲକ୍ଷ୍ମୀଧର ରାଉତ, ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ଼.ସମିର ଭୋଇ ପ୍ରମୁଖ ସୱାଗତ କରିବା ସହ ସହଯୋଗ କରିଥିଲେ।



## ଗଞ୍ଜାମ ମହାବିଦ୍ୟାଳୟର ବାର୍ଷିକୋତ୍ସବ

# ଦୃଢ଼ ସଙ୍କଳ୍ପ, ଦେଶସେବା ପାଇଁ ବିଧାୟକଙ୍କ ଆହ୍ୱାନ



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି ।

ଗଞ୍ଜାମ,୨।୨(ଅନାଥ ତରାଇ/ବିଦ୍ୟାଧର ସାହୁ)

ଗଞ୍ଜାମ ମହାବିଦ୍ୟାଳୟ ୫୭ତମ ବାର୍ଷିକୋତ୍ସବ ପାଳିତ ହୋଇଛି। ଏହି ଅବସରରେ ସ୍ଥାନୀୟ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେ କହିଥିଲେ ଯେ, ଜୀବନରେ ସଫଳତା ପାଇଁ ଲକ୍ଷ୍ୟ ସ୍ପଷ୍ଟ ରହିବା ଆବଶ୍ୟକ। ଦୃଢ଼ ସଙ୍କଳ୍ପ, ଆତ୍ମନିର୍ଭରଶୀଳତା ଏବଂ ଦେଶସେବାକୁ ପ୍ରାଥମିକତା ଦେଇ ନିଜର ଭବିଷ୍ୟତ ଗଢ଼ିବାକୁ ସେ ଛାତ୍ରସମାଜକୁ ପ୍ରେରଣା ଦେଇଥିଲେ। ଏହି ଉତ୍ସବରେ ଶିକ୍ଷା, କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଏନ୍ଏସି ଅଧକ୍ଷା ପ୍ରତିଭା ପାଢ଼ୀ, ବ୍ଲକ୍ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ ଏବଂ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଯୋଗଦେଇ ଶିକ୍ଷାନୁଷ୍ଠାନର ଗୌରବମୟ ଧାରା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଡ.କୁଳମଣି ଓଝା ଯୋଗଦେଇ ନୈତିକ ଶିକ୍ଷାର ଗୁରୁତ୍ୱ ବୁଝାଇଥିଲେ। ଅଧକ୍ଷା ଡ.ସ୍ମରଣିକା ହୋତାଙ୍କ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଅଧ୍ୟାପକ ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଗଞ୍ଜାମ କଳା ପରିଷଦରେ ନିର୍ମାଣ ହେବ ନୃତ୍ୟଶାଳା

ବ୍ରହ୍ମପୁର,୨।୨(ଅଶୋକ କୁମାର ସାହୁ) ଗଞ୍ଜାମ କଳାପରିଷଦର ୬୮ ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଛି। ବିଇଡିଏ ସମ୍ପାଦକ ରମେଶ ହାଁସଦା ମୁଖ୍ୟ ଅତିଥି, ମୁଖ୍ୟବକ୍ତା ବିନାୟକ ଆଚାର୍ଯ୍ୟ କଲେଜର ଓଡ଼ିଆ ବିଭାଗ ମୁଖ୍ୟ କୁଳମଣି ଓଝା, ପୂର୍ବତନ ସଭାପତି କୃଷ୍ଣ ଚରଣ ସିଂହ, ଉପଦେଷ୍ଟା ଦେବେନ୍ଦ୍ର ନନ୍ଦ ସମ୍ମାନନୀୟ ଅତିଥି ଥିଲେ। ପ୍ରାରମ୍ଭରେ ସମସ୍ତ ଅତିଥିଙ୍କ ସହ ପରିଷଦର ସଭାପତି କେଦାର ଆପ୍ତାଙ୍କ ପରିଷଦର ନେତୃବୃନ୍ଦ ପ୍ରତିଷ୍ଠାତା ବସନ୍ତ ପାଣିଗ୍ରାହୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଗଞ୍ଜାମ କଳାପରିଷଦ ଦୀର୍ଘ ୬୮ ବର୍ଷ ହେଲା କଳାସଂସ୍କୃତିର ବିକାଶ କ୍ଷେତ୍ରରେ କାର୍ଯ୍ୟ କରି ଆସୁଥିବା ମୁଖ୍ୟ ଅତିଥି କହିଥିଲେ। ସଭାପତି କେଦାର ଆପ୍ତା, ସମ୍ମାନୀତ ଅତିଥି ସିଂହ ଓ ନନ୍ଦ କଳାପରିଷଦ ସଂସ୍ଥାପନା ଓ ଏହାର ଗୌରବ ମୟ ଇତିହାସ ଉପରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ଇଂ ଅପୂର୍ବ ପଟ୍ଟନାୟକ କଳା ପରିଷଦକୁ ନୂତନ ଢାଞ୍ଚାରେ କରିବାକୁ ୩୦ ଲକ୍ଷ ଟଙ୍କାର ସଂସ୍କୃତି ବିଭାଗକୁ ପ୍ରସ୍ତାବ ଦିଆଯାଇଛି ବୋଲି କହିଥିଲେ। ଅର୍ଥ ମଂଜୁର ହେଲେ ଏକ ନୃତ୍ୟଶାଳା କରାଯିବ ବୋଲି ସେ କହିଥିଲେ। ସାଂସ୍କୃତିକ ସମ୍ପାଦକ ଇଂ ମନୋଜ ଦଣ୍ଡପାଟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉପସଭାପତି ସୂର୍ଯ୍ୟ କାନ୍ତ ପାତ୍ର,କୋଷାଧ୍ୟକ୍ଷ ଇଂ ଗଗନ ଚାନ୍ଦ ପଟ୍ଟନାୟକ, ଅନ୍ୟତମ ସମ୍ପାଦକ ଇଂ ଅଭୟେନ୍ଦୁ ଶେଖର ପଟ୍ଟନାୟକ, ବରିଷ୍ଠ ସଦସ୍ୟ ସୁବୋଧ ପଟ୍ଟନାୟକ, ସତ୍ୟ ମହାରଣା, ନୀଳାଞ୍ଚଳ ବେହେରା, ବାସନ୍ତୀ ପ୍ରଧାନ, ଉପଦେଷ୍ଟା ସରୋଜିନୀ ସାମଲ, ମଧୁସ୍ମିତା ରଥ, ଗୁରୁ ବାଳଗୋପାଳ ଶତପଥୀ ସହଯୋଗ କରିଥିଲେ । ବିଶ୍ୱଜିତ ଦାସଙ୍କ ଲିଖିତ ଓ ରାଜୁ ପାଢ଼ୀ ନିର୍ଦ୍ଦେଶିତ ନାଟକ ଆଗନ୍ତୁକ ମଞ୍ଚସ୍ଥ ହୋଇଥିଲା। ଇଂ ଅପୂର୍ବ ପଟ୍ଟନାୟକ, ଇଂ ମନୋଜ ଦଣ୍ଡପାଟ, ଗୋକୁଳ ପଣ୍ଡା ,ସୁବାଷ ମହାରଣା, ସୁବୋଧ ପଟ୍ଟନାୟକ, ଗିରିଜା ଶଙ୍କର ଦାସ, ତାପସ ପାଣିଗ୍ରାହୀ, ସରୋଜ ବାରିକ, ଜୟନ୍ତୀ ମିଶ୍ର ଅଭିନୟ କରିଥିଲେ । ଅସିତ ମହାପାତ୍ର ସଂଗୀତ ନିର୍ଦ୍ଦେଶନା ଦେଇଥିଲେ। କାଳିଆ ଆଲୋକ ଓ ଶବ୍ଦ ସଂଚଳନ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ପରିଷଦର ନେତୃବୃନ୍ଦ।

# ଆଜି ବେଳାଭୂମି ମହୋତ୍ସବ, ସଜେଇ ହେଉଛି ସୁନାପୁର

ଚିକିଟି,୨।୨(ପ୍ରକାଶ ଚନ୍ଦ୍ର ସାହୁ)

ମଙ୍ଗଳବାର ଗଞ୍ଜାମ ଜିଲା ଚିକିଟି ନିର୍ବାଚନମଣ୍ଡଳୀର ସୁନାପୁର ବେଳାଭୂମି ମହୋତ୍ସବ ଅନୁଷ୍ଠିତ ହେବ। ଦୀର୍ଘ ୫ ବର୍ଷ ପରେ ଏହି ମହୋତ୍ସବ ହେଉଥିବାରୁ ଅଞ୍ଚଳବାସୀ ବେଶ ଖୁସି ଅଛନ୍ତି। ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ଏହି ମହୋତ୍ସବ ଦୀର୍ଘ ୩ ଦିନ ଧରି ଚାଲିବ । ଏଥିପାଇଁ ଚିକିଟି ତହସିଲଦାର ବ୍ଲକ ଓ ଜିଲା ପ୍ରଶାସନ ଉଦ୍ୟମ ଚଳାଇଛନ୍ତି। ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର , ବ୍ରହ୍ମପୁର ଏସ ପି ଡ଼. ସର୍ବଣା ବିବେକ ଏମ, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ ବେଳାଭୂମିରେ ପହଂଚି କମିଟି ମାନଙ୍କ ସହ ଆଲୋଚନା କରିଛନ୍ତି। ସୋମବାର ମଧ୍ୟାହ୍ନରେ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ବେଳାଭୂମିକୁ ଆସି ପରିଦର୍ଶନ କରିଛନ୍ତି। ଏଥି ସହ ବେଳାଭୂମି ମହୋତ୍ସବ କମିଟିର ସଭାପତି ତଥା ଚିକିଟି ନିର୍ବାଚନ ମଣ୍ଡଳୀର ବିଧାୟକ ମୋନରଞ୍ଜନ ଦ୍ୟାନ ସାମନ୍ତରା, ସମ୍ପାଦକ ଭୁକ୍ତା ବେହେରାଙ୍କ ସହ ଆଲୋଚନା କରି ଫେରିଛନ୍ତି। ଚିକିଟି ବିଧାୟକ ଓ ତହସିଲଦାର ବିଶ୍ୱରଂଜନ କହର, ଚିକିଟି ବିଡ଼ିଓ ବିବେକାନନ୍ଦ ମିଶ୍ର ସୁନାପୁର ବେଳାଭୂମି ମହୋତ୍ସବ କିପରି ଶୃଙ୍ଖଳାର ସହ ସମାପନ ହେବ ସେଥିପାଇଁ ଜୋରଦାର ଚେଷ୍ଟା ଚଳାଇଛନ୍ତି। ଏଥିରେ ଜିଲାର ବହୁ ମନ୍ତ୍ରୀ ବିଧାୟକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏବେ ବେଳାଭୂମିରେ କରାଯାଇଥିବା ସମସ୍ତ ୬୦ ଟି ଷ୍ଟଲ ଅଗ୍ରୀମ ବୁକିଙ୍ଗ ସରିଛି। ବେଳାଭୂମି ମହୋତ୍ସବ ଦେଖିବା ପାଇଁ ଅନେକ ଲୋକ ସୁନାପୁର ପହଞ୍ଚିଲେଣି। ପର୍ଯ୍ୟଟକ ମାନେ ଆଗୁଆ ହୋଟେଲ ବୁକିଙ୍ଗ କରିଛନ୍ତି । ଏଥିରେ ଓଡିଶା ଏବଂ ଆନ୍ଧ୍ରର ସୁନାମ ଧନ୍ୟ କଳାକାରଙ୍କ ଦ୍ୱାରା ପ୍ରତିଦିନ ମଞ୍ଚ ଦୁଲୁକିବ । ମଙ୍ଗଳବାର ଚିକିଟି ପାତ୍ରପୁର ବ୍ଲକର ମାଁ ବାଳକୁମାରୀ, ମାଁ ବଗଳାମୁଖୀ, ମାଁ କୁଠାରିଶ୍ୱରୀ, ମାଁ କଣେଶ୍ୱରୀ , ସୁନାପୁର ଗ୍ରାମର ଆରାଧ୍ୟ ଦେବତା ଉଲକେଶ୍ୱରୀ ମାଁ ଙ୍କ ପୀଠରୁ ଆଜ୍ଞାମାଳ ଅଣାଯିବା କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ କୁହାଯାଇଛି। ବେଳାଭୂମି ମହୋତ୍ସବ ପାଇଁ ମେରାଇନ ଥାନା ପକ୍ଷ ରୁ ୭ ପ୍ଲାଟନ ଫୋର୍ସ ଆବଶ୍ୟକ। ବର୍ତ୍ତମାନ ସୁଦ୍ଧା ୧ପ୍ଲାଟନ ଫୋର୍ସ ପହଂଚି ଥିବା ଜଣାପଡିଛି।



ବିଧାୟକଙ୍କ ସହ ଏସପି ଓ ଅନ୍ୟମାନେ ଅଞ୍ଚଳ ପରିଦର୍ଶନ କରୁଛନ୍ତି।

# ଆଇଆଇଟି ରିପୋର୍ଟରେ ଟିପିସିଓଡିଏଲ୍‌ର କାର୍ଯ୍ୟଦକ୍ଷତାକୁ ସ୍ୱୀକୃତି

ଭୁବନେଶ୍ୱର,୨।୨(ଅନୁରାଧା ମହାରଣା)

ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍)ର ବିଦ୍ୟୁତ ବିତରଣ କାର୍ଯ୍ୟଦକ୍ଷତା ଉପରେ ଏକ ଅଧ୍ୟୟନ ରିପୋର୍ଟ ପ୍ରକାଶ ପାଇଛି। ବିତରଣ କ୍ଷେତ୍ରରେ ସଂସ୍କାର ପରବର୍ତ୍ତୀ ୫ ବର୍ଷ ମଧ୍ୟରେ ନେଟୱର୍କ ବିଶ୍ୱସନୀୟତା, କାର୍ଯ୍ୟକ୍ଷମତା, ବୈଷୟିକ ହସ୍ତକ୍ଷେପ ଏବଂ ଗ୍ରାହକ ସେବା ପ୍ରଦାନ ପ୍ରକ୍ରିୟା କିଭଳି ବିକଶିତ ହୋଇଥିବ ଏହି ରିପୋର୍ଟରେ ଅନୁଧ୍ୟାନ କରାଯାଇଛି। ନିରନ୍ତର ପୁଞ୍ଜି ବିନିଯୋଗ, ନେଟୱର୍କର ଆଧୁନିକୀକରଣ ଏବଂ ବିତରଣ ନେଟୱର୍କରେ ଡିଜିଟାଲ୍ ବୈଷୟିକ ଜ୍ଞାନକୌଶଳର କ୍ରମାଗତ ବ୍ୟବହାର ଯୋଗୁ ମିଳିଥିବା ସୁଫଳକୁ ଏହି ଅଧ୍ୟୟନରେ ମୂଲ୍ୟାଙ୍କନ କରାଯାଇଛି।




ଏହି ଅଧ୍ୟୟନଟି ଆଇଆଇଟି ଭୁବନେଶ୍ୱରର ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଚନ୍ଦ୍ରଶେଖର ଭେଣ୍ଟେ, ଆସୋସିଏଟ୍ ପ୍ରଫେସର ଡ. ଚନ୍ଦ୍ରଶେଖର ପେରୁମାଲ୍ଲା ଏବଂ ଆସିଷ୍ଟାଣ୍ଟ ପ୍ରଫେସର ଡ. ଅଭିନୀତ ପ୍ରକାଶଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି। ସେଣ୍ଟ୍ରାଲ ଓଡ଼ିଶାର ୨୯,୩୫୪ ବର୍ଗ କିଲୋମିଟର ପରିବ୍ୟାପ୍ତ ଅଞ୍ଚଳରେ ୧.୩୬ କୋଟି ଜନସାଧାରଣଙ୍କୁ ସେବା ଯୋଗାଉଥିବା ଟିପିସିଓଡିଏଲର କାର୍ଯ୍ୟଦକ୍ଷତାକୁ ଏଥିରେ ପରଖାଯାଇଛି। ଅଧ୍ୟୟନରେ ବିଦ୍ୟୁତ ବିଭ୍ରାଟ ସମୟରେ ଆସିଥିବା ଉଲ୍ଲେଖନୀୟ ହ୍ରାସ, ଯାହା ସମୀକ୍ଷା ସମୟ ମଧ୍ୟରେ 'ସିଷ୍ଟମ ଆଭେରେଜ୍ ଇଣ୍ଟରପ୍ସନ ଡ୍ୟୁରେସନ୍ ଇଣ୍ଡେକ୍ସରେ ପ୍ରାୟ ୫୦% ସୁଧାର ମାଧ୍ୟମରେ ପ୍ରତିଫଳିତ ହୋଇଛି। ଟ୍ରାନ୍ସଫର୍ମର ଟ୍ରିପିଂ ଏବଂ ପୋଡ଼ିଯିବା ହାର ମଧ୍ୟ ହ୍ରାସ ପାଇଛି। ସଂସ୍କାର ସମୟର ପ୍ରାରମ୍ଭରେ ପ୍ରାୟ ୩୦% ଥିବା ଏଗ୍ରିଗେଟ୍ ଟେକ୍ନିକାଲ୍ ଆଣ୍ଡ କମର୍ସିଆଲ (ଏଟିଆଣ୍ଡସି) କ୍ଷତି ଆର୍ଥିକ ବର୍ଷ ୨୦୨୫ ସୁଦ୍ଧା ୧୮.୯୪%କୁ ହ୍ରାସ ପାଇଛି। ଉନ୍ନତ କାର୍ଯ୍ୟକ୍ଷମ ନିୟନ୍ତ୍ରଣ, ବିଲିଂ ପ୍ରକ୍ରିୟାରେ ସୁଧାର ଏବଂ ନେଟ୍‌ୱର୍କ ଦକ୍ଷତା ବୃଦ୍ଧି ଯୋଗୁ ଏହି ସଫଳତା ମିଳିଛି। ଏହି ସମୟ ମଧ୍ୟରେ ୩୩ କେଭି ଫିଡରରେ ୪୪% ଏବଂ ୧୧ କେଭି ଫିଡରରେ ୪୨% ବୃଦ୍ଧି ସହ ୨୫୦ଟି ସବ୍‌ଷ୍ଟେଶନକୁ ଏକ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ସହିତ ସଂଯୁକ୍ତ କରାଯାଇଛି। ଗତ ୫ ବର୍ଷ ମଧ୍ୟରେ ୧,୫୦୦ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ସବ୍‌ଷ୍ଟେଶନ ଗୁଡ଼ିକର ସୁଦୃଢ଼ୀକରଣ, ଅଟୋମେସନ୍ ପରିସର ବୃଦ୍ଧି, ଡିଜିଟାଲ୍ ମନିଟରିଂ ପ୍ଲାଟଫର୍ମ ଏବଂ ସାମଗ୍ରିକ ନେଟୱର୍କ ସ୍ଥିରତା ପାଇଁ ବ୍ୟୟ କରାଯାଇଛି।

# ଇଣ୍ଡୋ-ତାଇୱାନ ସେମିକଣ୍ଡକ୍ଟର ପ୍ୟାକେଜିଂ ଏବଂ ଟେଷ୍ଟିଂ ସମ୍ମିଳନୀ

ଭୁବନେଶ୍ୱର,୨।୨(ଅନୁରାଧା ମହାରଣା)

ତାମିଲନାଡୁର ତାଞ୍ଜାଭୁରସ୍ଥିତ ଶାସ୍ତ୍ର ଡିମ୍ଡ ବିଶ୍ୱବିଦ୍ୟାଳୟ ଓ ତାଇୱାନର ଲୁଙ୍ଗହ୍ୱା ୟୁନିଭରସିଟି ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ପକ୍ଷରୁ ଦୁଇଦିନିଆ ଇଣ୍ଡୋ-ତାଇୱାନ ସେମିକଣ୍ଡକ୍ଟର ପ୍ୟାକେଜିଂ ଏବଂ ଟେଷ୍ଟିଂ ସମ୍ମିଳନୀ ବିଶ୍ୱବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଛି। ଏହାକୁ ସ୍ୱାର୍କ, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ସମର୍ଥନ କରିଛନ୍ତି। ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ରାଓ ଆର. ତୁମ୍ମାଲା ଯୋଗଦେଇଥିଲେ। ସେ ତାଙ୍କ ଭାଷଣରେ ସିଷ୍ଟମ୍-ଅନ୍-ଚିପ୍‌ରୁ ସିଷ୍ଟମ୍-ଅନ୍-ପ୍ୟାକେଜ୍ ଆଡ଼କୁ ବିଶ୍ୱବ୍ୟାପୀ ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ। ଭାରତରେ ଇଣ୍ଡଷ୍ଟ୍ରି କୋ- ଡେଭେଲପମେଣ୍ଟ ସେଣ୍ଟର୍ସ(ଆଇସିସିଏସ୍) ସ୍ଥାପନ କରି ସେମିକଣ୍ଡକ୍ଟର ଶିଳ୍ପ ବିକାଶରେ ସହଯୋଗ




କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ପ୍ରଫେସର ଏସ. ବୈଦ୍ୟସୁବ୍ରମଣିଅମ ସମ୍ମିଳନୀରେ ସ୍ୱାଗତ ଭାଷଣ ଦେଇ ଶାସ୍ତ୍ର ଓ ତାଇୱାନୀ ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରେ ଚାଲିଥିବା ଶିକ୍ଷା ଓ ଗବେଷଣା ସହଯୋଗକୁ ଗୁରୁତ୍ୱ ଦେଇଥିଲେ। ଅନୁଷ୍ଠାନରେ ଶାସ୍ତ୍ର ଓ ପିଟିଡବ୍ଲ୍ୟୁ ସେମିକଣ୍ଡକ୍ଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ଏହାକୁ ଶାସ୍ତ୍ର ରେଜିଷ୍ଟ୍ରାର ପ୍ରଫେସର ଆର୍. ଚନ୍ଦ୍ରମୌଳି ଓ ପିଟିଡବ୍ଲ୍ୟୁ ଜେନେରାଲ ମ୍ୟାନେଜର ଭେଙ୍କଟେଶ କୁମାର ପଣ୍ଡୁରଙ୍ଗନ ସ୍ୱାକ୍ଷର କରିଥିଲେ। ୨୦ଟି ଶିଳ୍ପ ପ୍ରତିଷ୍ଠାନ ଓ ୨୫ଟି ଶିକ୍ଷାନୁଷ୍ଠାନରୁ ୧୪୦ରୁ ଅଧିକ ପ୍ରତିନିଧି ଯୋଗଦେଇ ବିଶେଷଜ୍ଞମାନଙ୍କ ସହ ଆଲୋଚନା କରିଥିଲେ। ସମ୍ମିଳନୀର ସମାପନ ଅଧିବେଶନରେ ସହ-ସଂଯୋଜକ ଡ. ଏସ. ଲେନିନ ପ୍ରକାଶ ଧନ୍ୟବାଦ ଦେଇଥିଲେ।

# ନିସ୍ ପ୍ରତିଷ୍ଠାତାଙ୍କୁ ଉତ୍କର୍ଷ ସ୍ୱାଭିମାନ ଓଡ଼ିଆ ସମ୍ମାନ



ଭୁବନେଶ୍ୱର,୨।୨(ଅନୁରାଧା ମହାରଣା)

ଭୁବନେଶ୍ୱର ମଦନପୁରସ୍ଥିତ ନିସ୍ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡ. ସୁଭାଷ ଚନ୍ଦ୍ର ନାୟକଙ୍କୁ 'ଉତ୍କର୍ଷ ସ୍ୱାଭିମାନ ଓଡ଼ିଆ ସମ୍ମାନ-୨୦୨୬' ରେ ସମ୍ମାନିତ କରାଯାଇଛି। ଉତ୍କର୍ଷ ଓଡ଼ିଶା ପକ୍ଷରୁ ନିକଟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂ, ଆକାଶଦାସ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶାର ପ୍ରଗତିଶୀଳ ଭବିଷ୍ୟତ ପାଇଁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ପୁରସ୍କାର ପାଇବା ଅବସରରେ ଡ. ସୁଭାଷ ଚନ୍ଦ୍ର ନାୟକ ଆୟୋଜକମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଉକ୍ତ ସମ୍ମାନକୁ ନିସ୍ ଶିକ୍ଷାନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ଛାତ୍ରୀଛାତ୍ରମାନଙ୍କୁ ଉତ୍ସର୍ଗ କରିଛନ୍ତି।

# ଢେଙ୍କାନାଳ ପ୍ରକଳ୍ପ ସମ୍ପ୍ରସାରଣ କରିବ ବେଦାନ୍ତ ଆଲୁମିନିୟମ

## ଜମି ଆବଣ୍ଟନ ପତ୍ର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୨(ଅନୁରାଧା ମହାରଣା)

ଢେଙ୍କାନାଳରେ ପ୍ରକଳ୍ପ ସମ୍ପ୍ରସାରଣ ପାଇଁ ବେଦାନ୍ତ ଆଲୁମିନିୟମକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୧,୪୪୭ ଏକରରୁ ଅଧିକ ଜମିର ଆବଣ୍ଟନ ପତ୍ର ପ୍ରଦାନ କରାଯାଇଛି । ରାଉରକେଲାରେ ଅନୁଷ୍ଠିତ ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ମୁଖ୍ୟ ସଚିବ (ଶିଳ୍ପ) ହେମନ୍ତ ଶର୍ମା ଏବଂ ଅନ୍ୟ ବରିଷ୍ଠ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଆବଣ୍ଟନ ପତ୍ର ପ୍ରଦାନ କରାଯାଇଛି। ଖଣି ମନ୍ତ୍ରଣାଳୟର ଆଲୁମିନିୟମ ଭିଜନ୍ ଡକ୍ୟୁମେଣ୍ଟ (୨୦୨୫) ଦ୍ୱାରା ଭାରତର ଆଲୁମିନିୟମ ଚାହିଦା ୨୦୪୭ ଆର୍ଥିକ ବର୍ଷ ସୁଦ୍ଧା ପ୍ରାୟ ଛଅ ଗୁଣ ବୃଦ୍ଧି ପାଇ




ପ୍ରାୟ ୩୭ ଏମ୍‌ଟିପିଏ ହେବ ବୋଲି ଆକଳନ କରାଯାଇଥିବାରୁ ଆଗାମୀ ପ୍ରକଳ୍ପ ଏହି ବର୍ଦ୍ଧିତ ଆବଶ୍ୟକତା ପୂରଣ କରିବାରେ ଏକ ସମନ୍ୱୋଚିତ ଭୂମିକା ଗ୍ରହଣ କରିବ । ଏହି ବିକାଶ ଉପରେ ମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଏହା ଭାରତର ଆଲୁମିନିୟମ ଯାତ୍ରାରେ ଏକ ପରିବର୍ତ୍ତନକାରୀ ପଦକ୍ଷେପ । ଏହାର ପ୍ରଭାବ ଧାତୁ ଉତ୍ପାଦନ, ନିଯୁକ୍ତି ବୃଦ୍ଧି, ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ଶକ୍ତିଶାଳୀ କରିବା ଏବଂ ଓଡ଼ିଶାରେ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିଳ୍ପ ଭିତ୍ତିଭୂମିକୁ ସକ୍ଷମ କରିବ। ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମରେ ବେଦାନ୍ତ ଆଲୁମିନିୟମର ପାଭିଲିୟନକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ଏହି ପାଭିଲିୟନଟି କମ୍ପାନୀର ବ୍ୟାପକ ଉତ୍ପାଦ ପୋର୍ଟଫୋଲିଓକୁ ପ୍ରଦର୍ଶନ କରିବା ସହିତ ରାଜ୍ୟରେ ବୃଦ୍ଧି ପାଉଥିବା ଶିଳ୍ପ ଇକୋସିଷ୍ଟମକୁ ସମର୍ଥନ କରିଥିଲା।

# ଏଲଆଇସି ପକ୍ଷରୁ ମହିଳା ବୁଣାକାରଙ୍କୁ ତାଲିମ୍

ଭୁବନେଶ୍ୱର,୨।୨(ଅନୁରାଧା ମହାରଣା)

ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି)ର କଟକ ମଣ୍ଡଳ ପକ୍ଷରୁ ଶ୍ରଦ୍ଧା ସ୍ୱେଚ୍ଛାସେବୀ ସଂଗଠନ ସହାୟତାରେ ଜଗତସିଂହପୁର ଜିଲା ଓଡ଼ିଶୋ ଗ୍ରାମରେ ଏକ ହସ୍ତତନ୍ତ ବୁଣାକାର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ତାଲିମ ନେଇଥିବା ମହିଳାମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। ଉଦଯାପନୀ କାର୍ଯ୍ୟକ୍ରମରେ ଏଲଆଇସିର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅସୀମ କୁମାର, ବିପଣନ ପ୍ରବନ୍ଧକ ରାମକୃଷ୍ଣ ମିଶ୍ର, ଜଗତସିଂହପୁର ଶାଖାର ବରିଷ୍ଠ ଶାଖା ପ୍ରବନ୍ଧକ ଦାମୋଦର ରାଉତ ଓ ଶ୍ରଦ୍ଧା ସ୍ୱେଚ୍ଛାସେବୀ ସଂଗଠନର ସଭାପତି ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏପରି ତାଲିମ କାର୍ଯ୍ୟକ୍ରମ ବୁଣାକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।



ଏଲଆଇସି ପକ୍ଷରୁ ମହିଳା ବୁଣାକାରଙ୍କୁ ତାଲିମ୍ ପ୍ରମାଣପତ୍ର ଦିଆଯାଉଛି।

## ଖେଳ ଖବର

# ଫାଇନାଲ ଲକ୍ଷ୍ୟରେ ଦିଲ୍ଲୀ-ଗୁଜରାଟ

## ଆଜି ଡବ୍ଲ୍ୟୁପିଏଲ୍ ଏଲିମିନେଟର

ଭଦୋଦରା,୨।୨(ପି.ଟି.)

ଚଳିତ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ)ରେ ମଙ୍ଗଳବାର ଖେଳାଯିବାକୁ ଥିବା ଏଲିମିନେଟର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ଗୁଜରାଟ ଜାଏଣ୍ଟ୍ସ ପରସ୍ପରକୁ ଭେଟିବେ। ଜେମିମା ରୋଡ୍ରିଗ୍ସଙ୍କ ନେତୃତ୍ୱାଧୀନ ଦିଲ୍ଲୀ ଚତୁର୍ଥ ଥର ଫାଇନାଲରେ ସ୍ଥାନ ପକ୍କା କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ଗୁଜରାଟ ପାଖରେ ପ୍ରଥମ ଫାଇନାଲ ଖେଳିବାର ସୁଯୋଗ ରହିଛି।

ଡବ୍ଲ୍ୟୁପିଏଲ୍ ଇତିହାସର ସବୁଠୁ ସ୍ଥିର ପ୍ରଦର୍ଶନ କରୁଥିବା ଦିଲ୍ଲୀ ଚଳିତ ଥର ମଧ୍ୟ ସଫଳତାର ସହିତ ଲିଗ୍ ପର୍ଯ୍ୟାୟ ଅତିକ୍ରମ କରିଛି। ଲିଗ୍‌ର ପ୍ରଥମ ଦଳ ଭାବେ ଦିଲ୍ଲୀ ଚତୁର୍ଥ ଥର ପାଇଁ ପ୍ଲେ-ଅଫ୍‌କୁ ଉନ୍ନୀତ ହୋଇଛି। ତେବେ ଚଳିତ ସିଜନରେ ଦଳ ଉଭୟ ପ୍ରଭାବୀ ଓ ଅସ୍ଥିର ପ୍ରଦର୍ଶନ କରିଥିଲା। ଏହି ଦଳ ୪ ମ୍ୟାଚ୍ ଜିତିଥିବା ବେଳେ ସମାନ ସଂଖ୍ୟକ ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଦଳର ବୋଲିଂ ବିଭାଗ ମୁଖ୍ୟତଃ ପେସର ନନ୍ଦନୀ ଶର୍ମାଙ୍କ ଉପରେ ନର୍ଭର କରୁଛି। ନିର୍ଦ୍ଦିଷ୍ଟ ଭାବେ ଡେଥ ଓଭରରେ ସେ ୧୪ ଉଇକେଟ ନେଇ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କୁ ବାମହାତୀ ସ୍ପିନର ଶ୍ରୀ ଚରନୀ (୧୪) ଓ ଦକ୍ଷିଣ ଆଫ୍ରିକୀୟ ଅଲରାଉଣ୍ଡର ମାରିଜେନ କାପ (୧୦) ଭଲ ସମର୍ଥନ ଯୋଗାଉଛନ୍ତି। ବ୍ୟାଟିଂ ବିଭାଗରେ କାପଙ୍କ ସାଥି ଖେଳାଳି ଲୋରା ଓ୍ୱଲଭାର୍ଡଟ (୨୪୧ ରନ୍) ଓ ଲିଜେଲ ଲି (୨୪୦)ଙ୍କ ସହ ଭାରତୀୟ ଓପନର ଶେଫାଳି ବର୍ମା (୨୦୮) ଏପର୍ଯ୍ୟନ୍ତ ଭଲ ପ୍ରଦର୍ଶନ କରିଛନ୍ତି। ଦଳୀୟ ଅଧିନାୟିକା ଜେମିମା ଚଳିତ ସିଜନରେ ସଂଘର୍ଷ କରୁଥିବା ବେଳେ ଗତ ମ୍ୟାଚ୍‌ରେ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ।

ଅନ୍ୟପକ୍ଷରେ ଗୁଜରାଟ ଜାଏଣ୍ଟ୍ସ ଲଗାତର ୩ ପରାଜୟ ପରେ ହାଟ୍ରିକ ବିଜୟ ସହ ଏଲିମିନେଟର ମ୍ୟାଚ୍‌ରେ ସ୍ଥାନ ପକ୍କା କରିଥିଲା। ଏପରିକି ଦଳ ତା'ର ଅନ୍ତିମ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇଥିଲା, ଯାହାକି ମୁମ୍ବାଇ ବିପକ୍ଷରେ ଗୁଜରାଟର ଡବ୍ଲ୍ୟୁପିଏଲ୍ ଇତିହାସରେ ପ୍ରଥମ ବିଜୟ ଥିଲା। ଏଥିସହିତ ଦିଲ୍ଲୀ ବିପକ୍ଷରେ ଖେଳାଯାଇଥିବା ଉଭୟ ଲିଗ୍ ମ୍ୟାଚ୍‌ରେ ମଧ୍ୟ ଗୁଜରାଟ ବିଜୟୀ ହୋଇଥିଲା। ଦଳ ପାଇଁ ନ୍ୟୁଜିଲାଣ୍ଡ ଅଲରାଉଣ୍ଡ ସୋଫି ଡିଭାଇନ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି। ସେ ବ୍ୟାଟରେ ୨୩୭ ରନ କରିଥିବା ବେଳେ ୧୭ ଉଇକେଟ ନେଇଛନ୍ତି। ଜର୍ଜିଆ ଓ୍ୱାରେହାମ ଫର୍ମକୁ ଫେରିଥିବାରୁ ଦଳୀୟ ଶକ୍ତି ବୃଦ୍ଧି ପାଇଛି। ଦଳକୁ ଜିତିବା ପାଇଁ ହେଲେ ଅଧିନାୟିକା ଆଶଲେ ଗାର୍ଡନର ଓ ବେଥ ମୁନିଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ଏହି ମ୍ୟାଚ୍‌ର ବିଜେତା ୫ ତାରିଖରେ ହେବାକୁ ଥିବା ଫାଇନାଲରେ ପୂର୍ବତନ ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ଭେଟିବ।

# ସ୍କ୍ୱାଶ୍: ଅନାହତଙ୍କୁ ପ୍ରଥମ ବ୍ରୋଞ୍ଜ ଲେଭଲ ଟାଇଟଲ

ନୂଆଦିଲ୍ଲୀ, ୨।୨ (ପି.ଟି.)

ଭାରତର ସ୍ୱଳ୍ପ ବୟସ୍କା ସ୍କ୍ୱାଶ ପ୍ରତିଭା ଅନାହତ ସିଂ ତାଙ୍କ କ୍ୟାରିୟରର ପ୍ରଥମ ପିଏସ୍‌ଏ ବ୍ରୋଞ୍ଜ ଲେଭଲ ଟାଇଟଲ ଜିତିଛନ୍ତି। ଓ୍ୱାଶିଂଟନରେ ଅନୁଷ୍ଠିତ ସ୍କ୍ୱାଶ ଅନ୍ ଫାୟାର ଓପନ ଟୁର୍ନାମେଣ୍ଟ ଫାଇନାଲରେ ସେ ଟପ୍ ସିଡ୍ ତଥା ବିଶ୍ୱର ୧୦ ନମ୍ବର ଇଂଲଣ୍ଡର ଜର୍ଜିନା କେନେଡିଙ୍କୁ ୧୨-୧୦, ୧୧-୫, ୧୧-୭ରେ ହରାଇ ଦେଇଛନ୍ତି। ୧୫ ବର୍ଷୀୟା ଅନାହତଙ୍କ ପିଏସ୍‌ଏ (ପ୍ରଫେଶନାଲ ସ୍କ୍ୱାଶ




ଆସୋସିଏଶନ)ର ମାତ୍ର ୨୬ଟି ଟୁର୍ନାମେଣ୍ଟରେ ଏହା ହେଉଛି ଓଭରଅଲ୍ ୧୫ତମ ଟାଇଟଲ। ଦିଲ୍ଲୀ ଏହି ଖେଳାଳି ବିଶ୍ୱ ର୍‍ୟାଙ୍କିଂରେ ୩୧ତମ ସ୍ଥାନରେ ଅଛନ୍ତି। ୭ମ ସିଡ୍ ଏହା ପୂର୍ବରୁ କେନେଡିଙ୍କୁ ଥରେ ଭେଟିଥିଲେ ଏବଂ ପରାଜିତ ହୋଇଥିଲେ। ମ୍ୟାଚ୍ ପରେ ଅନାହତ କହିଛନ୍ତି ସେ ଅତ୍ୟନ୍ତ ଖୁସି। ର୍‍ୟାଙ୍କିଂରେ ଉନ୍ନତି ପାଇଁ ସେ ଏହି ଭଳି ବଡ଼ ବଡ଼ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିବାକୁ ଚାହୁଁଥିଲେ। ଏଥର ସେ ସଫଳ ହୋଇପାରିଛନ୍ତି।




ସର୍ବଭାରତୀୟ ପେନ୍‌ଚାକ ସିଲାଟ ପ୍ରତିଯୋଗିତାରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀ ଓ ଅନ୍ୟମାନେ।

# ସର୍ବଭାରତୀୟ ପେନ୍‌ଚାକ୍ ସିଲାଟ: ଓଡ଼ିଶାକୁ ୧୯ ପଦକ

ଭୁବନେଶ୍ୱର, ୨।୨ (ତପନ ସ୍ୱାଇଁ)

ଡେରାଡୁନରେ ଅନୁଷ୍ଠିତ ସର୍ବଭାରତୀୟ ପେନ୍‌ଚାକ୍ ସିଲାଟ ପ୍ରତିଯୋଗିତାରେ ଓଡ଼ିଶାକୁ ୧୯ ପଦକ ମିଳିଛି। ଏହା ମଧ୍ୟରେ ୩ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୧୧ ବ୍ରୋଞ୍ଜ ପଦକ ସାମିଲ। ୧୧ ଟି କାଂସ୍ୟ ପଦକ ହାସଲ କରିଛନ୍ତି। କୋଚ୍ ଆଦିତ୍ୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଓଡ଼ିଶାର ମୋଟ ୨୪ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରେମ ସିଂ ଥାପ୍ପା ରେଫରି ଦାୟିତ୍ୱ ତୁଲାଇଥିଲେ। ରାଜ୍ୟ କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ, କ୍ରୀଡା ନିର୍ଦ୍ଦେଶକ ୟେଦୁଲା ବିଜୟ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା, ବିଜୟ କୁମାର ସ୍ୱାଇଁ, ଓଏସଡି ଧୀରଜ କୁମାର ପଟ୍ଟନାୟକଙ୍କ ସମେତ ଓଡ଼ିଶା ପେନ୍‌ଚାକ ସିଲାଟ ଆସୋସିଏଶନ ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପ୍ପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି, ଭବାନୀ କୁମାରୀ ସାହୁ, ଖୋର୍ଦ୍ଧା ପେନ୍‌ଚାକ ସିଲାଟ ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ ପ୍ରମୁଖ ସମସ୍ତ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବିବିସି ସ୍ପୋର୍ଟ୍ସ ଆୱାର୍ଡ

# ଦୌଡ଼ରେ ଅଛନ୍ତି ହରମନପ୍ରୀତ୍, ସ୍ମୃତି ଓ ଦିବ୍ୟା ଦେଶମୁଖ

ନୂଆଦିଲ୍ଲୀ, ୨।୨ (ପି.ଟି.)

ବିବିସି ଇଣ୍ଡିଆନ ସ୍ପୋର୍ଟ୍ସ ଓମ୍ୟାନ ଅଫ୍ ଦି ଇୟର ପୁରସ୍କାର ୨୦୨୫ ପାଇଁ ଦୌଡ଼ରେ ଯେଉଁ ଖେଳାଳିମାନେ ଅଛନ୍ତି, ସେମାନଙ୍କ ମଧ୍ୟରେ ଭାରତର ଐତିହାସିକ ୨୦୨୫ ମହିଳା ବିଶ୍ୱକପ୍ ସଫଳତା ପଛରେ ବିଶେଷ ଭୂମିକା ଥିବା ଅଧିନାୟକ ହରମନପ୍ରୀତ୍ କୌର ଓ ତାଙ୍କ ଡେପୁଟି ସ୍ମୃତି ମନ୍ଧାନା ଏବଂ ଚେସ୍ ତାରକା ଦିବ୍ୟା ଦେଶମୁଖ ଅନ୍ୟତମ। ଅନ୍ୟ ଦୁଇ ଖେଳାଳି ପିସ୍ତଲ ଶୁଟିଂ ସେନ୍‌ସେସନ ସୁରୁଚି ସିଂ ଓ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟ ଜ୍ୟୋତି ୟାରାଜୀଙ୍କ ନାମ ମଧ୍ୟ ଏହ ସମ୍ମାନଜନକ ବାର୍ଷିକ ପୁରସ୍କାର ପାଇଁ ସୁପାରିସ ହୋଇଛି। ସ୍ପୋର୍ଟ୍ସ ଏଡିଟର, ରାଇଟର୍ସ ଓ ସ୍ପେଶାଲିଷ୍ଟଙ୍କୁ ନେଇ ବିଚାରକ ମଣ୍ଡଳୀ ଗତବର୍ଷର ପ୍ରଦର୍ଶନକୁ ମୂଲ୍ୟାୟନ କରି ଏହି ଆଥ୍‌ଲେଟମାନଙ୍କ ନାମ ସୁପାରିସ କରିଛି।

# ଇଷ୍ଟକୋଷ୍ଟ ରେଲ୍‌ୱେକୁ ହରାଇଲା ବାପୁଜୀ କ୍ଲବ୍

## ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଧାମନଗର,୨।୨(ଦେବେନ୍ଦ୍ର ଆଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ୍‌ର ଦେହୁଡ଼ି ଆନନ୍ଦପୁର ପଞ୍ଚାୟତସ୍ଥିତ ଜଗନ୍ନାଥ ହାଇସ୍କୁଲ ଖେଳପଡ଼ିଆରେ ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ସୋମବାରଠାରୁ ଆରମ୍ଭ ହୋଇଛି। ରାମଚନ୍ଦ୍ର ଦାଶ ସ୍ମୃତି ସଂସଦ ଓ ଭଗବତୀ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଭଦ୍ରକର ଇଷ୍ଟକୋଷ୍ଟ ରେଲ୍‌ୱେ ଓ ଭୁବନେଶ୍ୱର ବାପୁଜୀ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଷ୍ଟକୋଷ୍ଟ ରେଲ୍‌ୱେକୁ ହରାଇ ବାପୁଜୀ କ୍ଲବ୍ ବିଜୟୀ ହୋଇଛି। ଇଷ୍ଟକୋଷ୍ଟ ରେଲ୍‌ୱେ ୨୦ ଓଭରରେ ୯ ଉଇକେଟ ହରାଇ ୧୩୩ ରନ୍ କରିଥିଲା। ଦଳ ପକ୍ଷରୁ ଅଂଶୁମାନ ମହାନ୍ତି ସର୍ବାଧିକ ୪୧ ଓ ଏମ୍‌ଡି ସାହା ଅର୍ମାନ ୩୩ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଦିନା ଦାସ ୪ ଓଭରରେ ୨୩ ରନ୍ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ବାପୁଜୀ କ୍ଲବ୍ ୧୬.୫ ଓଭରରେ ୭ ଉଇକେଟ ହରାଇ ୧୩୭ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରୟାସରାଜ ସିଂ ସର୍ବାଧିକ ୩୦ ଓ ସିଦ୍ଧାନ୍ତ ଜେନା ୨୪ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ନନ୍ଦା ମୁଣ୍ଡା ୩.୫ ଓଭରରେ ୨ ଉଇକେଟ ଓ ସାଇଲ ଖାନ୍ ୩ ଓଭରରେ ୨ ଉଇକେଟ ଅକ୍ତିଆର କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ବାପୁଜୀ କ୍ଲବ୍‌ର ଅତୁଲ ସିଂ ସୁରୱାରଙ୍କୁ ସାମାଜିକ କର୍ମୀ ଜଗବନ୍ଧୁ ସାହୁ ପୁରସ୍କୃତ କରିଥିଲେ। ସୌମ୍ୟରଞ୍ଜନ ଦାସ ଓ ଜ୍ୟୋତିପ୍ରକାଶ ମଲ୍ଲିକ ମ୍ୟାଚ୍ ପରିଚାଳନା କରିଥିଲେ। ନୀହାର ରଞ୍ଜନ ବେହେରା ଓ ସୁଧାଂଶୁ ସାହୁ ସ୍କୋରର ଥିବାବେଳେ ବଳରାମ ସାହୁ ଅନ୍‌ଲାଇନ ସ୍କୋରର ଥିଲେ। ଜ୍ଞାନରଞ୍ଜନ ଘଡ଼େଇ ଓ ଏସ୍‌କେ ଇମ୍ରାନ ଧାରା ବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବେ ସାମାଜିକ କର୍ମୀ ଡା. ସଞ୍ଜୟ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ପ୍ରତାପ ସାମଲ, ରଞ୍ଜିତ ନାୟକ, ପୂର୍ବତନ ସରପଞ୍ଚ ଶରତ ମାଝୀ ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।



ଅତୁଲ ସିଂ ସୁରୱାରଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ବିଶ୍ଳେଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପାଣି ବାହାନାରେ ଲୁଟ୍

## ବିଜେଡି ନେତାଙ୍କ ଘରୁ ୬ ଲକ୍ଷ ୮୦ ହଜାର ଟଙ୍କା, ୧୧ ଲକ୍ଷ ଟଙ୍କାର ଗହଣା ନେଇଗଲେ

### ୨ ଦିନରେ ଦ୍ୱିତୀୟ ଘଟଣା

କେନ୍ଦୁଝର,୨।୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ଦେଇ ଯାଇଥିବା ଏନ୍‌ଏଚ୍ ୪୯ କଡ଼ରେ ଥିବା ୨ଟି ଘରୁ ୨ଦିନ ମଧ୍ୟରେ ସମାନ ଢଙ୍ଗରେ ହୋଇଛି ସଶସ୍ତ୍ର ଡକାୟତି। ପ୍ରଥମେ ପାଟଣା ଥାନା ଖିରେଇଟାଙ୍ଗିରି ଓ ପରେ ସଦର ଥାନା ବାୟାପଣ୍ଡାଧାର ଗାଁରେ ନାଟକୀୟ ଢ଼ଙ୍ଗରେ ଦୁର୍ବୃତ୍ତ ପହଞ୍ଚି ପାଣି ମାଗି ଘରେ ପଶୁଛନ୍ତି। ପରେ ମୁଣ୍ଡରେ ବନ୍ଧୁକ ଲଗାଇ ଘରର ସଦସ୍ୟଙ୍କୁ ବନ୍ଧକ ରଖି ଲୁଟ୍ କରୁଛନ୍ତି। ରବିବାର ରାତିରେ ଏନ୍‌ଏଚ୍ ୪୯ ପାର୍ଶ୍ୱବର୍ତ୍ତୀ ସଦର ଥାନା ଅନ୍ତର୍ଗତ ବାୟାପଣ୍ଡାଧାର ଗ୍ରାମରେ ରହୁଥିବା ବ୍ୟବସାୟୀ ତଥା ବିଜେଡି ନେତା ସଂଗ୍ରାମ କେଶରୀ ନାୟକଙ୍କ ଘରେ ୭ରୁ ୮ ଦୁର୍ବୃତ୍ତ ପଶିଥିଲେ। ବନ୍ଧୁକ ଓ ଛୁରି ଦେଖାଇ ୧୧ ଲକ୍ଷ ଟଙ୍କା ଓ ଗହଣା ଲୁଟ୍ କରିନେଇଛନ୍ତି। ଏ ନେଇ ସଂଗ୍ରାମଙ୍କ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଉଭୟ ଘଟଣାରେ ଗୋଟିଏ ଡକାୟତ ଦଳ ସମ୍ପୃକ୍ତ ଥିବା କେନ୍ଦୁଝର ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ସୂଚନା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ରାତି ପ୍ରାୟ ୧୦ଟା ୧୫ରେ ସଂଗ୍ରାମ ତାଙ୍କ ଭାଇଙ୍କ ଘରକୁ ଲାଗିଥିବା ଦୋକାନ ବନ୍ଦ କରି ଘର ଭିତରକୁ ମୁଖ୍ୟ ଗେଟ୍ ଲଗାଇ ଯାଇଥିଲେ। କିଛି ସମୟ ପରେ କେହି ଜଣେ ତାଙ୍କ ଭାଇଙ୍କ ନାମ ଧରି ଡାକିଥିଲେ। ଦୁର୍ଘଟଣାରେ ଜଣେ ଆହତ ହୋଇଥିବାରୁ ପାଣି ମାଗିଥିଲେ। ଘର ଗ୍ରିଲ ଗେଟ୍ ଖୋଲିବା ପରେ ସେମାନେ ଜଣେ ବ୍ୟକ୍ତିଙ୍କୁ ଟେକି ନେଇ ଭିତରକୁ ପଶିଥିଲେ। ଏହି ସମୟରେ ସେମାନେ ଘରର ଶିଡ଼ିରେ ଉପରକୁ ଚଢ଼ିଥିଲେ। ଉପରକୁ କାହିଁକି ଯାଉଛ ବୋଲି ସଂଗ୍ରାମ ପଚାରିଥିଲେ। ସେମାନେ ନ ଶୁଣିବାରୁ ସନ୍ଦେହ କରି ସଂଗ୍ରାମ ସେମାନଙ୍କୁ ଠେଲିଦେଇଥିଲେ। ହଠାତ୍ ଦୁର୍ବୃତ୍ତମାନେ ବନ୍ଧୁକ ବାହାର କରି ସମସ୍ତଙ୍କୁ ଭୟଭୀତ କରାଇଥିଲେ। ଘର ଭିତରକୁ ଯାଇ ଶିଶୁ ଓ ମହିଳାଙ୍କୁ ମାଡ ମାରିବା ସହ ବ୍ଲାଙ୍କ ଫାୟାରିଂ କରିଥିଲେ। ସମସ୍ତଙ୍କ ମୋବାଇଲ ଫୋନ୍ ଛଡ଼ାଇ ନେଇ ସେମାନଙ୍କୁ ଗୋଟିଏ ଘରେ ଭର୍ତ୍ତି କରି ବନ୍ଦ କରିବା ପରେ ଆଲମିରା ଓ କପବୋର୍ଡ ଖୋଲି ସୁନାଗହଣା ଓ ଟଙ୍କା ଲୁଟି ନେଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଛାଡ଼ି ଅନ୍ୟମାନେ ମୁଖା ପିନ୍ଧିଥିଲେ। ସେହିପରି ଜଣେ ଓଡ଼ିଆ କହୁଥିବା ବେଳେ ଅନ୍ୟମାନେ ହିନ୍ଦୀରେ କଥାବାର୍ତ୍ତା କରୁଥିଲେ। ସମସ୍ତଙ୍କ ହାତରେ ପିସ୍ତଲ ଥିବା ବେଳେ ଜଣେ ରିଭଲଭର ଧରିଥିଲେ। ଲୁଟ୍ ପରେ ସେମାନେ ଗ୍ରିଲ ଗେଟ୍ ବନ୍ଦ କରି ମୋବାଇଲ ଫୋନକୁ ପଦାରେ ଫିଙ୍ଗିଦେଇ ପ୍ରାୟ ରାତି ୧୦ଟା ୪୫ରେ ଫେରାର ହୋଇଯାଇଥିଲେ। ସେମାନେ ପାଖାପାଖି ନଗଦ ୬ ଲକ୍ଷ ୮୦ ହଜାର ଏବଂ ୧୧ ଲକ୍ଷ ଟଙ୍କା ମୂଲ୍ୟର ଗହଣା ଲୁଟି ନେଇଥିବା ପ୍ରାଥମିକ ସ୍ତରରେ କୁହାଯାଉଛି। ମୋବାଇଲ ଖୋଜାଖୋଜି କରି ପାଖାପାଖି ୩୦ ମିନିଟ୍ ପରେ ସେସବୁକି ପାଇ ଏସ୍‌ପିଙ୍କୁ ଯୋଗାଯୋଗ କରିଥିଲେ। ତୁରନ୍ତ ପୋଲିସ ପହଞ୍ଚି ଛାନଭିନ୍ନ ଆରମ୍ଭ କରିଥିବା ସଂଗ୍ରାମ କହିଛନ୍ତି। ଦୁର୍ବୃତ୍ତ ସିସିଟିଭି କ୍ୟାମେରାର ହାର୍ଡଡିସ୍କକୁ ନେଇଯାଇଥିବା ଜଣାପଡ଼ିଛି। ପୋଲିସ ଅଞ୍ଚଳକୁ ସଂଯୋଗ ସମସ୍ତ ରାସ୍ତା ବନ୍ଦ କରି ଦୁର୍ବୃତ୍ତଙ୍କୁ ଧରିବାକୁ ରାତି ତମାମ ଉଦ୍ୟମ ଜାରି ରଖିଥିଲା। ସୋମବାର ପୋଲିସ ଫୋରେନସିକ ଟିମ ଓ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରିଛି। ଘଟଣାସ୍ଥଳରେ ଏସ୍‌ପି ନୀତିନ କୁଶଲକର ପହଞ୍ଚି ତଦନ୍ତର ଦିଗ ଅନୁଧ୍ୟାନ କରିଥିଲେ। ସଦର ଥାନା ଅଧିକାରୀ ଅମିତ ଭୂୟାଁ କହିଛନ୍ତି, କେତେଜଣ ଆସିଥିଲେ, କେଉଁଥିରେ ଆସିଲେ ଠିକ୍ ଜଣାପଡ଼ିନାହିଁ। ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ଡକାୟତ ଗ୍ୟାଙ୍ଗ ଧରାପଡ଼ିବେ। ଦୁର୍ବୃତ୍ତ ଲୁଟ୍ ପୂର୍ବରୁ ଗ୍ରାମରେ ରେକି କରିଥିଲେ। ରାଜପଥ କଡ଼ରେ ଏକ ଧଳା ସ୍କର୍ପିଓ ଜଗି ରହିଥିଲା ବୋଲି ଗ୍ରାମବାସୀ କହିଛନ୍ତି।

ପ୍ରକାଶଯୋଗ୍ୟ, ଅନୁରୂପଭାବେ ୨ ଦିନ ପୂର୍ବେ ଅର୍ଥାତ ଶନିବାର ସନ୍ଧ୍ୟାରେ ଦୁର୍ବୃତ୍ତମାନେ ଦୁର୍ଘଟଣାର ମିଛ ଅଭିନୟ କରି ପାଣି ମାଗିବା ବାହାନାରେ ଏନ୍‌ଏଚ୍ ୪୯ କଡ଼ସ୍ଥିତ ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଖିରେଇଟାଙ୍ଗିରୀ ଗ୍ରାମରେ ରହୁଥିବା ଜଣେ ଘରୋଇ ମେଡିକାଲ ମାଲିକଙ୍କ ଘରେ ପଶିଥିଲେ। ପରେ ବନ୍ଧୁକ ଓ ଭୁଜାଲି ଦେଖାଇ ଦୁର୍ବୃତ୍ତ ୭୦ ହଜାର ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଥିଲେ। ଅଞ୍ଚଳରେ ଲୁଟ୍, ଡକାୟତିକୁ ନେଇ ଲୋକଙ୍କ ମଧ୍ୟରେ ଭୟର ସଞ୍ଚାର ହୋଇଛି।



ଦୁର୍ବୃତ୍ତ ଆଲମିରା ଭାଙ୍ଗି ସୁନା ଅଳଙ୍କାର, ଟଙ୍କା ନେଇଯାଇଛନ୍ତି।



ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

# ବିକ୍ରମଙ୍କ ସମେତ ୧୫ ଅଭିଯୁକ୍ତ କୋର୍ଟରେ ହାଜର

## ପୀତବାସ ପଣ୍ଡା ହତ୍ୟା ମାମଲା

ବ୍ରହ୍ମପୁର,୨।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ସମେତ ୧୫ ଅଭିଯୁକ୍ତ ସୋମବାର ଜିଲା ଦୌରାଜଜ୍ ଅଶାନ୍ତ କୁମାର ଦାସଙ୍କ କୋର୍ଟରେ ହାଜର ହୋଇଛନ୍ତି। ପୂର୍ବରୁ ବ୍ରହ୍ମପୁର ଏସ୍‌ଡିଜେଏମ୍ କୋର୍ଟରେ ଏହି ମାମଲାର କମିଟମେଣ୍ଟ ହୋଇ ମାମଲାଟି ଜିଲା କୋର୍ଟକୁ ଆସିଥିଲା। ସୋମବାର ସମସ୍ତ ଅଭିଯୁକ୍ତ ଜିଲା କୋର୍ଟରେ ହାଜର ହେବାକୁ ଦିନ ଧାର୍ଯ୍ୟ ହୋଇଥିଲା। ସେହି କ୍ରମରେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ବିକ୍ରମଙ୍କ ସମେତ ୧୪ ଅଭିଯୁକ୍ତ ଏବଂ ଫୁଲବାଣୀ ଜେଲରେ ଥିବା ବ୍ରହ୍ମପୁରର ପୂର୍ବତନ ମେୟର ଶିବଶଙ୍କର ଦାସ ଓରଫ ପିଣ୍ଟୁଙ୍କୁ କଡ଼ା ସୁରକ୍ଷାରେ କୋର୍ଟରେ ହାଜର କରାଯାଇଥିଲା। ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ବିଜେଡି ନେତା ମଦନ ଦଳାଇ ଅସୁସ୍ଥ ଥିବାରୁ କୋର୍ଟରେ ହାଜର ହୋଇପାରି ନ ଥିଲେ। ତେଣୁ ଆସନ୍ତା ୬ ତାରିଖରେ ପୁଣି ଥରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର ପାଇଁ ଜିଲା ଜଜ୍ ଦିନ ଧାର୍ଯ୍ୟ କରିଥିବା ଅଭିଯୁକ୍ତଙ୍କ ଓକିଲ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି।

ପୀତବାସଙ୍କୁ ଗତ ଅକ୍ଟୋବର ୬ ତାରିଖ ରାତିରେ ବୈକୁଣ୍ଠନଗର ଛକଠାରେ ଅତି ନିକଟରୁ ଗୁଳି କରି ହତ୍ୟା କରାଯାଇଥିଲା। ଏହି ମାମଲାରେ ପୋଲିସ ପୂର୍ବତନ ବିଧାୟକ ବିକ୍ରମ, ପୂର୍ବତନ ମେୟର ପିଣ୍ଟୁ, ବିଜେଡି ନେତା ମଦନ, ବିଜେଡି କର୍ପୋରେଟର ମଳୟ ବିଷୋୟୀ, ଶୂନ୍ୟଚନ୍ଦ୍ର ଦାଶ, ସୁନୀଲ ହୋତା, ଉମା ବିଷୋୟୀ, କୁରୁପତି ଭୂୟାଁ, ଚିଣ୍ଟୁ ପ୍ରଧାନ, ବିପିନ ସ୍ୱାଇଁ, ସୀମାଞ୍ଚଳ ନାୟକ, କୁନ୍ଦନ କୁମାର, ଶିଶୁପାଳ କୁମାର ପାଶ୍ୱାନ, ଯୋଗୀ ରାଉତ, ରାଜେନ୍ଦ୍ର ସାହୁ, କାଳୁଚରଣ ଭୂୟାଁଙ୍କୁ ମିଶାଇ ମୋଟ ୧୬ ଜଣଙ୍କୁ ଗିରଫ କରିଥିଲା। ପୂର୍ବରୁ ଏହି ମାମଲାର ଅଭିଯୁକ୍ତମାନେ କୋର୍ଟରେ ଜାମିନ ଆବେଦନ କରିଥିବା ବେଳେ ତାହା ଖାରଜ ହୋଇସାରିଛି। ଆଗାମୀ ଦିନରେ ଏଡିଜେ-୩ କୋର୍ଟରେ ଏହି ମାମଲାର ବିଚାର ହେବ ବୋଲି ଓକିଲ ପଟ୍ଟନାୟକ କହିଛନ୍ତି।

# ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ସୋର, ୨।୨(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଗୋପୀନାଥପୁର ପଞ୍ଚାୟତ ଦିଗିଭଅଁରା ଗ୍ରାମରେ ପାରିବାରିକ କଳହରୁ ବିଷ ପିଇ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗରେ ମହିଳାଙ୍କ ସ୍ୱାମୀଙ୍କୁ ସୋର ପୋଲିସ ଗିରଫ କରିଛି।

ଗତ ୧୮ ତାରିଖରେ ଏହି ଗ୍ରାମର କରୁଣାକର ନାୟକଙ୍କ ସ୍ତ୍ରୀ ଅହଲ୍ୟା ନାୟକ ଏକ ଗ୍ରୁପରୁ ଟଙ୍କା ଉଠାଇଥିଲେ। ଏହାକୁ ନେଇ ଉଭୟ ଦମ୍ପତିଙ୍କ ମଧ୍ୟରେ କଳହ ଲାଗିଥିଲା। ଏଥିରେ ସ୍ତ୍ରୀ ମାନସିକ ଭାରସାମ୍ୟ ହରାଇ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶାଶୁଘର ଲୋକେ ତାଙ୍କ ଝିଅକୁ ହତ୍ୟା କରିଥିବା ନେଇ ଅହଲ୍ୟାଙ୍କ ବାପା ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୬୩/୨୬) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ରବିବାର କରୁଣାକରଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି।

# ପଇଡ଼ ଟ୍ରକ୍‌ରେ ଗଞ୍ଜେଇ ଚାଲାଣ

## ଡ୍ରାଇଭର, ଚାଲାଣକାରୀ ଚମ୍ପଟ

ବାଲିଗୁଡା,୨।୨(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ବାରଖମା ଆଉଟ ପୋଷ୍ଟ ନିକଟରେ ପୋଲିସ ରବିବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଏକ ପଇଡ଼ ବୋଝେଇ ଟ୍ରକ୍‌ରୁ ୧୯୧ କେଜି ଗଞ୍ଜେଇ ଜବତ କରିଛି। ଟ୍ରକ୍ ଛାଡ଼ି ଡ୍ରାଇଭର ଓ ଚାଲାଣକାରୀ ଚମ୍ପଟ ମାରିଛନ୍ତି।

ବାଲିଗୁଡ଼ା ଥାନା ବାରଖମା ଆଉଟପୋଷ୍ଟର ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ ଏକ ପଇଡ଼ ବୋଝେଇ ଟ୍ରକ ଦ୍ରୁତ ଗତିରେ ଯାଉଥିବା ଦେଖାଯାଇଥିଲା। ସନ୍ଦେହ ହେବାରୁ ପୋଲିସ ଯାଞ୍ଚ ପାଇଁ ଟ୍ରକକୁ ଅଟକାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ଡ୍ରାଇଭର ନ ଅଟକି ଦ୍ରୁତ ଗତିରେ ଗାଡ଼ି ଚଳାଇଥିଲେ। ପାଟ୍ରୋଲିଂ ଟିମ୍ ଉକ୍ତ ଟ୍ରକକୁ ପିଛା କରିଥିଲା। ସୁଡ୍ରା ପଞ୍ଚାୟତ କାମ୍ବେରିକିଆ ଘାଟି ନିକଟରେ ଟ୍ରକ୍ ଛାଡ଼ି ଚାଲାଣକାରୀ ଓ ଡ୍ରାଇଭର ଫେରାର ହୋଇଯାଇଥିଲେ। ଉକ୍ତ ପଇଡ଼ ବୋଝେଇ ଟ୍ରକକୁ ପୋଲିସ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଲୁଚାଇ ରଖାଯାଇଥିବା ଜଣାପଡ଼ିଥିଲା। ଗଞ୍ଜେଇ ସହିତ ଟ୍ରକ (ନଂ.ଡବ୍ଲୁବି ୨୩ସି ୯୮୫୫)କୁ ପୋଲିସ ଜବତ କରି ହେପାଜତକୁ ନେଇଥିଲା। ଏ ନେଇ ବାରଖମା ଆଉଟ ପୋଷ୍ଟ ଅଧିକାରୀ ବାହୁବଳୀ ଅମରେନ୍ଦ୍ର ସୁବୁଦ୍ଧି କହିଛନ୍ତି, ପଇଡ଼ ବୋଝେଇ ଟ୍ରକରେ ଗଞ୍ଜେଇ ଚାଲାଣ ଏହି ଅଞ୍ଚଳରେ ପ୍ରଥମ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ। ଏ ନେଇ ବାଲିଗୁଡା ଥାନାରେ ନଂ. ୩୦/୨୬ରେ ମାମଲା ରୁଜୁ କରାଯାଇ ଫେରାର ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ଅଧିକ ତଦନ୍ତ ଜାରି ରହିଥିବା ସେ ପ୍ରକାଶ କରିଛନ୍ତି।



ଜବତ ଗଞ୍ଜେଇ ଓ ଟ୍ରକ୍।

# ଡିସିପି କହିଲେ ଆତ୍ମହତ୍ୟା

## ଚୌଦ୍ୱାର ଜେଲରେ ବିଚାରାଧୀନ କଏଦୀ ମୃତ୍ୟୁ ଘଟଣା

କଟକ,୨।୨(କାର୍ତ୍ତିକ ସାହୁ)

ଚୌଦ୍ୱାର ଜେଲରେ ଜଣେ ବିଚାରାଧୀନ କଏଦୀ ମୃତ୍ୟୁ ଘଟଣାକୁ ଆତ୍ମହତ୍ୟା ବୋଲି କହିଛନ୍ତି କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ। ଖବରଦାତାଙ୍କୁ ସୂଚନା ଦେଇ ସୋମବାର ଡିସିପି କହିଛନ୍ତି ଯେ, ଘଟଣାର ସିସିଟିଭି ଫୁଟେଜ ଜବତ ହୋଇଛି। ଏହା ଏକ ଆତ୍ମହତ୍ୟା ବୋଲି ସ୍ପଷ୍ଟ ହୋଇଛି। ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଜେଲ କର୍ତ୍ତୃପକ୍ଷଙ୍କ ଏତଲା ଆଧାରରେ ଏନ୍‌ଏଚ୍ ଗାଇଡ୍ ଲାଇନ ଅନୁସାରେ ତଦନ୍ତ ଚାଲିଛି ବୋଲି ଡିସିପି କହିଛନ୍ତି।


# Classified Everyday

0674-2580101, 9692975378



REAL ESTATE

SALE

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ KEC ପାଖରେ ready to move 2/3BHK flat ବିକ୍ରି ହେବ। 8327785834 D-3178

ଭୁବନେଶ୍ୱର ବରମୁଣ୍ଡାରୁ 48km farmhouse land ପିଚୁରୋଡକୁ ଲାଗି ଏକର ୨୮ଲକ୍ଷରେ ବିକ୍ରି ହେବ। 8144706560. D-3199

Unused 3BHK Flats & 4BHK with servant quarter in heart of Cuttack City. Reserve parking and maximum facilities. Genuine direct buyers preferred. Call 9776226548. D-3271

ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537. D-3215

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023



CONSTRUCTION

Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469. D-3190




Wellness relax body massage & jointpain treatment by trend therapist. 6372110065. D-76951

All types of physiotherapy and massage contact 9556924059/ 7656969134. D-3245

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3246

Newly open Jyoti SPA positively health benefits (Expert therapist). Contact- 8458067955. D-76955

AFFIDAVIT

By virtue of an affidavit sworn before the Notary Public, Titilagarh, Dt. 02.02.2026, C.F. No.33, I, Chandrabhanu Merli, S/o- Krushna Merli, R/o Village- Keumal, P.O.- Jurabandh, P.S.- Saintala, Dist.- Balangir (Odisha), PIN- 767026 declare that now I have changed my daughter's name from Suhana Merli to Sohana Merli. Henceforth, she shall be known as Sohana Merli for all purposes.
Chandrabhanu Merli
D-3286

By virtue of an affidavit sworn before the Executive Magistrate, Boudh, No.43, Dt.12.01.2026, I, Priyanjani Meher, D/o- Raju Meher, R/o. village- Baidyanathpur, P.O./P.S.- Baunsuni, Dist.- Boudh, Odisha, PIN- 762015, declare that I have changed my name from PRIYANJINI MEHER to PRIYANJANI MEHER. Henceforth, I shall be known as PRIYANJANI MEHER for all purposes.
Priyanjani Meher
D-3283

By virtue of an affidavit sworn before Notary Public, Bhubaneswar on dtd. 10.06.2025, I Sri Kailash Chandra Sahoo permanent resident of Plot No.- 8, N.H.-16, Rasulgarh, Bhubaneswar- 751010, Dist.- Khorda, PIN- 751010 declare that I have changed my name from SAGIT DUTTA to KAILASH CHANDRA SAHOO. Henceforth, I shall be known as KAILASH CHANDRA SAHOO for all purposes.
S.d/- KAILASH CHANDRA SAHOO
D-3285

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ମନେ ପଡ଼ନ୍ତି

୨୨ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ କୃଷ୍ଣ ପ୍ରସାଦ ସେନ
ତିରୋଧାନ: ୦୩।୦୨।୨୦୦୪
ତୁମର ସରଳ ସ୍ୱଭାବ, ସୁନ୍ଦର ବ୍ୟକ୍ତିତ୍ୱ ଓ ସହନଶୀଳତା ସମସ୍ତଙ୍କୁ ପ୍ରେରଣା ଦେଉଥାଉ। ଆଜିର ଏହି ଶ୍ରଦ୍ଧା ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶ୍ରଦ୍ଧେୟ: ପତ୍ନୀ: ସୁରମା, ଝିଅ: ଜ୍ୱାଇଁ, ନାତି-ନାତୁଣୀ, ତପୁ, ଧୁନ୍, ଗାଗୁଲୁ, ମିଷ୍ଟି, ପାଖୀ ଓ ପରିବାରବର୍ଗ
ଧ-୩୨୮୪

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଚୋରି ୮ ବାଇକ୍ ଉଦ୍ଧାର, ୩ ଗିରଫ

ବଲାଙ୍ଗୀର, ୨।୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୁଇଁନ୍ତଲା ଥାନା ପୋଲିସ ଟିମ୍ ବଲାଙ୍ଗୀର ଏବଂ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୮ଟି ଚୋରି ବାଇକ୍ ଉଦ୍ଧାର କରିଛି। ଏହା ସହ ମୁଖ୍ୟ ଅଭିଯୁକ୍ତ ମୁକେଶ ରାଉତ (୨୦)ଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ସୋମବାର ଅପରାହ୍ନରେ ସଦର ଏସ୍‌ଡିପିଓ ସରୋଜ ଉପାଧ୍ୟାୟ ପୁଇଁନ୍ତଲା ଥାନାରେ ଖବରଦାତା ସମ୍ମିଳନୀରେ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ପୁଇଁନ୍ତଲା ଥାନା ଲେପଟା ଗାଁର ଆକାଶ ମାଝୀ ଗତ ୩୦ ତାରିଖ ରାତିରେ ବଲାଙ୍ଗୀର-ସୋନପୁର ୫୭ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଗିରିଗୋବର୍ଦ୍ଧନ ମନ୍ଦିର ସମ୍ମୁଖରୁ ତାଙ୍କ ବାଇକ୍ ଓଡି୦୩ ଏଚ୍ ୮୬୯୧କୁ କେହି ଚୋରି କରିନେଇଥିବା ପୁଇଁନ୍ତଲା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଥାନାରେ ଏକ ମାମଲା (ନଂ.୨୭/୨୦୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ସିସିଟିଭି ଫୁଟେଜ ଯାଞ୍ଚ ବେଳେ ଅଭିଯୁକ୍ତ ଆକାଶ ରାଉତଙ୍କୁ ପୋଲିସ ଚିହ୍ନଟ କରି ତାଙ୍କୁ ଜେରା କରିଥିଲା। ଜେରା କରିବା ପରେ ଆକାଶ ଏବଂ ତାଙ୍କର କେତେଜଣ ସହଯୋଗୀ ମିଶି ଗିରିଗୋବର୍ଦ୍ଧନ ମନ୍ଦିର ସମ୍ମୁଖରୁ ଉକ୍ତ ହିରୋ ଗ୍ଲାମର ବାଇକ୍ ଚୋରି କରିବା ସହ ବଲାଙ୍ଗୀର ଟାଉନ୍ ଥାନା, ରେଳବାଇ ଥାନା ଅଞ୍ଚଳରୁ ଏକାଧିକ ବାଇକ୍ ଚୋରି କରିଥିବା ସ୍ୱୀକାର କରିଥିଲେ। ଅଭିଯୁକ୍ତ ଆକାଶଙ୍କୁ ଅଧିକ ଜେରା କରିବା ପରେ ସେ ୮ଟି ବାଇକ୍‌ରେ ସମ୍ପୃକ୍ତ ଥିବା ସ୍ୱୀକାର କରି ସେସବୁ ଚୋରି ବାଇକ୍ ବିଷୟରେ ତଥ୍ୟ ଦେଇଥିଲେ। ଏହା ପରେ ପୁଇଁନ୍ତଲା ଥାନା ପୋଲିସ ଟିମ୍ ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ ତିଲେଇମାଲ ଗାଁର ଝଣ୍ଟୁ କୁମ୍ଭାର (୨୧) ଓ ସୁଶାନ୍ତ ବଗର୍ତ୍ତୀ (୩୨)ଙ୍କ ଘରେ ଚଢ଼ାଉ କରି ଦୁଇଟି ବାଇକ୍ ଉଦ୍ଧାର କରିଥିଲେ। ଏହି ୨ଜଣ ବ୍ୟକ୍ତି ଚୋରି ବାଇକ୍ ବୋଲି ଜାଣିବା ସତ୍ତ୍ୱେ ଅଭିଯୁକ୍ତ ଆକାଶ ରାଉତଙ୍କଠାରୁ କିଣିଥିବା ପୋଲିସ ସୂଚନା ଦେଇଛି।

# ନିଖୋଜ ୧୯୨ ମହିଳା, ୧୮ ଶିଶୁ ୧୦ ଦିନରେ ଉଦ୍ଧାର

## ପୋଲିସର ଅପରେଶନ ଅନ୍ୱେଷଣ-୨

### ୨୧୦ ପରିବାରକୁ ଫେରିଛି ଖୁସି

ଅନୁଗୋଳ,୨।୨(ଜ୍ୟୋତିରଞ୍ଜନ ସାହୁ)

ରାଜ୍ୟରେ ମହିଳା ଓ ଶିଶୁ ସୁରକ୍ଷାକୁ ଅଧିକ ମଜଭୁତ କରିବା ଉଦ୍ଦେଶ୍ୟରେ ଅନୁଗୋଳ ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶ ଅନୁସାରେ ଜିଲା ପୋଲିସ ପକ୍ଷରୁ 'ଅପରେଶନ ଅନ୍ୱେଷଣ ୨' ନାମକ ଏକ ଅପେରଶନ ଅଭିଯାନ ଚଳାଯାଇଥିଲା। ଏହି ଅଭିଯାନ ୨୧ ଜାନୁଆରୀରୁ ୩୦ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ୧୦ ଦିନ ଧରି ଚାଲିଥିଲା। ଏହି ସମୟ ମଧ୍ୟରେ ୧୯୨ ଜଣ ନିଖୋଜ ମହିଳା ଓ ୧୮ ଜଣ ଶିଶୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ପରିବାର ସହ ଘରକୁ ଫେରାଇ ଦିଆଯାଇଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅନୁଗୋଳ ଜିଲାର ବିଭିନ୍ନ ଥାନାରେ କିଛି ମାସ ଧରି ଦାଖଲ ହୋଇଥିବା ନିଖୋଜ ମହିଳା ଓ ଶିଶୁ ସମ୍ବନ୍ଧୀୟ ଅଭିଯୋଗ, ମାମଲା ସୂଚନାକୁ ଆଧାର କରି ଅପରେଶନ ଅନ୍ୱେଷଣ-୨ ଯୋଜନା କରାଯାଇଥିଲା। ଅନୁଗୋଳ ଏସ୍‌ପିଙ୍କ ନିରୀକ୍ଷଣ ଓ ନେତୃତ୍ୱରେ ବହୁ ସଂଖ୍ୟକ ପୋଲିସ ଟିମ୍ ଗଠନ କରାଯାଇ ଜିଲା ସୀମା ଭିତରେ ଓ ବାହାରେ ଥିବା ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ନିଯୁକ୍ତ କରାଯାଇଥିଲା। ଏହି ଟିମ୍‌ଗୁଡ଼ିକୁ ଜିଲା ସହିତ ସମଗ୍ର ରାଜ୍ୟର ବିଭିନ୍ନ ସ୍ଥାନରେ ନିଯୁକ୍ତ କରାଯାଇ, ଟେକ୍ନିକାଲ ସର୍ଭେଲାନ୍ସ, ମୋବାଇଲ ଟ୍ରାକିଂ, ସିସିଟିଭି ଫୁଟେଜ ବିଶ୍ଳେଷଣ ଏବଂ ଅନ୍ୟ ଜିଲା ପୋଲିସ, ରେଲୱେ ପୋଲିସ ଓ ବିଭିନ୍ନ ସରକାରୀ ବେସରକାରୀ ସଂସ୍ଥା ସହ ଜଡ଼ିତ ମାଧ୍ୟମରେ ଅଭିଯାନକୁ ଆଗକୁ ବଢ଼ାଯାଇଥିଲା। ଦିନ ରାତି ପରିଶ୍ରମ କରି ନିଖୋଜ ମହିଳା ଓ ଶିଶୁମାନଙ୍କ ସନ୍ଧାନ କରାଯାଇ, ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଆଇନଗତ ପ୍ରକ୍ରିୟା ସାରି ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଦୀର୍ଘ ସମୟ ଧରି ପ୍ରିୟଜନଙ୍କୁ ହରାଇ ଆତଙ୍କ ଓ ଦୁଃଖରେ ଥିବା ୨୧୦ଟି ପରିବାରରେ ଏଥିଯୋଗୁ ପୁଣି ଖୁସି ଫେରିଛି। ତାଳଚେର ଥାନା ଅଞ୍ଚଳରୁ ସର୍ବାଧିକ ୨୩ ଜଣ ନିଖୋଜ ମହିଳା ଉଦ୍ଧାର ହୋଇଥିବାବେଳେ, ଅନୁଗୋଳ ସଦର ଥାନା ଅଞ୍ଚଳରୁ ୧୬ ମହିଳା ଓ ୩ ଶିଶୁ, ନାଲ୍‌କୋ ଥାନା ଅଞ୍ଚଳରୁ ୧୩ ମହିଳା, ଜରାପଡାରୁ ୧୩ ମହିଳା, କଳିୟରୀରୁ ୧୩ ମହିଳା, ହଣ୍ଡପାରୁ ୧୨ ମହିଳା ଓ ୧ ଶିଶୁ, ଅନୁଗୋଳ ଟାଉନରୁ ୧୨ ମହିଳା ଓ ୧ ଶିଶୁ, ଛେଣ୍ଡିପଡାରୁ ୧୧ ମହିଳା, ବଅଁରପାଳରୁ ୯ ମହିଳା ଓ ୩ ଶିଶୁ, ବନ୍ତଳାରୁ ୯ ମହିଳା ଓ ୪ ଶିଶୁ, କିଶୋରନଗରରୁ ୯ ମହିଳା, କଣିହାଁରୁ ୭ ମହିଳା, ଆଠମଲ୍ଲିକରୁ ୬ ମହିଳା ଓ ୧ ଶିଶୁ, ବାଗଡ଼ିଆରୁ ୬ ମହିଳା ଓ ୪ ଶିଶୁ, ଏନ୍‌ଟିପିସିରୁ ୫, ଗୋପାଳପ୍ରସାଦରୁ ୫, ଠାକୁରଗଡ଼ରୁ ୪ ମହିଳା, ଇଣ୍ଡଷ୍ଟ୍ରିଆଲ ଥାନାରୁ ୩ ମହିଳା, ପାଲଲହଡ଼ାରୁ ୩ ମହିଳା, ପୁରୁଣାକୋଟରୁ ୩ ମହିଳା, ରେଙ୍ଗାଳିରୁ ୩ ମହିଳା, କିଆକଟାରୁ ୨ ମହିଳା, ଖମାରରୁ ୨ ମହିଳା ଓ ଜଣେ ଶିଶୁ, ସମଲରୁ ୨ ମହିଳା ଏବଂ ବିକ୍ରମପୁର ଥାନା ଅଞ୍ଚଳରରୁ ୧ ମହିଳାଙ୍କୁ ଉଦ୍ଧାର କରାଯାଇଛି।



ଉଦ୍ଧାର କରାଯାଇଥିବା ମହିଳାମାନଙ୍କୁ ପରିବାର ଜିମା ଦିଆଯାଇଛି।

# କ୍ରୋଧ

କ୍ରୋଧ ବା ରାଗ ମଣିଷର ଏକ ଏଭଳି ଶତ୍ରୁ ଯାହା କେବେ ଅଣାୟତ୍ତ ହୋଇଗଲେ ଅନ୍ୟ ସହ ସମ୍ପର୍କ ଖରାପ କରିଦିଏ ତ ଆଉ କେବେ ଅଧିକ ରାଗ ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ପକାଇଥାଏ ନକାରାତ୍ମକ ପ୍ରଭାବ। ତେଣୁ କ୍ରୋଧକୁ ନିୟନ୍ତ୍ରଣରେ ରଖିବା ନିହାତି ଆବଶ୍ୟକ...





ମହିଳା ହୁଅନ୍ତୁ ଅବା ପୁରୁଷ, ପିଲା ହୁଅନ୍ତୁ ଅବା ବୃଦ୍ଧ ସଭିଙ୍କ ମନରେ କେବେ ନା କେବେ ବିଭିନ୍ନ କାରଣରୁ କ୍ରୋଧ ସୃଷ୍ଟି ହୋଇଥାଏ ; ଯାହାକି କିଛି ସମୟ ପରେ ଶାନ୍ତ ବି ହୋଇ ଯାଇଥାଏ। ମହିଳାଙ୍କ କ୍ଷେତ୍ରରେ କାମର ଚାପ, ପାରିବାରିକ ସମସ୍ୟା, ଆର୍ଥିକ ସମସ୍ୟା ଭଳି ବିଭିନ୍ନ କାରଣକୁ ନେଇ କ୍ରୋଧ ସମସ୍ୟା ଦେଖାଦେଇଥାଏ। କେବେ କେବେ ଏହି କ୍ରୋଧ ଏତେମାତ୍ରରେ ବଢ଼ିଯାଏ ଯେ, ସେମାନେ ନିଜ ହିତାହିତ ଜ୍ଞାନ ହରାଇବସନ୍ତି । କେହି କେହି ରାଗରେ ପିଲାଙ୍କୁ ମାରିବା, ପରିବାର ସଦସ୍ୟ କିମ୍ବା ଅନ୍ୟମାନଙ୍କୁ ଏଣୁତେଣୁ କଥା କହି ମାନସିକ ଆଘାତ ପହଞ୍ଚାଇବାଠୁ ଆରମ୍ଭକରି ଅନ୍ୟକୁ ଗାଳି ଦେବା, ଝଗଡା କରିବା, ଗଣ୍ଡଗୋଳ, ମାରପିଟ ଏବଂ ହତ୍ୟା କରିବାକୁ ବି ପଛାନ୍ତି ନାହିଁ। ଆଉ କେହି କେହି କ୍ରୋଧରେ ଆସବାବପତ୍ର ଭଙ୍ଗାରୁଜା କରିବା, ଖାଇବା ପିଇବା ଛାଡ଼ିଦେବା, ମୁଣ୍ଡ ପିଟିବା, ହାତ କାଟିବା, ନିଜକୁ କ୍ଷତି ପହଞ୍ଚାଇବା, ଏମିତିକି ଘର ଛାଡ଼ିବା କିମ୍ବା ଆତ୍ମହତ୍ୟା ଭଳି ଭୁଲ୍ କାମ ମଧ୍ୟ କରିବସନ୍ତି। ତେବେ ଅଧିକ କ୍ରୋଧ ଯୋଗୁ ବ୍ଲଡ୍‌ପ୍ରେସର ବଢ଼ିବା ସହ ବ୍ରେନ୍ ଏବଂ ହାର୍ଟ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼େ। ତେଣୁ କୌଣସି କାରଣରୁ ମନରେ କ୍ରୋଧ ସୃଷ୍ଟି ହେଉଥିଲେ ଏହାକୁ ନିୟନ୍ତ୍ରଣରେ ରଖିବା ଲାଗି କେତେକ ଉପାୟ ଆପଣେଇବା ଆବଶ୍ୟକ...

**ମନକୁ ଶାନ୍ତ ରଖନ୍ତୁ:** ଅତ୍ୟଧିକ ରାଗ ଆସୁଥିଲେ ପ୍ରଥମେ ହଠାତ୍ ପ୍ରତିକ୍ରିୟା ପ୍ରକାଶ ନ କରି ମନକୁ ଶାନ୍ତ ରଖିବାକୁ ଚେଷ୍ଟା କରନ୍ତୁ ଏବଂ କ୍ରୋଧର କାରଣ ଜାଣିବାକୁ ଚେଷ୍ଟା କରନ୍ତୁ। ନଚେତ୍ ରାଗ କମିବା ପରିବର୍ତ୍ତେ ବଢ଼ିବ ଏବଂ ଆପଣ ଏଭଳି କିଛି କାର୍ଯ୍ୟ କରି ବସିବେ, ଯଦ୍ୱାରା ନିଜ ସହ ଅନ୍ୟମାନେ ବି ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ସ୍ଥାନ ପରିବର୍ତ୍ତନ କରନ୍ତୁ:** କାହାର କଥା, କୌଣସି ଅପ୍ରିତିକର ପରିସ୍ଥିତିରେ ଯଦି ରାଗ ଆସୁଛି ତେବେ ନିଜକୁ ଏଥିରୁ ଦୂରେଇ ରଖିବା ଲାଗି ସବୁଠୁ ଭଲ ଉପାୟ ହେଉଛି ଉକ୍ତ ସ୍ଥାନରୁ କିଛି ସମୟ ପାଇଁ ଦୂରକୁ ଚାଲିଯିବା। କାରଣ ସ୍ଥାନ ପରିବର୍ତ୍ତନ କିଛି ସମୟ ନିଜର ଧ୍ୟାନ ସେଥିରୁ ହଟିଯାଇଥାଏ ଏବଂ ମନ ଶାନ୍ତ ହୋଇଯାଏ।

**ନୀରବ ରହିବା ଭଲ:** ମିଠାକଥା ସମ୍ପର୍କରେ ମଧୁରତା ଆଣିଥାଏ। ହେଲେ ମନ ଭଲ ନ ଥିଲେ କିମ୍ବା କୌଣସି କାରଣକୁ ନେଇ ଟେନ୍‌ଶନ୍‌ରେ ଥିଲେ ଅନେକେ ଏହାର ରାଗ ନିଜ ପରିବାର ସଦସ୍ୟଙ୍କ ଉପରେ ଶୁଝାଇଥାନ୍ତି। ଅନେକ ସମୟରେ ଦେଖାଯାଏ ରାଗରେ କାହା କାହା ପାଟିରୁ ଏଭଳି କଟୁ କଥା ବାହାରିଆସେ, ଯାହାକି ଅନ୍ୟକୁ ମାନସିକ ଆଘାତ ପହଞ୍ଚାଇଥାଏ ଏବଂ ଏଥିପାଇଁ ସମ୍ପର୍କରେ ଦୂରତା ବଢ଼ିଥାଏ। ତେଣୁ କ୍ରୋଧରେ ଏଭଳି କଥା କହିବାଠୁ ନିଜକୁ ନିବୃତ୍ତ ରଖନ୍ତୁ, ଯାହାକି ସମ୍ପର୍କରେ ତିକ୍ତତା ଆଣିବ। ରାଗ ସମୟରେ ଚୁପ୍ ରହିଯିବା ବୁଦ୍ଧିମତ୍ତାର କାମ।

**ନିଅନ୍ତୁ ମ୍ୟୁଜିକ୍‌ର ସାହାଯ୍ୟ:** ମ୍ୟୁଜିକ୍‌କୁ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ବ୍ୟବହାର କରାଯାଉଛି। କାରଣ ଏଥିରେ ଏଭଳି ଯାଦୁକରି ଶକ୍ତି ଅଛି ଯାହାକି ଏକ ବିରକ୍ତ ଏବଂ ଅବସାଦଗ୍ରସ୍ତ ମନକୁ ବି ଶାନ୍ତ କରିବାର କ୍ଷମତା ରହିଛି। ତେଣୁ ଅତ୍ୟଧିକ ରାଗ ଲାଗୁଥିବା ବେଳେ କିଛି ସମୟ ଗୀତ ଶୁଣିବା ଭଲ।

**ଆପଣାନ୍ତୁ ଆଙ୍ଗର ମ୍ୟାନେଜମେଣ୍ଟ ଥେରାପି:** ଯଦି ଆପଣ ଅଧିକାଂଶ ସମୟରେ ରାଗୁଛନ୍ତି ଅବା ରାଗ ସମୟରେ ନିଜେ କହୁଥିବା କଥା ଉପରେ ନିୟନ୍ତ୍ରଣ ହରାଇ ସଭିଙ୍କ ଅପ୍ରିୟ ସାଜୁଥିବା ଅନୁଭବ କରୁଛନ୍ତି, ତେବେ ଆଙ୍ଗର ମ୍ୟାନେଜମେଣ୍ଟ ଥେରାପି ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ରାଗ ଆସିଲେ ୧୦୦ରୁ ୧ ପର୍ଯ୍ୟନ୍ତ ଓଲଟା ଗଣନ୍ତୁ। କିଛି ସମୟ ମେଡିଟେଶନ୍ କରନ୍ତୁ କିମ୍ବା କୌଣସି ମନ୍ତ୍ର ଜପ କରନ୍ତୁ। ଏପରି କରିବା ଦ୍ୱାରା ଆପଣଙ୍କ ଧ୍ୟାନ ଏଥିରେ କେନ୍ଦ୍ରିତହେବା ସହ ରାଗ ଶାନ୍ତ ହୋଇଯିବ। ଏହା ବ୍ୟତୀତ ରାଗ ସମୟରେ ନିଜ ରୁଚି ଥିବା କିଛି କାମ ଯେପରିକି ପେଣ୍ଟିଂ, ଗାର୍ଡେନିଂ, କୁକିଂ, ବୁକ୍ ରିଡିଂ ଆଦି କରନ୍ତୁ। ପ୍ରତିଦିନ ଯୋଗ, ବ୍ୟାୟାମ କରନ୍ତୁ, ଏହାର ଉଭୟ ଶାରୀରିକ ଓ ମାନସିକସ୍ତରରେ ସକାରାତ୍ମକ ପ୍ରଭାବ ପଡିବ। ତଥାପି ଯଦି ମନରେ ବାରମ୍ବାର କ୍ରୋଧ ଭାବନା ଆସୁଛି ତେବେ କାଉନ୍‌ସିଲର୍ କିମ୍ବା ମାନସିକରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

## ଏମାନେ କ'ଣ କରନ୍ତି

**ଆତ୍ମସଂଯମ ସବୁଠୁ ଗୁରୁତ୍ୱପୂର୍ଣ୍ଣ**



**ଧରିତ୍ରୀ ପରିଜା**( ଅଧ୍ୟାପିକା, ଭୁବନେଶ୍ୱର)– ହସ, ଖୁସି, ଦୁଃଖ ଭଳି ରାଗ ବା କ୍ରୋଧ ମଧ୍ୟ ଏକ ପ୍ରକାରର ମାନସିକ ସ୍ଥିତି। ତେଣୁ କାହାକୁ କେବେ ନା କେବେ କ୍ରୋଧ ଆସିବା ସ୍ୱାଭାବିକ। ହେଲେ ରାଗ ସମୟରେ ଯେପରି କାହାକୁ ମାନସିକ ଆଘାତ ଦେବା ଭଳି କିଛି ଭୁଲ୍ କଥା ପାଟିରୁ ବାହାରି ନ ଯାଉ କିମ୍ବା ରାଗର ନକାରାତ୍ମକ ପ୍ରଭାବ ଯେପରି ନିଜ ସ୍ୱାସ୍ଥ୍ୟ ଉପରେ ନ ପଡୁ ସେଥିପ୍ରତି ବିଶେଷ ଯତ୍ନଶୀଳ ରହିଥାଏ। ମୋ ମତରେ କ୍ରୋଧ ନିୟନ୍ତ୍ରଣ ପାଇଁ ଆତ୍ମସଂଯମ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ କୌଣସି କାରଣରୁ ରାଗ ଲାଗିଲେ କିଛି ସମୟ ନୀରବ ରହିବା ସହ ମନ ପରିବର୍ତ୍ତନ ପାଇଁ ଭଜନ, ଗୀତ ଆଦି ଶୁଣିଥାଏ। ଝିଅ ସହ କଥା ହେବା, ଘରକାମ କରିବା ଆଦିରେ ସମୟ ଦେଲେ ମନରୁ କ୍ରୋଧ ଭାବନା ଦୂର ହୋଇଯାଏ।

**କ୍ରୋଧ ମଣିଷର ସବୁଠୁ ବଡ଼ ଶତ୍ରୁ**



**ମନ୍ଦାକିନୀ ଦାସ**(କର୍ମଜୀବୀ, ଚୌଦ୍ୱାର, କଟକ)– କ୍ରୋଧ ମଣିଷର ସବୁଠୁ ବଡ ଶତ୍ରୁ ବୋଲି ମୁଁ ଭାବିଥାଏ। କାରଣ ଥରେ ଏହାର ବଶବର୍ତ୍ତୀ ହେଲେ ମଣିଷ କ'ଣ ସବୁ ଭୁଲ କରିବସେ ସେ ନିଜେ ବି ଜାଣି ପାରେନି। ଏହାଦ୍ୱାରା ନିଜ ସହ ଅନ୍ୟର ବି କ୍ଷତି ହୋଇଥାଏ। ତେଣୁ କେବେ ମୋ ମନରେ ରାଗ ଆସିଲେ କାହାକୁ କିଛି କହିବା ଅବା ତୁରନ୍ତ କିଛି ପଦକ୍ଷେପ ନ ନେଇ ପ୍ରଥମେ ଚୁପ୍ ରହିଥାଏ କିମ୍ବା ଉକ୍ତ ସ୍ଥାନରୁ ଚାଲିଯାଇଥାଏ। ମନ ଶାନ୍ତ ହେବା ପରେ ଏହାର ସମାଧାନ କରିବାକୁ ଚେଷ୍ଟା କରିଥାଏ।





# ନ ଧୋଇ ପିନ୍ଧୁଥିଲେ ନୂଆ ପୋଷାକ

ନୂଆ ନୂଆ ପୋଷାକ ପିନ୍ଧିବାକୁ ମହିଳାମାନେ କେତେ ଭଲ ପାଆନ୍ତି ତାହା କିଏ ବା ନ ଜାଣେ। ହେଲେ ଆପଣ ଜାଣନ୍ତି କି, ନୂଆ ପୋଷାକ ସୁନ୍ଦର ଏବଂ ଭଲ ଦେଖାଯାଉଥିଲେ ହେଁ ଏହାକୁ ନ ଧୋଇ ପିନ୍ଧିବା ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିପାରେ.....

– ନିଜ ପାଇଁ ହେଉ ଅବା ପରିବାର ସଦସ୍ୟଙ୍କ ପାଇଁ ନୂଆ ପୋଷାକ ଆଣୁଥିଲେ ପିନ୍ଧିବା ପୂର୍ବରୁ ଭଲ ଭାବେ ଧୋଇବାକୁ ଭୁଲନ୍ତୁ ନାହିଁ। କାରଣ କେତେକ ପୋଷାକ ପ୍ରସ୍ତୁତ କରୁଥିବା କମ୍ପାନୀ ପୋଷାକଗୁଡ଼ିକୁ ଅଧିକ ଆକର୍ଷଣୀୟ କରିବା ଲାଗି ସେଥିରେ କେମିକାଲଯୁକ୍ତ ରଙ୍ଗ ବ୍ୟବହାର କରିଥାନ୍ତି, ଯଦ୍ୱାରା ଏଭଳି ନୂଆ ପୋଷାକ ପିନ୍ଧିଲେ ଅନେକଙ୍କଠାରେ ସ୍କିନ୍ ଆଲର୍ଜି ଦେଖିବାକୁ ମିଳିଥାଏ। ବିଶେଷକରି ଛୋଟ ପିଲା, ବୃଦ୍ଧ କିମ୍ବା ଘରେ କୌଣସି ସଦସ୍ୟଙ୍କର ସେନ୍ସିଟିଭ୍ ସ୍କିନ୍ ହୋଇଥିଲେ ନ ଧୋଇ ନୂଆ ପୋଷାକ ପିନ୍ଧିବାକୁ ଆଦୌ ଦିଅନ୍ତୁ ନାହିଁ।



– କମ୍ପାନୀରୁ ଗୋଦାମ, ସେଠାରୁ ଟ୍ରକ୍‌ରେ ବିଭିନ୍ନ ଦୋକାନକୁ ନେବା, ଗ୍ରାହକମାନେ ବାରମ୍ବାର ଏହାକୁ ଦେଖିବା, ଟ୍ରାଏ କରିବା ଆଦି ଦ୍ୱାରା ଏଥିରେ ଅନେକ ପ୍ରକାର ବ୍ୟାକ୍ଟେରିଆ ରହିଯାଏ। ତେଣୁ ନୂଆ ପୋଷାକ ଦେଖିବାକୁ ସଫାସୁତୁରା ଲାଗୁଥିଲେ ବି ଏହାକୁ ନ ଧୋଇ ପିନ୍ଧିବା ଦ୍ୱାରା ବ୍ୟାକ୍ଟେରିଆଲ୍ ଇନ୍‌ଫେକ୍ସନ, ସ୍କିନ୍ ର୍‌ୟାସେସ୍ ହେବା ଆଶଙ୍କା ଅଧିକ।

– ସେହିପରି ଅଧିକ ଦିନ ଦୋକାନରେ ରହିଯାଇଥିବା କେତେକ ନୂଆ ପୋଷାକରେ ଧୂଳି ଜମି ରହିଥାଏ, ଯାହାକି ଦେଖିଲେ ଜଣାପଡି ନ ଥାଏ। କିନ୍ତୁ ଏହାକୁ ପିନ୍ଧିବା ଦ୍ୱାରା ଡଷ୍ଟ ଆଲର୍ଜି, ଛିଙ୍କ, ସ୍କିନ୍ ର୍‌ୟାସେସ୍ ଭଳି ସମସ୍ୟା ଦେଖାଦେଇଥାଏ।

– କେତେକ ନୂଆ ପୋଷାକ ଧୋଇବା ପରେ ଏହାର ରଙ୍ଗ ଛାଡ଼ିଥାଏ। ହେଲେ ଏହି ଡରରେ ଅନେକେ କିଣିବା ପରେ ସିଧା ଏହାକୁ ପିନ୍ଧିଦିଅନ୍ତି। କିନ୍ତୁ ନ ଧୋଇ ପିନ୍ଧିଲେ ଝାଳ ଲାଗିବା ଯୋଗୁ ଏହି ରଙ୍ଗ ସିଧା ସଳଖ ତ୍ୱଚାରେ ଲାଗିଥାଏ, ଯାହାକି କେତେକାଂଶରେ ତ୍ୱଚା ପାଇଁ ହାନିକାରକ ହୋଇଥାଏ। ତେଣୁ ଆପଣ ନୂଆ ପୋଷାକ ପିନ୍ଧିବା ପୂର୍ବରୁ ଧୋଇବାକୁ ଆଦୌ ଭୁଲନ୍ତୁ ନାହିଁ।

# ଲୋଫର ଶୁଜ୍ ଫ୍ୟାଶନ

ଷ୍ଟାଇଲିଶ୍ ଦେଖାଯିବା ସହ ପର୍ସନାଲିଟିକୁ ଆଟ୍ରାକ୍ଟିଭ୍ କରିବା ଲାଗି ବର୍ତ୍ତମାନ ଅଧିକାଂଶ ମହିଳା ଲୋଫର ଶୁଜ୍ ପିନ୍ଧିବାକୁ ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ଏହା ଫର୍ମାଲ୍ ହେଉ ଅବା କାଜୁଆଲ୍ ସବୁ ଆଉଟ୍‌ଫିଟ୍ ମ୍ୟାଚ୍‌କରି ହେଉଥିବା ବେଳେ ପିନ୍ଧିବାକୁ ବେଶ୍ କମ୍ଫର୍ଟେବଲ୍ ହୋଇଥିବାରୁ ଏହାର ଡିମାଣ୍ଡ ଦିନକୁ ଦିନ ବଢ଼ିବାରେ ଲାଗିଛି ...

– ଲୋଫର ଶୁଜ୍ ଅଫିସିଆଲ ଓ ଫର୍ମାଲ ଲୁକ୍ ପାଇଁ ପରଫେକ୍ଟ ଲୁକ୍ ଦେଇଥାଏ। ତେଣୁ ଏହି ଶୁଜ୍‌କୁ ଆପଣ କୌଣସି ଅଫିସିଆଲ ଗେଟ୍‌ଅପ୍‌ରେ ବି ପିନ୍ଧିପାରିବେ। ଅଫିସ୍ ପାଇଁ ଲେଦର କିମ୍ବା ପ୍ଲେନ୍ ଡିଜାଇନ୍‌ର ଲୋଫର ପିନ୍ଧିପାରିବେ। ବ୍ରାଇଟ୍ କଲର ଲୋଫର ସହ ଫର୍ମାଲ ଡ୍ରେସ୍ ଭଲ ଲାଗିବ। ଏହି ଶୁଜ୍ ବିନା ଲେସ୍‌ବାଲା ହୋଇଥାଏ। ତେଣୁ ଏହାକୁ ସ୍ଲିପ୍ ଅନ୍ ଶୁ' ମଧ୍ୟ କୁହାଯାଏ। ସ୍ଲିମ୍ ଜିନ୍ସ, ଆଙ୍କେଲ୍ ଲେନ୍ଥ ଟ୍ରାଉଜର କିମ୍ବା ପେନ୍‌ସିଲ୍ ସ୍କର୍ଟ ସହ ଏହା ପିନ୍ଧିଲେ ଷ୍ଟାଇଲିଶ୍ ଲାଗିଥାଏ।

– ବୁଲାବୁଲି କରିବାକୁ ଯାଉଥିଲେ ଲୋଫର ଶୁଜ୍‌କୁ ଜିନ୍ସ, ଜର୍ଗସ କିମ୍ବା ଶର୍ଟ୍ସ ସହ ଟିମ୍‌ଅପ୍ କରିପାରିବେ। ଏହି ସମୟରେ କଲରଫୁଲ୍ ଲୋଫର ବା ଟେକ୍ସଚର୍ଡ ଲୋଫର୍ସ ଟ୍ରାଏ କରନ୍ତୁ ଫ୍ୟାଶନେବଲ୍ ଲାଗିବେ।



– ଏହାକୁ ବିନା ସକ୍ସରେ କିମ୍ବା ନୋ ଶୋ ବା ବାହାରକୁ ଦେଖାଯାଉ ନ ଥିବା ସକ୍ସ ସହିତ ପିନ୍ଧିପାରିବେ। ତେବେ କ୍ଲାସିକ୍ ଲୁକ୍ ପାଇଁ ପେନି ଲୋଫର୍ସ ଏବଂ ଫ୍ୟାଶନେବଲ୍ ଲୁକ୍ ପାଇଁ ଟ୍ୟାସେଲ୍ ଲୋଫର୍ସ ସବୁଠୁ ଭଲ।

ଖାଦ୍ୟରୁଚି

# ସୁଜି ଉତ୍ତପମ୍

**ଆବଶ୍ୟକ ସାମଗ୍ରୀ:**
ସୁଜି– ୧ କପ୍, ଦହି– ୩/୪ କପ୍, କଟାହୋଇଥିବା ଏକ ଟମାଟୋ, କଟା ହୋଇଥିବା ଏକ ମଧ୍ୟମ ଆକାରର ପିଆଜ, କଟା ବନ୍ଧାକୋବି ଅଧା କପ୍, କଟା କ୍ୟାପ୍‌ସିକମ୍ ୧/୪ କପ୍, କଟା କଞ୍ଚାଲଙ୍କା ଗୋଟିଏ, ଧନିଆପତ୍ର କଟା ଅଧା କପ୍, ଛେଚା କିମ୍ବା କୋରା ହୋଇଥିବା ଏକ ଚାମଚ ଅଦା, ୧/୪ ଚାମଚ ବେକିଂ ସୋଡ଼ା, ସୋରିଷ ୧/୪ ଚାମଚ, ତେଲ ୨–୩ ବଡ ଚାମଚ, ଲୁଣ ସ୍ୱାଦ ଅନୁସାରେ, ପାଣି।


**ପ୍ରସ୍ତୁତି ପ୍ରଣାଳୀ:** ଏକ ପାତ୍ରରେ ସୁଜି ନିଅନ୍ତୁ। ସେଥିରେ ଦହି ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ସେଥିରେ ଅଳ୍ପ ପାଣି ମିଶାଇ ବ୍ୟାଟର ପ୍ରସ୍ତୁତ କରନ୍ତୁ, ଯେପରି ତାହା ଅଧିକ ବହଳିଆ କିମ୍ବା ପାଣିଆ ନ ହୁଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ସେଥିରେ କଟାହୋଇଥିବା କଞ୍ଚାଲଙ୍କା, ଅଦା ଏବଂ ସ୍ୱାଦାନୁସାରେ ଲୁଣ ପକାଇ ମିଶାନ୍ତୁ ଏବଂ ୧୫ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ରଖିଦିଅନ୍ତୁ। ଅନ୍ୟ ଏକ ପତ୍ରରେ କଟାହୋଇଥିବା ଟମାଟୋ, ବନ୍ଧାକୋବି, କ୍ୟାପ୍ସିକମ୍, ପିଆଜ, ଧନିଆ ପତ୍ର ମିଶାଇ ରଖନ୍ତୁ। ରଖାଯାଇଥିବା ବ୍ୟାଟରରେ ବେକିଂ ସୋଡ଼ା ମିଶାଇ ଭଲ ଭାବେ ଗୋଳାନ୍ତୁ। ଚୁଲାରେ ନନ୍‌ଷ୍ଟିକ୍ ପ୍ୟାନ୍ କିମ୍ବା ତାୱା ଗରମ କରନ୍ତୁ। ସେଥିରେ ତେଲ ପକାନ୍ତୁ ଏବଂ ଅଳ୍ପ ସୋରିଷ ପକାନ୍ତୁ। ସୋରିଷ ଫୁଟିଲେ ସେଥିରେ ବ୍ୟାଟର ପକାଇ ଚକୁଳି ପିଠା ପରି ଗୋଲ କରନ୍ତୁ ଏବଂ ଏହା ଉପରେ କଟା ପରିବା ପକାଇ ଚାମଚରେ ଧୀରେ ଧୀରେ ଦବାଇ ଦିଅନ୍ତୁ। ଏହା ଉପରେ ଅଳ୍ପ ତେଲ ଛିଞ୍ଚିଦିଅନ୍ତୁ ଏବଂ ଓଲଟାଇ ଦିଅନ୍ତୁ। ଦୁଇ ପାଖ ଅଳ୍ପ ବ୍ରାଉନ୍ କଲର ହୋଇଗଲେ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଗରମା ଗରମ ସୁଜି ଉତ୍ତପମ୍। ଏହାକୁ ଚଟଣି କିମ୍ବା ସସ୍ ସହ ଖାଇବାର ମଜା ନିଅନ୍ତୁ।



ସୌନ୍ଦର୍ଯ୍ୟ

# ଲଙ୍ଗ୍ ଲାଷ୍ଟିଙ୍ଗ୍ ମେକ୍‌ଅପ୍

ସୁନ୍ଦର ଓ ଆକର୍ଷଣୀୟ ଲୁକ୍ ପାଇଁ କେଉଁ ମହିଳାଙ୍କୁ ବା ମେକ୍‌ଅପ୍ ନେବା ପସନ୍ଦ ନୁହେଁ। ହେଲେ କେବେ କେବେ କୌଣସି ପାର୍ଟି, ଫଙ୍କସନରେ ଯିବା ବେଳେ ସାମାନ୍ୟ ଝାଳ ହୋଇଗଲେ କିମ୍ବା ଖାଇବା ବେଳେ ମେକ୍‌ଅପ୍ ଛାଡ଼ିଯିବା ଯୋଗୁ ଖରାପ ଲାଗିଥାଏ। ହେଲେ କେଉଁସବୁ ଟ୍ରିକ୍ ଆପଣେଇଲେ ଆପଣଙ୍କ ମେକ୍‌ଅପ୍ ଲଙ୍ଗ୍ ଲାଷ୍ଟିଙ୍ଗ୍ ହୋଇପାରିବ ଜାଣିରଖନ୍ତୁ ସେ ସମ୍ପର୍କରେ...



➤ପ୍ରଥମେ ମାଇଲ୍ଡ କ୍ଲିଞ୍ଜରରେ ମୁହଁକୁ ସଫାକରି ଟୋନିଂ କରିବା ଦରକାର। ଅଏଲି ସ୍କିନ୍ ପାଇଁ ଅଏଲ ଆବ୍‌ଜର୍ଭିଂ ଟୋନର ବ୍ୟବହାର କରନ୍ତୁ। ମଶ୍ଚରାଇଜର ଲଗାଇବା ପରେ ମ୍ୟାଟ୍ କିମ୍ବା ସିଲିକନ୍ ବେସ୍‌ଡ୍ ପ୍ରାଇମର ଲଗାଇ ୧ମିନିଟ୍ ଛାଡ଼ି ଦିଅନ୍ତୁ।

➤ଏହାପରେ ମେକ୍‌ଅପ୍ ଅଧିକ ସମୟ ରହିବା ଲାଗି କ୍ରିମ୍ ଫାଉଣ୍ଡେଶନ ବଦଳରେ ହାଇଲି ପିଗ୍‌ମେଣ୍ଟେଡ୍ କିମ୍ବା ୱାଟରପ୍ରୁଫ୍ ଜେଲ୍ ବେସ୍ ଫାଉଣ୍ଡେଶନ ଲଗାନ୍ତୁ। ବ୍ୟୁଟି ବ୍ଲେଣ୍ଡରକୁ ଅଳ୍ପ ଓଦାକରି ଏହା ସାହାଯ୍ୟରେ ଫାଉଣ୍ଡେଶନକୁ ପତଳାକରି ଲଗାନ୍ତୁ ଏବଂ ୩ ମିନିଟ୍ ଶୁଖିବାକୁ ଛାଡ଼ି ଦିଅନ୍ତୁ। ଏପରି ଲଗାଇଲେ ପ୍ୟାଚେସ୍ ଦେଖାଯିବ ନାହିଁ।

➤ଆଖିତଳ ଏବଂ ଦାଗ ଥିବା ସ୍ଥାନଗୁଡିକରେ କନ୍ସିଲର ଲଗାନ୍ତୁ। ଟି–ଜୋନ୍ ଏବଂ ଅଏଲି ଏରିଆ ଯେପରିକି ନାକ, କପାଳ ଆଦି ସ୍ଥାନରେ ଅଳ୍ପ ଟ୍ରାନ୍ସଲୁସେଣ୍ଟ ପାଉଡର ଲଗାନ୍ତୁ। ମନେରଖନ୍ତୁ ଆଦୌ ଅଧିକ ପାଉଡର ବ୍ୟବହାର କରନ୍ତୁ ନାହିଁ, ନଚେତ୍ ମେକ୍‌ଅପ୍ ହେଭି ଲାଗିବ।

➤କ୍ରିମ୍ ବେସ୍‌ଡ ହାଇଲାଇଟର, ବ୍ଲଶ୍ ସହଜରେ ବ୍ଲେଣ୍ଡ ହୋଇଯିବା ସହ ନାଚୁରାଲ ଗ୍ଲୋ ଦେବାରେ ସାହାଯ୍ୟ କରିଥାଏ ଏବଂ ଅଧିକ ସମୟ ପର୍ଯ୍ୟନ୍ତ ରହୁଥିବାରୁ ଏହା ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ।

➤ଆଇ ମେକ୍‌ଅପ୍ ପାଇଁ ୱାଟରପ୍ରୁଫ୍ କାଜଲ, ଲାଇନର ଏବଂ ମସ୍କରା ବ୍ୟବହାର କରନ୍ତୁ। ଲାଭେଣ୍ଡର, କୋରାଲ ପିଙ୍କ୍ ଭଳି ଆଇସ୍ୟାଡୋ ବ୍ୟବହାର କଲେ କୌଣସି କାରଣରୁ ବୋଳି ହୋଇଗଲେ ଅବା ଛାଡ଼ିଗଲେ ମେକ୍‌ଅପ୍ ଖରାପ ଲାଗି ନ ଥାଏ।

➤ମେକ୍‌ଅପ୍‌ର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭାଗ ହେଲା ଠିକ୍ ଏବଂ ଲଙ୍ଗ୍ ଲାଷ୍ଟିଙ୍ଗ୍ ଲିପ୍‌ଷ୍ଟିକ୍ ବାଛିବା। ମନେରଖନ୍ତୁ ମେକ୍‌ଅପ୍ ନେବା ପୂର୍ବରୁ ଓଠକୁ ସ୍କ୍ରବିଂ କରିବା ଭଲ। ଓଠରେ ପ୍ରଥମେ ମଶ୍ଚରାଇଜର ଲଗାଇବା ପରେ ଅଳ୍ପ ଫାଉଣ୍ଡେଶନ କିମ୍ବା କନ୍ସିଲର ଲଗାଇ ବେସ୍ ମେକ୍‌ଅପ୍ ଦିଅନ୍ତୁ। ଏହା ପରେ ଲିପ୍‌ଲାଇନରରେ ଆଉଟ୍‌ଲାଇନ୍ କରନ୍ତୁ ଏବଂ ଭିତରେ ଲିକ୍ୱିଡ୍ ମ୍ୟାଟ୍ ଲିପ୍‌ଷ୍ଟିକ୍ ଲଗାନ୍ତୁ। ଏହା ଅନ୍ୟ ଲିପ୍‌ଷ୍ଟିକ୍ ତୁଳନାରେ ଅଧିକ ସମୟ ରହିବ।

➤ମେକ୍‌ଅପ୍ ନେବା ପରେ ସେଣ୍ଟ ସ୍ପ୍ରେ ଲଗାଇବାକୁ ଭୁଲନ୍ତୁ ନାହିଁ। ଏପରି ଉପାୟ ଆପଣାଇଲେ ଆପଣଙ୍କ ମେକ୍‌ଅପ୍ ଅଧିକ ସମୟ ରହିପାରିବ।

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com  ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26.  ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୩/୨୦୨୬  Bhubaneswar, Tuesday, February 3/ 2026




# ଭାରତ-ପାକିସ୍ତାନ ମ୍ୟାଚ୍ ନ ହେଲେ ୨୨୦୦ କୋଟି କ୍ଷତି

**ନୂଆଦିଲ୍ଲୀ,୨।୨(ପି.ଟି.)**

ଏକ ଆଇସିସି ଇଭେଣ୍ଟରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଉଥିବା ମ୍ୟାଚ୍‌ରୁ ଆନୁମାନିକ ୨୫୦ ମିଲିଅନ ଆମେରିକୀୟ ଡଲାର ବା ୨୨୦୦ କୋଟି ଟଙ୍କାର ରାଜସ୍ୱ ସୃଷ୍ଟି ହୋଇଥାଏ। ଏଣୁ ଯଦି ଟି୨୦ ବିଶ୍ୱକପ୍‌ରୁ ଭାରତ-ପାକ୍ ମ୍ୟାଚ୍‌କୁ ବାଦ୍ ଦିଆଯାଏ, ତେବେ ଆଇସିସି ସମେତ ପ୍ରତ୍ୟେକ ଅଂଶୀଦାରଙ୍କୁ ପ୍ରବଳ କ୍ଷତିର ସମ୍ମୁଖୀନ ହେବାକୁ ପଡ଼ିବ। ଭାରତ ବିପକ୍ଷରେ ଆସନ୍ତା ୧୫ ତାରିଖରେ କଲମ୍ବୋରେ ହେବାକୁ ଥିବା ବହୁପ୍ରତୀକ୍ଷିତ ମ୍ୟାଚ୍‌କୁ ପାକିସ୍ତାନ ଦଳ ବର୍ଜନ କରିବ ବୋଲି ପାକିସ୍ତାନ ସରକାର ଘୋଷଣା କରିଛନ୍ତି। ଯଦି ପାକିସ୍ତାନ ନିଜ ଜିଦ୍‌ରେ ଅଟଳ ରୁହେ, ତେବେ ସେମାନଙ୍କୁ ଶହ ଶହ କୋଟି ଟଙ୍କାର ରାଜସ୍ୱ ହରାଇବାକୁ ପଡ଼ିବ। ପ୍ରସାରଣକାରୀ ସଂସ୍ଥା ଜିଓଷ୍ଟାର ବିଜ୍ଞାପନ ବାବଦକୁ ୨୦୦ରୁ ୨୫୦ କୋଟି ଟଙ୍କାର ରାଜସ୍ୱ ହରାଇବ।

ଭାରତ ବିପକ୍ଷ ମ୍ୟାଚ୍‌କୁ ବର୍ଜନ କରାଯିବ ବୋଲି ପାକିସ୍ତାନ ସରକାର ଘୋଷଣା ପରେ ଆଇସିସି ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଥିଲା, ଚୟନମୂଳକ ଅଂଶଗ୍ରହଣ କରିବା ନିଷ୍ପତ୍ତି ବିଶ୍ୱ ସ୍ତରୀୟ ଇଭେଣ୍ଟର ମୂଳଗତ ନିୟମକୁ ଉଲ୍ଲଂଘନ କରୁଛି। କାରଣ ବିଶ୍ୱ ସ୍ତରୀୟ ପ୍ରତିଯୋଗିତାରେ ସମସ୍ତ ଯୋଗ୍ୟତାପ୍ରାପ୍ତ ଦଳ କାର୍ଯ୍ୟସୂଚୀ ଆଧାରରେ ସମାନ ସର୍ତ୍ତରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଆଶା କରାଯାଏ। ଆଇସିସି ଟୁର୍ନାମେଣ୍ଟ ଖେଳର ଅଖଣ୍ଡତା, ପ୍ରତିଦ୍ୱନ୍ଦ୍ୱିତାଭାବ, ସ୍ଥିରତା ଓ ନ୍ୟାୟ ଉପରେ ଆଧାରିତ। ଚୟନମୂଳକ ଅଂଶଗ୍ରହଣତା ପ୍ରତିଯୋଗିତାର ପବିତ୍ରତାକୁ କ୍ଷୁଣ୍ଣ କରିବ।

## ମ୍ୟାଚ ବର୍ଜନ ସହଜ ହେବନି

ଭାରତ ବିପକ୍ଷ ମ୍ୟାଚ୍‌କୁ ପାକିସ୍ତାନ ବର୍ଜନ କରିବା ନିଷ୍ପତ୍ତି ସମ୍ପର୍କରେ ଆଇସିସିର ପୂର୍ବତନ ହେଡ୍ ଅଫ୍ କମ୍ୟୁନିକେଶନ୍ସ ସାମି-ଉଲ-ହାସନ ବର୍ନି କହିଛନ୍ତି, ସରକାରଙ୍କ ନିଷ୍ପତ୍ତିରେ ଆମେ ଏକମତ ହୋଇପାରୁ କିମ୍ବା ଭିନ୍ନମତ ରଖିପାରୁ। କିନ୍ତୁ ଏଭଳି ନିଷ୍ପତ୍ତି ନେବା ସହଜ ନୁହେଁ। ଏହି ନିଷ୍ପତ୍ତିରେ ପହଞ୍ଚିବା ପୂର୍ବରୁ ସେମାନେ ଅନେକ ଲୋକଙ୍କ ସହ କଥା ହୋଇଥିବେ ଏବଂ ବିଶେଷଜ୍ଞଙ୍କଠାରୁ ପରାମର୍ଶ ନେଇଥିବେ। ମୁଁ ନିଶ୍ଚିତ ଯେ, ଖୁବ ଆଲୋଚନା ପର୍ଯ୍ୟାଲୋଚନା ପରେ ପାକିସ୍ତାନ ସରକାର ନିଷ୍ପତ୍ତି ନେଇଛନ୍ତି। ଯଦି ଆମେ ପ୍ରତିବନ୍ଧକ କିମ୍ବା କ୍ଷତି ସମ୍ପର୍କରେ କଥା ହେବା, ତେବେ ପ୍ରସାରଣ ବାବଦକୁ ହେବାକୁ ଥିବା କ୍ଷତି ସମେତ ସେହି ମ୍ୟାଚ୍ ଲାଗି ପ୍ରାୟ ୨୫୦ ମିଲିଅନ ଆମେରିକୀୟ ଡଲାର କ୍ଷତି ହେବ। ପାକିସ୍ତାନର ବାର୍ଷିକ ରାଜସ୍ୱ ହେଉଛି ୩୫.୫ ମିଲିଅନ ଡଲାର। ଏଣୁ ଏଥିରେ ବହୁତ ବଡ଼ ଫରକ ରହିଛି। ଅନ୍ୟ ଦେଶଗୁଡ଼ିକ ଭଳି ପାକିସ୍ତାନ ଗତ ୨୦ ବର୍ଷରେ ଘରୋଇ ମାଟିରେ ଭାରତ ସହିତ ଦ୍ୱିପାକ୍ଷୀକ ସିରିଜ୍ ଖେଳି ନାହିଁ। ପାକିସ୍ତାନର ଏହି ନିଷ୍ପତ୍ତି କାରଣରୁ ପିସିବିକୁ ଆର୍ଥିକ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିବ। ଯଦି ପାକିସ୍ତାନ କ୍ରିକେଟ ବୋର୍ଡ ଭାରତ ସହ ନ ଖେଳି ୨୦ ବର୍ଷ ପର୍ଯ୍ୟନ୍ତ ତିଷ୍ଠି ପାରେ, ତେବେ ପାକିସ୍ତାନ କ୍ରିକେଟ ବଞ୍ଚିପାରିବ।

## ‘ସରକାରଙ୍କ ନିଷ୍ପତ୍ତି ମାନିବୁ’

**କରାଚୀ,୨।୨(ପି.ଟି.)**

ସରକାର କିମ୍ବା କ୍ରିକେଟ ବୋର୍ଡ ଯାହା ନିଷ୍ପତ୍ତି ନେବେ, ଆମେ ତାହା ପାଳନ କରିବୁ। ପାକିସ୍ତାନ ଦଳର ଅଧିନାୟକ ସଲମାନ ଅଲୀ ଆଘା ସୋମବାର ଦଳର କଲମ୍ବୋ ଯାତ୍ରା ପୂର୍ବରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି।

ଆମ ଖେଳାଳିଙ୍କର ବୋର୍ଡ ସହ ଚୁକ୍ତି ହୋଇଛି। ଆମ ସରକାର ଓ ବୋର୍ଡ ଯାହା ନିଷ୍ପତ୍ତି ନେବେ, ସମସ୍ତ ଖେଳାଳି ତାହା ପାଳନ କରିବେ। ଭାରତ ବିପକ୍ଷ ମ୍ୟାଚ୍ ଛଡ଼ା ଆମକୁ ୩ଟି ଗ୍ରୁପ ମ୍ୟାଚ୍ ଖେଳିବାର ଅଛି। ଆମେ ସେଗୁଡ଼ିକୁ ଜିତି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହେବାକୁ ଲକ୍ଷ୍ୟ ରଖିଛୁ ବୋଲି ସଲମାନ କହିଛନ୍ତି। ଅନ୍ୟପକ୍ଷରେ ଶାହିଦ ଆଫ୍ରିଦୀ, ମହମ୍ମଦ ୟୁସୁଫ, ରଶିଦ ଲତିଫ, ମୋଇନ ଖାନ, ସର୍ଫରାଜ ଅହମଦ, ମହସିନ ଖାନଙ୍କ ଭଳି ପୂର୍ବତନ ଖେଳାଳି ଭାରତ ବିପକ୍ଷ ମ୍ୟାଚ୍‌କୁ ବଏକଟ କରାଯିବା ନିଷ୍ପତ୍ତି ପ୍ରତି ସମର୍ଥନ ବ୍ୟକ୍ତ କରିଛନ୍ତି।



ପୁଣେରେ ଆୟୋଜିତ ୪୩ତମ ଜାତୀୟ ଜଳକ୍ରୀଡ଼ାର ୨୦୦୦ ମିଟର ରୋଇଂ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଓଡ଼ିଶାର ରିତୁ କଉଡ଼ି ଓ ସୋନାଲିକା ଦାସ।


# ସେମିରେ ସହିଦ ସ୍ପୋର୍ଟିଂ, ଆଲ୍‌ଫା

**ଭୁବନେଶ୍ୱର, ୨।୨ (ତପନ ସ୍ୱାଇଁ)**

ମୁନ୍ ଲାଇଟ୍ ୟୁଥ୍ କ୍ଲବ ଆନୁକୂଲ୍ୟରେ ବିଜେବି କଲେଜ ଗ୍ରାଉଣ୍ଡରେ ଚାଲିଥିବା ୯ମ ନବ ଦାଶ ଓ ୫ମ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ବିଜୟୀ ହୋଇ ଭୁବନେଶ୍ୱରର ସହିଦ ସ୍ପୋର୍ଟିଂ ଓ ବ୍ରହ୍ମପୁରର ଆଲ୍‌ଫା ସେମିଫାଇନାଲରେ ପ୍ରବେଶ କରିଛନ୍ତି। ତୃତୀୟ କ୍ୱାର୍ଟର ଫାଇନାଲରେ ସହିଦ ସ୍ପୋର୍ଟିଂ ୬ ଉଇକେଟରେ ସୋଲାର କ୍ରିକେଟ କ୍ଲବକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ସୋଲାର ୧୯.୫ ଓଭରରେ ୧୬୪ ରନକରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଶୁଭଙ୍କର ବିଶ୍ୱାସ ସର୍ବାଧିକ ୪୨ ଓ ସୂର୍ଯ୍ୟକାନ୍ତ ପ୍ରଧାନ ୩୪ ରନ କରିଥିଲେ। ବିପକ୍ଷ ଦଳର ଶୁଭମ୍ ଶତ୍ରୁଜିତ ୪ଟି ଓ ସୌମ୍ୟରଞ୍ଜନ ମହାନ୍ତି ୩ଟି ଉଇକେଟ ନେଇଥିଲେ। ଜବାବରେ ସହିଦ ସ୍ପୋର୍ଟିଂ ୧୯.୪ ଓଭରରେ ୪ ଉଇକେଟ ହରାଇ ୧୬୬ ରନ ସଂଗ୍ରହ କରି ନେଇଥିଲା। ଶୁଭମ୍ ଶତ୍ରୁଜିତ ସର୍ବାଧିକ ୪୮ ଓ ଦିବ୍ୟଜ୍ୟୋତି ପଟ୍ଟନାୟକ ୩୨ ରନରେ ଆଉଟ ହୋଇଥିବାବେଳେ ସୁଶୀଲ କୁମାର ବାରିକ ୪୨ ରନରେ ଅପରାଜିତ ରହିଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଶୁଭମ୍ ଶତ୍ରୁଜିତ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଚତୁର୍ଥ କ୍ୱାର୍ଟର ଫାଇନାଲରେ ଆଲ୍‌ଫା ୩୫ ରନରେ ପ୍ରଗତି ସ୍ପୋର୍ଟିଂକୁ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା ଆଲ୍‌ଫା ୨୦ ଓଭରରେ ୭ ଉଇକେଟ ହରାଇ ୧୬୫ ରନ କରିଥିଲା। ସୁଜିତ କୁମାର ଲେଙ୍କା ୪୧ ଓ ରୋହିତ ସାଗର ୩୫ ରନ କରିଥିଲେ। ପ୍ରତିପକ୍ଷ ଦଳର ମିଲନ ସାମଲ ଓ ସୁମିତ ମହାରଣା ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୬୬ ରନ ବିଜୟ ଲକ୍ଷ୍ୟର ପିଛାକରି ପ୍ରଗତି ୨୦ ଓଭରରେ ୯ ଉଇକେଟ ହରାଇ ୧୩୦ ରନ କରିବାକୁ ସକ୍ଷମ ହୋଇଥିଲା। ଶୁଭମ୍ ନାଏକ ସର୍ବାଧିକ ୨୮ ରନ କରିଥିଲେ। ଆଲ୍‌ଫା ବୋଲରଙ୍କ ମଧ୍ୟରେ ରାମଚନ୍ଦ୍ର ବେହେରା ଓ ଅମିତ ଦାସ ୪ଟି ଲେଖାଏ ଉଇକେଟ ନେଇଥିଲେ। ୧୬ ରନ କରିବା ସହ ୪ ଉଇକେଟ ନେଇଥିବା ରାମଚନ୍ଦ୍ର ବେହେରା ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଅମ୍ପାୟର ନିର୍ମଳ ମିଶ୍ର ଓ ଦିଲୀପ ସାମଲ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଥିଲେ ସୁଶୀଲ ସୁନ୍ଦରାୟ।





ଶୁଭମ୍ ଶତ୍ରୁଜିତ ଓ ରାମଚନ୍ଦ୍ର ବେହେରା ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

# ଅବ୍‌ଦୁସାତୋରୋଭଙ୍କୁ ଟାଟା ଷ୍ଟିଲ ମାଷ୍ଟର୍ସ ଟାଇଟଲ

**ୱିଜ୍ ଆନ୍ ଜୀ, ୨।୨ (ପି.ଟି.)**

କଳାଦାନରେ ଫର୍ମରେ ନ ଥିବା ଅର୍ଜୁନ ଏରିଗେସିଙ୍କ ବିପକ୍ଷରେ ବିଜୟ ହାସଲ କରି ଉଜ୍‌ବେକିସ୍ତାନର ନୋଦିରବେକ୍ ଅବ୍‌ଦୁସାତୋରୋଭ ଟାଟା ଷ୍ଟିଲ ମାଷ୍ଟର୍ସ ଟେନିସ ଟାଇଟଲ ହାସଲ କରିଛନ୍ତି। ଅନ୍ୟପକ୍ଷରେ ସୋମବାର ଶେଷ ହୋଇଥିବା ଏହି ଟୁର୍ନାମେଣ୍ଟରେ ଭାରତୀୟ ଖେଳାଳିମାନଙ୍କ ମଧ୍ୟରେ ଶ୍ରେଷ୍ଠ ପ୍ରଦର୍ଶନ କରି ୬.୫ ପଏଣ୍ଟ ସହ ମିଳିତ ୮ମ ସ୍ଥାନ ସହ ତାଙ୍କ ଅଭିଯାନ ଶେଷ କରିଛନ୍ତି। ଗୁକେଶ ଫାଇନାଲ ରାଉଣ୍ଡରେ ଜର୍ମାନୀର ଭିନ୍‌ସେଣ୍ଟ କିମରଙ୍କ ସହ ତାଙ୍କ ଗେମ୍ ଡ୍ର’ ରଖିଥିଲେ। କିନ୍ତୁ ୫୦ପ୍ରତିଶତ ସ୍କୋର ଯୋଗୁ ଏହି ଭାରତୀୟ ଖେଳାଳିଙ୍କ ରେଟିଂ ଅଙ୍କ ୨୭୫୦ ତଳକୁ ଖସି ଆସିଛି। ସେହିପରି ଆର. ପ୍ରଜ୍ଞାନନ୍ଦ ନେଦରଲାଣ୍ଡର ଜୋର୍ଡାନ ଭାନ୍ ଫରେଷ୍ଟଙ୍କ ବିପକ୍ଷ ଗେମ୍‌କୁ ମଧ୍ୟ ଡ୍ର’ ରଖିଥିଲେ। ସେ ୫.୫ ପଏଣ୍ଟ ଅର୍ଜନ କରିଥିଲେ। ରେଟିଂ ମାମଲାରେ ଏରିଗେସି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ତାଙ୍କୁ ୨୯ ରେଟିଂ ପଏଣ୍ଟ ହରାଇବାକୁ ପଡ଼ିଛି। ସେ କିଛି ସମୟ ପାଇଁ ବିଶ୍ୱର ର୍ୟାଙ୍କିଂର ଟପ୍ ୧୦ରୁ ବାହାର ହୋଇଯିବେ।

# ୪୮ ପଦକ ସହ ଓଡ଼ିଶା ତୃତୀୟ




ଜାତୀୟ ନାନ୍‌ଚାକୁ ପ୍ରତିଯୋଗିତାରେ ପଦକ ହାସଲ କରିଥିବା ଓଡ଼ିଶା ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

### ଜାତୀୟ ନନ୍‌ଚାକୁ

**ଭୁବନେଶ୍ୱର ୨।୨ (ବିଜୟ ରଣା)**

ନାନ୍‌ଚାକୁ ଆସୋସିଏଶନ୍ ଅଫ୍ ଇଣ୍ଡିଆ ଆନୁକୁଲ୍ୟରେ ଉତ୍ତର ପ୍ରଦେଶର କାନପୁରରେ ୪ର୍ଥ ଜାତୀୟ ନନ୍‌ଚାକୁ ପ୍ରତିଯୋଗିତା ଜାନୁଆରୀ ୩୦ରୁ ଫେବୃଆରୀ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାରୁ ୧୮ ଜଣ ପ୍ରତିଯୋଗୀ ପ୍ରବନ୍ଧକ ସନ୍ତୋଷ କୁମାର ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଂଶଗ୍ରହଣ କରି ୧୨ସ୍ୱର୍ଣ୍ଣ, ୧୨ରୌପ୍ୟ ଓ ୨୪ ବ୍ରୋଞ୍ଜ ପଦକ ପାଇଛନ୍ତି। ରେଫରି ପରୀକ୍ଷାରେ ଦୀପକ କୁମାର ସାମନ୍ତରା ଓ ସପନ କୁମାର ମିଶ୍ର ଉତ୍ତୀର୍ଣ୍ଣ ହୋଇଥିବା ବେଳେ କୋଚ୍ ପରୀକ୍ଷାରେ ସୁବାସ ଚନ୍ଦ୍ର ଦଳାଇ, କ୍ରିଷ୍ଣା ଶିକାରୀ, ଗୋପାଳ ଚନ୍ଦ୍ର କହଁର, ରଞ୍ଜନ କୁମାର ପୃଷ୍ଟି, ବାଇଲୋଚନ୍ ମଲ୍ଲିକ ଓ ଆୟୁଷ ପ୍ରସାଦ ରଥ ପ୍ରମୁଖ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏସୀୟ ନନ୍‌ଚାକୁ ପ୍ରତିଯୋଗିତାରେ ପ୍ରଥମ ଥର ଓଡ଼ିଶାରୁ ଭାଗ ନେଇଥିବା ୫ ଜଣ ପ୍ରତିଯୋଗୀ ମୁକୁନ୍ଦ ବର୍ଦ୍ଧନ, କ୍ରିଷ୍ଣା ଶିକାରୀ, ସାନ୍‌ଭି ମିଶ୍ର, ଶୁଭମ୍ ଦଳାଇ ଓ ପ୍ରଜ୍ଞା ବର୍ଦ୍ଧନଙ୍କୁ ଟ୍ରାକ ସୁଟ୍ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ନାନ୍‌ଚାକୁ ସଂଘ ତରଫରୁ ଜାତୀୟ ସଂଘର ଚେୟାରମ୍ୟାନ, ସମ୍ପାଦକ, ଟେକ୍ନିକାଲ ଡାଇରେକ୍ଟର ଓ ସଂଯୋଜକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦଯାପନୀ ଉତ୍ସବରେ ଜାତୀୟ ନାନଚାକୁ ସଂଘର ସମ୍ପାଦକ ବାବୁଲ ବର୍ମା ପ୍ରତିଯୋଗୀମାନଙ୍କୁ ପଦକ ବିତରଣ କରିବା ସହ ଅଫିସିଆଲ୍‌ମାନଙ୍କୁ ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସ୍ୱର୍ଣ୍ଣ ପଦକ ପାଇଥିବା ଖେଳାଳି ହେଲେ ମୁକୁନ୍ଦ ବର୍ଦ୍ଧନ (୨), କ୍ରିଷ୍ଣା ଶିକାରୀ (୨), ସାନଭି ମିଶ୍ର (୨), ପ୍ରଜ୍ଞା ବର୍ଦ୍ଧନ ଗୋପାଳ ଚନ୍ଦ୍ର କହଁର, ଶୁଭମ୍ ଦଳାଇ, କୁନାଲ ପଟ୍ଟନାୟକ, ଅଭ୍ୟର୍ଥନା ବରାଳ ଓ ଖିତିସ କୁମାର ଯାଦବ, ରୌପ୍ୟ ପଦକ ବିଜେତାମାନେ ହେଲେ ଗୋପାଳ ଚନ୍ଦ୍ର କହଁର (୨), ମନଶ୍ରୀ ବରାଳ (୨), ପ୍ରଜ୍ଞା ବର୍ଦ୍ଧନ,ମୁକୁନ୍ଦ ବର୍ଦ୍ଧନ, ଆୟୁଷ ପ୍ରସାଦ ରଥ,ଶୁଭମ୍ ଦଳାଇ, କୁନାଲ ପଟ୍ଟନାୟକ, ଅଭର୍ଥାନ ବରାଳ, ଖିତିସ୍ କୁମାର ଯାଦବ ଓ ହରିହର ମହାପାତ୍ର, ବ୍ରୋଞ୍ଜ ପଦକ ବିଜେତା ମାନେ ହେଲେ ବାଇଲୋଚନ ମଲ୍ଲିକ(୩), ରଞ୍ଜନ କୁମାର ପୃଷ୍ଟି (୩), ଓମ୍ ସାଇ ପ୍ରସାଦ (୩), ଆରାଧନା ନାୟକ (୩), ପ୍ରିୟଂଶୁ ଶେଖର (୨), ପ୍ରଜ୍ଞା ବର୍ଦ୍ଧନ, କ୍ରିଷ୍ଣା ଶିକାରୀ, ଆୟୁଷ୍ମାନ ପୃଷ୍ଟି, ଆୟୁଷ ପ୍ରସାଦ ରଥ, ସାନଭି ମିଶ୍ର, ଶୁଭମ୍ ଦଳାଇ, ମନୁଶ୍ରୀ ବରାଳ, କୁନାଲ ପଟ୍ଟନାୟକ, ଅଭ୍ୟର୍ଥନା ବରାଳ ଓ ହରିହର ମହାପାତ୍ର। ଉତ୍ତୀର୍ଣ୍ଣ ପ୍ରତିଯୋଗୀ ମାନଙ୍କୁ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡ. ହରି ପ୍ରସାଦ ପଟ୍ଟନାୟକ, ରାଜ୍ୟ କରାଟେ ସଂଘ ସମ୍ପାଦକ ଡ. ଗୌରୀ ମହାନ୍ତି, କରାଟେ ସ୍କୁଲର ବରିଷ୍ଠ ପ୍ରଶିକ୍ଷକ ମାନେ ଓ ଅଭିଭାବକ ମାନେ ଶୁଭେଚ୍ଛା ଜଣାଇଛନ୍ତି।

# ସମ୍ବଲପୁର ଚାମ୍ପିୟନ, କିଟ୍ ରନରଅପ୍

**ଭୁବନେଶ୍ୱର, ୨।୨ (ତପନ ସ୍ୱାଇଁ)**

### ସର୍ବଭାରତୀୟ ଆନ୍ତଃଜୋନ ମହିଳା ହକି

ସର୍ବଭାରତୀୟ ଆନ୍ତଃଜୋନ ମହିଳା ହକି ଟୁର୍ନାମେଣ୍ଟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ ଚାମ୍ପିୟନ ଓ କିଟ୍ ରନରଅପ୍ ହୋଇଛି। ସୋମବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଅଲ୍ ଓଡ଼ିଶା ଫାଇନାଲରେ ସମ୍ବଲପୁର ଶୁଟ୍‌ଆଉଟ ୩-୨ ଗୋଲରେ କିଟ୍ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିବାରୁ ଫଳାଫଳ ଲାଗି ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ତୃତୀୟ ସ୍ଥାନ ଲାଗି ଅନୁଷ୍ଠିତ ପ୍ଲେଅଫ୍‌ରେ ପଟିଆଲାର ପଞ୍ଜାବୀ ବିଶ୍ୱବିଦ୍ୟାଳୟ ୨-୧ ଗୋଲରେ ଗ୍ୱାଲିଅରର ଆଇଟିଏମ୍ ବିଶ୍ୱବିଦ୍ୟାଳୟକୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଛି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ମୁଖ୍ୟ ଅତିଥି, ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ)ର ଆଡିଶନାଲ ସେକ୍ରେଟାରି ମମତା ରାଣୀ ଅଗ୍ରୱାଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜୟୀ ଦଳକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶଯୋଗ୍ୟ ଯେ, ପ୍ରଥମ ସେମିଫାଇନାଲରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଶୁଟ୍‌ଆଉଟରେ ପଟିଆଲାର ପଞ୍ଜାବୀ ବିଶ୍ୱବିଦ୍ୟାଳୟକୁ ଏବଂ ଦ୍ୱିତୀୟ ସେମିଫାଇନାଲରେ କିଟ୍ ବିଶ୍ୱବିଦ୍ୟାଳୟ ୨-୧ ଗୋଲରେ ଗ୍ୱାଲିୟରର ଆଇଟିଏମ୍ ବିଶ୍ୱବିଦ୍ୟାଳୟକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ପ୍ରତିଯୋଗିତାରେ ଦେଶର ୧୬ଟି ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଦଳ ଅଂଶଗ୍ରହଣ କରିଥିଲେ।



ଅତିଥିଙ୍କ ସହ ଚାମ୍ପିୟନ ସମ୍ବଲପୁର ଓ ରନରଅପ୍ କିଟ୍ ବିଶ୍ୱବିଦ୍ୟାଳୟର ଖେଳାଳିମାନେ।

# ଜାତୀୟ ପାରା ବୋସିଆରେ ଓଡ଼ିଶାକୁ ୩ ପଦକ

**ଭୁବନେଶ୍ୱର, ୨।୨ (ତପନ ସ୍ୱାଇଁ)**

ଗୁଜରାଟର ଅହମଦାବାଦଠାରେ ୧୦ମ ଜାତୀୟ ପାରା ବୋସିଆ ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶା ପ୍ରତିଯୋଗିମାନେ ପ୍ରଭାବୀ ପ୍ରଦର୍ଶନ କରି ୩ ପଦକ ହାସଲ କରିଛନ୍ତି। ମିକ୍ସଡ ବିସି-୪ ଟିମ୍ ଇଭେଣ୍ଟରେ ସୋନାଲି ଓଝା ଓ ତାଙ୍କ ପାର୍ଟନର ହେମନ୍ତ କୁମାର ଶେଠି ରୌପ୍ୟ ପଦକ ହାସଲ କରିଛନ୍ତି। ମହିଳା ବ୍ୟକ୍ତିଗତ ବିସି-୪ ବର୍ଗରେ ଦମୟନ୍ତି ଓଝା ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ମିକ୍ସଡ ବିସି-୪ ଟିମ୍ ଇଭେଣ୍ଟରେ ଦମୟନ୍ତି ଓଝା ଓ ତାଙ୍କ ପାର୍ଟନର ମିଲଟନ ପୋଥାଳ ବ୍ରୋଞ୍ଜ ଜିତିଛନ୍ତି। କୋଚ୍ କୋଲା ଜଗନ୍ନାଥ ରେଡ୍ଡୀ ଓ ମ୍ୟାନେଜର ରାକେଶ ଚନ୍ଦ୍ର ବେହେରାଙ୍କ ସହ ମୋଟ ୧୧ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।




ଜାତୀୟ ପାରା ବୋସିଆରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ